

ଡବ୍ଲ୍ୟୁପିଏଲ୍ ଖେଳିବାରେ ଦୀୟା ସର୍ବକନିଷ୍ଠ

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-206 •WEDNESDAY •21 JANUARY 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୨୦୬ •ବୁଧବାର •୨୧ ଜାନୁଆରୀ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦

## ଡଲାର ତୁଳନାରେ ୯୧ରେ ନିମ୍ନ ସ୍ତରକୁ ହ୍ରାସ

■ ମୁମ୍ବଇ, ୨୦।୧ (ଏଜେନ୍ସି): ଆହୁରି ଦୁର୍ବଳ ହେଲା ଘରୋଇ ମୁଦ୍ରା ଟଙ୍କା । ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ରେକର୍ଡ ନିମ୍ନ ସ୍ତରକୁ ହ୍ରାସ ଘଟିଛି । ଟଙ୍କା ମୂଲ୍ୟ ଆଜି ୯୧ ଟଙ୍କା ସ୍ତର ଅତିକ୍ରମ କରିଛି । ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ)ଙ୍କ ଦ୍ୱାରା ବିକ୍ରି ଜାରି ରହିବା ଏବଂ ନୂତନ ବିଶ୍ୱ ବାଣିଜ୍ୟ ଉତ୍ତେଜନା ଟଙ୍କା ଉପରେ ଚାପ ଜାରି ରଖିଥିବାରୁ ଏଭଳି ସ୍ଥିତି ଦେଖାଦେଇଛି । ବିଦେଶୀ ମୁଦ୍ରା ବଜାର ବିଶେଷଜ୍ଞଙ୍କ ଅନୁସାରେ, ଟଙ୍କା ମୂଲ୍ୟରେ ଦେଖିବାକୁ ମିଳିଥିବା ବର୍ତ୍ତମାନର ଦୁର୍ବଳତା ଘରୋଇ ଏବଂ ଅନ୍ତର୍ଜାତୀୟ କାରକଗୁଡ଼ିକର ଏକ ପ୍ରତିଫଳନ। ବିଶେଷକରି ଗ୍ରୀନଲ୍ୟାଣ୍ଡ ଉପରେ ୟୁରୋପୀୟ ଦେଶମାନଙ୍କ ସହ ବିବାଦରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ବିଶ୍ୱ ପୁଞ୍ଜି ବଜାରରେ ହଇଚଇ ସୃଷ୍ଟି କରିଛି । ଆମେରିକୀୟ ଶ୍ରମ ବଜାର ଡଲାରକୁ ସମର୍ଥନ ଜାରି ରଖିଥିବା ବେଳେ ବଜାରଗୁଡ଼ିକ ଏବେ ଆଶା କରୁଛନ୍ତି ଯେ ଫେଡେରାଲ ରିଜର୍ଭ ଦୀର୍ଘ ସମୟ ପାଇଁ ସୁଧ ହାର ଉଚ୍ଚରେ ରଖିବ । ଭାରତରେ ଟଙ୍କା ଉପରେ ସବୁଠାରୁ ବଡ଼ ଚାପ ଏଫ୍ଆଇଆଙ୍କ ଦ୍ୱାରା ଜାରି ବିକ୍ରିରୁ ଆସୁଛି । ବିଦେଶୀ ନିବେଶକମାନେ ଗତ କିଛି ମାସ ଧରି ଭାରତୀୟ ଷ୍ଟକ ବଜାରରେ ନେଟ୍ ବିକ୍ରେତା ହୋଇଛନ୍ତି । ଏହି ପ୍ରବଳ ବିକ୍ରି ଯୋଗୁଁ ପ୍ରମୁଖ ଏସୀୟ ମୁଦ୍ରା ମଧ୍ୟରେ ଟଙ୍କା ସବୁଠାରୁ ଦୁର୍ବଳ ପ୍ରମାଣିତ ହୋଇଛି ।







## ଦର ଦେଢ଼ ଲକ୍ଷ ଟପିଲା; ଆହୁରି ବଢ଼ିବ !

■ ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି): ହୁ ହୁ ହୋଇ ବଢୁଛି ସୁନା ଦର । ଗ୍ରୀନ୍‌ଲ୍ୟାଣ୍ଡ ପ୍ରସଙ୍ଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରସ୍ତାବିତ ପଦକ୍ଷେପ ବିଶ୍ୱରେ ଭୂ-ରାଜନୈତିକ ଅନିଶ୍ଚିତତା ବୃଦ୍ଧି କରିଛି । ଏହାର ପ୍ରଭାବ ସ୍ୱରୂପ ବିଶ୍ୱ ବଜାରରେ ସୁନା ଏବଂ ରୁପା ମୂଲ୍ୟ ରକେଟ୍ ବେଗରେ ବୃଦ୍ଧି ଘଟୁଛି । ଏହି ଅନିଶ୍ଚିତତା ମଧ୍ୟରେ ଦୌଡୁଛି ସୁନା ବଜାର । ମୂଲ୍ୟ ବୃଦ୍ଧିରେ ଲାଗୁନି ଲଗାମ୍ । ଇତିମଧ୍ୟରେ ସୁନା ମୂଲ୍ୟ ପ୍ରଥମ ଥର ପାଇଁ ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତର ୧୦ ଗ୍ରାମ ପିଛା ପାଖାପାଖି ଦେଢ଼ ଲକ୍ଷ ଟଙ୍କା ଛୁଇଁବାକୁ ବସିଛି । ଏମିତିକି ଆଜି ଦିନକରେ ଘରୋଇ ବଜାରରେ ସୁନା ଦର ୧୦ ଗ୍ରାମ ପିଛା ୪୦୦୦ ଟଙ୍କା ବୃଦ୍ଧି ଘଟିଛି । ରାଜଧାନୀ ଭୁବନେଶ୍ୱରରେ ମଙ୍ଗଳବାର ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୯,୬୩୦ ଟଙ୍କାରେ ପହଞ୍ଚିଛି । ମାନ୍ଦାବସ୍ଥା ଆଶଙ୍କା ଏବଂ ବିବାହ ଋତୁରେ ସୁନା ଚାହିଦାରେ ବୃଦ୍ଧି ଯୋଗୁ ଏଭଳି ମୂଲ୍ୟ ବୃଦ୍ଧି ହୋଇଛି । ତେବେ ସୁନା ତୁଳନାରେ ରୁପା ଦର ଆହୁରି ଜୋରରେ ଦୌଡୁଛି । ରୁପା ଆଜି ଦିନକରେ କିଲୋ ପିଛା ୧୦,୦୦୦ ଟଙ୍କା ବୃଦ୍ଧି ଘଟି ୩,୧୫,୦୦୦ ଟଙ୍କାରେ ପହଞ୍ଚିଛି ।

**୩.୨୫ ଲକ୍ଷ ଟଙ୍କା ଛୁଇଁଲା ରୁପା**

## ବିଜେପିରେ ନିତିନ ଯୁଗ

### ମୁଁ କର୍ମୀ, ନିତିନଜୀ ମୋର ବସ୍: ମୋଦୀ

■ ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି): ବିଜେପିରେ ଆଜିଠାରୁ ନିତିନ ନବୀନ ଯୁଗ ଆରମ୍ଭ ହୋଇଛି । ସେ ନିର୍ଦ୍ୱନ୍ଦ୍ୱରେ ବିଜେପି ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି । ନୂଆଦିଲ୍ଲୀ ସ୍ଥିତ ବିଜେପି ମୁଖ୍ୟାଳୟ ପକ୍ଷରୁ ଆନୁଷ୍ଠାନିକ ଭାବେ ଏହି ଘୋଷଣା କରାଯାଇଛି । ନିତିନଙ୍କ ନାମ ଘୋଷଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ହାତ ଧରି ଅଧ୍ୟକ୍ଷଙ୍କ ଆସନ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ ଏବଂ ମିଠା ଖୁଆଇ ଥିଲେ । ଦାୟିତ୍ୱ ଗ୍ରହଣ କରିବା ସହିତ ନିତିନ ବିଜେପିର ସର୍ବକନିଷ୍ଠ ମୁଖିଆ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ଶୁଭେଚ୍ଛା ଜଣାଇ ଫୁଲମାଳ ପିନ୍ଧାଇଛନ୍ତି । ଏହି ଅବସରରେ ମୋଦୀ ୫୫ ମିନିଟର ଅଭିଭାଷଣ ଦେଇ ନିଜକୁ ବିଜେପି କର୍ମୀ ଏବଂ ନିତିନଙ୍କୁ ବସ୍ କହିଛନ୍ତି । ଏବେ ନିତିନଜୀ ମୋ କାମର ସମୀକ୍ଷା କରିବେ ବୋଲି ଉଲ୍ଲେଖ କରିଛନ୍ତି । ଦିଆଯାଇଥିବା ସମସ୍ତ କର୍ତ୍ତବ୍ୟକୁ ସମ୍ପୂର୍ଣ୍ଣ ଦାୟିତ୍ୱବୋଧର ସଫଳ କରିଥିବାରୁ ନବୀନଙ୍କୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ । ନିତିନ ନବୀନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏଆଇ ପିଢ଼ିର । ନିତିନଜୀ ଉଭୟ ଯୁବସୁଲଭ



ଶକ୍ତି ଓ ସାଂଗଠନିକ କାର୍ଯ୍ୟରେ ଅଭିଜ୍ଞତା ରଖିଛନ୍ତି । ଏହା ଦଳର ପ୍ରତ୍ୟେକ କର୍ମୀଙ୍କ ପାଇଁ ବହୁତ ଲାଭଦାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ନିତିନଙ୍କ ଦାୟିତ୍ୱ ଗ୍ରହଣ ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ▶ପୃଷ୍ଠା-୭

### ସାଇନବୋର୍ଡରେ ସୀମିତ ରହିବ 'ଅନ୍ତର୍ଜାତୀୟ' ବିମାନ ବନ୍ଦର

## ମାର୍ଚ୍ଚରୁ ଦୁବାଇ, ସିଙ୍ଗାପୁରକୁ ବିମାନ ବନ୍ଦ

■ ଭୁବନେଶ୍ୱର, ୨୦।୧ (ସମିସ): ଭୁବନେଶ୍ୱର ଆବୁଧାବି ସିଧାସଳଖ ବିମାନ ସେବା ଡିସେମ୍ବର ମାସରୁ ବନ୍ଦ ହୋଇଯାଇଛି । ଏହି ବିମାନ ସେବା ବନ୍ଦ ହେବାର ମାସଟେ ନ ପୂରୁଣୁ ଭୁବନେଶ୍ୱର ବିମାନ ବନ୍ଦରରୁ ଆଉ ୨ ଟି ପ୍ରମୁଖ ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ହେବା ଆପାତତଃ ନିଶ୍ଚିତ ହୋଇଛି । ମାର୍ଚ୍ଚ ୨୮ ପରେ ଦୁବାଇ ଓ ସିଙ୍ଗାପୁର ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଭୁବନେଶ୍ୱରରୁ ସିଧା ବିମାନ ସେବା ବନ୍ଦ ହୋଇଯିବ । ୱେବସାଇଟ୍‌ରେ ମାର୍ଚ୍ଚ ୨୮ ପରେ ଏହି ୨ ଟି ରୁଟ୍‌ରେ ସିଧା ବିମାନ ସେବା ପାଇଁ ଟିକଟର ଅନୁପଲବ୍ଧି ଏହି ଆଶଙ୍କାକୁ ଦୃଢ଼ୀଭୂତ କରିଛି । ବିମାନ ଚଳାଚଳ କମ୍ପାନୀ ପକ୍ଷରୁ ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କିଛି ସ୍ପଷ୍ଟ କରାଯାଉ ନାହିଁ, ଅନ୍ୟପକ୍ଷରେ ବିମାନବନ୍ଦର କର୍ତ୍ତୃପକ୍ଷ ମଧ୍ୟ ଚଳାଚଳ କରୁଥିବା ଆନ୍ତର୍ଜାତୀୟ ସ୍ଥଳକୁ ସିଧାସଳଖ ବିମାନ ଉଡ଼ାଣ ସମ୍ପର୍କରେ କିଛି କହି ପାରୁନାହାନ୍ତି । ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ



**ସେବା ବନ୍ଦ ଯୋଗୁଁ ପ୍ରଭାବିତ ହେବେ ୪୦ ହଜାର ଓଡ଼ିଆ**

**ଡିସେମ୍ବରରୁ ଆବୁଧାବିକୁ ବନ୍ଦ ହୋଇଛି ବିମାନ ଚଳାଚଳ**

**ଚିନ୍ତା ପ୍ରକଟ କରି ମୁଖ୍ୟ ସଚିବଙ୍କୁ ଚିଠି ଲେଖିଲା ଓଡ଼ିଶା ସମାଜ**

ପଟ୍ଟନାୟକଙ୍କ ଉଦ୍ୟମ ଯୋଗୁଁ ମଧ୍ୟପ୍ରାଚ୍ୟର ଆବୁଧାବୀ, ଦୁବାଇ ସହ ସିଙ୍ଗାପୁର ଓ ବ୍ୟାଙ୍କକ୍‌କୁ ଭୁବନେଶ୍ୱରରୁ ସିଧାସଳଖ ବିମାନସେବା ଆରମ୍ଭ ହୋଇଥିଲା । ମାତ୍ର ଏବେ ଏହି ବିମାନସେବା ବନ୍ଦ ହେବା ଦ୍ୱାରା ସିଧାସଳଖ ଯାତ୍ରା କରୁଥିବା ଲକ୍ଷଲକ୍ଷ ଓଡ଼ିଆ ପ୍ରଭାବିତ ହେବେ ଓ ପର୍ଯ୍ୟଟନ ଦୃଷ୍ଟିରୁ ଓଡ଼ିଶା କ୍ଷତିଗ୍ରସ୍ତ ହେବ ବୋଲି ଆଶଙ୍କା କରାଯାଉଛି ।

୨୦୨୩ ମେ ମାସରୁ ଭୁବନେଶ୍ୱର ଓ ଦୁବାଇ ମଧ୍ୟରେ ସିଧାସଳଖ ବିମାନ ସେବା ଆରମ୍ଭ କରାଯାଇଥିଲା । ରାଜ୍ୟରୁ ଅନ୍ତର୍ଜାତୀୟ ଉଡ଼ାଣ ବଢ଼ାଇବା ଲାଗି ଇଣ୍ଡିଗୋ ସହ ମିଶି ରାଜ୍ୟ ସରକାର ଏହି ସେବା ଆରମ୍ଭ କରିଥିଲେ । ଏଥିପାଇଁ ସରକାରଙ୍କ ପକ୍ଷରୁ ବିମାନ ଚଳାଚଳ ସଂସ୍ଥାକୁ 'ଭାୟାବିଲିଟି ଗ୍ୟାପ୍ ଫଣ୍ଡ' ମଧ୍ୟ ଯୋଗାଇ ଦିଆଯାଉଥିଲା । ଦୁବାଇ ସହ ସିଧାସଳଖ ବିମାନ ସେବା ରାଜ୍ୟର ସୂଚନା ପ୍ରଯୁକ୍ତି, ବିନିର୍ମାଣ ଓ ପର୍ଯ୍ୟଟନ ▶ପୃଷ୍ଠା-୭

### ସୋସିଆଲ ମିଡିଆରେ ଧମକପୂର୍ଣ୍ଣ ପୋଷ୍ଟ

## ଶ୍ରୀମନ୍ଦିର ଉପରେ ବୋମା ପଡ଼ିବ

■ ପୁରୀ, ୨୦।୧ (ସମିସ): 'ପୁରୀ ଜଗନ୍ନାଥ ମନ୍ଦିରରେ ଖୁବ୍‌ଶୀଘ୍ର ବୋମା ପଡ଼ିବ । ଖୁବ୍‌ଶୀଘ୍ର ଶୁଭାଶିଷ୍ ଖୁଣ୍ଟିଆଙ୍କୁ ଗୁଳିମାଡ଼ ହେବ । ସେହିପରି ଖୁବ୍‌ଶୀଘ୍ର ଗ୍ରାଣ୍ଡ ସେଣ୍ଟରରେ ଗୁଳି ଫୁଟାଇବୁ' । ଏହା କୌଣସି ନାଟକ କିମ୍ବା ଚଳଚ୍ଚିତ୍ରର ସଂଳାପ ନୁହେଁ; ଏମିତି ଧମକପୂର୍ଣ୍ଣ ପୋଷ୍ଟ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି । ବିଶେଷକରି ପୁରୀରେ ଏହି ପୋଷ୍ଟକୁ ନେଇ ଏବେ ସବୁଠି ଚର୍ଚ୍ଚା । ଜୁଲିରାଣୀ ପଣ୍ଡାଙ୍କ ଫେସ୍‌ବୁକ ପେଜ୍‌ରେ ଏଭଳି ପୋଷ୍ଟ ଶ୍ରୀମନ୍ଦିର ପ୍ରଶାସନ, ପୁଲିସ ସମସ୍ତଙ୍କୁ ଚିନ୍ତାରେ ପକାଇ ଦେଇଛି ।

ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି ଶ୍ରୀମନ୍ଦିର । ପୂର୍ବରୁ ଏକାଧିକଥର ଗୁଇନ୍ଦା ଏଭଳି ସୂଚନା ଦେଇଆସିଛି । ଯେଉଁଥିପାଇଁ ବଡ଼ାଦାଣ୍ଡର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ବେଳେ ବିଭିନ୍ନ ସମୟରେ ଜାତୀୟ ସୁରକ୍ଷା ବାହିନୀ (ଏନ୍‌ଏସ୍‌ଜି) ମଧ୍ୟ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛି । ଏଭଳି ସ୍ଥିତିରେ ସାମାଜିକ ଗଣମାଧ୍ୟମରେ ଶ୍ରୀମନ୍ଦିର ଉପରେ ବୋମାମାଡ଼ କରାଯିବା ନେଇ ପୋଷ୍ଟ ହେବା ସମସ୍ତଙ୍କୁ ଚିନ୍ତାରେ ପକାଇ ଦେଇଛି । ଯାହା ଜଣାପଡୁଛି ଏହି ଫେସ୍‌ବୁକ୍ ଆକାଉଣ୍ଟଟି ନୂଆ କରି ଖୋଲାଯାଇଛି । ଆକାଉଣ୍ଟର ଡିପିରେ ଏକ ଟେଡି ଫଟୋ ରହିଛି । କୌଣସି ତଥ୍ୟ ଆକାଉଣ୍ଟରେ ପ୍ରଦାନ କରାଯାଇନାହିଁ । କେବେଳ ଆକାଉଣ୍ଟରେ ଜଣେ ମାତ୍ର ବ୍ୟକ୍ତି ତା'ର ବନ୍ଧୁ ତାଲିକାରେ ରହିଥିବା ଦେଖାଯାଉଛି । ସେୟାର ହୋଇଥିବା ଧମକପୂର୍ଣ୍ଣ ବାର୍ତ୍ତା ଗତ ୧୩ ତାରିଖରୁ ସେୟାର ହୋଇଥିବା ଜଣାପଡ଼ିଛି । ତେବେ ଶ୍ରୀମନ୍ଦିର ସମ୍ପର୍କରେ ଏପରି ଧମକପୂର୍ଣ୍ଣ ପୋଷ୍ଟକୁ ନେଇ ଭକ୍ତମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । କିଏ ଏବଂ କିଭଳି ଏପରି ଧମକପୂର୍ଣ୍ଣ ବାର୍ତ୍ତା ଦେଇଛି, ଖୁବ୍‌ଶୀଘ୍ର ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି ।

ଏ ସମ୍ପର୍କରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ଆଇନ ଶୃଙ୍ଖଳା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ । ସୋସିଆଲ୍ ମିଡିଆରେ ଖୋଲାଖୋଲି ଧମକ ଦିଆଯିବା ଏହା ହିଁ ସ୍ପଷ୍ଟ କରୁଛି । ଜଣେ ସାଂସଦଙ୍କ ପ୍ରତି ଯଦି ଏଭଳି ▶ପୃଷ୍ଠା-୭



**ଖୁବ୍‌ଶୀଘ୍ର ସାଂସଦ ଶୁଭାଶିଷ୍ ଖୁଣ୍ଟିଆଙ୍କୁ ଗୁଳିମାଡ଼ ଧମକ**

## ଗଛରେ ପିଟି ହେଲା ବାଇକ୍ ଭାଇ-ଭଉଣୀ ମୃତ

■ ବାଲିଗୁଡ଼ା, ୨୦।୧ (ସମିସ): କାଳ ହେଲା ଦ୍ରୁତ ଗତି । ଗଛରେ ବାଇକ୍ ପିଟି ହୋଇ ଭାଇ-ଭଉଣୀଙ୍କ ଜୀବନ ଯାଇଛି । ଏପରି ଏକ ଦୁଃଖଦ ଘଟଣା କନ୍ଧମାଳ ଜିଲ୍ଲା ସାରଙ୍ଗଗଡ଼ କାଣିବିଡ଼ିକା ନିକଟରେ ଘଟିଛି । ମୃତକ ହେଲେ, ଆଶୁତୋଷ ପ୍ରଧାନ ଓ ତାଙ୍କ ଭଉଣୀ ସୁଷମା କହଁର । ସୂଚନାନୁସାରେ, ଆଶୁତୋଷ ଓ ସୁଷମା ଏକ ବାଇକ୍‌ରେ ଫୁଲବାଣୀରୁ ମଣ୍ଡାସୁରକୁ ଏକ ବାଇକ୍‌ରେ ଯାଉଥିବା ବେଳେ କାଣିବିଡ଼ିବା ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ ଗଛରେ ପିଟି ହୋଇଯାଇଥିଲା । ଏଥିରେ ଆଶୁତୋଷଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । ସ୍ଥାନୀୟ ଲୋକେ ସୁଷମାଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୁଷମାଙ୍କର ମୃତ୍ୟୁ ଘଟିଥିଲା । ଆଶୁତୋଷଙ୍କ ଘର କାମ୍ବାଗୁଡ଼ାରେ ବୋଲି ସୂଚନା ମିଳିଛି । ସାରଙ୍ଗଗଡ଼ ଥାନା ଅଧିକାରୀ ସ୍ମିତା ଜେନା, ଦେବାଶିଷ ମହାପାତ୍ର, ଚତୁର୍ଭୁଜ ମଲ୍ଲିକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି । ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି ।



## ନଗ୍ନ ଭିଡିଓ ଦେଖାଇ ବୃଦ୍ଧଙ୍କଠାରୁ ୮୮ ଲକ୍ଷ ଲୁଟ୍

■ କଟକ, ୨୦।୧ (ସମିସ): ପୁଣି କଟକ ସହରରେ ସେକ୍ସଟର୍ସନ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ ତଥା ୭୨ବର୍ଷୀୟ ବୃଦ୍ଧଙ୍କ ବ୍ୟାଙ୍କ୍ ଜମା ଖାତାରୁ ସାଇବର ଲୁଟେରାମାନେ ୮୮ଲକ୍ଷ ଟଙ୍କା ଲୁଟି ନେଇଛନ୍ତି । ବୃଦ୍ଧଙ୍କୁ ନଗ୍ନ ଭିଡ଼ିଓ ଦେଖାଇ ଏଭଳି ଲୁଟ୍ କରାଯାଇଛି । ଏହି ଘଟଣାରେ ସାଇବର ଥାନା ପୁଲିସ ୫ଜଣ ସାଇବର ଅପରାଧୀଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ, ମନୋଜ କୁମାର ଜେନା(୨୮), ପ୍ରଫୁଲ୍ଲ କୁମାର ବିଶ୍ୱାଳ(୬୫), ସଂଗ୍ରାମ ଜେନା(୨୨), ବାସୁଦେବ ରାଉତ(୨୫) ଏବଂ ମନୋରଞ୍ଜନ ରାଉତ(୬୦) । ଅଭିଯୁକ୍ତମାନେ ସମସ୍ତେ ଓଡ଼ିଆ ହୋଇଥିବା ବେଳେ ଏଥିରେ ଆନ୍ତଃରାଜ୍ୟ ସାଇବର ଲୁଟେରା ନଥିବା ସ୍ପଷ୍ଟ ହୋଇଛି । ଏମାନଙ୍କ ନିକଟରୁ ନଗଦ ୧୪ଲକ୍ଷ ୪୬୦ଟଙ୍କା, ୧୬ଟି ରୁପା ମୁଦ୍ରା, ୨ଟି ସୁନା ▶ପୃଷ୍ଠା-୭




**୧୪ଲକ୍ଷ ଟଙ୍କା, ୧୬ଟି ରୁପା ମୁଦ୍ରା, ୨ଟି ସୁନା କାନଫୁଲ, ମଙ୍ଗଳସୂତ୍ର, ସୁନା ଚେନ୍ ଓ ବ୍ରେସଲେଟ୍ ଜବତ**

SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

**ମଣ୍ଡିରୁ ଉଠୁନି ଧାନ**

## ମିଲ୍ ଆଗରେ ବେପାରୀଙ୍କ ଟ୍ରାକ୍ଟର୍ ଧାଡ଼ି

■ ବଲାଙ୍ଗିର, ୨୦।୧(ସମିସ): ମଣ୍ଡିରୁ ଧାନ ଉଠୁନି । କିନ୍ତୁ, ମିଲ୍ ଆଗରେ ଧାନବସ୍ତା ଭର୍ତ୍ତି ଟ୍ରାକ୍ଟର୍‌ର ଲମ୍ବା ଧାଡ଼ି । ବଲାଙ୍ଗିର ଜିଲ୍ଲାରେ କିଛି ମିଲ୍ ଆଗରେ ଏପରି ଦୃଶ୍ୟ ଏବେ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି । କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ପକାଇ ମଣ୍ଡି ଆଗରେ ଚାଷୀ ଦିନରାତି ଅଧିଆ ପଡ଼ିଥିବା ବେଳେ ମିଲ୍‌କୁ କାହା ଧାନ ଯାଉଛି, ତାହା ଚାଷୀର ବୁଝିବା ବାହାରେ । ଧାନକିଣା ବିଳମ୍ବର ଫାଇଦା ନେଇ ଧାନ ବେପାରୀ, ମିଲର୍ ଓ ପାକ୍ସ ସଂପାଦକ ମିଳିମିଶି ଏବେ ନୂଆ ଗୋଲକଧନ୍ଦା ଆରମ୍ଭ କରିଥିବା ଚାଷୀ ମହଲରେ ଅଭିଯୋଗ ହୋଇଛି । ଗ୍ରାମାଞ୍ଚଳ ଚାଷୀଙ୍କଠାରୁ ବେପାରୀ ଶାଗମାଛ ଦରରେ ଧାନ କିଣି ତାହାକୁ ମିଲ୍‌ରେ ସରକାରୀ ଦରରେ ବିକୁଥିବା ବେଳେ ପାକ୍ସ କର୍ତ୍ତୃପକ୍ଷ ଓ ମିଲର୍ ସେଥିରୁ ମୋଟା ଅଙ୍କର କମିସନ୍ ଖାଇବାକୁ ଉଦ୍ୟମ ଚଳାଇଛନ୍ତି । ଏପରି ସ୍ଥିତିରେ ପ୍ରକୃତ ଚାଷୀ ଜକଳା ଭଳି ଚାହିଁ ରହିଛି ।

ଚଳିତବର୍ଷ ଜିଲ୍ଲାରେ ଧାନକିଣା ବହୁ ବିଳମ୍ବରେ ଆରମ୍ଭ ହୋଇଥିଲା । ଅନ୍ୟ ବର୍ଷମାନଙ୍କରେ ଜାନୁଆରୀ ଶେଷ ସୁଦ୍ଧା ପ୍ରାୟ ୭୫ ପ୍ରତିଶତ ଧାନକିଣା ସରିଯାଇଥାଏ । କିନ୍ତୁ ଚଳିତବର୍ଷ ଏହା ମନ୍ଥର ଗତିରେ ଚାଲିଛି । ଚାଷୀଙ୍କ ପାଖରେ ଧାନ ପଡ଼ିରହିଥିବା ବେଳେ ଠିକ୍ ଭାବେ କିଣାଯାଉନାହିଁ । ମଣ୍ଡିରେ ଧାନ ଗଦା ହୋଇ ରହୁଥିବା ବେଳେ ମିଲର୍ ଗାଡ଼ି ପଠାଉନାହିଁ । ସେହିପରି ଧାନ ବିକିବାକୁ ଅପେକ୍ଷା କରିକରି କିଛି ଚାଷୀଙ୍କ ଟୋକନ୍ ଲାପ୍ସ ହୋଇଯାଇଥିବାରୁ ଭୟରେ ଅନ୍ୟ ଚାଷୀମାନେ ଧାନ ବେପାରୀଙ୍କୁ ଶାଗମାଛ ଦରରେ ଧାନ ଟେକିଦେଉଥିବା ଦେଖିବାକୁ ମିଳୁଛି । କିନ୍ତୁ ଏପରି ସ୍ଥିତିରେ ମିଲ୍ ସାମ୍ନାରେ କିନ୍ତୁ ଠିକ୍ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳୁଛି । ମିଲ୍ ଆଗରେ ଧାନଭର୍ତ୍ତି ଟ୍ରାକ୍ଟର୍‌ର ଲମ୍ବା ଧାଡ଼ି ଦେଖିବାକୁ ମିଳିଛି ।

ବଲାଙ୍ଗିର ସହରରୁ ଲୋଇସିଂହା ରାସ୍ତାର ଛୁଇବନ୍ଧ ଛକଠାରେ ଥିବା ଏକ ରାଇସ୍ ମିଲ୍ ବିଭିନ୍ନ ମଣ୍ଡିରୁ ପ୍ରାୟ ୪୦ ହଜାର କ୍ୱିଣ୍ଟାଲ ଧାନ ଉଠାଇ ସାରିଥିବା କାଗଜପତ୍ରରେ ▶ପୃଷ୍ଠା-୭

**ପାକ୍ସ ସମ୍ପାଦକ ଓ ମିଲରଙ୍କ ଭିତିରି କାରବାର**





# ଦେଶ ବିଦେଶ

ସକାଳ
THE SAKALA
www.sakalaepaper.com

## ଆମେରିକାରେ ଭୟଙ୍କର ବରଫ ଝଡ଼




ୱାଶିଂଟନ, ୨୦ା୧ (ଏଜେନ୍ସି): ଶୁଳ୍କ ଲଗାଇ ଏବଂ ଆକ୍ରମଣ କରି ବିଶ୍ୱରେ ଝଡ଼ ସୃଷ୍ଟି କରିଥିବା ଆମେରିକାରେ ବରଫ ଝଡ଼ ନାହିଁ ନ ଥିବା ସ୍ଥିତି ସୃଷ୍ଟି କରିଛି । ମିଚିଗାନ ରାଜ୍ୟର ଗ୍ରାଣ୍ଡ ର୍ୟାପିଡ୍ସ ସହରରେ ଏହି ଝଡ଼ ଯୋଗୁଁ ଭୟଙ୍କର ସଡ଼କ ଦୁର୍ଘଟଣା ହୋଇଛି । ସୋମବାର ୧୯୬ ନମ୍ବର ଆନ୍ତଃରାଜ୍ୟ ରାଜପଥରେ ଶହେରୁ ଅଧିକ ଗାଡ଼ି ପରସ୍ପରକୁ ଧକ୍କା ଦେଇଛି । ୩୦ରୁ ଅଧିକ ବଡ଼ ବଡ଼ ଟ୍ରକ ରାସ୍ତା ମଝିରେ ଅଟକି ରହିଛି । ଅନେକ ଗାଡ଼ି ରାସ୍ତା କଡ଼କୁ ଖସି ଯାଇଛି । ଏଥିଯୋଗୁଁ ଲମ୍ବା ଟ୍ରାଫିକ ଜାମ ଲାଗିଛି । ମାତ୍ର ଏଥିରେ କେହି ମୃତାହତ ହେବାର ସୂଚନା ମିଳି ନାହିଁ । ସ୍ଥିତିକୁ ଦେଖି ପୁଲିସ ରାସ୍ତାର ଉଭୟ ପାର୍ଶ୍ୱରେ ଟ୍ରାଫିକକୁ ବନ୍ଦ କରିଦେଇଛି । ଝଡ଼ ଯୋଗୁଁ ପ୍ରବଳ ତୁଷାରପାତ ଏବଂ ଦୃଶ୍ୟମାନ କ୍ଷମତା ହ୍ରାସ ପାଇବାରୁ ଏହି ଦୁର୍ଘଟଣା ଘଟିଛି । ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ଦୁର୍ଘଟଣା ସମୟରେ ପ୍ରବଳ ତୁଷାରପାତ ହେଉଥିଲା । ରାସ୍ତା ଧଳା ବରଫର ଚାଦରରେ ଆଚ୍ଛାଦିତ ହୋଇ ଯାଇଥିଲା । ଫଳରେ ସ୍ପଷ୍ଟ ଭାବରେ ଦେଖିବା କାଠିକର ହୋଇ ଯାଇଥିଲା ।

ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଗୋଟିଏ ଗାଡ଼ି ହଠାତ୍ ରାସ୍ତାରୁ ଖସି ଯିବାରୁ ପଛରେ ଆସୁଥିବା ଗାଡ଼ି ହଠାତ ବ୍ରେକ୍ ଦେଇପାରିଲେ ନାହିଁ । ଏଥିଯୋଗୁଁ ପଛକୁ ପଛ ଗୋଟିଏ ପରେ ଗୋଟିଏ ଗାଡ଼ି ଧକ୍କା ହେବାରେ ଲାଗିଥିଲା । କିଛି ସେକେଣ୍ଡ ମଧ୍ୟରେ ଏହା ଏକ ବଡ଼ ଦୁର୍ଘଟଣାରେ ପରିଣତ ହୋଇଥିଲା । ଡ୍ରାଇଭରମାନେ ନିଜ ଗାଡ଼ିକୁ ନିୟନ୍ତ୍ରଣ କରିବାକୁ ସମୟ ପାଇ ନ ଥିଲେ । ଏହାର ସୂଚନା ପାଇବା ମାତ୍ରେ ପୁଲିସ, ଅଗ୍ନିଶମ ବାହିନୀ ଓ ଆମ୍ବୁଲାନ୍ସ ଦଳ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚିଛନ୍ତି । ଖରାପ ପାଗ ଯୋଗୁ ଉଦ୍ଧାର କାର୍ଯ୍ୟ ଅତ୍ୟନ୍ତ କଷ୍ଟକର ହୋଇପଡିଛି । ବହୁ ଲୋକ ଗାଡ଼ି ସହିତ ରାସ୍ତାରେ ଫସି ରହିଛନ୍ତି । ସେମାନଙ୍କ ପାଖରେ ପହଞ୍ଚିବାକୁ ବହୁତ ସମୟ ଲାଗିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି ।

# ତାମିଲନାଡୁ ବିଧାନସଭାରେ ପୁଣି ହାଇଡ୍ରାମା

ଚେନ୍ନାଇ, ୨୦ା୧: ତାମିଲନାଡୁ ବିଧାନସଭାରେ ଆଜି ପୁଣି ହାଇଡ୍ରାମା ଦେଖିବାକୁ ମିଳିଛି । ଚଳିତ ବର୍ଷର ପ୍ରଥମ ଅଧିବେଶନରେ ରାଜ୍ୟପାଳ ତାଙ୍କର ପାରମ୍ପରିକ ଅଭିଭାଷଣ ପ୍ରଦାନ କରିବାକୁ ଥିବା ବେଳେ ଏହା ନ କରି ସେ ବିଧାନସଭାରୁ ୱାକ୍ ଆଉଟ୍ କରିଛନ୍ତି । ବିଧାନସଭାରେ ଜାତୀୟ ସଙ୍ଗୀତକୁ ଅପମାନିତ କରାଯାଇଥିବାରୁ

**■ ଅଭିଭାଷଣ ନ ପଢ଼ି ଗୃହ ଛାଡ଼ିଲେ ରାଜ୍ୟପାଳ**
**■ ଜାତୀୟ ସଙ୍ଗୀତକୁ ଅପମାନ କରାଯାଇଛି: ରବି**
**■ ରାଜ୍ୟପାଳଙ୍କୁ ସମାଲୋଚନା କଲେ ମୁଖ୍ୟମନ୍ତ୍ରୀ**

ରାଜ୍ୟପାଳ ଏଭଳି ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛନ୍ତି ବୋଲି ଲୋକ ଭବନ (ରାଜଭବନ) ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି । ଏହାସହିତ କୁହାଯାଇଛି ଯେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣ ପତ୍ରରେ ମିଛ ତଥ୍ୟ ଦିଆଯାଇଥିବାରୁ ରାଜ୍ୟପାଳ ଏହାକୁ ପଢ଼ିବାକୁ ମନା କରିଦେଇଛନ୍ତି । ଏହାକୁ ମିଶାଇ ଚତୁର୍ଥ ଥର ଲାଗି ରାଜ୍ୟପାଳ ଏଭଳି ପଦକ୍ଷେପ ନେଇଥିବା ବେଳେ ରାଜ୍ୟ ମୁଖ୍ୟମନ୍ତ୍ରୀ ଷ୍ଟାଲିନ ଏତାଦୃଶ ଆଚରଣ ପାଇଁ ରାଜ୍ୟପାଳଙ୍କର ସମାଲୋଚନା କରିଛନ୍ତି । ଏହାସହିତ ରାଜ୍ୟପାଳ ପଢ଼ିନଥିଲେ ମଧ୍ୟ ଏହି ଅଭିଭାଷଣପତ୍ରକୁ ଆଲୋଚନା ପାଇଁ ଆଗତ ପ୍ରସ୍ତାବକୁ ବିଧାନସଭାରେ ଅନୁମୋଦନ ପ୍ରଦାନ କରାଯାଇଛି ।



ନୂଆବର୍ଷର ପ୍ରଥମ ବିଧାନସଭା ଅଧିବେଶନ ଆଜି ଆରମ୍ଭ ହୋଇଥିଲା । ପରମ୍ପରା ଅନୁଯାୟୀ ଏହି ଅଧିବେଶନରେ ରାଜ୍ୟପାଳ ଆରଏନ୍ ରବି ତାଙ୍କର ଅଭିଭାଷଣ ପ୍ରଦାନ କରିବା କଥା । ଏଥିପାଇଁ ରାଜ୍ୟପାଳ ବିଧାନସଭା ଯାଇଥିଲେ, କିନ୍ତୁ ଭାଷଣପତ୍ର ନପଢ଼ି ବିଧାନସଭା ବାହାରକୁ ପଳାଇଥିଲେ । ଏହାକୁ ନେଇ ବିଧାନସଭାରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା । ତେବେ ଲୋକ ଭବନ (ରାଜ ଭବନ)ରୁ ରାଜ୍ୟପାଳଙ୍କ ପକ୍ଷରୁ ବିବୃତି ମାଧ୍ୟମରେ ସଫେଇ ଦିଆଯାଇଛ ରବିଙ୍କ ପଦକ୍ଷେପ ପ୍ରତି ଯୁକ୍ତି ଦର୍ଶାଯାଇଥିଛି । ଏଥିରେ କୁହାଯାଇଛି ଯେ ବିଧାନସଭାରେ ଜାତୀୟ ସଙ୍ଗୀତ କରାଯିବା ବଦଳରେ ତାମିଲ ରାଜ୍ୟ ସଙ୍ଗୀତ ଗାନ କରାଯାଇଥିଲା । ଏହା ଜାତୀୟ ସଙ୍ଗୀତ ପ୍ରତି ଘୋର ଅପମାନ ଥିଲା । ଏହାସହିତ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣ ପତ୍ରକୁ ପଢ଼ିବାକୁ ରାଜ୍ୟପାଳ କାହିଁକି ମନାକଲେ, ତାହାର ମଧ୍ୟ ଏହି ବିବୃତିରେ ସ୍ପଷ୍ଟୀକରଣ ଦିଆଯାଇଛି । ଏଥିରେ କୁହାଯାଇଛି ଯେ ରାଜ୍ୟ ସରକାର ଯେଉଁ ଅଭିଭାଷଣ ପତ୍ର ପ୍ରସ୍ତୁତ କରିଛନ୍ତି, ସେଥିରେ କେବଳ ମିଛ କଥା ଲେଖାଯାଇଛି, ଯାହାକି ପ୍ରକୃତ ତଥ୍ୟ ଠାରୁ ବହୁ ଦୂରରେ । ଏହା ପଢ଼ିବା ସମ୍ଭବ ନୁହେଁ ।

ତେବେ ମୁଖ୍ୟମନ୍ତ୍ରୀ ଷ୍ଟାଲିନ ରାଜ୍ୟପାଳଙ୍କ ଏତାଦୃଶ ଆଚରଣର ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ ପରମ୍ପରା ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣପତ୍ର ରାଜ୍ୟପାଳ ପଢ଼ିବା କଥା । ଏଥିରେ ରାଜ୍ୟପାଳ ତାଙ୍କର ବ୍ୟକ୍ତିଗତ ମତାମତ ଦେଇପାରିବେ ନାହିଁ । ତେଣୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣକୁ ଆଲୋଚନା ପାଇଁ ଗ୍ରହଣ କରାଗଲା ବୋଲି ସେ ଗୃହରେ ପ୍ରସ୍ତାବ ଆଗତ କରିଥିଲେ ଏବଂ ଏହା ଗୃହୀତ ହୋଇଥିଲା ।

ରାଜ୍ୟ ସରକାରଙ୍କ ସହିତ ବିବାଦରେ ଥିବା ରାଜ୍ୟପାଳ ରବି ଏହାକୁ ମିଶାଇ ଚତୁର୍ଥ ବର୍ଷ ଲାଗି ବିଧାନସଭାରୁ ଏଭଳି ୱାକ୍ ଆଉଟ୍ କରିଛନ୍ତି । ରାଜ୍ୟପାଳ ନିଯୁକ୍ତ ହେବାପରେ ରବି ୨୦୨୨ରେ ପ୍ରଥମ ଥର ଲାଗି ବିଧାନସଭାରେ ଅଭିଭାଷଣ ପ୍ରଦାନ କରିଥିଲେ । ତେବେ ପରବର୍ତ୍ତୀ ସମୟରେ ୨୦୨୩, ୨୦୨୪ ଏବଂ ୨୦୨୫ରେ ଅଭିଭାଷଣ ପ୍ରଦାନ ନକରି ରବି ବିଧାନସଭାରୁ ଆଜି ଭଳି ୱାକ୍ ଆଉଟ୍ କରିଥିଲେ ।




# ବିଶ୍ୱ ମାନଚିତ୍ର ବଦଳାଇଦେଲେ ଟ୍ରମ୍ପ

## ଗ୍ରୀନଲାଣ୍ଡ, କାନାଡ଼ା, ଭେନେଜୁଏଲାକୁ ଆମେରିକାର ଅଂଶ ଦେଖାଇଲେ

ୱାସିଂଟନ, ୨୦ା୧ (ଏଜେନ୍ସି): ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗ୍ରୀନଲାଣ୍ଡ ପରେ କାନାଡ଼ା ଦଖଲ ପାଇଁ ଯୋଜନା କରୁଛନ୍ତି । ସେ ଗ୍ରୀନଲାଣ୍ଡ ଏବଂ କାନାଡ଼ାକୁ ଆମେରିକାର ମାନଚିତ୍ରରେ ସାମିଲ କରିଛନ୍ତି । ଟ୍ରମ୍ପ କାର୍ଯ୍ୟାଳୟର ଏକ ଭାଇରାଲ ଭିଡିଓରେ ଥିବା ମାନଚିତ୍ରରେ ଏହା ଦେଖିବାକୁ ମିଳୁଛି । ଗ୍ରୀନଲାଣ୍ଡକୁ କବ୍ଜା କରିବା ପାଇଁ ଟ୍ରମ୍ପ ନାଟୋ ମୁଖ୍ୟ ମାର୍କ ରୁଟ୍‌ଙ୍କୁ ଫୋନ କରି କଥା ହୋଇଛନ୍ତି । ଗ୍ରୀନଲାଣ୍ଡ ପ୍ରସଙ୍ଗରେ ସ୍ୱିଜରଲାଣ୍ଡର ଡାଭୋସରେ ବୈଠକ ଡାକିବାକୁ ନିଷ୍ପତ୍ତି ନେଇଛନ୍ତି । ରୁଟ୍‌ଙ୍କୁ ଟ୍ରମ୍ପ କହିଥିଲେ ଯେ ଗ୍ରୀନଲାଣ୍ଡ ଆମେରିକାର ଜାତୀୟ ଏବଂ ବିଶ୍ୱ ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଶ୍ୱରେ ଶାନ୍ତି କେବଳ କ୍ଷମତା ଦ୍ୱାରା ହାସଲ କରାଯାଇପାରିବ । ଆଉ ଏବେ ଆମେରିକା ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ । କେବଳ ଶକ୍ତି ମାଧ୍ୟମରେ ଶାନ୍ତି ହାସଲ କରାଯାଇପାରିବ ଏବଂ କେବଳ ଆମେରିକାର ଏହି କ୍ଷମତା ରହିଛି । ଟ୍ରମ୍ପ୍ ତାଙ୍କ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଏକ ମାନଚିତ୍ର ମଧ୍ୟ ସେୟାର କରିଛନ୍ତି । ଏଥିରେ କାନାଡ଼ା, ଗ୍ରୀନଲାଣ୍ଡ ଏବଂ ଭେନେଜୁଏଲାକୁ ଆମେରିକାର ଅଂଶ ଭାବରେ ଦର୍ଶାଯାଇଛି । ଅନ୍ୟପଟେ ଗ୍ରୀନଲାଣ୍ଡକୁ ଆମେରିକା ଯୁଦ୍ଧ ଜାହାଜ ପଠାଇଛି ।

ଆମେରିକା ରାଷ୍ଟ୍ରପତି ଗ୍ରୀନଲାଣ୍ଡ, ଡେନମାର୍କ, ଫ୍ରାନ୍ସ ପରେ ଏବେ ବ୍ରିଟେନ ଉପରେ କ୍ଷୁବ୍ଧ ହୋଇଛନ୍ତି । ଭାରତ ମହାସାଗରରେ ଥିବା ଡିଏଗୋ ଗାର୍ସିଆ ଦ୍ୱୀପ ନେଇ ଟ୍ରମ୍ପ ବ୍ରିଟେନ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଏହି ଦ୍ୱୀପକୁ ମରିସସକୁ ଦେବା ପାଇଁ ବ୍ରିଟେନ ଯୋଜନା କରୁଛି । ମାତ୍ର ଏହା ଆମେରିକା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟୀ । ବିନା କାରଣରେ ମରିସସକୁ ଦେବା ସମ୍ପୂର୍ଣ୍ଣ ଭୁଲ୍ ନିଷ୍ପତ୍ତି । ଟ୍ରମ୍ପ ଯେଉଁ ଡିଏଗୋ ଗାର୍ସିଆ ଦ୍ୱୀପ କଥା କହୁଛନ୍ତି ତାହା ଚାଗୋସ୍ ଦ୍ୱୀପର ଏକ ଅଂଶ । ଏହା ଭାରତ ମହାସାଗରରେ ରହିଛି । ୧୮୧୪ମସିହାରେ ନେପୋଲିୟନଙ୍କ ପରାଜୟ ପରେ ପ୍ୟାରିସ ଚୁକ୍ତି ଅନୁଯାୟୀ ଚାଗୋସ୍ ଦ୍ୱୀପପୁଞ୍ଜ ଏବଂ ମରିସସ୍ ବ୍ରିଟିଶ ନିୟନ୍ତ୍ରଣକୁ ଆସିଥିଲେ । ମରିସସ୍ ୧୯୬୮ରେ ସ୍ୱାଧୀନତା ଲାଭ କରିଥିଲା । ସେହି ସମୟରେ ବ୍ରିଟିଶ ପ୍ରତିରକ୍ଷା ପାଇଁ ଆବଶ୍ୟକ ନ ଥିଲେ ଦ୍ୱୀପ ଗୁଡ଼ିକୁ ମରିସସକୁ ଫେରାଇ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ସର୍ବବୃହତ ଦ୍ୱୀପ ଡିଏଗୋ ଗାର୍ସିଆରେ ବ୍ରିଟିଶ ଏବଂ ଆମେରିକାର ମିଳିତ ସାମରିକ ଘାଟି ରହିଛି ।

# ମାଘମେଳାରେ ଶଙ୍କରାଚାର୍ଯ୍ୟଙ୍କୁ ନେଇ ବିବାଦ

ପ୍ରୟାଗରାଜ, ୨୦ା୧ (ଏଜେନ୍ସି): ମୌନି ଅମାବାସ୍ୟା ଅବସରରେ ପାଲିଙ୍କି ସହ ସ୍ନାନ ପାଇଁ ଅନୁମତି ନ ଦେବାରୁ ଜ୍ୟୋତିଷପୀଠ ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱରାନନ୍ଦ ତିନି ଦିନ ହେଲା ଧାରଣା ଦେଉଛନ୍ତି । ସେ ପ୍ରଶାସନ ଏବଂ ସରକାରଙ୍କ ସହ ମୁହାଁମୁହିଁ ହୋଇଛନ୍ତି । ନ୍ୟାୟ ନ କରିବା ପର୍ଯ୍ୟନ୍ତ ଧାରଣା ଜାରି ରଖିବେ ବୋଲି କହିଛନ୍ତି । ଏପରି ସମୟରେ ପ୍ରଶାସନ ତାଙ୍କୁ ନୋଟିସ ଜାରି କରିଛି । ସେ ପ୍ରକୃତ ଶଙ୍କରାଚାର୍ଯ୍ୟ ବୋଲି ପ୍ରମାଣ ଦେବାକୁ ୨୪ ଘଣ୍ଟା ସମୟ ଦେଇଛି । ସୂଚନା ଅନୁଯାୟୀ, ଜ୍ୟୋତିଷପୀଠର ପଦବୀକୁ ନେଇ ଅବିମୁକ୍ତେଶ୍ୱରାନନ୍ଦ ଏବଂ ବାସୁଦେବାନନ୍ଦଙ୍କ ମଧ୍ୟରେ ବିବାଦ ରହିଛି । ଏବେ ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି । ରାୟ ନ ଆସିବା ପର୍ଯ୍ୟନ୍ତ କାହାକୁ ଶଙ୍କରାଚାର୍ଯ୍ୟ ଘୋଷଣା କରାଯିବ ନାହି ବୋଲି ସୁପ୍ରିମକୋର୍ଟ କହିଥିଲେ । ଏହାକୁ ଆଧାର କରି ପ୍ରଶାସନ ଅବିମୁକ୍ତେଶ୍ୱରାନନ୍ଦଙ୍କୁ ନୋଟିସ ଜାରି କରିଛି । ଏବେ ସେ କହିଛନ୍ତି ଯେ ସୁପ୍ରିମକୋର୍ଟଙ୍କ କାନ୍ଧରେ ବନ୍ଧୁକ ରଖି ପ୍ରଶାସନ ଯେଉଁ ଭୁଲ କରିଛି ଏମାନେ ତାହାର ପିଛା କରୁଛନ୍ତି । ସୁପ୍ରିମକୋର୍ଟଙ୍କ ମିଥ୍ୟା ଆଧାର ଦେଇ ଏହି ଲୋକେ କେତେ ଦିନ ପର୍ଯ୍ୟନ୍ତ ବଞ୍ଚି ରହିବେ? ସରକାର ନିଜେ ମହାକୁମ୍ଭକୁ ନେଇ ଏକ ପତ୍ରିକା ଛାପି ଥିଲେ । ଏଥିରେ ମୋତେ ଶଙ୍କରାଚାର୍ଯ୍ୟ କୁହାଯାଇଥିଲା । କିଏ ଶଙ୍କରାଚାର୍ଯ୍ୟ ହେବେ ତାହା ରାଜ୍ୟର ମୁଖ୍ୟମନ୍ତ୍ରୀ କିମ୍ବା ଦେଶର ରାଷ୍ଟ୍ରପତି ସ୍ଥିର କରିପାରିବେ ନାହିଁ ।



**■ ଅବିମୁକ୍ତେଶ୍ୱରାନନ୍ଦଙ୍କୁ ସରକାରଙ୍କ ନୋଟିସ**
**■ ୨୪ ଘଣ୍ଟାରେ ଶଙ୍କରାଚାର୍ଯ୍ୟ ହେବାର ପ୍ରମାଣ ଦିଅନ୍ତୁ**

ରାଷ୍ଟ୍ରପତିଙ୍କ ପାଖରେ ମଧ୍ୟ ଶଙ୍କରାଚାର୍ଯ୍ୟ ସ୍ଥିର କରିବାର ଅଧିକାର ନାହିଁ ।

ଅବିମୁକ୍ତେଶ୍ୱରନାନ୍ଦ କହିଛନ୍ତି ଯେ ଅନ୍ୟ ତିନୋଟି ପୀଠର ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଗ୍ରହଣୀୟ ହେଲେ ତାଙ୍କୁ ଶଙ୍କରାଚାର୍ଯ୍ୟ କୁହାଯାଏ । ଦ୍ୱାରକା ଓ ଶୃଙ୍ଗେରିର ଶଙ୍କରାଚାର୍ଯ୍ୟ ମୋତେ ମାନ୍ୟତା ଦେଇଛନ୍ତି । ଏହାଠାରୁ ଆଉ କଣ ପ୍ରମାଣ ଆବଶ୍ୟକ ବୋଲି ଅବିମୁକ୍ତେଶ୍ୱରାନନ୍ଦ ପ୍ରଶ୍ନ କରିଛନ୍ତି । କିଏ ଶଙ୍କରାଚାର୍ଯ୍ୟ ହେବ ତାହାର ନିଷ୍ପତ୍ତି ପ୍ରଶାସନ ନେଇପାରିବ ନାହିଁ? ଶଙ୍କରାଚାର୍ଯ୍ୟଙ୍କ ସମ୍ପର୍କରେ ଶଙ୍କରାଚାର୍ଯ୍ୟ ହିଁ ନିଷ୍ପତ୍ତି ନେଇଥାନ୍ତି । ପୁରୀର ଶଙ୍କରାଚାର୍ଯ୍ୟ ଏହା ଉପରେ କିଛି ମନ୍ତବ୍ୟ ଦେଇନାହାନ୍ତି । ସେ ନୀରବ ଅଛନ୍ତି । ସୁପ୍ରିମକୋର୍ଟ ମଧ୍ୟ ତାଙ୍କଠାରୁ କୌଣସି ମତାମତ ଲୋଡ଼ି ନ ଥିଲେ । ସେ ମଧ୍ୟ ମୌନ ଭାବେ ସମ୍ମତି ଦେଉଛନ୍ତି । ତେଣୁ ଅବିମୁକ୍ତେଶ୍ୱରାନନ୍ଦ ନିଜକୁ ନିର୍ବିବାଦୀୟ ଶଙ୍କରାଚାର୍ଯ୍ୟ କହିଛନ୍ତି ।

ସୂଚନାଯୋଗ୍ୟ ଯେ ମୌନି ଅମାବାସ୍ୟ ଦିନ ପାଲିଙ୍କି ସହ ସ୍ନାନ ପାଇଁ ପ୍ରଶାସନ ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରାନନ୍ଦଙ୍କୁ ଅନୁମତି ଦେଇ ନ ଥିଲା । ଚାଲି ଯିବାକୁ କହିଥିଲା ଏହାକୁ ନେଇ ବିବାଦ ହୋଇଥିଲା । ଶଙ୍କରାଚାର୍ଯ୍ୟଙ୍କ ଅନୁଗାମୀ ଏବଂ ପୁଲିସ ମୁହାଁମୁହିଁ ହୋଇଥିଲେ । ପୁଲିସ ସମସ୍ତ ସୀମା ଉଲ୍ଲଙ୍ଘନ କରି ସାଧୁସନ୍ଥଙ୍କ ଚୁଟି ଭିଡ଼ି ମାଡ଼ ମାରିଥିବାର ଭିଡିଓ ଭାଇରାଲ ହୋଇଥିଲା । ଏହି ଘଟଣା ପାଇଁ ଅବିମୁକ୍ତେଶ୍ୱରନାନ୍ଦ ଉତ୍ତର ପ୍ରଦେଶ ସରକାରଙ୍କୁ ଦାୟୀ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏପରି ହେଉଥିବା କହିଥିଲେ ।

## ବାଂଲାଦେଶକୁ ପରିବାର ନେଇ ପାରିବେନି ଭାରତୀୟ ରାଷ୍ଟ୍ରଦୂତ

ନୂଆଦିଲ୍ଲୀ, ୨୦ା୧ (ଏଜେନ୍ସି): ଭାରତୀୟ ରାଷ୍ଟ୍ରଦୂତ ଏବଂ ଅନ୍ୟ ଅଧିକାରୀ ଏଥର ବାଂଲାଦେଶକୁ ନିଜ ପରିବାର ସଦସ୍ୟଙ୍କୁ ନେଇ ଯାଇପାରିବେ ନାହିଁ । ବାଂଲାଦେଶକୁ ଭାରତ 'ଅଣ-ପାରିବାରିକ' କୂଟନୈତିକ ନିଯୁକ୍ତି ତାଲିକାରେ ରଖିଛି । ପୂର୍ବରୁ ଆଫଗାନିସ୍ତାନ, ପାକିସ୍ତାନ, ଇରାକ, ଦକ୍ଷିଣ ସୁଦାନ ଏହି ତାଲିକାରେ ଥିଲା । ଚଳିତ ମାସରୁ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇଛି । ବାଂଲାଦେଶରେ ନିଯୁକ୍ତ ରାଷ୍ଟ୍ରଦୂତ ଏବଂ ଅଧିକାରୀଙ୍କ ପରିବାର ଫେରି ଆସିଛନ୍ତି ।

## ସୁପ୍ରିମକୋର୍ଟଙ୍କୁ ଜଣାଇଲେ ଇସି:ସବୁ ରାଜ୍ୟ ପାଇଁ ଏସଆଇଆର ପ୍ରକ୍ରିୟା ଅଲଗା ଅଲଗା

ନୂଆଦିଲ୍ଲୀ, ୨୦ା୧ (ଏଜେନ୍ସି):ଭୋଟର ତାଲିକାର ସ୍ୱତନ୍ତ୍ର ଯାଞ୍ଚ ପ୍ରକ୍ରିୟା ତଥା ଏସଆଇଆରରେ ନାମ କଟିଥିବା ବ୍ୟକ୍ତିଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ଅଭିଯୋଗ ମିଳିନାହିଁ । ପଶ୍ଚିମବଙ୍ଗ ଭଳି କୌଣସି ଗୋଟିଏ ରାଜ୍ୟ ମାମଲାର ତଥ୍ୟ ଉଠାଇ ତାହାକୁ ଅନ୍ୟ ରାଜ୍ୟର ଏସଆଇଆର ପ୍ରକ୍ରିୟାରେ ଲାଗୁ କରିବା ଭୁଲ୍ ହେବ । କାରଣ ପ୍ରତ୍ୟେକ ରାଜ୍ୟରେ ଏସଆଇଆର ଅଲଗା ଅଲଗା ହୋଇଥାଏ । ନିର୍ବାଚନ କମିଶନ (ଇସି) ପକ୍ଷରୁ ମଙ୍ଗଳବାର ସୁପ୍ରିମକୋର୍ଟରେ ଏହା କୁହାଯାଇଛି । ଜବରଦସ୍ତି କିମ୍ବା ଅତ୍ୟଧିକ ଯାଞ୍ଚ ଅଭିଯୋଗକୁ ଇସି ଖାରଜ କରିଦେଇଛନ୍ତି । ଇସିଙ୍କ ପକ୍ଷରୁ ବରିଷ୍ଠ ଓକିଲ କହିଥିଲେ ଯେ କୌଣସି ବି ସ୍ତରରେ ପୁଲିସ ସାମିଲ ନ ଥିଲା । କେବଳ ବିଏଲଓ ଘରକୁ ଘର ଯାଇ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିଥିଲେ । ୨୦୨୫ ଜୁନ ପୁରୁଣା ଭୋଟର ତାଲିକାରେ ଯେଉଁମାନଙ୍କର ନାମ ଥିଲା ସେମାନଙ୍କୁ କେବଳ ଗୋଟିଏ ସୂଚନା ଦେବାକୁ ପଡ଼ିବ । ପୂର୍ବ ଭୋଟର ତାଲିକାରେ ତାଙ୍କ ବାପାମାଆଙ୍କ ନାମ ଥିବା ଦର୍ଶାଇବାକୁ ହେବ । ଏପରି କରିଦେଲେ ସେମାନଙ୍କୁ ବୈଧ ଧରାଯିବ ।

## ମୁର୍ଶିଦାବାଦରେ କେନ୍ଦ୍ରୀୟ ବାହିନୀ ମୁତୟନ କର

କୋଲକାତା, ୨୦ା୧ (ଏଜେନ୍ସି): ଝାଡ଼ଖଣ୍ଡରେ ବଙ୍ଗୀୟ ଶ୍ରମିକଙ୍କୁ ହତ୍ୟା ପରେ ପଶ୍ଚିମବଙ୍ଗ ମୁର୍ଶିଦାବାଦର ବେଲଡାଙ୍ଗାରେ ହିଂସା ହୋଇଛି । ଏହି ଜିଲ୍ଲାରେ ଆଇନ ବ୍ୟବସ୍ଥା ସ୍ଥିତି ବଜାୟ ରଖିବା ପାଇଁ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ମୁତୟନ କରିବାକୁ କଲକାତା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ଥିବା କେନ୍ଦ୍ରୀୟବାହିନୀର ପ୍ରଭାବୀ ବ୍ୟବହାରକୁ ମୁଖ୍ୟ ବିଚାରପତି ସୁଜୋୟ ପାଲ ଏବଂ ଜଷ୍ଟିସ ପାର୍ଥ ସାରଥି ସେନଙ୍କ ଖଣ୍ଡପୀଠ ପ୍ରାଧାନ୍ୟ ଦେଇଛନ୍ତି । ସ୍ଥିତିର ମୁକାବିଲା ପାଇଁ କେନ୍ଦ୍ରୀୟ ବାହିନୀର ଆବଶ୍ୟକତା ଥିବା ଉଲ୍ଲେଖ କରିଛନ୍ତି । ଏହା ସହିତ ଲୋକଙ୍କ ଜୀବନ, ଜୀବିକା ଏବଂ ସମ୍ପତ୍ତିର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ହାଇକୋର୍ଟ ଏସ୍‌ପି ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ମୁମ୍ବାଇ ଭଳି ଆକ୍ରମଣ ପାଇଁ ଲସ୍କରର ପ୍ରସ୍ତୁତି

ନୂଆଦିଲ୍ଲୀ, ୨୦ା୧ (ଏଜେନ୍ସି): ଆତଙ୍କବାଦୀକୁ ରାଷ୍ଟ୍ରନୀତି କରିଥିବା ପାକିସ୍ତାନ ଭାରତ ବିରୋଧରେ କ୍ରମାଗତ ଭାବେ ଷଡ଼ଯନ୍ତ୍ର କରିଚାଲିଛି । ପାକିସ୍ତାନ ଗୁଇନ୍ଦା ଏଜେନ୍ସି ଆଇଏସଆଇ ସମର୍ଥନରେ ଏଥିପାଇଁ ଆତଙ୍କବାଦୀ ସଂଗଠନ ଗୁଡ଼ିକ ପ୍ରୟାସ କରୁଛନ୍ତି । ଭାରତର ବିଭିନ୍ନ ସ୍ଥାନରେ ମୁମ୍ବାଇ ଭଳି ଆକ୍ରମଣ କରିବାକୁ ଆତଙ୍କବାଦୀ ଯୋଜନା କରୁଛନ୍ତି । ଏବେ ଏହାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି । ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା (ଏଲଇଟି)ର ଏହି ଭିଡିଓ ଭାରତୀୟ ସୁରକ୍ଷା ଏଜେନ୍ସିଗୁଡ଼ିକର ଚିନ୍ତା ବଢ଼ାଇ ଦେଉଛି । ଏହି ଭିଡିଓରେ ଦେଖିବାକୁ ମିଳୁଛି ଯେ ଏଲଇଟି ଏବଂ ଏହାର ରାଜନୈତିକ ଶାଖା ପାକିସ୍ତାନ ମର୍କଜ ମୁସଲିମ ଲିଗ୍ ସହ ଜଡିତ ବ୍ୟକ୍ତି ଜଳପଥରେ ଆକ୍ରମଣ ପାଇଁ ଆତଙ୍କବଦୀଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି । ସମୁଦ୍ର ପଥରେ ଡଙ୍ଗା ମାଧ୍ୟମରେ ଲମ୍ବା ଯାତ୍ରା ପାଇଁ ଅଭ୍ୟାସ କରାଯାଉଛି । ଏହି ଆତଙ୍କବାଦୀ ସଂଗଠନ ସାମୁଦ୍ରିକ ଆକ୍ରମଣ ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ ପ୍ରସ୍ତୁତ କରୁଛି । ୨୦୦୮ରେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣକାରୀ ମଧ୍ୟ ଡଙ୍ଗା ମାଧ୍ୟମରେ ସମୁଦ୍ର ପଥ ଦେଇ ଆସିଥିଲେ । ତେଣୁ ଏହି ଭିଡିଓକୁ ଗମ୍ଭୀରତାର ସହ ବିଚାର କରାଯାଉଛି । ପୂର୍ବରୁ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ (ଜେଇଏମ) ମୁଖ୍ୟ ମାସୁଦ ଆଝାର ଭାରତକୁ ଧମକ ଦେଇଥିଲା । ସେ ଏକ ଭିଡିଓରେ ଭାରତରେ ଆକ୍ରମଣ ପାଇଁ ଆତ୍ମଘାତୀଙ୍କ ସେନା ପ୍ରସ୍ତୁତ କରିଥିବା କହିଥିଲା । ଏବେ ଏଲଇଟିର ଭିଡିଓ ଭାଇରାଲ ହେଉଛି । ଏଥିରେ ଏଲଇଟି କମାଣ୍ଡର ହରିଶ ଡାର ଆତଙ୍କବାଦୀକୁ ପ୍ରଶିକ୍ଷଣ ଦେଉଥିବା ଦେଖାଯାଉଛି । ସେ ସ୍କୁବା ଡାଇଭିଂ, ପହଁରା, ଡଙ୍ଗା ପରିଚାଳନା ଓ ଉଦ୍ଧାର ଭଳି କାର୍ଯ୍ୟକଳାପ ବିଷୟରେ ସୂଚନା ଦେଉଛି । ଅନ୍ୟ ଜଣେ ଲସ୍କର କମାଣ୍ଡର କହୁଛି ଯେ ସଂଗଠନ ଏକ ଜଳ ବାହିନୀ ପ୍ରସ୍ତୁତ କରୁଛି । ୧୩୫ ଜଣଙ୍କୁ ଡଙ୍ଗା ଚଳାଇବା ପାଇଁ ତାଲିମ ଦିଆଯାଇଛି । କିଛି ଦିନ ତଳେ ଏଲଇଟି କମାଣ୍ଡର ଆମିର ଜିଆ ଭାରତରେ ବିନାଶ ଓ ପାକ୍ ଅଧିକୃତ କାଶ୍ମୀରରେ ଜିହାଦ ଆରମ୍ଭ କରିବାକୁ ଧମକ ଦେଇଥିଲା ।

**ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରୁଛି ଏଲ୍‌ଇଟି**

# ଅଶ୍ଳୀଳ ଭିଡିଓ ଭାଇରାଲ ପରେ କର୍ଣ୍ଣାଟକ ଡିଜିପି ନିଲମ୍ବିତ

ବେଙ୍ଗାଲୁରୁ, ୨୦ା୧ (ଏଜେନ୍ସି): ଅଶ୍ଳୀଳ ଭିଡିଓ ଭାଇରାଲ ହେବା ପରେ କର୍ଣ୍ଣାଟକ ଡିଜିପି (ସିଭିଲ ରାଇଟ୍ସ ଏନଫୋର୍ସମେଣ୍ଟ) କେ ରାମଚନ୍ଦ୍ର ରାଓଙ୍କୁ ସରକାର ନିଲମ୍ବନ କରିଦେଇଛନ୍ତି । ସୋମବାର ଭାଇରାଲ ହୋଇଥିବା ଭିଡିଓରେ ରାମଚନ୍ଦ୍ର ରାଓଙ୍କୁ ଅନେକ ମହିଳାଙ୍କ ସହ ଆପତ୍ତି ଜନକ ଅବସ୍ଥାରେ ଦେଖା ଯାଇଥିଲା । ମାତ୍ର ସେ ଏହି ଭିଡିଓକୁ ନକଲି କହି ଖଣ୍ଡନ କରିଦେଇଥିଲେ । ଏଆଇ ଦ୍ୱାରା ଅନେକ ଭିଡିଓ ପ୍ରସ୍ତୁତ କରିହେବ ବୋଲି ଉଲ୍ଲେଖ କରିଥିଲେ । ଭାବମୂର୍ତ୍ତିକୁ ଖରାପ କରିବା ପାଇଁ ଏହା ଏକ ଷଡ଼ଯନ୍ତ୍ର ବୋଲି କହିଛନ୍ତି । ଭିଡିଓ ପଛର ସତ୍ୟତା ଉନ୍ମୋଚନ ପାଇଁ ଫରେନସିକ୍ ତଦନ୍ତ ଦାବି କରିଥିଲେ । କିନ୍ତୁ ସରକାର ତାଙ୍କର ଏହି ଯୁକ୍ତିକୁ ସ୍ୱୀକାର କରିନାହାନ୍ତି ।

ଭିଡିଓ ଭାଇରାଲ ହେବା ପରେ ରାମଚନ୍ଦ୍ର ରାଓ କର୍ଣ୍ଣାଟକର ଗୃହମନ୍ତ୍ରୀ ଜି. ପରମେଶ୍ୱରଙ୍କୁ ଭେଟିବାକୁ ଯାଇଥିଲେ । ମାତ୍ର ସେଠାରୁ ତାଙ୍କୁ ସାକ୍ଷାତ କରି ନ ପାରି ଫେରି ଆସିଥିଲେ । ସାମାଜିକ ଗଣମାଧ୍ୟମରେ ଭାଇରାଲ ଭିଡିଓରେ ଦେଖାଯାଉଛି ଯେ ଚୌକିରେ ବସିଥିବା ରାମଚନ୍ଦ୍ରଙ୍କୁ ଆପତ୍ତିଜନକ ସ୍ଥିତିରେ ଅନେକ ମହିଳା



ଘେରି ରହିଛନ୍ତି । ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଏହି ମାମଲାରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ସେ ଏହାର ଏକ ବିସ୍ତୃତ ରିପୋର୍ଟ ମାଗିଛନ୍ତି । ସିଦ୍ଧରମେୟା କହିଛନ୍ତି ଯେ ତାଙ୍କୁ ସୋମବାର ଭିଡିଓ ବିଷୟରେ ଅବଗତ କରାଯାଇଥିଲା । ଏଥିରେ ତିନୋଟି ଭିଡିଓକୁ ଏକାଠି ଯୋଡ଼ା ହୋଇଛି । ଭୁଲ ଥିଲେ ଅଧିକାରୀ ଯେତେ ବରିଷ୍ଠ ହେଲେ ବି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ । ଭିଡିଓଟି କେଉଁ ପରିସ୍ଥିତିରେ ରେକର୍ଡ କରାଯାଇଥିଲା ଓ କିଏ ଏହାକୁ ଭାଇରାଲ କରିଥିଲା ତାହାର ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ ରାଓଙ୍କ ସାବତ ଝିଅ ରନ୍ୟା ରାଓ ପୂର୍ବରୁ ସୁନା ଚୋରା ଚାଲାଣ ମାମଲାରେ ଫସି ଥିଲେ । ଏହାକୁ ନେଇ ରାମଚନ୍ଦ୍ର ରାଓ ଚର୍ଚ୍ଚାରେ ଥିଲେ । ତେବେ ଝିଅ ସହ ତାଙ୍କର କୌଣସି ସମ୍ପର୍କ ନ ଥିବା କହିଥିଲେ । ସେହିପରି ରାଓ ଦକ୍ଷିଣ ରେଞ୍ଜର ପୁଲିସ ମହାନିରୀକ୍ଷକ (ଆଇଜିପି) ଭାବରେ କାର୍ଯ୍ୟ କରୁଥିବା ବେଳେ ୨୦୧୪ରେ ତାଙ୍କ ବିରୋଧରେ ବିବାଦୀୟ ଟଙ୍କା ଜବତ ମାମଲା ଲାଗିଥିଲା ।

## ଆସାମରେ ହିଂସା; ଥାନା ଜାଳିଦେଲେ, କୋକରାଝରରେ ଇଣ୍ଟରନେଟ୍ ବନ୍ଦ

କୋକରାଝର, ୨୦ା୧ (ଏଜେନ୍ସି): ନିର୍ବାଚନ ପୂର୍ବରୁ ଆସାମରେ ପୁଣି ହିଂସା ହୋଇଛି । ଲୋକେ ଜଣକୁ ପିଟି ପିଟି ମାରି ଦେବା ପରେ କୋକରାଝାରରେ ବୋଡୋ ସମୁଦାୟ ଏବଂ ଆଦିବାସୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି । ଏହାକୁ ନେଇ ଉଭୟ ସମ୍ପ୍ରଦାୟ ଘର ଏବଂ କରିଗାଓଁ ପୁଲିସ ପୋଷ୍ଟକୁ ଜାଳି ଦେଇଛନ୍ତି । ଲୋକେ ଟାୟାର ଜାଳି କରିଗାଁଓ ଦେଇ ଯାଇଥିବା ଜାତୀୟ ରାଜପଥ ବନ୍ଦ କରିଦେଇଛନ୍ତି । ଆଇନ ବ୍ୟବସ୍ଥା ସ୍ଥିତି ବିଗିଡୁଥିବା ଦେଖି ପ୍ରଶାସନ ର୍ୟାପିଡ ଆକ୍ସନ ଫୋର୍ସକୁ ମୁତୟନ କରିଛି । ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଇଣ୍ଟରନେଟକୁ ବନ୍ଦ କରିଦିଆଯାଇଛି । ସୂଚନା ଅନୁଯାୟୀ, ସୋମବାର ରାତିରେ କରିଗାଓଁ ଛକ ନିକଟସ୍ଥ ମାନସିଂହ ମାର୍ଗରେ ଗୋଟିଏ ଗାଡ଼ି ଦୁଇ ଆଦିବାସୀ ଯୁବକଙ୍କୁ ଧକ୍କା ଦେଇଥିଲା । ଏହି କାର୍‌ରେ ବୋଡୋ ସମ୍ପ୍ରଦାୟର ତିନି ଜଣ ଲୋକ ଥିଲେ । ଦୁର୍ଘଟଣା ପରେ କାର୍‌ରେ ଯାଉଥିବା ଲୋକଙ୍କୁ ଆଦିବାସୀ ମାଡ଼ ମାରି ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ । ଏଥିରେ ଗୁରୁତର ଆହତ ହୋଇଥିବା ଜଣେ ବ୍ୟକ୍ତି ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇ ଥିଲେ । ସେ ଠିକାଦାର ମରାଣ୍ଡା ବସୁମତାରିଙ୍କ ଜ୍ୱାଇଁ ଥିଲେ । ସେ ଅଞ୍ଚଳରେ ଚାଲୁଥିବା ସଡ଼କ ନିର୍ମାଣ ପ୍ରକଳ୍ପରେ ସାମିଲ ଥିଲେ ।

## ଖୁବଶୀଘ୍ର ପାକିସ୍ତାନ ଗଠନର ଲକ୍ଷ୍ୟ ହାସଲ ହେବ: ମୁନୀର

ଇସଲାମାବାଦ, ୨୦ା୧ (ଏଜେନ୍ସି): ଇସଲାମ ନାମରେ ଗଠିତ ପାକିସ୍ତାନ ଖୁବଶୀଘ୍ର ନିଜ ଲକ୍ଷ୍ୟ ପୂରଣ କରିବାକୁ ଯାଉଛି । ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନୀର ଏକ ସାକ୍ଷାତକାରରେ ରବିବାରଏହି ଟିପ୍ପଣୀ ଦେଇଛନ୍ତି । ଏହି ଅବସରରେ ସେ ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ନାତି ଜୁନୈଦ ସଫଦରଙ୍କ ବିବାହ ଭୋଜିରେ ସାମିଲ ହେବାକୁ ଆସିଥିଲେ । ଏଥିରେ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ, ନୱାଜ ସରିଫ, ମରିୟମ ନୱାଜ, ଅନେକ ବରିଷ୍ଠ ନେତା, ମନ୍ତ୍ରୀ ଏବଂ ସାମରିକ ଅଧିକାରୀ ଉପସ୍ଥିତ ଥିଲେ । ଏଠାରେ ମୁନୀର କହିଥିଲେ ଯେ ପାକିସ୍ତାନର ମୂଳଦୁଆ ହେଉଛି ଇସଲାମ । ଦେଶ ସ୍ଥିର ଭାବରେ ନିଜର ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଛି । ବିଶ୍ୱର ଇସଲାମିକ ଦେଶଗୁଡ଼ିକ ପାକିସ୍ତାନକୁ ଚିହ୍ନିଛନ୍ତି । ଆଲ୍ଲାହଙ୍କ କୃପା ସହିତ ଆମେ ଆଗକୁ ବଢ଼ୁଛୁ । ଲକ୍ଷ୍ୟ ହାସଲରେ ଆମେ ସଫଳ ହେବୁ । ବିଶ୍ୱ ସ୍ତରରେ ପାକିସ୍ତାନ ଆର୍ଥିକ ପ୍ରଭାବ ଏବଂ ସ୍ଥିତିରେ ଯଥେଷ୍ଟ ଉନ୍ନତି ହୋଇଛି । ଯଦି ବ୍ୟକ୍ତିଗତ ଭାବରେ ମୋତେ କୌଣସି ପ୍ରଶଂସା ମିଳୁଛି ତେବେ ତାହା ଆଲ୍ଲାଙ୍କ କୃପାରୁ ସମ୍ଭବ ହୋଇପାରିଛି । ମୁନୀରଙ୍କ ଏହି ମନ୍ତବ୍ୟକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଯୋଡ଼ି ଦେଖାଯାଉଛି । ପାକିସ୍ତାନରେ ଥିବା ଖଣିଜ ସମ୍ପତ୍ତି ଦେବାକୁ ମୁନୀର ଟ୍ରମ୍ପଙ୍କୁ ଆଶ୍ୱାସନା ଦେଇଥିଲେ ବୋଲି କୁହାଯାଉଛି ।

# ନିବେଶ ଆଳରେ ୨କୋଟିର ଚୂନ

କଟକ,୨୦।୧(ସମିସ): ସୋସିଆଲ ମିଡିଆରେ ଯୋଗାଯୋଗ ସ୍ଥାପନ କରି ହ୍ୱାଟସଆପ୍ ଗ୍ରୁପ୍ ଜରିଆରେ ଅନଲାଇନ ଅର୍ଥ ବିନିଯୋଗ ନାଁରେ ହେଉଥିବା ବଡ଼ଧରଣର ସାଇବର ଠକେଇ ଘଟଣାରେ ଓଡ଼ିଶା କ୍ରାଇମବ୍ରାଞ୍ଚକୁ ଏକ ବଡ଼ ସଫଳତା ମିଳିଛି। ଦୁଇଟି ପୃଥକ ମାମଲାରେ କ୍ରାଇମବ୍ରାଞ୍ଚ ଦଳ ଉତ୍ତରାଖଣ୍ଡ ଏବଂ ମହାରାଷ୍ଟ୍ରରୁ ଦୁଇଜଣ




ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଧିକ ସୁଧର ପ୍ରଲୋଭନ ଦେଖାଇ ଦୁଇ ଅଭିଯୁକ୍ତ ନିରୀହ ଲୋକଙ୍କଠାରୁ ପ୍ରାୟ ୨ କୋଟିରୁ ଅଧିକ ଟଙ୍କା ଠକେଇ କରିଥିଲେ। ଗିରଫଦ୍ୱୟ ହେଲେ, ଉତ୍ତରାଖଣ୍ଡ ଡେରାଡୁନ ବିକାଶ ନଗରର ଅଭିଷେକ ଚାନ୍ଦେଲ(୩୯) ଓ ମହାରାଷ୍ଟ୍ର ଅନ୍ଧେରୀର ମହିଳା ଅଭିଯୁକ୍ତ ଜିନାଲି ଜଗଦୀଶ ଶାହ(୩୨)।

ଅଭିଷେକ ସୋସିଆଲ ମିଡିଆ ଜରିଆରେ ଲୋକଙ୍କୁ ଯୋଗାଯୋଗ କରି ପ୍ରଲୋଭନ ଦେଖାଉଥିଲା। ଯିଏ ତା' ଜାଲରେ ଫସୁଥିଲା, ତାହାର ଆକାଉଣ୍ଟ ଖାଲି କରିଦେଉଥିଲା। ସେ ନିବେଶକାରୀଙ୍କୁ 'କଲେକ୍ସନ ଷ୍ଟାଇଲ' ନାମକ ଏକ ହ୍ୱାଟସଆପ୍ ଗ୍ରୁପରେ ସାମିଲ କରୁଥିଲା। ଏଭଳି ଭାବେ ସେ ପ୍ରାୟ ୭୩ ଲକ୍ଷ ୫୬ ହଜାର ୩୫୪ଟଙ୍କା ଠକି ନେଇଥିଲା। ପ୍ରଥମ ଘଟଣାରେ, କ୍ରାଇମବ୍ରାଞ୍ଚର ସାଇବର ପୁଲିସ ଥାନାରେ ମାମଲା ରୁଜୁ ହୋଇଥିଲା। ଇନ୍ସପେକ୍ଟର ଗୀତାଞ୍ଜଳି ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ଡେରାଡୁନରେ ଚଢ଼ଉ କରି ଅଭିଯୁକ୍ତଙ୍କୁ ଧରିଥିଲେ। ଅଭିଯୁକ୍ତ ନିକଟରୁ ମୋବାଇଲ୍ ଫୋନ୍ ଏବଂ ସିମ୍‌କାର୍ଡ ଜବତ କରାଯାଇଛି। ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଣାଯିବା ପରେ ତାଙ୍କୁ ଚଣ୍ଡିଖୋଲ ଜେଏମଏଫସି କୋର୍ଟରେ ହାଜର

**ଉତ୍ତରାଖଣ୍ଡ ଓ ମହାରାଷ୍ଟ୍ରରୁ ୨ଅଭିଯୁକ୍ତ ଗିରଫ**

କରାଯିବ। ଦ୍ୱିତୀୟ ମାମଲାରେ ଅଭିଯୁକ୍ତ ମହାରାଷ୍ଟ୍ର ଥାନେ ଅଞ୍ଚଳର ଜିନାଲି ପୂର୍ବପରି ଏଠାରେ ମଧ୍ୟ ସୋସିଆଲ ମିଡିଆ ଏବଂ ହ୍ୱାଟସଆପ୍ ଗ୍ରୁପ୍ ମାଧ୍ୟମରେ ପୀଡ଼ିତଙ୍କୁ ଫସାଯାଇଥିଲା। ଆଇପିଓ ଓ ଓଟିସି ଟ୍ରେଡିଂ ନାମରେ ନିବେଶ କରିଲେ ବହୁତ ଲାଭ ହେବ ବୋଲି ପ୍ରଲୋଭନ ଦେଖାଇଥିଲା। ପୀଡ଼ିତ ପ୍ରାୟ ୧ କୋଟି ୪୦ଲକ୍ଷ ଟଙ୍କା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ପଠାଇ ଆଉ ଫେରିନପାଇବାରୁ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଏହି ମାମଲାରେ ଇନ୍ସପେକ୍ଟର ଆଶୁତୋଷ ହୋତାଙ୍କ ନେତୃତ୍ୱରେ ଏକ ଟିମ୍ ମୁମ୍ବାଇରେ ଚଢ଼ଉ କରି ଜିନାଲିଙ୍କୁ ଗିରଫ କରିଥିଲେ । ଅଭିଯୁକ୍ତଙ୍କୁ ଭୁବନେଶ୍ୱର ଏସଡିଜେଏମ କୋର୍ଟରେ ହାଜର କରାଯିବ।

**ଲୋକଙ୍କୁ ହଜମ ହେଉନାହିଁ ସଂସ୍କୃତି ବିଭାଗର ବାଛବିଚାର**

# ରମାଦେବୀଙ୍କୁ ଭୁଲିଥିଲେ, ପାର୍ବତୀ ଗିରିଙ୍କୁ ବି ଭୁଲିଗଲେ

ଭୁବନେଶ୍ୱର, ୨୦।୧ (ସମିସ): ମା' ରମାଦେବୀଙ୍କ ୧୨୫ତମ ଜନ୍ମ ବାର୍ଷିକୀକୁ ବର୍ଷ ବ୍ୟାପୀ ଭବ୍ୟ ଉତ୍ସବ ରୂପେ ପାଳନ କରିବାକୁ ଘୋଷଣା କରି ବି ଶେଷ ମୁହୂର୍ତ୍ତରେରାଜ୍ୟ ସରକାର ଭୁଲିଗଲେ। ଯାହାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟ ବିଧାନସଭା ଭିତରେ ଏବଂ ବାହାରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏହାପରେ ସରକାର ନିଜ ତ୍ରୁଟିରୁ ଶିକ୍ଷାଲାଭ କରିବେ ବୋଲି ସାଧାରଣରେ ଏକ ଧାରଣା ସୃଷ୍ଟି ହୋଇଥିଲା। ମାତ୍ର ସାଧାରଣ ଲୋକଙ୍କ ଏହି ଧାରଣା ଭୁଲ ସାବ୍ୟସ୍ତ ହୋଇଛି। ପୂର୍ବ ତ୍ରୁଟିରୁ ସଂସ୍କୃତି ବିଭାଗ କିଛି ଶିଖି ପାରିଲା ନାହିଁ । ମା' ରମାଦେବୀଙ୍କ ପରି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀକୁ ନେଇ ମଧ୍ୟ ସମାନ ଆଭିମୁଖ୍ୟ ପୋଷଣ କରିଛନ୍ତି। ସୋମବାର ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀରେ ଶ୍ରଦ୍ଧାଞ୍ଜଳି କେବଳ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୀମିତ ରହିଛି। ମୁଖ୍ୟମନ୍ତ୍ରୀ, ସଂସ୍କୃତିମନ୍ତ୍ରୀ ଟ୍ୱିଟ୍ କରି ପାର୍ବତୀ ଗିରିଙ୍କ ସ୍ମୃତିଚାରଣ କରିଛନ୍ତି; ମାତ୍ର ବିଭାଗ ପକ୍ଷରୁ ପାର୍ବତୀ ଗିରିଙ୍କ ସମ୍ମାନାର୍ଥେ ରାଜ୍ୟସ୍ତରୀୟ ତ ଦୂରର କଥା ରାଜଧାନୀରେ ସାଧାରଣ କାର୍ଯ୍ୟକ୍ରମଟିଏ ଆୟୋଜନ କରାଯାଇ ନାହିଁ। କେବଳ ହାଜିରା ପକାଇବା ପରି ବରଗଡ଼ରେ କାର୍ଯ୍ୟକ୍ରମ ଆୟୋଜନ କରି ସଂସ୍କୃତି ବିଭାଗ ନିଜ କାମ ସାରି ଦେଇଛି। ପାର୍ବତୀ ଗିରିଙ୍କ ଜନ୍ମମାଟି ସମଲାଇ ପଦରରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସରକାରଙ୍କ ଏପରି ଆଭିମୁଖ୍ୟକୁ ନେଇ ବହୁ ବୁଦ୍ଧିଜୀବୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଓଡ଼ିଆ ଅସ୍ମିତାର ଧ୍ୱନୀ ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ପୂଜ୍ୟପୂଜା କ୍ଷେତ୍ରରେ ପାତରଅନ୍ତର କରୁଥିବା ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଓଡ଼ିଶାରେ ପ୍ରଥମଥର ପାଇଁ ଅହଲ୍ୟାବାଇ

**■ ସରକାର ପାଳିଲେ ଅହଲ୍ୟା ବାଇଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**
**■ ବହ୍ନିକନ୍ୟା ପାର୍ବତୀ ଗିରିଙ୍କୁ ଶ୍ରଦ୍ଧାଞ୍ଜଳି ଖାଲି 'ଏକ୍ସ'ରେ ସୀମିତ**
**■ କେବଳ ବରଗଡ଼ ଜିଲ୍ଲାରେ ସୀମିତ ରହିଲା ଜୟନ୍ତୀ କାର୍ଯ୍ୟକ୍ରମ**

ହୋଲକରଙ୍କ ୩୦୦ ତମ ଜୟନ୍ତୀ ଧୁମଧାମରେ ପାଳିଲେ। ଏଥିପାଇଁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କଲେ; ସ୍ୱାଧୀନତା ଆନ୍ଦୋଳନର ବହ୍ନିକନ୍ୟା ପାର୍ବତୀ ଗିରିଙ୍କୁ ପୁରା ପାଶୋରିଗଲେ। ଅସ୍ମିତା ସରକାରଙ୍କର ପୂଜ୍ୟପୂଜା କଣ ଏମିତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବିଗତଦିନରେରାଣୀଅହଲ୍ୟାବାଇହୋଲକରଙ୍କ ୩୦୦ତମ ଜୟନ୍ତୀ ପାଳନ ସକାଶେ ବିଜେପି ରାଜ୍ୟସ୍ତରୀୟ କର୍ମଶାଳା କରିଥିଲଣ। ସରକାରଙ୍କ ସଂସ୍କୃତି ବିଭାଗ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ ଅତିଥି ରୂପେ ଯୋଗ ଦେଇଥିଲେ। ରାଣୀ ହୋଲକର ଓଡ଼ିଶାର ହୋଇ ନ ଥିଲେ ମଧ୍ୟ ସର୍ବଭାରତୀୟସ୍ତରରେ ତାଙ୍କର ଯୋଗଦାନକୁ ମନେ ପକାଇ ତାଙ୍କର ସ୍ମୃତିଚାରଣକୁ ସେତେବେଳେ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲା। ମା ରମାଦେବୀଙ୍କ ବର୍ଷବ୍ୟାପୀ ୧୨୫ତମ ଜନ୍ମବାର୍ଷିକୀ ତଥା ପାର୍ବତୀ ଗିରିଙ୍କ ୧୦୦ତମ ଜୟନ୍ତୀଙ୍କୁ ରାଜ୍ୟ ସରକାର ଧୁମଧାମରେ ପାଳନ କରିବେ ବୋଲି ସେତେବେଳେ ଆଲୋଚନା ହୋଇଥିଲା। ଏପରିକି ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀକୁ ବର୍ଷବ୍ୟାପୀ ପାଳନ ନେଇ ପୂର୍ବରୁ ସରକାର ଘୋଷଣା ମଧ୍ୟ କରିଥିଲେ। ତେବେ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ଦୂରରେ ଥାଉ, ସରକାର ୧୨୬ତମ ଜନ୍ମ ବାର୍ଷିକୀକୁ କଳିଙ୍ଗ ଷ୍ଟାଡିୟମର ଟେନିସ କୋର୍ଟରେ ଆୟୋଜନ କରାଗଲା। ଏହି ଘଟଣାକୁ ନେଇ ସେତେବେଳେ ସରକାରଙ୍କୁ ବିରୋଧୀ ଦଳଙ୍କଠାରୁ ଆରମ୍ଭ କରି ବୁଦ୍ଧିଜୀବି, ସାହିତ୍ୟିକ, ସାଧାରଣ ଲୋକେ କଡ଼ା ସମାଲୋଚନା କରିଥିଲେ। ଏବେ ପାର୍ବତୀ ଗିରିଙ୍କ ଜୟନ୍ତୀ ଶତବାର୍ଷିକୀ ଉତ୍ସବରେ ଅନୁରୂପ ଘଟଣା ଘଟିଛି।

ସୋମବାର ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା ସାମାଜିକ ଗଣମାଧ୍ୟମ ଏକ୍ସରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏକ୍ସରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ। ମାତ୍ର ସଂସ୍କୃତି ବିଭାଗ ଏହାକୁ ପୁରା ଭୁଲିଗଲା। ଏଥିପାଇଁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମଟେ ଆୟୋଜନ କରାଯାଇ ପାରିଲା ନାହିଁ। କିଛିଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ମନ କି ବାତ୍ କାର୍ଯ୍ୟକ୍ରମରେ ପାର୍ବତୀ ଗିରିଙ୍କ କଥା ଉଲ୍ଲେଖ କରିଥିଲେ। ଏହାସତ୍ତ୍ୱେ ରାଜ୍ୟ ସରକାର ତାଙ୍କୁ ଉଚିତ୍ ସମ୍ମାନ ନ ଦେବା ଅତ୍ୟନ୍ତ ପରିତାପ ତଥା ଦୁର୍ଭାଗ୍ୟର କଥା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅଦମ୍ୟ ସାହସ ଓ ଦେଶପ୍ରେମ ଲାଗି ଖୁବ କମ ବୟସରେ ସେ ଘର ଛାଡିଥିଲେ । ମା' ରମାଦେବୀଙ୍କ ପଞ୍ଚକନ୍ୟା ମଧ୍ୟରୁ ଅନ୍ୟତମ ପାର୍ବତୀ ଗିରି ବ୍ରିଟିଶ ବିରୋଧରେ ଲୋକଙ୍କୁ ସଂଗଠିତ କରିଥିଲେ। ବହ୍ନିକନ୍ୟା ନାମରେ ପରିଚିତ ଏପରି ମହିୟସୀ ମହିଳାଙ୍କୁ ସରକାରଙ୍କ ଅସମ୍ମାନ ଆଦୌ ଗ୍ରହଣୀୟ ନୁହେଁ ବୋଲି ବୁଦ୍ଧିଜୀବୀ ମହଲ ମତପ୍ରକାଶ କରିଛନ୍ତି। ଓଡ଼ିଆ ଅସ୍ମିତାର ନାରା ଦେଇ ବିଜେପି ରାଜ୍ୟରେ କ୍ଷମତାକୁ ଆସିଥିଲା। ପ୍ରତିଟି କ୍ଷେତ୍ରରେ ଓଡ଼ିଆଙ୍କ ସ୍ୱାଭିମାନକୁ ସର୍ବାଗ୍ରେ ରଖିବ ବୋଲି ବିଜେପି ନେତାଏ ଘୋଷଣା କରିଥିଲେ। ମାତ୍ର ୧୯ ମାସର ଶାସନରେ ରାଜ୍ୟ ବିଜେପି ସରକାରଙ୍କ ଏପରି କାର୍ଯ୍ୟକଳାପ ସାଧାରଣ ଲୋକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି ।

**ବାପାଙ୍କ ନିବେଦନ କାଟିପାରିଲାନି ପୁଅ**

# ୮ ମାଓସାଥୀଙ୍କ ସହ ବଳଦେବର ଆତ୍ମସମର୍ପଣ

ସିନାପାଲି, ୨୦।୧ (ସମିସ): ବାପାଙ୍କ ଭାବପ୍ରବଣ ଭିଡିଓ ପୁଅକୁ ବାଟକୁ ଆଣିଲା। ହିଂସାର ପଥ ଛାଡ଼ି ଶାନ୍ତିର ପଥରେ ଯୋଗଦେବା ପାଇଁ ନିଜର କିଛି ସହଯୋଗୀଙ୍କ ସହ ପୁଅ ଆଜି ଥାନାରେ ଆତ୍ମସମର୍ପଣ କରିଛି। ସମର୍ପଣକାରୀଙ୍କ ମଧ୍ୟରେ ତାଙ୍କର ସ୍ତ୍ରୀ ମଧ୍ୟ ରହିଥିବା ଜଣାଯାଇଛି। ନୂଆପଡ଼ା ଜିଲ୍ଲା ପଡ଼ୋଶୀ ଛତିଶଗଡ଼ ରାଜ୍ୟର ଗରିଆବନ୍ଦ ଅଞ୍ଚଳରେ ଆଜି ଏପରି ଏକ ଚର୍ଚ୍ଚା ଜୋର୍ ଧରିଛି।

ଛତିଶଗଡ଼ର ଗରିଆବନ୍ଦ ପୁଲିସ ନିକଟରେ ଆଜି ୯ଜଣ କୁଖ୍ୟାତ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏକେ-୪୭, ଏସ୍‌ଏଲ୍‌ଆର ଏବଂ ୩୦୩ ଭଳି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସହ ସେମାନେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ କ୍ୟାଡର୍ ମାଓବାଦୀ ବଳଦେବ ଓରଫ୍ ବାମନବଭୀ ଅଛନ୍ତି। ଦୁଇ



ଦିନ ତଳେ ବଳଦେବଙ୍କ ବାପାଙ୍କ ଏକ ଭାବପ୍ରବଣ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। ସେଥିରେ ସେ ବଳଦେବକୁ ହିଂସାର ପଥ ଛାଡ଼ିବାକୁ ନିବେଦନ କରିଥିଲେ। ଏହାର ଦୁଇ ଦିନ ପରେ ବଳଦେବ ନିଜର ମାଓସାଥୀଙ୍କ ସହ ଆଜି ଗରିଆବନ୍ଦ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସମର୍ପଣ କରିବା ଅବସରରେ ବଳଦେବ କହିଛନ୍ତି ଯେ ବାପାଙ୍କ ଉକ୍ତ ଭିଡିଓ ତାଙ୍କୁ ପରିବାର ପାଖକୁ ଫେରିବାକୁ ବାଧ କରିଥିଲା। ଏହି ମାଓବାଦୀମାନେ ନୂଆପଡ଼ା ଜିଲ୍ଲା ସିନାପାଲି ଉଦନ୍ତୀ ଏରିଆ କମିଟି ଏବଂ ଏସଡିକେ କ୍ଷେତ୍ର କମିଟିର ସକ୍ରିୟ ସଦସ୍ୟ। ଅନ୍ୟପକ୍ଷେ ଏମାନଙ୍କଠାରୁ ଜବତ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ମଧ୍ୟରୁ ଅଧିକାଂଶ ପୂର୍ବରୁ ପୁଲିସ କର୍ମଚାରୀଙ୍କଠାରୁ ଲୁଟ୍ କରାଯାଇଥିଲା। ରାୟପୁର ଆଇଜି ଅମରେଶ ମିଶ୍ର ଏବଂ ଗରିଆବନ୍ଦ ଏସ୍‌ପି ବେଦବ୍ରତ ସିରମୌର କହିଛନ୍ତି ଯେ ଗରିଆବନ୍ଦ ଏବେ ନକ୍ସଲ ନିପାତର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଉ ଯେଉଁମାନେ ଜଙ୍ଗଲରେ ଲୁଚିଛପି ରହିଛନ୍ତି, ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଅନୁରୋଧ କରାଯାଉଛି।

**ମାଧ୍ୟମିକ ଶିକ୍ଷା ପରିଷଦର ଆବେଦନ ହାଇକୋର୍ଟରେ ଖାରଜ**

# ଆନ୍ଧ୍ରର ମାଟ୍ରିକ ସାର୍ଟିଫିକେଟ୍ ଓଡ଼ିଶା ବୋର୍ଡ ସହ ସମାନ

କଟକ, ୨୦।୧(ସମିସ): ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଏକ ଶିକ୍ଷାନୁଷ୍ଠାନରୁ ମାଟ୍ରିକ୍ ପାସ୍ କରିଥିବା ଜଣେ ପ୍ରାର୍ଥୀଙ୍କୁ ଦୀର୍ଘ ବର୍ଷ ପରେ ନ୍ୟାୟ ମିଳିଛି। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଜଣେ ପ୍ରାର୍ଥୀଙ୍କ ପ୍ରମାଣପତ୍ରକୁ ଅବୈଧ ଘୋଷଣା କରି ତାଙ୍କୁ ସିଟି ପରୀକ୍ଷାରୁ ବଞ୍ଚିତ କରିବା ପ୍ରସଙ୍ଗରେ ଜଣିକିଆ ବିଚାରପତିଙ୍କ ଆଦେଶକୁ କାଏମ ରଖିଛନ୍ତି ହାଇକୋର୍ଟ।ଜଣିକିଆ ବିଚାରପତିଙ୍କ ରାୟ ବିରୋଧରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ରୁଜୁ ରିଟ୍ ଆବେଦନକୁ ଖାରଜ କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ପ୍ରାର୍ଥୀଙ୍କ ୨୦୧୩ ସିଟି ପରୀକ୍ଷା ଫଳାଫଳକୁ ତୁରନ୍ତ ପ୍ରକାଶ ସହ ଆଗାମୀ ୪ ସପ୍ତାହ ମଧ୍ୟରେ ଜଣିକିଆ ବିଚାରପତିଙ୍କ ଆଦେଶକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉପରୋକ୍ତ ସମୟ ମଧ୍ୟରେ ବୋର୍ଡ ଏହାକୁ ପାଳନ ନକରେ, ତେବେ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଖଣ୍ଡପୀଠ।

ମାମଲାରୁ ପ୍ରକାଶ ଯେ ପ୍ରତିପକ୍ଷ ପ୍ରାର୍ଥୀ ଚନ୍ଦ୍ରଜିତ ମହାନ୍ତି ୧୯୮୯ରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବ୍ରହ୍ମପୁରର ଏକ କଲେଜରୁ ମାଟ୍ରିକ ପାସ୍ କରିଥିଲେ। ସେହି ସାର୍ଟିଫିକେଟ୍ ଆଧାରରେ ସେ +୨, +୩ ଏବଂ ପରବର୍ତ୍ତୀ ସମୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଓଡ଼ିଆରେ ସ୍ନାତକୋତ୍ତର ଡିଗ୍ରୀ ମଧ୍ୟ ହାସଲ କରିଥିଲେ। ଓଡ଼ିଶା ବୋର୍ଡ ସହ ଆନ୍ଧ୍ର ମାଟ୍ରିକ୍ ପ୍ରମାଣପତ୍ର ସମାନ ନୁହେଁ ବୋଲି ଦର୍ଶାଇ ପ୍ରତିପକ୍ଷ ପ୍ରାର୍ଥୀଙ୍କୁ ସିଟି ପରୀକ୍ଷାରୁ ବଞ୍ଚିତ କରାଯିବା ନେଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ଅନୁମତିକ୍ରମେ ସେ ପରୀକ୍ଷାରେ ଅବତୀର୍ଣ୍ଣ ହୋଇଥିଲେ। ତେବେ ଜଣିକିଆ ବିଚାରପତିଙ୍କ ଆଦେଶକୁ ବିରୋଧ କରି ବୋର୍ଡ ପକ୍ଷରୁ ଦୁଇଜଣିଆ ଖଣ୍ଡପୀଠରେ ମାମଲା ରୁଜୁ ହୋଇଥିଲା। ଏତେ ବର୍ଷ ପରେ ସମ୍ପୃକ୍ତ ପ୍ରାର୍ଥୀଙ୍କ ମାଟ୍ରିକ ସାର୍ଟିଫିକେଟ୍‌କୁ ଓଡ଼ିଶା ବୋର୍ଡ ସହ ଅସମାନ ବୋଲି କହିବା ଅନୁଚିତ ବୋଲି ହାଇକୋର୍ଟ କହିଛନ୍ତି। ଯେହେତୁ ପ୍ରାର୍ଥୀ ସମ୍ପୂର୍ଣ୍ଣ ଭାବେ ଓଡ଼ିଆ ମାଧ୍ୟମରେ ପାଠ ପଢ଼ିଛନ୍ତି ଏବଂ ତାଙ୍କ ଶିକ୍ଷାଗତ ଯୋଗ୍ୟତା ଆଧାରରେ ଉଚ୍ଚଶିକ୍ଷା ଶେଷ କରିଛନ୍ତି, ତେଣୁ ଏହି ସ୍ଥିତିରେ ବୋର୍ଡର ବାଧା ସୃଷ୍ଟି କରିବା ଗ୍ରହଣଯୋଗ୍ୟ ନୁହେଁ ବୋଲି ଅଦାଲତ କହିଛନ୍ତି। ବୋର୍ଡ ତା'ର ୧୯୮୮ର ଏକ ସର୍କୁଲାରରେ ଅନ୍ୟ ବୋର୍ଡର ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାକୁ ୨୦.୦୯.୧୯୮୮ ପର୍ଯ୍ୟନ୍ତ ସମାନ ବୋଲି ମାନ୍ୟତା ଦେଇଥିଲା। କିନ୍ତୁ ୧୯୮୯ରେ ହୋଇଥିବା ପରୀକ୍ଷାକୁ କାହିଁକି ବାଦ୍ ଦିଆଗଲା, ସେନେଇ ହାଇକୋର୍ଟରେ ବୋର୍ଡ କୌଣସି ସନ୍ତୋଷଜନକ କାରଣ ଦର୍ଶାଇ ପାରିନଥିଲା।

# ଭିତରକନିକାରେ ବଢ଼ିଲେ ବିଦେଶୀ ପକ୍ଷୀ

ରାଜନଗର, ୨୦।୧(ସମିସ): ଭିତରକନିକା ଜାତୀୟ ଉଦ୍ୟାନରେ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଗତ ୧୮ ତାରିଖ ଦିନ ବନବିଭାଗ ପକ୍ଷରୁ ହୋଇଥିବା ଗଣନା ରିପୋର୍ଟରୁ ଏହା ଜଣାପଡ଼ିଛି। ଗତବର୍ଷ ଭିତରକନିକାରେ ୧ଲକ୍ଷ ୫୧ହଜାର ୬୧୪ଟି ପକ୍ଷୀ ଭିଡ଼ ଜମାଇଥିବା ବେଳେ

**■ କ୍ରମାଗତ ଭାବେ କମୁଛି ପକ୍ଷୀଙ୍କ ପ୍ରଜାତି**
**■ ଚଳିତ ବର୍ଷ ୧୫୨,୭୬୨ ପକ୍ଷୀଙ୍କ ସମାଗମ**

ଚଳିତବର୍ଷ ଏହି ସଂଖ୍ୟା ୧ଲକ୍ଷ ୫୨ହଜାର ୭୬୨କୁ ବୃଦ୍ଧି ପାଇଛି। ଅର୍ଥାତ ଗତବର୍ଷଠାରୁ ୧୧୪୮ଟି ପକ୍ଷୀ ଅଧିକ ଆସିଥିବା ଜଣାପଡ଼ିଛି। ଭିତରକନିକାରେ ଗତ ୪ ବର୍ଷ ହେଲା ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ପକ୍ଷୀଙ୍କ ପ୍ରଜାତି ସଂଖ୍ୟା କ୍ରମାଗତ ଭାବେ କମିବାରେ ଲାଗିଛି।

୨୦୨୩ରେ ୧୩୯ ପ୍ରଜାତିର ବିଦେଶୀ ପକ୍ଷୀ ଭିତରକନିକାକୁ ଆସିଥିବା ବେଳେ ୨୦୨୪ରେ ୧୨୧ ପ୍ରଜାତିର, ୨୦୨୫ରେ ୧୧୮ ପ୍ରଜାତିର ଓ ଚଳିତବର୍ଷ ୧୦୬ ପ୍ରଜାତିର ବିଦେଶୀ ପକ୍ଷୀ ଭିତରକନିକାକୁ ଆସିଥିବା ଗଣନା ରିପୋର୍ଟରୁ ଜଣାପଡ଼ିଛି। କିନ୍ତୁ କ୍ରମାଗତ ଭାବେ ପକ୍ଷୀଙ୍କ ପ୍ରଜାତି କମିବା ଶୁଭ ଲକ୍ଷଣ ନୁହେଁ ବୋଲି କୁହାଯାଉଛି। ଯେତେ ଅଧିକ ପ୍ରଜାତିର ପକ୍ଷୀ ଭିତରକନିକାକୁ ଆସିବେ, ଭିତରକନିକାର ଜୈବବିବିଧତା ସେତେ ସୁଦୃଢ଼ ବୋଲି ଧରାଯାଏ।

ଚଳିତବର୍ଷ ଭିତରକନିକାରେ ଗ୍ରେଟ୍-ବିଟର୍ଣ୍ଣ ଜାତୀୟ ପକ୍ଷୀଙ୍କୁ ପ୍ରଥମଥର ପାଇଁ ଦେଖିବାକୁ ମିଳିଛି। ଗହୀରମଥା ଅଞ୍ଚଳରେ ଏହି ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ବିରଳ କମନସେଲ ଡକ, କମନ ଟିଲ, ଆବୋସେଟ ଓ ଗଡୱିକ ପକ୍ଷୀଙ୍କୁ ମଧ୍ୟ ଦେଖିବାକୁ ମିଳିଛି। ଗଡୱିକ ଜାତୀୟ ପକ୍ଷୀ ଅନ୍ୟ ସ୍ଥାନରେ କମ୍ ଦେଖାଯାଉଥିବା ବେଳେ ଭିତରକନିକାରେ ଏମାନଙ୍କ ସଂଖ୍ୟା ଅଧିକ ରହିଛି। ଏହାବ୍ୟତୀତ କମନ ସୋଲଭର ଜାତୀୟ ପକ୍ଷୀଙ୍କୁ ମଧ୍ୟ ଦେଖିବାକୁ ମିଳିଛି।

# ୩୨ ଡିଗ୍ରୀ ଛୁଇଁଲା ଦିନ ତାପମାତ୍ରା

ଭୁବନେଶ୍ୱର,୨୦।୧(ସମିସ): ଓଡ଼ିଶାରୁ ଧୀରେ ଧୀରେ ଶୀତ ବିଦାୟ ନେବା ଆରମ୍ଭ କରୁଛି। ପାରଦ ଉପରମୁହାଁ ହେଉଥିବା ବେଳେ ଶୀତ କମୁଛି। ମକର ସଂକ୍ରାନ୍ତି ପରଠାରୁ ଶୀତର ପ୍ରଭାବ କ୍ରମାଗତ କମୁଛି। ବିଗତ ୫ ଦିନ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରାରେ ବଢୁଥିବା ପରିଲକ୍ଷିତ ହୋଇଛି। ତେବେ ପଛକୁ ପଛ ପଶ୍ଚିମା ଝଡ଼ ଥିବାରୁ ଆଗାମୀ ଦିନରେ ଉଭୟ ସର୍ବନିମ୍ନ ଏବଂ ସର୍ବୋଚ୍ଚ ତାପମାତ୍ରାରେ ବୃଦ୍ଧି ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ମଙ୍ଗଳବାର ଦିନ ବେଳା ରାଜ୍ୟର ଅଧିକାଂଶ ସ୍ଥାନରେ ଖରାଟିଆ ପାଗ ଅନୁଭୂତ ହୋଇଥିବା ବେଳେ ଝାରସୁଗୁଡ଼ାରେ ତାପମାତ୍ରା ୩୨.୫ ଡିଗ୍ରୀ ଛୁଇଁଛି। ସେହିପରି ସମ୍ବଲପୁର ୩୧.୭, ଭୁବନେଶ୍ୱରରେ ଦିନ ତାପମାତ୍ରା ୩୧.୬ ଡିଗ୍ରୀ ଛୁଇଁଥିବା ବେଳେ ଭଦ୍ରକ ୩୧.୫ ଓ ସୁନ୍ଦରଗଡ଼ରେ ତାପମାତ୍ରା ୩୧.୪ ଡିଗ୍ରୀ ରେକର୍ଡ ହୋଇଛି। ବର୍ତ୍ତମାନ ରାଜ୍ୟରେ କୌଣସି ପାଣିପାଗ ନିୟାମକ ସକ୍ରିୟ ନଥିବା ବେଳେ ଆଗାମୀ ୭ ଦିନ ଯାଏଁ ପାଗ ଶୁଖିଲା ରହିବ। ଏହାସହ ୪ରୁ ୫ ଦିନ ମଧ୍ୟରେ ତାପମାତ୍ରାରେ ମଧ୍ୟ କୌଣସି ପରିବର୍ତ୍ତନ ହେବାର ନାହିଁ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ସେହିପରି ଶୀତକୁ ନେଇ କୌଣସି ସତର୍କ ସୂଚନା ନଥିବା ବେଳେ ଆସନ୍ତା ୨୪ ଘଣ୍ଟାରେ ରାଜ୍ୟର ଅନେକ ସ୍ଥାନରେ ହାଲୁକରୁ ମଧ୍ୟମ ଧରଣର କୁହୁଡି ଦୃଶ୍ୟମାନ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

**ସୂଚନା କମିସନକୁ ହାଇକୋର୍ଟ ଝଟ୍‌କା**

# ଆରଟିଆଇ ଆବେଦନ ଉପରେ କଟକଣା ରଦ୍ଦ

କଟକ, ୨୦।୧(ସମିସ): ସୂଚନା ଅଧିକାର ଆଇନ (ଆରଟିଆଇ) ଅଧୀନରେ ବାରମ୍ବାର ତଥ୍ୟ ମାଗୁଥିବା ଜଣେ ବ୍ୟକ୍ତିଙ୍କ ଉପରେ ଓଡ଼ିଶା ସୂଚନା କମିଶନ ଲଗାଇଥିବା କଟକଣାକୁ ଓଡ଼ିଶା ହାଇକୋର୍ଟ ରଦ୍ଦ କରିଛନ୍ତି। କମିଶନଙ୍କ ଏଭଳି ନିଷ୍ପତ୍ତି ଆଇନଗତ ଭାବେ ଗ୍ରହଣୀୟନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଚିତ୍ତରଞ୍ଜନ ସେଠୀଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ବିରୋଧରେ ସୂଚନା କମିଶନଙ୍କ ପକ୍ଷରୁ ଲଗାଯାଇଥିବା ଗତ ୨୦୨୫ ସେପ୍ଟେମ୍ବର ୧୩ର କଟକଣାକୁ ହାଇକୋର୍ଟ ରଦ୍ଦ କରିବା ସହ ଆବେଦନକାରୀଙ୍କୁ ବାକି ସୂଚନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ବିଭିନ୍ନ ବିଭାଗରୁ ତଥ୍ୟ ମାଗିବା ପାଇଁ ଆରଟିଆଇ ଆବେଦନ କରିଥିଲେ ଆବେଦନକାରୀ। ଏ ସମ୍ପର୍କିତ ମାମଲାର ଶୁଣାଣି କରି ରାଜ୍ୟ ସୂଚନା କମିଶନ ଗତ ୧୩ସେପ୍ଟେମ୍ବର ୨୦୨୫ରେ ଏକ ନିର୍ଦ୍ଦେଶ ଦେଇଥିଲେ। ଯେଉଁଥିରେ ଆବେଦନକାରୀଜଣଙ୍କ ବାରମ୍ବାର ଗୋଟିଏ ପ୍ରକାରର ତଥ୍ୟ ମାଗୁଥିବା ଦର୍ଶାଇ କମିଶନ ତାଙ୍କ ଉପରେ ଏକବର୍ଷ ପାଇଁ ନୂତନ ଆବେଦନ କରିବାକୁ ବାରଣ କରିଥିଲେ। ସେ ବର୍ଷକୁ ସର୍ବାଧିକ ମାତ୍ର ୧୨ଟି ଆବେଦନ କରିପାରିବେ ବୋଲି ସୂଚନା କମିସନଙ୍କ ପକ୍ଷରୁ କଟକଣା ଜାରି କରାଯାଇଥିଲା। କମିସନଙ୍କ ଏହି ଆଦେଶକୁ ଚ୍ୟାଲେଞ୍ଜ କରି ଶ୍ରୀ ସେଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଣେ ବ୍ୟକ୍ତି ବାରମ୍ବାର ଆରଟିଆଇ ଆବେଦନ କରୁଥିଲେ ମଧ୍ୟ ସୂଚନା କମିଶନ ତାଙ୍କୁ ଭବିଷ୍ୟତରେ ଆବେଦନ କରିବାରୁ ରୋକିପାରିବେ ନାହିଁ। ଆବେଦନ ସଂଖ୍ୟା ସୀମିତ କରାଯାଇପାରିବ ନାହିଁ; ବର୍ଷକୁ ମାତ୍ର ୧୨ଟି ଆବେଦନ କରିବା ପାଇଁ ଯେଉଁ ସୀମା ନିର୍ଦ୍ଧାରଣ କରାଯାଇଛି, ତାହା ଯଥାର୍ଥ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

# ଜିପିଏଫ୍ ଟଙ୍କା ଅଟକାଇବା ବେଆଇନ: ହାଇକୋର୍ଟ

କଟକ,୨୦।୧(ସମିସ): କୌଣସି ବିଧିବଦ୍ଧ ଅନୁସନ୍ଧାନ ବା ଦୋଷୀ ସାବ୍ୟସ୍ତ ନ କରି ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ସାଧାରଣ ଭବିଷ୍ୟନିଧି (ଜିପିଏଫ) ଅର୍ଥ ଅଟକାଇ ରଖିବା ସମ୍ପୂର୍ଣ୍ଣ ବେଆଇନ ବୋଲି ହାଇକୋର୍ଟ କହିଛନ୍ତି। ଅବସରପ୍ରାପ୍ତ ସହକାରୀ ବନ ସଂରକ୍ଷକ (ଏସିଏଫ୍) ରଞ୍ଜିତ କୁମାର ରାଉତଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଡକ୍ଟର ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଜିପିଏଫ୍ ହେଉଛି ଜଣେ କର୍ମଚାରୀଙ୍କ ସାମ୍ବିଧାନିକ ଅଧିକାର ଓ ଅବସରକାଳୀନ ସୁବିଧା। ଏହା ସରକାରଙ୍କ ଦୟା ବା ଅନୁଗ୍ରହ ନୁହେଁ। ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କିମ୍ବା ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ନ କରି ଜଣେ ଉପରିସ୍ଥ ଅଧିକାରୀଙ୍କୁ ତାଙ୍କ ଅଧସ୍ତନ କର୍ମଚାରୀଙ୍କ ଭୁଲ ପାଇଁ ଦାୟୀ କରିବା ନ୍ୟାୟ ସଙ୍ଗତ ନୁହେଁ ବୋଲି ଅଦାଲତ କହିଛନ୍ତି। ଶ୍ରୀ ରାଉତଙ୍କ ବିରୋଧରେ ଜାରି ହୋଇଥିବା ୨୦୧୮ ମସିହାର ଚିଠିକୁ ରଦ୍ଦ କରିବା ସହିତ ଅଟକ ରଖାଯାଇଥିବା ୧ ଲକ୍ଷ ୬୪ ହଜାର୨୨୨ ଟଙ୍କାକୁ ଆଗାମୀ ୮ସପ୍ତାହ ମଧ୍ୟରେ ଫେରସ୍ତ କରିବାକୁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସରକାର ଚାହିଁଲେ ପ୍ରକୃତ ଦୋଷୀ ଫରେଷ୍ଟରଙ୍କଠାରୁ ଏହି ଅର୍ଥ ଆଦାୟ କରିପାରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

ମାମଲାରୁ ପ୍ରକାଶ ଯେ, ଆବେଦନକାରୀଙ୍କ ଜିପିଏଫ୍‌ରୁ ପ୍ରାୟ ୧,୬୪,୨୨୨ ଟଙ୍କା ସରକାର ଅଟକାଇ ରଖିଥିଲେ।୨୦୦୮ ମସିହାରେସେବାଲିଗୁଡ଼ାବନଖଣ୍ଡରେ କାର୍ଯ୍ୟ କରୁଥିବା ସମୟରେ ଜଣେ ଫରେଷ୍ଟରଙ୍କୁ ୧.୬୦ଲକ୍ଷ ଟଙ୍କାର ଅଗ୍ରିମ (ଫରେଷ୍ଟ ଆଡଭାନ୍ସ) ପ୍ରଦାନ କରିଥିବାର ଅଭିଯୋଗ ଥିଲା। ମାତ୍ର ସମ୍ପୃକ୍ତ ଫରେଷ୍ଟର ଏହାର ହିସାବ କିମ୍ବା ଭାଉଚର ଦାଖଲ କରିନଥିଲେ। ଯଦିଓ ଶ୍ରୀ ରାଉତ ଏହି ଅବହେଳା ବିଷୟରେ ତୁରନ୍ତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ଏବଂ ଫରେଷ୍ଟର୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା, ତଥାପି ଶ୍ରୀ ରାଉତ ଅବସର ନେବା ପରେ ତାଙ୍କ ଉପରେ ଉତ୍ତରଦାୟିତ୍ୱ ଲଦି ଦିଆଯାଇଥିଲା। ଶ୍ରୀ ରାଉତ ତାଙ୍କ ସମଗ୍ର ଚାକିରି କାଳ ମଧ୍ୟରେ ସମୟଅନୁସାରେ ପଦୋନ୍ନତି ପାଇଛନ୍ତି ଏବଂ ବିନା କୌଣସି ପ୍ରତିକୂଳ ମନ୍ତବ୍ୟରେ ୩୧.୦୮.୨୦୧୮ରେ ଅବସର ଗ୍ରହଣ କରିଥିଲେ ସୁଦ୍ଧା ବେଆଇନ ଭାବେ ତାଙ୍କର ଜିପିଏଫ ଅଟକାଇ ରଖିବାକୁ ବିରୋଧ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ଚୌଦ୍ୱାର ମଣ୍ଡଳ କାରାଗାରରୁ କଏଦୀ ଫେରାର ଘଟଣା**

# ଜେଲର୍ ଓ ପୂର୍ବତନ ଅଧୀକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍

କଟକ, ୨୦।୧(ସମିସ): ଚୌଦ୍ୱାର ଜେଲ୍‌ରୁ ୨ବିହାରୀ କଏଦୀ ଫେରାର୍ ଘଟଣାରେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିବା ପରେ ଏବେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଚୌଦ୍ୱାର ଜେଲ୍ ସିନିୟର ସୁପରିଣ୍ଟେଣ୍ଡେଣ୍ଟ ସୁଜିତ କୁମାର ରାଉଳଙ୍କ ନାଁରେ ତତ୍କାଳୀନ ଚୌଦ୍ୱାର ଜେଲର୍ ସନ୍ତୋଷିନୀ ଦାସ ଚୌଦ୍ୱାର ଥାନାରେ ଏତଲା ଦେଇଥିଲେ। ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ରାଉଳ ମଧ୍ୟ ସନ୍ତୋଷିନୀଙ୍କ ନାଁରେ ପାଲଟା ଅଭିଯୋଗ କରିଥିଲେ। ଏନେଇ ଜେଲ୍ ଡିଆଇଜି ବୀରେନ୍ ସାହୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଉଭୟଙ୍କୁ କାରଣଦର୍ଶାଅ ନୋଟିସ୍ କରିଛନ୍ତି। ଅପରପକ୍ଷେ, ଜେଲ୍‌ର ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଏହାସହ ପ୍ରଥମ କରି ଜେଲ୍ ପରିସର ଓ ବାହାରେ ୧୬ଟି ଏଆଇ କ୍ୟାମେରା ଲଗାଯିବ ବୋଲି ଜେଲ୍ ଡିଆଇଜି ଶ୍ରୀ ସାହୁ କହିଛନ୍ତି।

ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ରାଉଳ ଓ ପୂର୍ବତନ ଜେଲର୍ ସନ୍ତୋଷିନୀଙ୍କ ମଧ୍ୟରେ କାଦୁଅଫିଙ୍ଗା ଘଟଣାକୁ ନେଇ ରାଜ୍ୟ ଗୃହ ବିଭାଗ ଉଦ୍‌ବେଗ ପ୍ରକାଶ କରିଥିଲା। ଏଥିପାଇଁ ଜେଲ୍ ବିଭାଗକୁ ରିପୋର୍ଟ ବି ମାଗିଥିଲା। ଏବେ ଏହାକୁ ନେଇ

**■ ସୁରକ୍ଷା ଦୃଷ୍ଟିରୁ ପ୍ରଥମ ପର୍ଯ୍ୟାୟରେ ଲାଗିବ ୧୬ଟି ଏଆଇ କ୍ୟାମେରା**
**■ ଗୃହ ବିଭାଗର ଉଦ୍‌ବେଗ ପରେ ଜେଲ୍ ଡିଆଇଜିଙ୍କ କାର୍ଯ୍ୟାନୁଷ୍ଠାନ**

ଚୌଦ୍ୱାର ଜେଲ୍ କର୍ତ୍ତୃପକ୍ଷଙ୍କ ମୁଣ୍ଡବ୍ୟଥା ବଢ଼ିଛି।

ସୂଚନାଯୋଗ୍ୟ, ଚୌଦ୍ୱାର ଜେଲ୍‌ରୁ ୨ ବିହାରୀ କଏଦୀ ଫେରାର୍ ଘଟଣାରେ ତତ୍କାଳୀନ ଜେଲର୍ ସନ୍ତୋଷିନୀଙ୍କ ସମେତ ଜଣେ ଚିଫ୍ ୱାର୍ଡର୍ ଓ ଅନ୍ୟ ଜଣେ ୱାର୍ଡର୍‌ଙ୍କୁ ନିଲମ୍ବିତ କରାଯାଇଥିଲା। ଏହାକୁ ବହୁ ଦିନ ବିତିଯିବା ପରେ ସନ୍ତୋଷିନୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ୨ କୁଖ୍ୟାତ କଏଦୀଙ୍କୁ ଖସାଇବାରେ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ରାଉଳଙ୍କ ବଡ଼ ଭୂମିକା ରହିଛି ବୋଲି ସେ ଥାନାରେ ଏକ ସଙ୍ଗିନ ଅଭିଯୋଗ କରିଥିଲେ। ଅଭିଯୋଗରେ ସେ ଦର୍ଶାଇଥିଲେ, କଏଦୀ ଫେରାର୍ ପରେ ଗେଟ୍-ଇନ୍-ଆଉଟ୍ ରେଜିଷ୍ଟର୍‌ରେ ସୁଜିତ ବଡ଼ ହେରଫେର୍ କରିଥିଲେ। ଏପରିକି, ତାଙ୍କ ଦସ୍ତଖତକୁ ଜାଲିଆତି କରି ତଦନ୍ତକୁ ଦିଗହରା କରିବାକୁ ଉଦ୍ୟମ କରିଥିଲେ। ଗତବର୍ଷ ଅକ୍ଟୋବର ୧,୨ ଓ ୩ତାରିଖ ଅଫିସିଆଲ ଗେଟ୍-ଇନ-ଆଉଟ୍ ରେଜିଷ୍ଟର୍‌ରେ ଗଫଲତି କରାଯାଇଛି। ଜେଲ ପରିସରରେ ସୁଜିତଙ୍କ ଉପସ୍ଥିତି ନେଇ ରେଜିଷ୍ଟରରେ ଏପଟସେପଟ କରାଯାଇଛି। ୨୦୨୫ ଅକ୍ଟୋବର ୨ରେ ସୁଜିତ ବ୍ୟକ୍ତିଗତ କାମରେ ଖୋର୍ଦ୍ଧା ଯାଇଥିଲେ ବୋଲି ଉଲ୍ଲେଖ କରିଥିଲେ; କିନ୍ତୁ ତାହା ସତ ନଥିଲା। ୩ତାରିଖରେ ଦୁଇ କଏଦୀ ଫେରାର୍ ପରେ ଘଟଣା ସମ୍ପର୍କରେ ସବୁ ଜାଣି ମଧ୍ୟ ମାମଲାରୁ ଦୂରେଇ ରହିବାକୁ ରେଜିଷ୍ଟର୍‌ରେ ଜାଲିଆତି କରାଯାଇଥିବା ସନ୍ତୋଷିନୀ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଥିଲେ। ସୁଜିତଙ୍କ ଆଚରଣ ଅତି ସନ୍ଦେହଜନକ ରହିଥିଲା। କଏଦୀ ଫେରାର୍ ଘଟଣା ପଛରେ ସୁଜିତଙ୍କ ଷଡ଼ଯନ୍ତ୍ର, ପ୍ରମାଣ ନଷ୍ଟ କରିବାର ଅନେକ ତଥ୍ୟ ରହିଛି। ଅପରପକ୍ଷେ, ପାଲଟା ଏତଲାରେ ସନ୍ତୋଷିନୀ ତାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ସୁଜିତ ଉଲ୍ଲେଖ କରିଛନ୍ତି। ସନ୍ତୋଷିନୀ ଦେଇଥିବା ଏତଲାକୁ ପୁଲିସ କେସ ନମ୍ବର ୩୫/୨୦୨୬ରେ ରୁଜୁ କରିଥିବା ବେଳେ ପାଲଟା ଅଭିଯୋଗକୁ ମଧ୍ୟ ଗ୍ରହଣ କରାଯାଇଥିବା ଜଣାପଡ଼ିଛି।

ସକାଳ
THE SAKALA



# ନିର୍ମାଣର ୨ ମାସରେ ରାସ୍ତାରୁ ଉଠିଗଲା ପିଚୁ

ଅନୁଗୋଳ,୨୦।୧(ସମିସ):



ଆଠମଲ୍ଲିକ ବ୍ଲକ ଠାକୁରଗଡ ରଣିଆକଟା ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ପୂର୍ତ୍ତ ବିଭାଗ ର ପିଚୁ ରାସ୍ତା ନିର୍ମାଣ ନ ସରୁଣୁ ପିଚୁ ଉଠିବା ଆରମ୍ଭ ହେଲାଣି। କୋଟି କୋଟି ଟଙ୍କା ର ଏହି ରାସ୍ତା ନିର୍ମାଣ ହେଉଥିବା ବେଳେ ଅତି

### ଜିଲ୍ଲାପାଳଙ୍କୁ ଫେରାଦହେଲେ ଗ୍ରାମବାସୀ

ନିମ୍ନମାନର କାମ ହେଉଥିବା ଯୋଗୁଁ ଏଭଳି ହେଉଥିବା ଅଭିଯୋଗ ହୋଇଛି। ରାସ୍ତା କୁ ବିଭାଗୀୟ ଅଧିକାରୀ ମାନେ ସଠିକ ସମୟ ରେ ତଦାରଖ କରୁନଥିବା ଯୋଗୁଁ ରାସ୍ତା ଅତି ନିମ୍ନମାନର ହେଉଥିବା ମଙ୍ଗଳବାର ଠାକୁରଗଡ଼ ଅଞ୍ଚଳବାସୀ ଅନୁଗୋଳ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ତାଙ୍କ ଅଭିଯୋଗପତ୍ରରେ ଉଲେଖ କରିଛନ୍ତି ଯେ, ଠାକୁରଗଡ଼ ଠାରୁ ରଣିଆକଟା ପର୍ଯ୍ୟନ୍ତ ୨୨ କିମି ରାସ୍ତାକୁ ସଂପ୍ରସାରଣ କରାଯାଇ ନୂତନ ରାସ୍ତା ନିର୍ମାଣ କରାଯାଉଛି। ୧୬ କୋଟି ଟଙ୍କା ଅଟକଳରେ ଏହି ରାସ୍ତା କାମ ୨୦୨୫ ମସିହା ଜୁନ ମାସରେ ଆରମ୍ଭ କରାଯାଇଥିବା ବେଳେ ସଠିକ ଭାବେ କାମ କରାଯାଉ ନାହିଁ। ବିଶେଷକରି ରାସ୍ତା ସଠିକ ଭାବରେ ମେଣ୍ଟାଲିଂ କରା ଯାଇନଥିବା ବେଳେ ବର୍ତ୍ତମାନ ପିଚୁ କାମ ଚାଲୁ ରହିଛି। ଠାକୁରଗଡ଼ ଅଞ୍ଚଳରେ ଦୁଇ ମାସ ତଳେ ପିଚୁ କାମ ହୋଇଥିବା ବେଳେ ବର୍ତ୍ତମାନ ଧୀରେ ଧୀରେ ବିଭିନ୍ନ ସ୍ଥାନରୁ ପିଚୁ ଉଠିବା ଆରମ୍ଭ ହେଲାଣି। ବିଭାଗୀୟ ଅଧିକାରୀଙ୍କ ସହ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ରାସ୍ତା କାମ ଅତି ନିମ୍ନମାନର କରାଯାଉ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏପରିକି ରାସ୍ତା କାମ ସମୟରେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁନଥିବା ଯୋଗୁଁ ଠିକା ସଂସ୍ଥା ତରବରିଆ ଭାବେ ନିମ୍ନମାନର କରୁଥିବା ଅଭିଯୋଗ ହୋଇଛି। ଏହି ରାସ୍ତା କାମ ନିମ୍ନମାନର କରାଯାଉଥିବା ସମ୍ପର୍କରେ ପୂର୍ବରୁ ଅଞ୍ଚଳବାସୀ ପୂର୍ତ୍ତ ବିଭାଗ ବଇଣ୍ଡା କାର୍ଯ୍ୟାଳୟ ଠାରେ ଅଭିଯୋଗ କରିଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବା ଅଭିଯୋଗ ହୋଇଛି। ସେହିପରି ନବଦୀପପୁର ଅଞ୍ଚଳରେ ମଧ୍ୟ ହୋଇଥିବା ପିଚୁ ଉଠିଥିବା ଅଭିଯୋଗ ପତ୍ରରେ ଉଲେଖ କରାଯାଇଛି। ତୁରନ୍ତ ଏହି ରାସ୍ତା କୁ ଭିଜିଲାନ୍ସ ଦ୍ୱାରା ତଦନ୍ତ କରି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ଘରୁ ତଡ଼ିଦେଲେ, ଥାନାର ଦ୍ୱାରସ୍ଥ ହେଲେ ମହିଳା



ଛେଣ୍ଡିପଦା,୨୦।୧(ସମିସ): ସ୍ତ୍ରୀକୁ ଛାଡ଼ି ସ୍ୱାମୀ କେଉଁଆଡ଼େ ଚାଲିଯିବା ପରେ ବୋହୂକୁ ପରିବାର ଲୋକେ ଘରୁ ତଡ଼ି ଦେଇଛନ୍ତି। ନିରୁପାୟ ହୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି ମହିଳା ଜଣଙ୍କ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ଅଞ୍ଚଳରେ। ବାଗଡ଼ିଆ ଥାନା ଅଞ୍ଚଳର ଜନୈକା ଯୁବତୀ ନାବାଳିକା ଥିବା ସମୟରେ ବାଗଡ଼ିଆ ଗ୍ରାମର ସମୀର ପ୍ରଧାନଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। କିଛି ବର୍ଷ ପ୍ରେମ କରିବା ପରେ ଗତବର୍ଷ ହଣ୍ଡପା ଥାନା ଅଞ୍ଚଳର ଏକ ଶିବ ମନ୍ଦିରରକୁ ନେଇ ସମୀର ବିବାହ କରିଥିଲେ। ବିବାହ ପରେ ଉଭୟେ ଘରକୁ ନ ଆସି ଅନ୍ୟତ୍ର କିଛି ମାସ ରହିବା ପରେ ସମୀର ଗତ କାଲି ତାଙ୍କ ସ୍ତ୍ରୀଙ୍କୁ ଘରକୁ ଆଣି ରଖିଥିଲେ। ଏହା ପରେ ସେ କେଉଁଆଡ଼େ ଫେରାର ହୋଇଯାଇଥିଲେ। ତେବେ ସନ୍ଧ୍ୟାରେ ସମୀରଙ୍କ ପରିବାର ଲୋକେ ସଂପୃକ୍ତ ମହିଳାଙ୍କୁ ମାଡ଼ପିଟ କରିବା ସହିତ ନିର୍ଯାତନା ଦେଇ ରାତିରେ ଘରୁ ତଡ଼ି ଦେଇଥିଲେ। ରାତି ସାରା ମହିଳା ଜଣଙ୍କ ଘର ବାହାରେ ବସିବା ପରେ ଆଜି ନ୍ୟାୟ ଦାବିରେ ବାଗଡ଼ିଆ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ଧର୍ମପରାୟଣା ମହିଳାଙ୍କ ପରଲୋକ



କିଶୋରନଗର,୨୦।୧(ସମିସ): କିଶୋରନଗର ବ୍ଲକ୍ ଉରାପାଲ୍ଲୀ ପଞ୍ଚାୟତର ପାଣ୍ଡୁରୀପଥର ଗାଁ ତଥା କିଶୋରନଗର ଲକ୍ଷ୍ମୀପୂଜା କମିଟିର ବରିଷ୍ଠ ସଦସ୍ୟ ତ୍ରିନାଥ ସାହୁଙ୍କ ପତ୍ନୀ ସୁଲୋଚନା ସାହୁ(୭୦)ଙ୍କ ଗତକାଲି ରାତିରେ ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣା, ପରୋପକାରୀ, ମେଳାପୀ ମହିଳା ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ବଡ଼ପୁଅ ପ୍ରକାଶ ମୁଖାଗ୍ନି ଦେଇଥିଲେ। ତାଙ୍କର ଅନ୍ତିମ ଶଯ୍ୟାରେ ତାଙ୍କର ୩ ପୁଅ, ଝିଅ, ଜ୍ୱାଇଁ ନାତି ନାତୁଣୀ ବନ୍ଧୁ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କର ବିୟୋଗ ଖବରପାଇ କିଶୋରନଗର ଲକ୍ଷ୍ମୀ ପୂଜା କମିଟିର ସଭାପତି ସଞ୍ଜୟ ଦାଶ, ସମ୍ପାଦକ ନିରଞ୍ଜନ ସାହୁ, ଉପସଭାପତି ଲିପନ ସାହୁ, କୋଷାଧ୍ୟକ୍ଷ ରିପୁ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରି ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ୪ କେଜି କଟ୍‌ନୀ ଛଟ୍‌ନୀ ପରେ ଉଠିଲା ଧାନ




ପାଲଲହଡ଼ା,୨୦।୧(ସମିସ): ପାଲଲହଡ଼ା ଉପଖଣ୍ଡ ନିଜିଗଡ଼ ସେବା ସମବାୟ ସମିତ କାର୍ଯ୍ୟାଳୟପରିସରରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାର ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ନୀତି ସମ୍ବନ୍ଧରେ ଚାଷୀଙ୍କୁ ବୁଝାଇଥିଲେ ବିଧାୟକ। ସରକାର ଚାଷୀଙ୍କଠାରୁ ସମସ୍ତ ଧାନ ସଂଗ୍ରହ କରିବେ ଏବଂ କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କା ଦେବା ପାଇଁ ନିଷ୍ପତ୍ତି ହୋଇଛି ବୋଲି ପ୍ରକାଶ କରିବା ସହିତ ଚାଷୀ ଭାଇ ଭଉଣୀମାନେ ଭଲ ଧାନ ଦେଇ ଉଚିତ୍ ମୂଲ୍ୟ ନେବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର ପଟେଲ, ନିଜିଗଡ଼ ସମବାୟ ସମିତିର ସଭାପତି ବିଷ୍ଣୁ ପ୍ରସାଦ ଦାସ, ବରିଷ୍ଠ ବିଜେପି ନେତା ଲିଙ୍ଗରାଜ ଦାସ, ତନ୍ମୟ ସାହୁ, ପଞ୍ଚାନନ ସାହୁ, ଉପ ସହକାରୀ ନିବନ୍ଧକ ଅନୁଗୋଳ ଶରତ ଚନ୍ଦ୍ର ପାଣିଗ୍ରାହୀ, ସହକାରୀ ନିବନ୍ଧକ ପାଲଲହଡ଼ା ଭୀମ ଚରଣ ବାସ୍କେ, ଅନୁଗୋଳ ଜିଲ୍ଲା ସମବାୟ ସଭାପତି ସନ୍ତୋଷ କୁମାର ପ୍ରଧାନ, ଉପଖଣ୍ଡ ପୁଲିସ ଅଧିକାରୀ କୈଳାସ ଚନ୍ଦ୍ର ସେଠୀ, ଥାନା ଅଧିକାରୀ ପ୍ରଦୀପ ମହାନ୍ତ ପ୍ରମୁଖ ଉପସ୍ଥିତି ରହିବା ସହିତ ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଏଫ୍‌ଏକ୍ୟୁ ମାନ ନିର୍ଦ୍ଧାରଣର ଜଟିଳତା ସାଙ୍ଗକୁ ମିଲର୍ସମାନଙ୍କ ମନମାନି ଯୋଗୁଁ ଚାଷୀର ୪ କିଲୋ ଧାନ କଟ୍‌ନୀ ଛଟ୍‌ନୀ ପରେ ଧାନ ବିକ୍ରି ଆରମ୍ଭ ହୋଇଥିଲା। ଏହି ଅବସରରେ ବିଧାୟକ ଶ୍ରୀ ମହାନ୍ତି ନିଜିଗଡ଼ ସେବା ସମବାୟ ପରିସରରେ ନବନିର୍ମିତ ମଣ୍ଡି ଉପଯୋଗ ଭିତ୍ତିଭୂମିର ଉଦ୍‌ଘାଟନ କରିଥିଲେ। ସମବାୟ ସମିତିର ସମ୍ପାଦକ ଡିଲେଶ୍ୱର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା ଥିଲେ।

## ୩୧ ମାଘ ମେଳା ଓ ମହିମା ମହୋତ୍ସବ



ଅନୁଗୋଳ,୨୦।୧(ସମିସ): ଜାନୁୟାରୀ ୩୧ ତାରିଖରୁ ଫେବୃୟାରୀ ୩ ତାରିଖ ପର୍ଯ୍ୟନ୍ତ ମହିମା ମାଘ ମେଳା ଓ ମହୋତ୍ସବ ଅନୁଗୋଳ ସହର ଉପକଣ୍ଠ ଅଙ୍ଗାରବନ୍ଧ ଠାରେ ଆୟୋଜିତ ହେବ। ଏହି ମହୋତ୍ସବ ପାଳନ ନିମନ୍ତେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଏକ ବୈଠକ ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍, ପରିମଳ ବ୍ୟବସ୍ଥା, ଅଗ୍ନି ନିରୋଧ ବ୍ୟବସ୍ଥା, ରାସ୍ତା ମରାମତି, ଆଇନଶୃଙ୍ଖଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଜିତ ଧଳ, ଡେପୁଟି କଲେକ୍ଟର ସ୍ୱାହା ମହାନ୍ତି, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁବୋଧ କୁମାର ମହାପାତ୍ର, ଡେପୁଟି କଲେକ୍ଟର ପ୍ରିୟଙ୍କା ପାଳ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୋଳ ଗୋବିନ୍ଦ ବିଶ୍ୱାଳ, ଡିପିଏଚ୍‌ଓ ମନୋଜ କୁମାର ତ୍ରିପାଠୀ, ସଦର ଏସ୍‌ଆଇ ଉଦୟନାଥ ବେହେରା, ସହକାରୀ ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକ, ଅଙ୍ଗାରବନ୍ଧ ସରପଞ୍ଚ ସୁଜାତା ସାହୁ, କୌପୁନିଧାରୀ ମହିମା ସମାଜର ସଭାପତି ଲୋକନାଥ ସାହୁ, ଉପସଭାପତି ଅଲେଖ ବେହେରା, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ମହାନିତ୍ୟ ସମ୍ପାଦକ ଅଜୟ କୁମାର ଦେହୁରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡ଼ା



କିଶୋରନଗର,୨୦।୧(ସମିସ): ଆଠମଲ୍ଲିକ ବ୍ଲକ୍ ଆମ୍ବସରମୁଣ୍ଡା ପଞ୍ଚାୟତର ଆଶ୍ରମ ବିଦ୍ୟାଳୟ ଖେଳପଡ଼ିଆରେ ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକରମେଶ ସାଏ ଯୋଗଦେଇ ଖେଳ ମାଧ୍ୟମରେ ଶିଷ୍ଟାଚାର, ସହଯୋଗ ଓ ଶାରୀରିକ ସୁସ୍ଥତାର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈବଲ୍ୟ କଅଁର ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ସାହୁ, ଅରବୀନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ପ୍ରଧାନ ଏବଂ ନାଏବ ସରପଞ୍ଚ ମନ୍ଦୋଦରୀ ନାୟକ ଉପସ୍ଥିତ ଥିଲେ। ଆମ୍ବସରମୁଣ୍ଡା କ୍ଲଷ୍ଟରର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଭିନ୍ନକ୍ଷମ ପ୍ରତିଭା ସମ୍ମାନ ଉତ୍ସବ




ଅନୁଗୋଳ,୨୦।୧(ସମିସ): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଅନୁଗୋଳଠାରେ ଜିଲ୍ଲାସ୍ତରୀୟ ଭିନ୍ନକ୍ଷମ ପ୍ରତିଭା ସମ୍ମାନ ଉତ୍ସବ ୨୦୨୬ ଅନୁଗୋଳ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ସଭାପତି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଣୀ ପ୍ରତିଭା ବାରିକ, ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ), ପ୍ରତାପ ପ୍ରୀତିମୟ, ମୁଖ୍ୟବକ୍ତା ଭାବେ ଜିଲ୍ଲା ଚିକିତ୍ସାଳୟର ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡାକ୍ତର ଅନ୍ତର୍ଯ୍ୟାମୀ ମିଶ୍ର, ସମ୍ମାନିତ ଅତିଥି ଭାବେ ଅନୁଗୋଳ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଣୀ ଲୋପାମୁଦ୍ରା ପଟ୍ଟନାୟକ, କଣିହାଁ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟ ରଞ୍ଜନ ପ୍ରଧାନ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ ତରଫରୁ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ସଭାପତି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ବାରିକ ମଞ୍ଚାସୀନ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୩୦ଟି ବିଭାଗରେ କନିଷ୍ଠ, ମଧ୍ୟମ ଓ ବରିଷ୍ଠ ବର୍ଗର ସର୍ବମୋଟ ୧୬୦ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀ, ୧୬୦ ଜଣ ଅଭିଭାବକ, ୨୫ ଜଣ ଗାଇଡ ଶିକ୍ଷକ, ୧୩ ଗୋଷ୍ଠୀ ଶିକ୍ଷା ସାଧନକର୍ମୀ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ, ୪୪ ଜଣ ଭିନ୍ନକ୍ଷମ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ତଥା ଜିଲ୍ଲା ଶିକ୍ଷା ଓ ସମଗ୍ରଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ସର୍ବମୋଟ ୪୫୦ ଜଣ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମର ସଫଳ ରୂପାୟନ କ୍ଷେତ୍ରରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରିୟ ରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ବିଜୟ କୁମାର ସାହୁ, ସମସ୍ତ ଗୋଷ୍ଠୀ ସାଧନ କର୍ମୀ ଏବଂ ସମସ୍ତ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲା ଶିକ୍ଷା ବିଜ୍ଞାନ ସଂଯୋଜକ ମନୋରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ



ବଅଁରପାଳ,୨୦।୧(ସମିସ): ବଅଁରପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୦ ତମ ବାର୍ଷିକ ଉତ୍ସବ ସଭାପତି ସତ୍ୟବାନ ବରାହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ମାର୍ଗ ଦର୍ଶକ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ମହାରାଜ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପରିଚାଳନା ସମ୍ପାଦକ ଅଖିଳ କୁମାର ମହପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ମାର୍ଗଦର୍ଶକ ତାଙ୍କ ଅଭିଭାଷଣରେ କହିଥିଲେ ଯେ ବର୍ତ୍ତମାନ ଛାତ୍ର ସମାଜ ବିପଥଗାମୀ ହୋଇପଡ଼ିଛନ୍ତି। ପିଲା ସମୟରେ ପିଲାମାନଙ୍କ ମାର୍ଗଦର୍ଶନ କଲେ ପିଲାମାନେ ଭବିଷ୍ୟତରେ ଭଲ ମଣିଷ ହୋଇପାରିବେ। ବଅଁରପାଳ ତହସିଲଦାର ସୁଶାନ୍ତ କୁମାର ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ସହ ସମ୍ପାଦକ ସୁମନ୍ତ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ମନ୍ଦିରରେ କୃତୀ ଛାତ୍ରଛାତ୍ରୀଙ୍କୁ ବ୍ଲକ୍‌ସ୍ତରୀୟ ମେଧାବୃତ୍ତି ପାଇଁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ପରିଚାଳନା ସମିତିର ଉପସଭାପତି ପ୍ରକାଶ ସିଂହ କୋଷାଧ୍ୟକ୍ଷ ଅକ୍ଷୟ କୁମାର ସେନାପତି, ସଭ୍ୟା ପଦ୍ମିନୀ ବେହେରା, ଓ ପ୍ରଭାତୀ ନାଏକ, ପୂର୍ବପରିଚାଳନା ସମିତି ସଭ୍ୟ ହେମନ୍ତ ସାହୁ ପୀତାମ୍ବର ସାହୁ ଓ ଶିବ ଚରଣ ସେଠୀ ଉପସ୍ଥିତ ରହିଥିଲେ। ସଭାକାର୍ଯ୍ୟ ପରେ ପିଲାଙ୍କମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତନ୍ମୟ କୁମାର ନାଥ ମଞ୍ଚ ପରିଚାଳନା କରିଥିଲେ। ଗୁରୁମା ମୋନାଲିନ ପାଣି, ପ୍ରଭାତୀ ଗୁରୁମା, ନର୍ମଦା ଗୁରୁମା, ବିଭିନ୍ନ ଦାୟିତ୍ୱରେ ଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ମାନେ ଉପସ୍ଥିତ ରହିଥିଲେ।

## ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର; ଦୁର୍ଘଟଣା ଆଶଙ୍କା



କିଶୋରନଗର,୨୦।୧(ସମିସ): ଆଠମଲ୍ଲିକ ଠାକୁରଗଡ଼ ଥାନା ସାମ୍ନାରେ ଥିବା ୩୩ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଦୀର୍ଘଦିନ ଧରି ମୁକୁଳା ଅବସ୍ଥାରେ ପଡ଼ିରହିଥିବାରୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ସୃଷ୍ଟି ହୋଇଛି। ଟ୍ରାନ୍ସଫର୍ମରରେ କୌଣସି ସୁରକ୍ଷା ବାଡ଼ ନଥିବାରୁ ଯେ କୌଣସି ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ଟ୍ରାନ୍ସଫର୍ମରଟି ନିକଟରେ ଘରବାଡ଼ି ଓ ଚଳାଚଳ ରାସ୍ତା ଥିବାରୁ ଛୋଟ ପିଲା, ବୃଦ୍ଧବୃଦ୍ଧା ଓ ଗାଇଗୋରୁଙ୍କ ପାଇଁ ଏହା ଗୁରୁତର ବିପଦ ସୃଷ୍ଟି କରୁଛି। ବର୍ଷା ଦିନରେ ସମସ୍ୟା ଦ୍ୱିଗୁଣିତ ହୋଇଯାଉଛି। ଗ୍ରାମବାସୀ ବାରମ୍ବାର ବିଦ୍ୟୁତ୍ ବିଭାଗ ଓ ସ୍ଥାନୀୟ ପ୍ରଶାସନଙ୍କୁ ଅବଗତ କରାଇଥିବାବେଳେ ଏ ପର୍ଯ୍ୟନ୍ତ କୌଣସି ସ୍ଥାୟୀ ପ୍ରତିକାର ଗ୍ରହଣ କରାଯାଇନାହିଁ। ତୁରନ୍ତ ଟ୍ରାନ୍ସଫର୍ମରଟିକୁ ଘେରାଉ କରି ସୁରକ୍ଷିତ କରିବା ଏବଂ ଆବଶ୍ୟକ ହେଲେ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଲୋକମାନେ ଦାବି କରିଛନ୍ତି।

## ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ



ବଇଣ୍ଡା,୨୦।୧(ସମିସ): ଅନୁଗୋଳ ଜିଲ୍ଲା ବଇଣ୍ଡା ଜନତା ମହାବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଖିଲାରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଅସିତ କୁମାର ଜେନା ଯୋଗଦେଇ ଛାତ୍ରୀ ମାନେ ସୁରକ୍ଷିତ ରହିଲେ ଦେଶ ସୁରକ୍ଷିତ ରହିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବରେ ନିରଞ୍ଜନ ଦାସ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ସୁମିତ୍ରା ସ୍ୱାଇଁ ପରିଚାଳନା କରିଥିଲେ।

## ଶିକ୍ଷକଶିକ୍ଷୟିତ୍ରୀଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୨୦।୧(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ୍ ଗୁଣ୍ଡୁରିମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅର୍ଜୁନ ଦେହୁରୀ, ଶିକ୍ଷୟିତ୍ରୀ ବାସନ୍ତୀ ନାୟକ ଓ ଜଣେ ଛାତ୍ରଙ୍କୁ ସେହି ଗ୍ରାମର ଜଣେ ଯୁବକ ମାଡ଼ ମାରିଥିବା ପ୍ରଧାନଶିକ୍ଷକ ଅର୍ଜୁନ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ ୨୬/୨୬ ରେ ଏକ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ ବିଦ୍ୟାଳୟରେ ପାଠ ପଢ଼ାଯାଉଥିବା ବେଳେ ଯୁବକ ଜଣଙ୍କ ଆସି ପ୍ରଥମେ ଜଣେ ଛାତ୍ରଙ୍କୁ ମାଡ଼ ମାରିଥିଲେ। ପରେ ଶିକ୍ଷକଶିକ୍ଷୟତ୍ରୀଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ପତ୍ରରେ ଉଲେଖ କରାଯାଇଛି।

## ବନ ବିଭାଗର ଚଢ଼ଉ; ଶାଳ କାଠ ଜବତ

ଅନୁଗୋଳ,୨୦।୧(ସମିସ): ଅନୁଗୋଳ ବନଖଣ୍ଡର କଣିହାଁ ରେଞ୍ଜରେ ବନ ଅଧିକାରୀଙ୍କୁ ବଡ଼ ଧରଣର ସଫଳତା ମିଳିଛି। ଗତ ୧୮ ତାରିଖ ସନ୍ଧ୍ୟାରେ ବନ ବିଭାଗର ଏକ ସ୍ୱତନ୍ତ୍ର ଦଳ ଚଢ଼ଉ କରି ବିପୁଳ ପରିମାଣର ଶାଳ କାଠ ଗଣ୍ଡି ଜବତ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, କଣିହା ରେଞ୍ଜର କଣିହାଁ-୧ ସେକ୍ସନ ଅନ୍ତର୍ଗତ ଶରଧାପୁର ବିଟ୍‌ର ଟିପେଇଝରଣ ଅଞ୍ଚଳରେ କିଛି ଦୁର୍ବୃତ୍ତ ବେଆଇନ ଭାବେ କାଠଗଣ୍ଡି ଗଚ୍ଛିତ ରଖିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ସୂଚନାକୁ ଆଧାର କରି ବନ ବିଭାଗର ଏକ ପାଟ୍ରୋଲିଂ ଟିମ୍ ସରଧାପୁର ଗ୍ରାମ ନିକଟସ୍ଥ ଜଙ୍ଗଲ ମଧ୍ୟରେ ଅତର୍କିତ ଚଢ଼ଉ କରିଥିଲେ। ଅପରେସନ ସମୟରେ ସେଠାରୁ ୧୩ଟି ଶାଳ କାଠ ଗଣ୍ଡି ଉଦ୍ଧାର କରାଯାଇଛି। ଜବତ ସମସ୍ତ ବନଜାତ ଦ୍ରବ୍ୟକୁ କଣିହାଁ ରେଞ୍ଜ କାର୍ଯ୍ୟାଳୟ ପରିସରକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଏକ ମାମଲା ରୁଜୁ କରି ବନ ବିଭାଗ ତଦନ୍ତ ଜାରି ରଖିଛି। ଏହି ଅପରେସନରେ ଫରେଷ୍ଟର ଦୀପକ କୁମାର ସେଠୀଙ୍କ ନେତୃତ୍ୱରେ ବନରକ୍ଷୀ ଦୀପକ କୁମାର ସାହୁ, ମନସ୍ମିତା ସାହୁ, ଉର୍ମିଳା କିଷାନ, ଏଲିଫ୍ୟାଣ୍ଟ ସ୍କ୍ୱାଡ୍‌ର ସଦସ୍ୟ ରଞ୍ଜନ ପ୍ରଧାନ, ଧ୍ରୁବ ଚରଣ ସାହୁ, ପବିତ୍ର ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ରାକେଶ କୁମାର ସାହୁ, ଭ୍ରମର ସାହୁ ଏବଂ ଗଜମିତ୍ର ଧଳେଶ୍ୱର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ମାନଚିତ୍ରରୁ ହଜିଗଲା ହେଂସମୂଳ ଗାଁ

ତାଳଚେର,୨୦।୧(ସମିସ):



ତାଳଚେର ବ୍ଲକ୍‌ର ହେଂସମୂଳ ଗ୍ରାମ ଆଜି ସମ୍ପୂର୍ଣ୍ଣଭାବେ ଭୁବନେଶ୍ୱରୀ କୋଇଲା ଖଣିରେ ନିଶ୍ଚିହ୍ନ ହୋଇଥିବା ଦେଖିବାକୁ ମିଳିଛି। ଏମ୍‌ସିଏଲ୍‌ର ପୂର୍ବ ନିଷ୍ପତ୍ତି ଅନୁଯାୟୀ ଆଜି ସକାଳୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଜିଲ୍ଲାର ପୁଲିସ୍ ଅଧିକାରୀ, ଖଣି କର୍ତ୍ତୃପକ୍ଷଙ୍କ ଉକ୍ତ ଗ୍ରାମର ବାକି ରହିଥିବା ପ୍ରାୟ ୨୦ଟି ଘରକୁ ଆଜି ସମ୍ପୂର୍ଣ୍ଣଭାବେ ଉଚ୍ଛେଦ କରାଯାଇଛି। ପୂର୍ବରୁ କିଛି ଗ୍ରାମବାସୀ ଘରଦ୍ୱାର ଭାଙ୍ଗି ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଥିବା ବେଳେ ଆଉ ଯେଉଁ ଘର ବାକି ରହିଥିଲା ସେଥିରେ କିଛି ଆସବାବପତ୍ର ଦେଖିବାକୁ ମିଳିଥିଲା। ଉଚ୍ଛେଦ ସମୟରେ ସେଭଳି କିଛି ଆଖି ଦୃଶିଆ ପ୍ରତିବାଦ ଦେଖିବାକୁ ମିଳିନଥିଲେ ମଧ୍ୟ କ୍ଷତିଗ୍ରସ୍ତ ପ୍ରଜାଙ୍କ ମଧ୍ୟରେ ଅଶାନ୍ତି ଦେଖା ଦେଇଥିଲା ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଜଣାପଡ଼ିଛି। ସେମାନଙ୍କର ଉଚିତ କ୍ଷତିପୂରଣ, ପୁନଃ ଥଇଥାନ, ନିଯୁକ୍ତିକ୍ଷେତ୍ରରେ ଅଣଦେଖା କରାଯାଇଛି ବୋଲି କିଛି କ୍ଷତିଗ୍ରସ୍ତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଏମ୍‌ଙ୍କୁ ପଚାରିବାରୁ ସେ କୁହନ୍ତି କି ଏମ୍‌ସିଏଲ୍ ପକ୍ଷରୁ ଲୋକଙ୍କ ସୁବିଧାକୁ ନଜରରେ ରଖି ଏମ୍‌ସିଏଲ୍ ସମସ୍ତ ସୁବିଧା ଯୋଗାଇ ଦେବାପରେ ଉଚ୍ଛେଦ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଉଚ୍ଛେଦ କାର୍ଯ୍ୟକୁ ନେଇ କ୍ଷତିଗ୍ରସ୍ତ ପ୍ରଜା କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟର ଆଦେଶ ଆସିବାପରେ ଉଚ୍ଛେଦ କରାଯାଇଥିବା ଜଣପଡ଼ିଛି।



## ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ବୈଠକ

# ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଉପରେ ଗୁରୁତ୍ୱ

ପଟ୍ଟାମୁଣ୍ଡାଇ,୨୦।୧(ସମିସ)



ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ବୈଠକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ରାଜନଗର ବିଧାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ କରି ଜନସାଧାରଣଙ୍କ ନିକଟରେ ସୁଫଳ ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷକ ସମସ୍ୟା ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଧାନମଣ୍ଡିକୁ ଦଲାଲ ମୁକ୍ତ କରି ଚାଷୀଙ୍କୁ ନିର୍ଦ୍ଧାରିତ ସରକାରୀ ଦରରେ ଧାନ ବିକିବା ପାଇଁ ୪ ଜଣ ସରପଞ୍ଚ, ୪ ସମିତି ସଭ୍ୟ, ୨ ଜିଲ୍ଲା ପରିଷଦ ସଦସ୍ୟଙ୍କୁ ନେଇ କମିଟି ଗଠନ ଓ ସମସ୍ତ ମଣ୍ଡି ପରିଦର୍ଶନ କାର୍ଯ୍ୟକ୍ରମ ତଦାରଖ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଆଗାମୀ ଗ୍ରୀଷ୍ମଋତୁ ପୂର୍ବରୁ ପାନୀୟଜଳ ସମସ୍ୟା ଦୂର କରିବା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ବିଭାଗୀୟ ଯନ୍ତ୍ରୀଙ୍କଠାରୁ କୈଫିୟତ ମାଗିଥିଲେ। ବିଭାଗୀୟ ସହକାରୀ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର ପଟ୍ଟାମୁଣ୍ଡାଇ ବ୍ଲକରେ ୧୯୪ ନୂତନ ନଳକୂପ ଖନନ ପାଇଁ ସ୍ଥିର କରାଯାଇ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି ଓ ଆସନ୍ତା ଏପ୍ରିଲ ମାସରେ କାର୍ଯ୍ୟକ୍ଷମ ହେବାକୁ ଯାଇଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ୨୦ଟି ପଞ୍ଚାୟତର ପାନୀୟଜଳ ସମସ୍ୟା ଦୂର ହେବ ବୋଲି ସୂଚନା ଦେଇଥିଲେ।

ଅଧ୍ୟକ୍ଷ ଶ୍ରୀ ସାମନ୍ତରାୟ ରାଜନଗର ମେଗା ପାନୀୟଜଳ ପ୍ରକଳ୍ପ ଅଧୀନରେ ଥିବା ପଟ୍ଟାମୁଣ୍ଡାଇ ବ୍ଲକର ୯ଟି ପଞ୍ଚାୟତ ଓ ଆଳି ମେଗା ପାନୀୟଜଳ ପ୍ରକଳ୍ପ ଅଧୀନରେ ଥିବା ପଟ୍ଟାମୁଣ୍ଡାଇ ବ୍ଲକର ୨ଟି ପଞ୍ଚାୟତବାସୀଙ୍କୁ ତୁରନ୍ତ ପାନୀୟଜଳ ଯୋଗାଇ ଦେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ଚୟନରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କୁ ଅଗ୍ରାଧିକାର ଦେବାକୁ ଜିଲ୍ଲାପାଳଙ୍କୁ ପତ୍ର ଲେଖିବାକୁ ସମିତି ବୈଠକରେ ପ୍ରସ୍ତାବ ଆଗତ କରାଯାଇଥିଲା । ପାନୀୟଜଳ ଓ ମହିଳା ଶିଶୁ ବିକାଶ ବିଭାଗ ସମସ୍ୟା ସମାଧାନ ପାଇଁ ଆସନ୍ତା ୩୧ ତାରିଖରେ ପାନୀୟଜଳ ଓ ଫେବୃଆରୀ ୪ ତାରିଖରେ ମହିଳା ଶିଶୁ ବିକାଶ ବିଭାଗର ସ୍ୱତନ୍ତ୍ର ବୈଠକ କରାଯିବାକୁ ସ୍ଥିର କରାଯାଇଥିଲା। ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ପଞ୍ଚାୟତ ପାନୀୟଜଳ ରାସ୍ତାଘାଟ ଉନ୍ନତି, ଏଏନଏମ ସେଣ୍ଟର ପ୍ରତିଷ୍ଠା, ଅଲେଖପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଆଦି ସମସ୍ୟା ଉତ୍ଥାପନ କରିଥିଲେ। ବନ୍ୟା ବିପନ୍ନ ଘୋଷଣାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗାଇବାକୁ ତରଡ଼ିପାଳ ସମିତିସଭ୍ୟ ନିରଞ୍ଜନ ବାରିକ ଓ ୯ଟି ପଞ୍ଚାୟତରେ ମେଗା ପାନୀୟଜଳ ପ୍ରକଳ୍ପ ପାଇଁ ରାସ୍ତା ନଷ୍ଟ ହେଉଥିବା ଚନ୍ଦନନଗର ସରପଞ୍ଚ ବନୋଜ ସେଠୀ ଓ ସମିତି ସଭ୍ୟ ମାନସ ମଲ୍ଲିକ ଅଭିଯୋଗ କରିଥିଲେ। ବୈଠକରେ ବ୍ଲକ ଉପାଧ୍ୟକ୍ଷ ଜୟନ୍ତୀ ସ୍ୱାଇଁ, ସାଂସଦ ପ୍ରତିନିଧି ସୁନାକାର ବେହେରା, କେନ୍ଦ୍ରାପଡ଼ା ବିଧାୟକ ପ୍ରତିନିଧି କୈଳାସ ସେଠୀ, ବିଡିଓ ଶୀତଳ ଅଗ୍ରୱାଲ, ମେଡିକାଲ ଅଫିସର ଡା ନିରାକାର ପରିଡା, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟଦର୍ଶିନୀ ତରାଇ, ବ୍ଲକ ସହନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଲିକ, ସହକାରୀ ଯନ୍ତ୍ରୀ ବିନୟ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ପଟ୍ଟାମୁଣ୍ଡାଇ କଲେଜର ନାଟ୍ୟ ଉତ୍ସବ

ପଟ୍ଟାମୁଣ୍ଡାଇ,୨୦।୧(ସମିସ): ପଟ୍ଟାମୁଣ୍ଡାଇ କଲେଜର ୫୬ତମ ନାଟ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ନାଟ୍ୟକାର ଗଣେଶ ରାଉତ ମୁଖ୍ୟଅତିଥି, ଚଳଚ୍ଚିତ୍ର ଓ ନାଟ୍ୟ ନିର୍ଦ୍ଦେଶକ ଦେବ ପାତ୍ର ମୁଖ୍ୟବକ୍ତା ଓ ଯାତ୍ରା କଳାକାର ମୁନ୍ନା ପଣ୍ଡା ଓ ଜୀବନ ଜ୍ୟୋତି ପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମାଜିକ ପରିବର୍ତ୍ତନରେ ନାଟକର ଭୂମିକା ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ପାତ୍ର ସ୍ୱାଗତ ଭାଷଣ ଓ ନାଟ୍ୟ ସଂସଦ ଉପସଭାପତି ପ୍ରାଧ୍ୟାପକ ଅମୀୟ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ନାଟ୍ୟ ସଂସଦ ଉପସଭାପତି ଅଧ୍ୟାପକ ଶ୍ରୀମନ୍ତ ଜେନା ନାଟକ ସଂଳାପ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ରୋହିତ ବର୍ଗୀ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ଶୁଭଶ୍ରୀ ପୋଥାଳ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ମଣିଷ ଖେଳୁଛି କଣ୍ଢେଇ ଖେଳ ନାଟକ ମଞ୍ଚସ୍ଥ କରାଯାଇଥିଲା।

## ପ୍ରଫେସର ନିର୍ମଳ ବଳଙ୍କ ସ୍ମୃତିରେ ଶିକ୍ଷାବୃତ୍ତି ପ୍ରଦାନ

ରାଜନଗର,୨୦।୧(ସମିସ): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଦିବଂଗତ ଅଧ୍ୟାପକ ନିର୍ମଳ ବଳଙ୍କ ସ୍ମୃତିରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଟ୍ୟାଲେଣ୍ଟ ଶିକ୍ଷାବୃତ୍ତି ପ୍ରଦାନ କରାଯାଇଛି। ଅଧ୍ୟାପିକା ଅନୁସୟା ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତି, ପୂର୍ବତନ ପ୍ରାଧ୍ୟାପକ ସଦୀବନନ୍ଦ ଜେନା ଯୋଗଦେଇ ସ୍ୱର୍ଗତ ବଳଙ୍କ ସ୍ମୃତିଚାରଣ କରିବା ସହ ତାଙ୍କର ଅଦମ୍ୟ ପ୍ରଚେଷ୍ଟାରେ କଲେଜରେ ବିଜ୍ଞାନ ବିଭାଗର ପ୍ରତିଷ୍ଠିତ ହୋଇଥିଲା ବୋଲି କହିଥିଲେ। ତାଙ୍କ ସ୍ମୃତିକୁ ଅମର କରିବା ପାଇଁ ଏହି ଟ୍ୟାଲେଣ୍ଟ ଶିକ୍ଷାବୃତ୍ତିକୁ ତାଙ୍କର ପତ୍ନୀ ଅଧ୍ୟାପିକା ବେହେରା ଆରମ୍ଭ କରିଛନ୍ତି। ଏହି ଶିକ୍ଷାବୃତ୍ତି ବିଜ୍ଞାନ ବିଭାଗର ସୁଭସ୍ମିତା ରାଉତ, ଧୀରେନ୍ଦ୍ର ସାମନ୍ତରାୟ, ଶୁଭେନ୍ଦୁ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଥିଲା। ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରଣୟ ବେହେରା, ଅଭିମନ୍ୟୁ ରାଉତ, ସନ୍ଦୀପ ମହାପାତ୍ର, ବିଚିତ୍ର ନନ୍ଦ ପାଣି, ପୁଷ୍ପରଞ୍ଜନ ରାଉତ, ଚିତ୍ତରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## କଟକ-କେନ୍ଦ୍ରାପଡ଼ା ମଧ୍ୟରେ ସରକାରୀ ବସ୍ ବୃଦ୍ଧି ଦାବି

କେନ୍ଦ୍ରାପଡ଼ା,୨୦।୧(ସମିସ): କଟକରୁ କେନ୍ଦ୍ରାପଡ଼ାକୁ ପ୍ରତିଦିନ ଯାତାୟାତ କରୁଥିବା ସାଧାରଣ ଲୋକ ବସ୍ ଅଭାବ ଯୋଗୁଁ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ଉଠିଛି। ଏନେଇ କେନ୍ଦ୍ରାପଡ଼ାର ବରିଷ୍ଠ ଆଇନଜୀବୀ ବିଧୁଭୂଷଣ ମହାପାତ୍ର କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କଟକ-କେନ୍ଦ୍ରାପଡ଼ା ରାସ୍ତାରେ ପର୍ଯ୍ୟାପ୍ତ ସରକାରୀ ବସ୍ ସେବା ନ ଥିବାରୁ ଛାତ୍ରଛାତ୍ରୀ, କର୍ମଚାରୀ, ରୋଗୀ ଓ ବ୍ୟବସାୟୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବସ୍ ଅଭାବରୁ ଲୋକେ ବାଇକ୍, କାର୍ ଭଳି ବେସରକାରୀ ଯାନ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଫଳରେ ରାସ୍ତାରେ ଭିଡ଼ ବଢ଼ିବା ସହ ଦୁର୍ଘଟଣା ନିୟମିତ ଘଟୁଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। କଟକରୁ କେନ୍ଦ୍ରାପଡ଼ାକୁ ପ୍ରତିଦିନ ଅତି କମ୍‌ରେ ୨୦ଟି ସରକାରୀ ବସ୍ "ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା' ଅଧୀନରେ ଚଳାଚଳ କରାଯିବାକୁ ଦାବି କରାଯାଇଛି। ଏଥିସହ କେନ୍ଦ୍ରାପଡ଼ା ଜିଲ୍ଲାକୁ ଅର୍ବାନ ଟ୍ରାନ୍ସପୋର୍ଟ ତାଲିକାରେ ସାମିଲ କରି ରାଜ୍ୟ ସରକାରଙ୍କୁ ଏ ବିଷୟରେ ଅବଗତ କରାଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି।

## ବରିଷ୍ଠ ଅଧିକାରୀଙ୍କ ବଦଳି ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା, ୨୦।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ବରିଷ୍ଠ ଅଧିକାରୀଙ୍କୁ ତୁରନ୍ତ ବଦଳି କରାଯିବା ସହ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ଦାବିରେ ରାଜ୍ୟ ସାମ୍ବାଦିକ ସଙ୍ଘ, କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। କେନ୍ଦ୍ରାପଡ଼ାର ଜଣେ ଅଧିକାରୀ ନୀତି ନିୟମକୁ ଅଣଦେଖା କରି ବେଖାତିର ଓ ବେପରୱା ଭାବେ ଆଚରଣ କରୁଛନ୍ତି। ସେ ଜଣେ ସରକାରୀ ଅଧିକାରୀ ଭାବେ ନିଜ ଦାୟିତ୍ୱ ଓ ମର୍ଯ୍ୟାଦାକୁ ଅବହେଳା କରୁଥିବା ଅଭିଯୋଗ ସଙ୍ଘ ପକ୍ଷରୁ କରାଯାଇଛି। ଦିନକୁ ଦିନ ତାଙ୍କ ଔଦ୍ଧତ୍ୟପୂର୍ଣ୍ଣ ବ୍ୟବହାର ବଢ଼ିଚାଲିଛି। ନିଜ କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଜନତାଙ୍କୁ ସେ ଅସଭ୍ୟ ଭାଷାରେ ଗାଳି କରୁଥିବା ସହ ସାମ୍ବାଦିକଙ୍କ ପ୍ରତି ମଧ୍ୟ ଅପମାନଜନକ ବ୍ୟବହାର, ଗାଳି କରୁଥିବା ଅଭିଯୋଗ ଉଠିଛି। ପଲ୍ଲୀଶ୍ରୀ ମେଳା ଚାଲିଥିବାବେଳେ ଓଡ଼ିଶାର ଜଣେ ସୁନାମଧନ୍ୟ କଳାକାରଙ୍କୁ ଗ୍ୟାଲେରୀରୁ ବାହାରିଯିବାକୁ କହିଥିବା ଘଟଣା ନେଇ ମଧ୍ୟ ସଙ୍ଘ ଗଭୀର ଆପତ୍ତି ଜଣାଇଛି। ଉକ୍ତ କଳାକାରଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଏପରି ବ୍ୟବହାର ସମଗ୍ର ରାଜ୍ୟରେ ଲଜ୍ଜାଜନକ ବୋଲି ସଙ୍ଘ ମତ ପ୍ରକାଶ କରିଛି। ତାଙ୍କୁ ତୁରନ୍ତ ବଦଳି କରି ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ସଙ୍ଘ ଦାବି କରିଛି। ଯଦି ଶୀଘ୍ର କୌଣସି ପଦକ୍ଷେପ ନିଆ ନ ଯାଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ବୋଲି ରାଜ୍ୟ ସାମ୍ବାଦିକ ସଂଘ ସଭାପତି ଦୈତାରୀ ଜେନା ଚେତାବନୀ ଦେଇଛନ୍ତି। ଏ ଅବସରରେ ସଙ୍ଘର ସମ୍ପାଦକ ଅସିତ ପଣ୍ଡା, ସତ୍ୟରଞ୍ଜନ ପଣ୍ଡା, ପ୍ରଫୁଲ ମଲ୍ଲ, ପ୍ରଭାତ ଲେଙ୍କା, ମୃତ୍ୟୁଞ୍ଜୟ ପରିଡା, ସୈଫୁଲ୍ଲା ଖାନ, ଅମର ବିଶ୍ୱାଳ, ସନ୍ତୋଷ ପୋଥାଳ, ନଗେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକ କଲ୍ୟାଣ ପରିଷଦର ବାର୍ଷିକ ଉତ୍ସବ

ମହାକାଳପଡ଼ା,୨୦।୧(ସମିସ): ଖୁରୁଷିଆ ପାଟୁଳିପଙ୍କସ୍ଥ ଶିକ୍ଷକ ଭବନ କାର୍ଯ୍ୟାଳୟରେ ଶିକ୍ଷକ କଲ୍ୟାଣ ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ତଥା ପରିଷଦର ସଭାପତି ରାଜକିଶୋର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷାବିତ୍ ଡଃ ଗନ୍ଧର୍ବ ନାୟକ ମୁଖ୍ୟଅତିଥି ଓ ସମାଜସେବୀ କୁମରକାନ୍ତ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୧୯୮୪ରେ ଜଣେ ଶିକ୍ଷକଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ପରେ ଶିକ୍ଷକ ସମାଜର କଲ୍ୟାଣ ନିମନ୍ତେ ସ୍ୱର୍ଗତ ସର୍ବେଶ୍ୱର ମହାପାତ୍ର, ସ୍ୱର୍ଗତ କ୍ଷେତ୍ରବାସୀ ଭୂୟାଁ ଓ ସ୍ୱର୍ଗତ ବିଜୟ ମହାପାତ୍ର ପ୍ରମୁଖଙ୍କ ପ୍ରଚେଷ୍ଟାରେ ସ୍ଥାପିତ ଏହି ଶିକ୍ଷକ କଲ୍ୟାଣ ପରିଷଦର ଲୋକପ୍ରିୟତା ବୃଦ୍ଧି ପାଇବା ପରେ ଏହାର କଳେବର ଓ ପରିସୀମା ବୃଦ୍ଧି କରିବା ପାଇଁ ଅଞ୍ଚଳର ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଅନୁରୋଧ କରିଛନ୍ତି। ଏ ଅବସରରେ ସେବା ନିବୃତ୍ତ ପରିଷଦର ସଦସ୍ୟ ତପନ ପରିଡ଼ାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିବାବେଳେ ଅମେଇପାଳ ଓ ତିଖିରୀ ପଞ୍ଚାୟତର ଦୁଇ ଶିକ୍ଷକ ଶିକ୍ଷୟିତ୍ରୀ ସୋମନାଥ ମହାପାତ୍ର ଓ ଅରୁଣୀମା ସାମନ୍ତରାୟଙ୍କୁ ପରିଷଦରେ ସାମିଲ କରାଯାଇଥିଲା। ଟିକରପଙ୍ଗା ପୋଲଠାରୁ କୋରଟପଙ୍ଗା ପୋଲ ପର୍ଯ୍ୟନ୍ତ ସବୁଦିନିଆ ରାସ୍ତା ନିର୍ମାଣ ନିମନ୍ତେ ଏହି ବୈଠକରେ ଆଲୋଚନା କରାଯାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଶିକ୍ଷାବିତ ପ୍ରସନ୍ନ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଦେବୀପ୍ରସନ୍ନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ନିରଞ୍ଜନ ନାୟକ, ଖୁରୁଷିଆ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ରାଉତରାୟ, ପାଟୁଳିପଙ୍କ ସମିତି ସଭ୍ୟ ଗଣେଶ ପୃଷ୍ଟି, ସରପଞ୍ଚଙ୍କ ପ୍ରତିନିଧି ନିର୍ମଳ ମଲ୍ଲିକ ପ୍ରମୁଖ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଦୀପ୍ତିମୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ରାଜନଗର, ୨୦।୧(ସମିସ): ସ୍ଥାନୀୟ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ଦ୍ୱାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟ ପରାମର୍ଶଦାତା ଇଂ. ସୌମେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଶ୍ରୀକୃଷ୍ଣ ଚୈତନ୍ୟ ମିଶନର ବିଶିଷ୍ଟ ସନ୍ଥ ସ୍ୱାମୀ ଭକ୍ତିବିଳାସ ପର୍ଯ୍ୟଟକ ମହାରାଜ ଯୋଗଦେଇ ଆଧ୍ୟାତ୍ମ ଓ ଆଧ୍ୟାତ୍ମିକତା କିପରି ଛାତ୍ରଛାତ୍ରୀଙ୍କ ବିକାଶ, ପ୍ରଜ୍ଞା, ଧୈର୍ଯ୍ୟ, ଚରିତ୍ର, ଆଚାର ଗଠନରେ ସହାୟକ ହେବ ବୋଲି କହିଥିଲେ। ଶିକ୍ଷାବିତ୍ ଶ୍ରୀକାନ୍ତ ଦାସ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଲୋକପ୍ରିୟ ଲେଖକ ସରୋଜ ମହାନ୍ତି, ସୁବେଦାର ଅଚ୍ୟୁତାନନ୍ଦ ପ୍ରଧାନ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଶୁକଦେବ ପରିଡ଼ା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଚେୟାରମ୍ୟାନ ଦୁର୍ଗାଚରଣ ପ୍ରଧାନ, ମ୍ୟାନେଜିଂ ଟ୍ରଷ୍ଟି କବିତା ପ୍ରଧାନ, ଉପାଧ୍ୟକ୍ଷ ଲକ୍ଷ୍ମୀଧର ସ୍ୱାଇଁ ଉପସ୍ଥିତ ଥିଲେ। ଉପାଧ୍ୟକ୍ଷ ଲକ୍ଷ୍ମୀଧର ସ୍ୱାଇଁ ଓ ଶିକ୍ଷୟିତ୍ରୀ ଅମ୍ରିତା ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଲୋପାମୁଦ୍ରା ସିଂହ, ଅମିତା ନାୟକ, ଅନୁସୂୟା କର, ସୋନାଲି ବାଇ, ରୋଜାଲିନ ସ୍ୱାଇଁ, ଅନ୍ନପୂର୍ଣ୍ଣା ମଲ୍ଲିକ, ସୁନୀତା ଦାସ, ପ୍ରକାଶ ଦାସ, ରୂପଶ୍ରୀ ମଣ୍ଡଳ, ଚନ୍ଦ୍ରିକା ମହାନ୍ତି , ପ୍ରିୟା ପ୍ରିୟଦର୍ଶିନୀ ଜେନା, ପରମେଶ୍ୱର ସାହୁ, ଜୟଶ୍ରୀ ରାଉତ, ସୁଭାଶ୍ରୀ ପ୍ରିୟଦର୍ଶିନୀ ଲେଙ୍କା, ନିବେଦିତା ଦାସ, ସୁଚିସ୍ମିତା ସାହୁ, ଗୀତାଞ୍ଜଳି ସିଅ, ସଙ୍ଗୀତା ପଣ୍ଡା , ସୁକଲ୍ୟାଣୀ ବେହୁରା, କମଳାକାନ୍ତ ବାରିକ, ବିଷ୍ଣୁ ଚରଣ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ସାନମୂଳବସନ୍ତ ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ କ୍ରୀଡ଼ା

ପଟ୍ଟାମୁଣ୍ଡାଇ,୨୦।୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସାନମୂଳବସନ୍ତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୩ତମ ବାର୍ଷିକ କ୍ରୀଡ଼ା ନିତାଇ ଚୈତନ୍ୟ ଉଚ୍ଚବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସମ୍ପାଦକ ସଂଗ୍ରାମ ସ୍ୱାଇଁ ଓ କୋଷାଧ୍ୟକ୍ଷା ମନସ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡ଼ା ଉତ୍ସବକୁ ବଡମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିକ୍ରମଜିତ ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଝରଣା ସେଠୀ ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ ସଭାରେ ସମାଜସେବୀ ସଂଗ୍ରାମ ସ୍ୱାଇଁ ମୁଖ୍ୟଅତିଥି, ପରିଚାଳନା ସମିତି ସଭାପତି ବାବୁରାମ ସାହୁ, ସଦସ୍ୟା ସୁମିତ୍ରା ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଗୁରୁମା ସବିତା ପ୍ରଧାନ ସ୍ୱାଗତ ଭାଷଣ ଓ ସୁଚିସ୍ମିତା ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିବାନୀ ଦାଶ ଧନ୍ୟବାଦ ଦେଇଥିଲେ। ଝରଣା ସେଠୀ, ଦୀପ୍ତିମୟୀ ବିଶ୍ୱାଳ, ଜ୍ୟୋତ୍ସ୍ନାରାଣୀ ବେହେରା, ସୁଶ୍ରୀ ସ୍ୱାଗତିକା ଜେନା, ଭାଗ୍ୟଶ୍ରୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲକ୍ଷ୍ମଣ ଦାଶଙ୍କୁ ମଧୁଶ୍ରୀ ସମ୍ମାନ

ଡେରାବିଶ, ୨୦।୧(ସମିସ): ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାଏକ ସ୍ମାରକୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସାହିତ୍ୟିକ ଡଃ ଲକ୍ଷ୍ମଣ ଦାଶଙ୍କୁ ମଧୁଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ସାଲେପୁରସ୍ଥ ସରସ୍ୱତୀ ଶିଶୁମନ୍ଦିରରେ ମଧୁମାଟି ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ଯୋଗଦେଇ ଶ୍ରୀ ଦାଶଙ୍କୁ ସମ୍ମାନିତ କରିଥିଲେ। ମୁଖ୍ୟବକ୍ତା ଭାବେ ଡଃ ଗୌତମ ମହାରଣା, ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ବ୍ରଜକିଶୋର ଦାଶ, ବିଭୁପ୍ରସାଦ ବିଶ୍ୱାଳ, ଡଃ ପୂର୍ଣ୍ଣଚନ୍ଦ୍ର ଓଝା, ଡଃ ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

## ଦେସାହିରେ ବୃକ୍ଷରୋପଣ, କବିତା ପାଠୋତ୍ସବ

ଗୋବିନ୍ଦପୁର,୨୦।୧(ସମିସ): ଦେସାହି ଗ୍ରାମର ସମାଜସେବୀ ସନ୍ତୋଷ ବେହୁରିଆଙ୍କ ଜନ୍ମଦିନରେ ବୃକ୍ଷରୋପଣ, କବିତା ପାଠୋତ୍ସବ, ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଛି। ଦଧିବାମନଜୀଉ ବିଦ୍ୟାପୀଠରେ ବୃକ୍ଷରୋପଣ କରାଯାଇଥିଲା। କବି ପ୍ରଭାତ ମଲ୍ଲିକଙ୍କ ସଂଯୋଜନାରେ କବି ରମାକାନ୍ତ ନାୟକ, ଅମ୍ବିକା ସାମଲ, ଭାରତ ଭୂଷଣ ମଲ୍ଲିକ, ଖଗେଶ୍ୱର ସାହୁଙ୍କ ସମେତ ୩୦ରୁ ଅଧିକ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ମଧ୍ୟାହ୍ନରେ ଶିକ୍ଷାବିତ୍ ଗଦାଧର ପଢ଼ିହାରିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରଫେସର ଦାମୋଦର ବେହେରା, ମୁଖ୍ୟବକ୍ତା ଖରସ୍ରୋତା ପୁସ୍ତକ ମେଳା ସଭାପତି ପଦ୍ମାକର ଗୁରୁ, ସମ୍ମାନିତ ଅତିଥି ଡକ୍ଟର ଗିରିଶ ମିଶ୍ର, ବରେଣ୍ୟ ବକ୍ତା ପଣ୍ଡିତ ମହେଶ୍ୱର ନନ୍ଦ, ସମ୍ମାନିତ ଅତିଥି କନକଲତା ବେହେରା, ସରପଞ୍ଚ ମୋନାଲିସା ଦାସ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଶ୍ରୀ ବେହୁରିଆଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଏ ଅବସରରେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ସନ୍ତୋଷ ବେହୁରିଆ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ରାଜନୀତି ବିଜ୍ଞାନ ବିଭାଗ ଆଲୋଚନାଚକ୍ର

ପଟ୍ଟାମୁଣ୍ଡାଇ,୨୦।୧(ସମିସ): ପଟ୍ଟାମୁଣ୍ଡାଇ କଲେଜ ରାଜନୀତି ବିଜ୍ଞାନ ବିଭାଗ ଓ ଓଳାଭର କଲେଜ ରାଜନୀତି ବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ ଡେମନଷ୍ଟ୍ରେଟିଂ ଡେମୋକ୍ରେସୀ, ଅପରଚ୍ୟୁନିଟିଜ ଆଣ୍ଡ ଚ୍ୟାଲେଞ୍ଜେସ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରୋହିତ୍ୟ ଓ ଅଧ୍ୟାପକ ଡ. ଆଲୋକ ସାହୁଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ଓ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ରାଜନୀତି ବିଜ୍ଞାନ ଡ. ପ୍ରକାଶ ଷଡଙ୍ଗୀ ମୁଖ୍ୟଅତିଥି, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ମାନସ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଣତନ୍ତ୍ରକୁ ଲୋକାଭିମୁଖୀ କରିବା, ସାଧାରଣ ନାଗରିକଙ୍କ ଶାସନ ତନ୍ତ୍ରରେ ଅଂଶଗ୍ରହଣ, ପାରଦର୍ଶିତା, ଦାୟିତ୍ୱବୋଧ ଓ ଡିଜିଟାଲ ମାଧ୍ୟମରେ ଗଣତନ୍ତ୍ରକୁ ଶକ୍ତିଶାଳୀ କରିବା ସମ୍ପର୍କରେ ତାତ୍ତ୍ୱିକ ବିଶ୍ଳେଷଣ କରିବା ସହିତ ଅଶିକ୍ଷା, ଭୁଲ ସୂଚନା, ସାମାଜିକ ଅସମାନତା ଦୂର କରି ସମତୁଳନ କରିପାରିଲେ ଗଣତନ୍ତ୍ର ଅଧିକ ସକ୍ରିୟ ଓ କ୍ରିୟାଶୀଳ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ପଟ୍ଟାମୁଣ୍ଡାଇ କଲେଜ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ଼ ସର୍ବେଶ୍ୱର ସାହୁ ବିଷୟଭିତ୍ତିକ ସନ୍ଦର୍ଭ ପାଠ କରିଥିବାବେଳେ ଅଧ୍ୟାପିକା ନିବେଦିତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ଆଲୋକ ରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରର ଦ୍ୱିତୀୟ ଅଧିବେଶନରେ ପଟ୍ଟାମୁଣ୍ଡାଇ, ଓଳାଭର କଲେଜ ସମେତ ବିଭିନ୍ନ କଲେଜର ଅଧ୍ୟାପକ ଅଧ୍ୟାପିକା ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଅଧ୍ୟାପିକା ଶୁଭଶ୍ରୀ ପୋଥାଳ ଧନ୍ୟବାଦ ଦେଇଥିଲେ।

### ● ଆର୍ତ୍ତେଶ୍ୱରଙ୍କ ପୀଠରେ ତ୍ରିବେଣୀ ମେଳା


## ଭକ୍ତି ସଙ୍ଗୀତ ଓ ନୃତ୍ୟଗୀତରେ ବିଭୋର ଦର୍ଶକ

ଡେରାବିଶ, ୨୦।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍ ଅନ୍ତର୍ଗତ ଜଗନ୍ନାଥପୁରସ୍ଥ ଶୈବ ପୀଠ ଆର୍ତ୍ତେଶ୍ୱରଙ୍କ ମନ୍ଦିର ବେଢ଼ାରେ ତ୍ରିବେଣୀ ମେଳାର ଆଜି ଥିଲା ଦ୍ୱିତୀୟ ସନ୍ଧ୍ୟା। ଦ୍ୱିତୀୟ ସନ୍ଧ୍ୟା ସାଂସ୍କୃତିକ ମଞ୍ଚରେ କେନ୍ଦ୍ରାପଡ଼ା ନୂପୁର ସାଂସ୍କୃତିକ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ନୃତ୍ୟ ଓ ଭକ୍ତି ସଙ୍ଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା। ସୋମବାର ଥିବାରୁ ଆର୍ତ୍ତେଶ୍ୱରଙ୍କ ଦର୍ଶନ ପାଇଁ ଭିଡ଼ ଲାଗିଥିବାବେଳେ ମେଳା ପଡ଼ିଆରେ ପଡ଼ିଥିବା ଅସ୍ଥାୟୀ ବଜାରରେ ଦର୍ଶକଙ୍କ ଗହଳି ଦେଖିବାକୁ ମିଳିଥିଲା। ଏଥିସହିତ ମନ୍ଦିର ବେଢ଼ାରେ ଆରମ୍ଭ ହୋଇଥିବା ବିଶ୍ୱ କଲ୍ୟାଣ ରୁଦ୍ରଶାନ୍ତି ମହାଯଜ୍ଞ ମଣ୍ଡପରେ ପଣ୍ଡିତଙ୍କ ମନ୍ତ୍ର ମନ୍ଦିର ବେଢ଼ା ଓ ମେଳା ପଡ଼ିଆକୁ ଭକ୍ତିମୟ କରିଥିଲା। ଜିଲ୍ଲାରେ ଏହି ମେଳାଟି ପ୍ରସିଦ୍ଧିଲାଭ କରିଥିବାରୁ ଦର୍ଶକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଆମ ଗୋବରୀ ସେବା ସଂଗଠନ ପକ୍ଷରୁ ସେବା ଶିବିର ପଡ଼ିଥିଲା। ଶିବିରକୁ ବରିଷ୍ଠ ବିଜେଡି ନେତା ରବି ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବାବେଳେ ମାହାଙ୍ଗା ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ କିଶୋର ସିଂ, ନହଙ୍ଗ ସରପଞ୍ଚ ବିଳାସିନୀ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ସ୍ୱର୍ଣ୍ଣପ୍ରଭା ପଲାଇ, ସମ୍ପାଦକ କଳ୍ପତରୁ ମହାରଣାଙ୍କ ନେତୃତ୍ୱରେ ପ୍ରହ୍ଲାଦ ପଲେଇ, ପାର୍ବତୀ ମଲ୍ଲିକ, ଅମୀୟ ପଲାଇ, ସଦାଶିବ ପଣ୍ଡିତରା, ଅଲେଖ ଚନ୍ଦ୍ର ପାତ୍ରଙ୍କ ସମେତି ବହୁ ସ୍ୱେଚ୍ଛାସେବୀ ଭିଡ଼କୁ ନିୟନ୍ତ୍ରଣ କରିବା ସହ ସେବା ଯୋଗାଇ ଦେଇଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଆସନ୍ତା ଗୁରୁବାର ଶେଷ ହେବାକୁ ଥିବା ଏହି ମେଳାରେ ଘରକରଣା ସାମଗ୍ରୀ ସହ ବିଭିନ୍ନ ଫାଷ୍ଟଫୁଡ୍ ଷ୍ଟଲରେ ମହିଳାଙ୍କ ସଂଖ୍ୟା ଅଧିକ ଥିବାବେଳେ ପ୍ରଦର୍ଶିତ ଅପେରାରେ ଭିଡ଼ ଦେଖିବାକୁ ମିଳୁଛି। କମିଟିର ସଭାପତି ଅକ୍ଷୟ ଦାସ, ସମ୍ପାଦକ ନାରାୟଣ ଲେଙ୍କା, କର୍ମକର୍ତ୍ତା ପ୍ରଭାକରୀ ସାମଲ, କୃତ୍ତିବାସ ସେଠୀ, ସୁବ୍ରତ ବରାଳ, ବୀରବର ସାହୁ, ପ୍ରଦୀପ ନାୟକ ପ୍ରମୁଖ ପରିଚାଳନା କରୁଛନ୍ତି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ନିକିରାଇ ପୁଲିସ୍ ପକ୍ଷରୁ ପଦକ୍ଷେପ ନିଆଯାଇଛି।

## ଜିଲ୍ଲାପାଳଙ୍କୁ ଭେଟିଲା କୃଷକ ସଭା

ରାଜକନିକା,୨୦।୧(ସମିସ): ସୋମବାର ଦିନ ରାଜକନିକା ବ୍ଲକ ପରିସରରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଓଡ଼ିଶା କୃଷକ ସଭା ରାଜକନିକା ବ୍ଲକ କମିଟି ପକ୍ଷରୁ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କୁ ଭେଟି ବିଭିନ୍ନ କୃଷି ସମସ୍ୟା ସମ୍ବଳିତ ୧୧ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଦୁଇ ହଜାରରୁ ଊର୍ଦ୍ଧ୍ୱ ଦସ୍ତଖତ ସମ୍ବଳିତ ଦାବିପତ୍ରକୁ ଶତାଧିକ ଚାଷୀ ଜିଲ୍ଲାପାଳଙ୍କୁ ପ୍ରଦାନ କରି ଦୁଇ ସପ୍ତାହ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଗୁଣ୍ଡଳ ଓ ଡାଳିକାଏନ୍ଦାଠାରେ ନିର୍ମିତ ତ୍ରୁଟିପୂର୍ଣ୍ଣ ସ୍ଲୁଇସ ଗେଟ ଯୋଗୁ ଜଳସେଚନ ଓ ଜଳ ନିଷ୍କାସନ କ୍ଷମତା କମୁଛି। ଏହାର ସମ୍ପ୍ରସାରଣ ଦରକାର। ଏଥିସହିତ ଯୋର, ନାଳରେ ପଙ୍କ ଉଦ୍ଧାର ସାଙ୍ଗକୁ ଜଳସେଚନ, ଜଳ ନିଷ୍କାସନ ଓ ଦଳ ସଫା ପାଇଁ ସଂଗଠନ ଦାବି କରିଛି। ନଦୀ ଗ୍ରାସରୁ ଗାଁକୁ ରକ୍ଷା କରିବା ପାଇଁ ସ୍ପର ନିର୍ମାଣ ସହିତ ପୁରୁଣା ସ୍ପର ମରାମତି କରିବା ଓ ବନ୍ୟାବନ୍ଧ ମରାମତି ସହିତ ଲୁଣା ଘେରି ସମ୍ପ୍ରସାରଣ ପାଇଁ ଦାବି କରାଯାଇଛି। କୁମ୍ଭୀର ଓ ବାର୍‌ହା ଆକ୍ରମଣରୁ ଧନ ଜୀବନ ରକ୍ଷା କରିବା ଓ କ୍ଷତିପୂରଣ ଦେବା, ସମବାୟ ଦୁର୍ନୀତି ରୋକିବା, ବନ୍ୟା ଓ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କ କୃଷି ଋଣ ଛାଡ଼ କରିବା ଆଦି ଦାବି କରାଯାଇଛି। ଜିଲ୍ଲା ସଭାପତି କାଳୀପ୍ରସାଦ ନାୟକ, ଜିଲ୍ଲା ସମ୍ପାଦକ ଗୟାଧର ଧଳ, ବ୍ଲକ ସଭାପତି ଧନେଶ୍ୱର ରାଉତ, ବ୍ଲକ ସମ୍ପାଦକ ନବକିଶୋର ସୂତାର, ବରିଷ୍ଠ ନେତା କିଶୋର ସାହୁ, ଦାମୋଦର ଧଳ, ରମାକାନ୍ତ ନାୟକ, କୃପାସିନ୍ଧୁ ପଣ୍ଡା, ପ୍ୟାରୀମୋହନ ସ୍ୱାଇଁ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଡାକ୍ତର ପ୍ରମୋଦ ପ୍ରହରାଜଙ୍କୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା,୨୦।୧(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ପୂର୍ବତନ ଅତିରିକ୍ତ ଜିଲ୍ଲା ମେଡିକାଲ ଅଫିସର (ଏଡିଏମଓ) ଡା. ପ୍ରମୋଦ କୁମାର ପ୍ରହରାଜଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଡା. ପ୍ରହରାଜ ୨୦୨୨ ଜୁନ ୩୦ ତାରିଖରୁ କେନ୍ଦ୍ରାପଡ଼ା ଜିଲ୍ଲାରେ ଏଡିଏମଓ ଦାୟିତ୍ୱ ସଫଳତାର ସହିତ ପାଳନ କରି ଜିଲ୍ଲା ପାଇଁ ଗୌରବ ଆଣିଥିଲେ। ଏଥିସହିତ ସେ ୯ ମାସ ଧରି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମଓ) ଓ ଜିଲ୍ଲା ମିଶନ ନିର୍ଦ୍ଦେଶକ ଦାୟିତ୍ୱରେ ଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାକେନ୍ଦ୍ର ଦୁଇଥର ଇକୋ ଫ୍ରେଣ୍ଡଲି ହସ୍ପିଟାଲ ଓ କାୟାକଳ୍ପ ସମ୍ମାନରେ ସମ୍ମାନିତ ହେବା ସହ ଲକ୍ଷ୍ୟ ଓ ବେବୀ ଫ୍ରେଣ୍ଡଲି ହସ୍ପିଟାଲ ମାନ୍ୟତା ଲାଭ କରିଥିଲା। ବର୍ତ୍ତମାନ ଡା. ପ୍ରହରାଜ ଭଦ୍ରକ ଜିଲ୍ଲାକୁ ସିଡିଏମଓ ଭାବେ ବଦଳି ହୋଇଥିବାରୁ କେନ୍ଦ୍ରାପଡ଼ା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୁଃଖ ପ୍ରକାଶ କରାଯିବା ସହ ସମ୍ବର୍ଦ୍ଧନା ମାଧ୍ୟମରେ ସମ୍ମାନ ଜଣାଯାଇଛି। ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋରଞ୍ଜନ ରାଉତ ଅଧ୍ୟକ୍ଷତା କରିଥିଲେ। ଡା. ସଚ୍ଚିଦାନନ୍ଦ ମିଶ୍ର, ଡା. ଗୌରାଙ୍ଗ ଗିରି, ଡା. ଶ୍ୟାମସୁନ୍ଦର ଟୁଡୁ, ଡା. ପ୍ରଦୀପ ଦାସ, ନୂତନ ଏଡିଏମଓ ଡା. କିଶୋର ମିଶ୍ର, ବିଭିନ୍ନ ସ୍ପେସାଲିଷ୍ଟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ନାୟକ, ଆର୍ଥିକ ଅଧିକାରୀ ଆଶୁତୋଷ ତ୍ରିପାଠୀ, ଜିଲ୍ଲା ପ୍ରକଳ୍ପ ପରିଚାଳକ ଡ. ମନୋରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଡା. ସୁକାନ୍ତ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଚନ୍ଦନନଗର ପଦ୍ମଲୋଚନ ବିଦ୍ୟାପୀଠର ବାର୍ଷିକ ଉତ୍ସବ

# 'ଉତ୍ତମ ଶିକ୍ଷା ଜୀବନକୁ ଆଲୋକିତ ଓ ସଫଳ କରେ'

ପଟ୍ଟାମୁଣ୍ଡାଇ,୨୦।୧(ସମିସ)




ଶିକ୍ଷା ମଣିଷ ଜୀବନକୁ ଆଲୋକିତ ଓ ସଫଳ କରିଥାଏ । ଅଜ୍ଞାନତାକୁ ବିନାଶ କରି ଜ୍ଞାନର ଆଲୋକ ବିତରଣ କରି ଛାତ୍ରଛାତ୍ରୀଙ୍କୁ ସୁନାଗରିକ ଭାବେ ଗଢି ତୋଳିବାରେ ସହାୟକ ହୋଇଥାଏ ବୋଲି ପଟ୍ଟାମୁଣ୍ଡାଇ ବ୍ଲକ୍ ଚନ୍ଦନନଗର ପଦ୍ମଲୋଚନ ନୋଡାଲ ବିଦ୍ୟାପୀଠର ବାର୍ଷିକ ଉତ୍ସବ ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ରାଜନଗର ବିଧାୟକ ଧ୍ରୁବଚରଣ ସାହୁ ପ୍ରକାଶ କରିଛନ୍ତି।

ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବନୋଜିନୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବିଶିଷ୍ଟ କବି, ସ୍ତମ୍ଭକାର ତଥା ପୂର୍ବତଟ ରେଳପଥର ପ୍ରାକ୍ତନ ଅଧିକାରୀ ନିରାକାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷା ହିଁ ସାମର୍ଥ୍ୟ ଗଢିବାର ଚାବିକାଠି ହୋଇଥିବାରୁ ପ୍ରଗତିର ମାର୍ଗକୁ ଆଲୋକିତ କରିଥାଏ ବୋଲି ପ୍ରକାଶ କରିଥିଲେ। କେନ୍ଦ୍ରାପଡ଼ା ସ୍ୱୟଂଶାସିତ କଲେଜର ପ୍ରାକ୍ତନ ଇଂରାଜୀ ବିଭାଗ ପ୍ରାଧ୍ୟାପକ ଦୁର୍ଯ୍ୟୋଧନ ପରିଡା, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ପ୍ରାକ୍ତନ ପ୍ରଧାନଶିକ୍ଷକ ପଞ୍ଚାନନ ଧଳ, ପ୍ରାକ୍ତନ ଯୁଗ୍ମ ଶାସନ ସଚିବ ଅଶୋକ ଦାସ, ଚନ୍ଦନନଗର ପଞ୍ଚାୟତ ସମିତି ସଭ୍ୟ ମାନସ ମଲ୍ଲିକ ଓ ସାମ୍ବାଦିକ ଭାସ୍କର ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଚିତ୍ତରଞ୍ଜନ ବାରିକ ସ୍ୱାଗତ ଭାଷଣ, ପ୍ରଜ୍ଞା ପାରମିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଶୁଭଶ୍ରୀ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସହକାରୀ ଶିକ୍ଷକ ସଂଜୟ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ବିଦ୍ୟାପୀଠର ମୁଖପତ୍ର "ଚନ୍ଦନ' ଉନ୍ମୋଚିତ ହେବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବାହ୍ନରେ କବି ନିରାକାର ଦାସଙ୍କ ପୌରୋହିତ୍ୟରେ ପ୍ରଥମ ଅଧିବେଶନରେ ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ ମୁଖ୍ୟଅତିଥି, କବି ସଚିତ୍ର ବେହୁରା ମୁଖ୍ୟବକ୍ତା, ଗାଳ୍ପିକା ଅବନ୍ତୀ ବେହେରା, କବୟିତ୍ରୀ ଚାରୁଲତା ଭୂୟାଁ, ନଳିନୀପ୍ରଭା ଦାସ ଓ ସରୋଜିନୀ ଦାଶ, ଶିକ୍ଷାବିତ ସୁରେଶ ଜେନା, କବି ଅଶୋକ ପରିଡା ଓ ନିମାଇଁ ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚିତ୍ତରଞ୍ଜନ ବାରିକ ସ୍ୱାଗତ ଭାଷଣ ଓ ସହକାରୀ ଶିକ୍ଷୟତ୍ରୀ ବନୋଜିନୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଜ୍ଞାପରମିତା ସାହୁ ଧନ୍ୟବାଦ ଦେଇଥିଲେ। ଏ ଅବସରରେ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଶରତ ସାହୁ, ଦୀପ୍ତିଶଙ୍କର ରାଉଳ, ଦୁର୍ଗାପ୍ରସାଦ ପରିଡା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଯଦି ମୋତେ କୌଣସି ଧର୍ମ ଗ୍ରହଣ କରିବାକୁ ପଡ଼ିଥା'ନ୍ତା, ତେବେ ମୁଁ ସୂର୍ଯ୍ୟ ଉପାସନାକୁ ପ୍ରାଥମିକତା ଦେଇଥା'ନ୍ତି। କାରଣ ସୂର୍ଯ୍ୟ ହିଁ ସମସ୍ତଙ୍କଠାରେ ଜୀବନ ସଞ୍ଚାର କରିଛନ୍ତି।

-ନେପୋଲିୟନ ବୋନାପାର୍ଟ

## ନୋବେଲ୍ ସୁଆଙ୍ଗ

ବିଶ୍ୱରେ ଶାନ୍ତି, ସଂହତି, ମୈତ୍ରୀ, ଭ୍ରାତୃତ୍ୱ ଓ ସହାବସ୍ଥାନ ପ୍ରତିଷ୍ଠାରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ପାଇଁ ପ୍ରତିବର୍ଷ ନରୱେ କମିଟି ଦ୍ୱାରା ପ୍ରଦାନ କରାଯାଉଥିବା ବିଶ୍ୱର ସର୍ବୋଚ୍ଚ ସମ୍ମାନ 'ନୋବେଲ୍ ଶାନ୍ତି ପୁରସ୍କାର'କୁ ନେଇ ଚଳିତ ଥର ସୃଷ୍ଟି ହୋଇଥିବା ସୁଆଙ୍ଗ ଅଦ୍ୟାବଧି ବିଶ୍ୱ ରଙ୍ଗମଞ୍ଚରେ ପ୍ରଦର୍ଶିତ ହୋଇଚାଲିଛି ଏବଂ ସେଥିରେ ନୂଆ ନୂଆ ଚରିତ୍ରମାନ ଯୋଡ଼ି ହୋଇ ସୁଆଙ୍ଗର ଅବଧିକୁ ଦୀର୍ଘ କରିଚାଲିଛନ୍ତି। ନିରବଚ୍ଛିନ୍ନ ସାଧନାକୁ ସ୍ୱୀକୃତି ଭାବରେ ପ୍ରଦାନ କରାଯାଉଥିବା ଏହି ସମ୍ମାନଜନକ ପୁରସ୍କାରକୁ କୌଣସିମତେ ହାସଲ କରିବା ପାଇଁ ଉଦ୍‌ବିଗ୍ନ ଓ ଅତିଶୟ ଉଚ୍ଚାଟ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ପାଳିର ଆଠମାସ ଭିତରେ ଅନେକ ସୁଆଙ୍ଗ ରଚନା କରିଥିଲେ, ତାହା ସେ ଏ ପର୍ଯ୍ୟନ୍ତ ନିଜେ କହିବୁଲୁଛନ୍ତି।



ସ୍ୱରଚିତ ସୁଆଙ୍ଗରେ ନାୟକ ଭୂମିକାରେ ନିଜକୁ ନିଜେ ଉପସ୍ଥାପନ କରି ପ୍ରଶଂସା ସାଉଁଟିବାର ସେ ଯେଉଁ ଅପପ୍ରୟାସ କଲେ ସେଥିରେ ତାଙ୍କୁ 'ତାଳି'(ସ୍ୱୀକୃତି) ବଦଳରେ 'ଗାଳି'(ପ୍ରତ୍ୟାଖ୍ୟାନ) ମିଳିବା ବା ସେ ଲୋକହସା ହେବା ସାର ହେଲା। ତାଙ୍କର ନୋବେଲ୍ କ୍ଷୁଧା ଏତେ ଭୀଷଣ ହୋଇସାରିଥିଲା ଯେ ବିଶ୍ୱର ସର୍ବଶକ୍ତିମାନ ରାଷ୍ଟ୍ରର ରାଷ୍ଟ୍ରପତିର ପଦମର୍ଯ୍ୟାଦାକୁ ସେ ଭୁଲି ଯାଇ ଶେଷରେ ନୋବେଲ୍ ପୁରସ୍କାର ଭିକ୍ଷା ମାଗିଚାଲିଲେ। ତାଙ୍କ ଭିକ୍ଷାଯାଚନାର ଶୈଳୀ ଓ ଭିକ୍ଷାଥାଳର ସ୍ୱରୂପ ଥିଲା ଚାପ, ଧମକ ଓ ଯୁଦ୍ଧ। ବିଶ୍ୱ ଇତିହାସରେ ବୋଧହୁଏ ଟ୍ରମ୍ପ ଏଭଳି ଜଣେ ବ୍ୟକ୍ତିତ୍ୱ ହୋଇ ରହିଗଲେ, ଯିଏ ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ଅଶାନ୍ତି(ଯୁଦ୍ଧ ଓ ଅସ୍ଥିରତା)କୁ ଅସ୍ତ୍ର କରିବାର ନିହାତି ଅବାଞ୍ଛିତ ଉଦ୍ୟମ କଲେ। ସେ ନିଜ ଜାଣଅଜାଣତରେ ନିଜକୁ ସେଭଳି ଜଣେ ଅତୃପ୍ତ ଆତ୍ମା ଓ ନକାରାତ୍ମକ ଶକ୍ତିର ବାହକରେ ପରିଣତ କରିଦେଲେ, ଯେଉଁମାନଙ୍କ ପ୍ରକୋପରୁ ରକ୍ଷା ପାଇବା ପାଇଁ ଆମ ଧର୍ମଧାରଣାରେ ଘୃତ, ଅନ୍ନ, ସୁରା, ବଳିଦାନ ଆଦି ପ୍ରଥା ପ୍ରଚଳିତ ଅଛି। ନିକଟରେ ସେ ସଇତାନର ସ୍ୱୀକାରୋକ୍ତି ସୁଲଭ୍ ଖୋଦ୍ ଅତି ନିର୍ଲଜ ଓ ନିର୍ବୋଧ ପଣିଆରେ ଅଥଚ ଉଦ୍ଦାମତାର ସହ ସଗର୍ବେ କହିଛନ୍ତି ଯେ ନୋବେଲ୍ ନାହିଁ ତ ଶାନ୍ତି ନାହିଁ। ଅର୍ଥାତ୍ ମୋତେ ନୋବେଲ୍ ଶାନ୍ତି ପୁରସ୍କାର ଦେଇ ସନ୍ତୁଷ୍ଟ କଲ ନାହିଁ- ଏବେ ମୋ ପ୍ରକୋପରୁ ତ୍ରାହି ନାହିଁ। କିନ୍ତୁ ସୁଆଙ୍ଗର ଚରିତ୍ର ଓ ବାସ୍ତବ ଜୀବନ ଭିତରେ ଥିବା ତଫାତ୍‌କୁ ନୋବେଲ୍ ପୁରସ୍କାର ଚୟନ କମିଟି ସଠିକ୍ ପରଖି ସମସ୍ତ ଚାପରୁ ଊର୍ଦ୍ଧ୍ୱରେ ରହି ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ କୋରିନା ମଚାଡୋଙ୍କୁ ନୋବେଲ୍ ପୁରସ୍କାର ପାଇଁ ମନୋନୀତ କରିଦେଲେ।

ଏହାପରେ ନୋବେଲ୍ ଶାନ୍ତି ପୁରସ୍କାରକୁ କେନ୍ଦ୍ରରେ ରଖି ଆଉ ଏକ ସୁଆଙ୍ଗ ରଚନା କରିଛନ୍ତି ମଚାଡୋ। ସେ ପାଇଥିବା ନୋବେଲ୍ ଶାନ୍ତି ପୁରସ୍କାରଟିକୁ ଟ୍ରମ୍ପଙ୍କୁ ଦାନ କରିଛନ୍ତି ଏବଂ ଆହୁରି ନିର୍ଲଜପଣିଆର ପ୍ରମାଣ ଦେଇ ଟ୍ରମ୍ପ ମଧ୍ୟ ତାହା ଗ୍ରହଣ କରିଛନ୍ତି। କୌଣସି ଭୋଜିକୁ ନିମନ୍ତ୍ରିତ ହୋଇ ନଥିବା ବୁଭୁକ୍ଷୁଟିଏ ନିମନ୍ତ୍ରିତ ଅତିଥିର ଥାଳିରୁ ଖାଇ ଆତିଥେୟର ଆତ୍ମତୃପ୍ତି ଭଳି କଥା ଏହା ହୋଇଛି। ପୁରସ୍କାର ହସ୍ତାନ୍ତରର ଏଭଳି ଉପକ୍ରମରେ ନୋବେଲ୍ ତାଲିକା ଆପେ ସଂଶୋଧିତ ହୋଇଯିବ ନାହିଁ - ଏହା ଯେ ମଚାଡୋ, ଟ୍ରମ୍ପ କିମ୍ବା ତାଙ୍କ ଉପଦେଷ୍ଟାମାନେ ଜାଣି ନଥିବେ ତା' ନୁହେଁ। କିନ୍ତୁ 'ବୁଭୁକ୍ଷୁ କିଂ ନ କରୋତି କାର୍ଯ୍ୟମ୍(ଭୋକିଲାର ବିଚାରବୋଧ ଓ ବିବେକବୋଧ ନ ଥାଏ) ନୀତିରେ ଟ୍ରମ୍ପ ମଚାଡୋଙ୍କ ହାତରୁ ନୋବୋଲ୍ ପୁରସ୍କାର ଗ୍ରହଣ କରି ସଗର୍ବେ ଫଟୋ ଉଠାଇ ପ୍ରଶଂସା ସାଉଁଟିବାର ନିର୍ବୋଧ ଉଦ୍ୟମ କରିଛନ୍ତି।

ଏହି ସମ୍ପୂର୍ଣ୍ଣ ସୁଆଙ୍ଗରେ ମାଚୋଡା କିନ୍ତୁ ନାୟିକା ଓ ଟ୍ରମ୍ପ ଖଳନାୟକ ହୋଇରହିଗଲେ। ଯଦି ବାସ୍ତବରେ ଏଭଳି ଉପକ୍ରମରେ ନୋବେଲ୍ ତାଲିକା ସଂଶୋଧନ ହୋଇଯାଉଥା'ନ୍ତା ତେବେ ମଚାଡୋ ସତରେ ପୁରସ୍କାରଟିକୁ ଟ୍ରମ୍ପଙ୍କ ହାତକୁ ଟେକି ଦେଇଥା'ନ୍ତେ କି ନାହିଁ ସନ୍ଦେହ। କିନ୍ତୁ ନୋବେଲ୍ ପୁରସ୍କାର ଭଳି ମହାର୍ଘ ସ୍ୱୀକୃତି ଓ ସମ୍ମାନକୁ ହସ୍ତାନ୍ତର ଜନିତ ବଳିଦାନ ଓ ସମର୍ପଣ ଭାବନା ଯୋଗୁଁ ସେ ଆହୁରି ମହୀୟସୀ ଓ ବିଶ୍ୱବନ୍ଦନୀୟା ହୋଇଯାଇଥା'ନ୍ତେ। କାରଣ ନୋବେଲ୍-ଭୋକିଲା ଟ୍ରମ୍ପଙ୍କ ଆକ୍ରୋଶରୁ ତ ସେ ଏହି ବଳିଦାନ ଦ୍ୱାରା ନିଜ ଦେଶ ଭେନେଜୁଏଲା ସମେତ ଗ୍ରୀନ୍‌ଲାଣ୍ଡ, ଇରାନ୍ ଆଦି ଦେଶ ବିରୋଧରେ ସମ୍ଭାବ୍ୟ ଯୁଦ୍ଧକୁ ଟାଳି ବିଶ୍ୱକୁ ବିନାଶରୁ ରକ୍ଷା କରିପାରିଥା'ନ୍ତେ। ଏହି ଶ୍ରେୟ ନୋବେଲ୍ ଶାନ୍ତି ପୁରସ୍କାରଠାରୁ ମଧ୍ୟ ଅଧିକ ହୋଇଯାଇଥା'ନ୍ତା। କିନ୍ତୁ ସୁଆଙ୍ଗର ସଂଳାପ ଓ ଅଭିନୟ ବାସ୍ତବ ଜୀବନରେ ସମ୍ଭବ ନୁହେଁ, ଏହା ଦର୍ଶକ ଆସନରେ ବସିଥିବା ଅବଶିଷ୍ଟ ବିଶ୍ୱ ଉପଲବ୍ଧି କରୁଛନ୍ତି ଏବଂ ସୁଆଙ୍ଗକୁ ଉପଭୋଗ କରୁଛନ୍ତି।

ନୋବୋଲ୍ ସୁଆଙ୍ଗର ଏହି ସାମଗ୍ରିକ ଓ ସମ୍ଭାବ୍ୟ ଉପକ୍ରମ ଯେ ଏକ କଳଙ୍କିତ ଅଧ୍ୟାୟ ଲେଖିଦେଇ ଗଲା ତାହା ମଚାଡୋ ହେଜିବା ଦରକାର। ମଚାଡୋଙ୍କ ହାତରୁ ପୁରସ୍କାର ନେଇ ଟ୍ରମ୍ପ ନିଜ ପଦମର୍ଯ୍ୟାଦାକୁ ଯେତିକି କ୍ଷୁଣ୍ଣ କରିଛନ୍ତି, ମଚାଡୋ ମଧ୍ୟ ନୋବେଲ୍ ପୁରସ୍କାରର ସେତିକି ଅପମାନ କରିଛନ୍ତି। ନୋବେଲ୍ ଶାନ୍ତି ପୁରସ୍କାର ଏକ ରେସ୍‌କୋର୍ସ ନୁହେଁ, ଯେଉଁଠାରେ ଘୋଡ଼ାଟିଏ ଦୌଡୁଥିବ, ଅଥଚ ଜୁଆଡ଼ିଟିଏ ହିଁ ବାଜି ମାରି ନେଉଥିବ। ଏହି ଅବାଞ୍ଛିତ ଉପକ୍ରମ ନୋବୋଲ୍‌ର ମାନ ଓ ମର୍ଯ୍ୟାଦା କ୍ଷୁଣ୍ଣ କରିଥିବାରୁ ମଚାଡୋଙ୍କଠାରୁ ମଧ୍ୟ ପୁରସ୍କାର ପ୍ରତ୍ୟାହାର କରାଗଲେ ବା ତାଲିକାରୁ ତାଙ୍କ ନାମ ବାଦ୍ ଦିଆଗଲେ ଭୁଲ୍ ହେବ ନାହିଁ।

# ସାଟେଲାଇଟ୍ ସହିତ ଗାନ୍ଧୀ !

ଡକ୍ଟର ଅବଶ ପରିଡ଼ା

ଲୋକପ୍ରିୟ ସମାଜଶାସ୍ତ୍ରୀ ଆଲଭିନ୍ ଟଫଲରଙ୍କୁ ଅନ୍ବେବହୁତ ସଭିଏଁ ଜାଣନ୍ତି। 'ଫ୍ୟୁଚର ସକ୍' ଭଳି ତାଙ୍କର ଅନ୍ୟ ଏକ ପ୍ରମୁଖ ପୁସ୍ତକ ହେଉଛି 'ଦି ଥାର୍ଡ ୱେଭ୍'। ଏହା ସାମାଜିକ ପରିବର୍ତ୍ତନର ଏକ ଶକ୍ତିଶାଳୀ ପୁନଃବ୍ୟାଖ୍ୟାନ। ଆଧୁନିକୀକରଣର ପାରମ୍ପରିକ ଶିଳ୍ପ-କେନ୍ଦ୍ରିକ ତତ୍ତ୍ୱକୁ ଏହି ପୁସ୍ତକ ମାଧ୍ୟମରେ ଆହ୍ୱାନ କରିଛନ୍ତି ଟଫଲର। ପାରମ୍ପରିକ ବିଶ୍ୱାସ କୁହେ ଯେ ପ୍ରଯୁକ୍ତିବିଦ୍ୟାର ଦ୍ରୁତପ୍ରଗତି ଯୋଗୁଁ କେନ୍ଦ୍ରୀକରଣ, ସହରୀକରଣ ଓ ସାମାଜିକ ସମନ୍ୱୟୀକରଣ ଭଳି ଘଟଣା ହେବା ସ୍ୱାଭାବିକ। କିନ୍ତୁ ଟଫଲରଙ୍କ 'ଦି ଥାର୍ଡ ୱେଭ୍' ପୁସ୍ତକର ସାରମର୍ମ ଏସବୁ ଧାରଣା ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏଠାରେ ଟଫଲର ଯୁକ୍ତି ଦେଇଛନ୍ତି ଯେ ସୂଚନା, ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଓ ବିକେନ୍ଦ୍ରୀକରଣ ବ୍ୟବସ୍ଥା ଦ୍ୱାରା ପରିଚାଳିତ ସଭ୍ୟତାର ତୃତୀୟ ତରଙ୍ଗରେ ମାନବଜାତି ପ୍ରବେଶ କରୁଛି। ଏଠି ପରିବର୍ତ୍ତନ ବ୍ୟକ୍ତିର ଭାବନାଠାରୁ ବହୁତ ଆଗରେ।

ସେହି ପୁସ୍ତକର ଏହିଭଳି ପ୍ରଗତିଶୀଳ ଧାରଣାଗୁଡ଼ିକ ମଧ୍ୟରେ 'ସାଟେଲାଇଟ୍ସ ସହିତ ଗାନ୍ଧୀ'(ଗାନ୍ଧୀ ୱିଥ୍ ସାଟେଲାଇଟ୍) ନାମକ ଏକ ଅଧ୍ୟାୟ ଅଛି। ଏଠାରେ ଟଫଲର ସାଙ୍କେତିକ ଭାବରେ ମହାତ୍ମା ଗାନ୍ଧୀଙ୍କ ବିକେନ୍ଦ୍ରୀକରଣ, ଗ୍ରାମ ଓ ସମ୍ପ୍ରଦାୟ-ଆଧାରିତ ଏକ ନୈତିକ ସାମାଜିକ ଜୀବନର ଦୃଷ୍ଟିକୋଣ ସହ ସାଟେଲାଇଟ୍ ଓ ଡିଜିଟାଲ୍ ନେଟୱାର୍କ ଭଳି ଉନ୍ନତ ପ୍ରଯୁକ୍ତିବିଦ୍ୟାର ମିଶ୍ରଣ କରିଛନ୍ତି। ଏହାସହିତ ଏକ ପରିବର୍ତ୍ତିତ ମାନବମୂଲ୍ୟ ଥିବା ସମାଜ କଥା ମଧ୍ୟ ଚିନ୍ତା କରିଛନ୍ତି। ଏଠାରେ ପ୍ରଶ୍ନ ପଚରା ଯାଇପାରେ ଯେ ସାମାଜିକ ପରିବର୍ତ୍ତନର ଏହି ଭବିଷ୍ୟବାଣୀରେ ଟଫଲର କାହିଁକି ଗାନ୍ଧୀଙ୍କ ଉଦାହରଣ ଦେଲେ? ପଶ୍ଚିମ ବିଶ୍ୱରେ ବିଦ୍ୱାନ, ଲେଖକ ଓ ରାଜନେତାଙ୍କର କ'ଣ ଅଭାବ ଥିଲା? ଗାନ୍ଧୀ କାହିଁକି ନୂତନ ସାମାଜିକ ପରିବର୍ତ୍ତନର ଦିଗଦର୍ଶକ ହେଲେ?

ପାଞ୍ଚ ଦଶନ୍ଧି ତଳେ ଟଫଲରଙ୍କ ଦୃଷ୍ଟିକୋଣ ସୁଦୂରପ୍ରସାରୀ ଥିଲା। ତାଙ୍କ ମତରେ ଭବିଷ୍ୟତର ସମାଜ ହେଉଛି ସୁଦୂର କାର୍ଯ୍ୟ, ଡିଜିଟାଲ ଶାସନ, ଟେଲିମେଡିସିନ୍ ଓ ନେଟୱାର୍କ ସକ୍ରିୟତା ଦ୍ୱାରା ଚିହ୍ନିତ, ଯାହା ଏବେ ଏକ ଧ୍ରୁବ ସତ୍ୟ। ସ୍ଥାନୀୟ ସଂସ୍କୃତି ସହିତ ବିଶ୍ୱ ସଂଯୋଗର ସହାବସ୍ଥାନ ଏକ ମାନବୀୟ ଆଧୁନିକତାକୁ ପ୍ରତିଫଳିତ କରିବ ବୋଲି ଟଫଲର ଆଶାବାଦୀ ଥିଲେ। ଆଲଭିନ୍ ଟଫଲରଙ୍କ ପାଇଁ ଆଧୁନିକୀକରଣ ଓ ପ୍ରଗତିର ତତ୍ତ୍ୱଗୁଡ଼ିକୁ ପ୍ରଶ୍ନ କରିବା ପାଇଁ ମହାତ୍ମା ଗାନ୍ଧୀ ଥିଲେ ଏକମାତ୍ର ସମାଜତାତ୍ତ୍ୱିକ ଉପାଦାନ। ଏହି ପରିପ୍ରେକ୍ଷୀରେ ଅନେକ ସମାଜଶାସ୍ତ୍ରୀ ମତ ଦିଅନ୍ତି ଯେ ସମ୍ଭବତଃ ଭବିଷ୍ୟତକୁ ଗାନ୍ଧୀଙ୍କ ଦୃଷ୍ଟିରେ ପୁନଃକଳ୍ପନା କରିଛନ୍ତି ଟଫଲର। ଗାନ୍ଧୀଙ୍କ ପରି ଟଫଲର ମଧ୍ୟ କାରଖାନାର ବହୁଳ ଉତ୍ପାଦନ ଓ ଅମଲାତନ୍ତ୍ର ନିୟନ୍ତ୍ରଣ ଦ୍ୱାରା ହେଉଥିବା ଶ୍ରମିକର କାର୍ଯ୍ୟ ବିଚ୍ଛିନ୍ନତାକୁ ନିରନ୍ତର ସମାଲୋଚନା କରିଛନ୍ତି। ଏଠି କହି ରଖିବାକୁ ଚାହେଁ ଯେ ମହାତ୍ମା ଗାନ୍ଧୀ ପ୍ରଗତିକୁ କଦାପି ବିରୋଧ କରି ନ ଥିଲେ। କିନ୍ତୁ ସେ ଏପରି ଏକ ସଭ୍ୟତାର ବିରୋଧ କରିଥିଲେ, ଯାହା ଦକ୍ଷତା ଓ ପରିମାଣ ବଦଳରେ ମାନବ ମର୍ଯ୍ୟାଦା, ସାମୂହିକ ଜୀବନ ଓ ନୈତିକ ଦାୟିତ୍ୱକୁ ବଳିଦାନ ଦିଏ।

୧୯୦୯ ମସିହା 'ହିନ୍ଦ ସ୍ୱରାଜ'ରେ ଗାନ୍ଧୀ ଲେଖିଛନ୍ତି 'ଯନ୍ତ୍ରପାତି ଭାରତକୁ ଗରିବ କରିଦେଇଛି, ମାଞ୍ଚେଷ୍ଟର ଆମ ପ୍ରତି କରିଥିବା କ୍ଷତିକୁ ମାପିବା ଆମ ପାଇଁ କଷ୍ଟକର।' ଗାନ୍ଧୀଙ୍କ ଏହି ମତ ଥିଲା ଶିଳ୍ପ ପୁଞ୍ଜିବାଦ ଉପରେ କଟାକ୍ଷ। ଗାନ୍ଧୀ କହିବାକୁ ଚାହୁଁଥିଲେ ଯେ ଯାନ୍ତ୍ରିକଶିଳ୍ପ ଉତ୍ପାଦନ ଦ୍ୱାରା ଗ୍ରାମ୍ୟଶିଳ୍ପ ନଷ୍ଟ ହୁଏ। ସମ୍ପତ୍ତିର ମାଲିକାନାକୁ କେନ୍ଦ୍ରୀଭୂତ କରିବା ସହିତ ସାମାଜିକ ସମ୍ପର୍କ ମଧ୍ୟ ହାନି ହୁଏ। ଆଠ ଦଶକ ପରେ ଏହି ଗାନ୍ଧୀବାଣୀ ଟଫଲରଙ୍କ 'ସମାଜର ଅମାନବୀୟ ମୂଳ' ଭାବରେ ବର୍ଣ୍ଣନା ହୋଇଛି।

ଟଫଲରଙ୍କ 'ଫ୍ୟୁଚର ସକ୍' ପୁସ୍ତକରେ ଉଲ୍ଲେଖ ଅଛି ଯେ ଅନ୍ଧବିକାଶର ଅଦୃଶ୍ୟ ପରିମାଣ ଏବଂ ଶିଳ୍ପ ମାନକୀକରଣ ଯୋଗୁଁ ବ୍ୟକ୍ତିର ମାନସିକ ବିଭ୍ରାନ୍ତି ଓ ସାମାଜିକ ବିଭ୍ରାଟ ଆଶଙ୍କା ବଢ଼ିଯିବ। ଏପରିକି ଆଧୁନିକ ଯୁଗରେ ଦକ୍ଷତା ଆଗରେ ମାନବ ମର୍ଯ୍ୟାଦାର ମୂଲ୍ୟ କିଛି ରହିବ ନାହିଁ। ୧୯୨୭ ମସିହା ମାଡ୍ରାସରେ ଚରଖା ସଂଘରେ ଏକ ଭାଷଣରେ ଗାନ୍ଧୀ ଏହି ସମାନ କଥା ସ୍ପଷ୍ଟ କରିଥିଲେ ଯେ 'ମୁଁ ଯନ୍ତ୍ରପାତିକୁ ବିରୋଧ କରେ ନାହିଁ, କିନ୍ତୁ ଯେତେବେଳେ ଏହା ଆମ ଉପରେ ପ୍ରଭୁତ୍ୱ ଦେଖାଏ ସେତେବେଳେ ମୁଁ ଏହାର ସମ୍ପୂର୍ଣ୍ଣ ବିରୋଧ କରେ।' ସେହିପରି ୧୩ ନଭେମ୍ବର ୧୯୨୪ରେ 'ୟଙ୍ଗ ଇଣ୍ଡିଆ'ରେ ଗାନ୍ଧୀ ଚେତାବନୀ ଦେଇଥିଲେ 'ଯନ୍ତ୍ରପାତି ପ୍ରତି ଦୁର୍ବଳତା ଭାରତର ଆର୍ଥିକ ଦୁର୍ଦ୍ଦଶାର ମୁଖ୍ୟ କାରଣ ହେବ। ଯନ୍ତ୍ରପାତି ହେଉଛି ଏକ ସୈତାନ, ଯାହା ବନ୍ଦୀ ରଖେ ଏବଂ କ୍ରୀତଦାସ କରିଦିଏ।' ଏହି ସମାନ ଯୁକ୍ତି ଦେଇ ଟଫଲରଙ୍କ କୁହନ୍ତି ବିସ୍ଥାପିତ ଶ୍ରମ ଓ ଗ୍ରାମ ସ୍ୱାବଲମ୍ବନକୁ ନଷ୍ଟ କରିଦେବାର ଶକ୍ତି ଆଧୁନିକ ଶିଳ୍ପ ଓ ପ୍ରଯୁକ୍ତିବିଦ୍ୟା ପାଖରେ ଅଛି। ସଦ୍ୟ ପ୍ରକାଶିତ କିଛି ସର୍ଭେରେ ଉଲ୍ଲେଖ ଅଛି ଯେ ଆଧୁନିକ ଅମଲାତାନ୍ତ୍ରିକ-ଶିଳ୍ପ ବ୍ୟବସ୍ଥା ଦ୍ୱାରା ଶ୍ରମିକ ଓ ପେସାଦାରମାନେ ନିଜ କାର୍ଯ୍ୟ, ସମ୍ପ୍ରଦାୟ ଓ ନିଷ୍ପତ୍ତି ଗ୍ରହଣରୁ ବିଚ୍ଛିନ୍ନ ହେଉଛନ୍ତି, ଯାହା ଅନ୍ୟ ଏକ ଗମ୍ଭୀର ସାମାଜିକ ସମସ୍ୟାକୁ ଜନ୍ମ ଦେଉଛି।

ନୈତିକ ଅର୍ଥନୀତିକୁ ପ୍ରାଥମିକତା ଦେଇଥିବା ଗାନ୍ଧୀ ସର୍ବଦା ବ୍ୟକ୍ତି ଉପରେ ଅମଲାତନ୍ତ୍ରର ଆଧିପତ୍ୟ ବିରୁଦ୍ଧରେ ଥିଲେ। ସେ ଆଶା କରିଥିଲେ ଯେ ସାମୁଦାୟିକ ଜୀବନକୁ ରକ୍ଷା କରିବା ପାଇଁ ବିକେନ୍ଦ୍ରୀକରଣ ଏବଂ ଏକ ମାନବିକ ବ୍ୟବସ୍ଥାର ଅତ୍ୟନ୍ତ ଆବଶ୍ୟକତା ଅଛି। ଏକ ଶତାବ୍ଦୀ ପୂର୍ବରୁ ଶିଳ୍ପ ସଭ୍ୟତାର ସାମାଜିକ ବ୍ୟାଧିକୁ ପୂର୍ବାନୁମାନ କରିସାରିଥିଲେ ଗାନ୍ଧୀ। ପରେ ଟଫଲର୍ ଏହାକୁ ନିଜ 'ଦ୍ୱିତୀୟ ତରଙ୍ଗ ବିଫଳତା'ର ତତ୍ତ୍ୱ ଭାବେ ପ୍ରକାଶ କରିଥିଲେ। ଏହି ପ୍ରସଙ୍ଗରେ ଗାନ୍ଧୀ ସାହିତ୍ୟ ଗବେଷକ ଗୌରାଙ୍ଗ ଚରଣ ପରିଡ଼ା କୁହନ୍ତି ଶିଳ୍ପ ଆଧୁନିକତା ହେଉଛି ନୀତି ବିନା ଶକ୍ତି। କିନ୍ତୁ ଟଫଲର୍‌ଙ୍କ 'ଗାନ୍ଧୀ ପ୍ରଯୁକ୍ତିବିଦ୍ୟା' ହେଉଛି ମାନବିକ ନୀତିନିୟମ ଓ ସାମାଜିକ ମୂଲ୍ୟବୋଧ ଦ୍ୱାରା ପ୍ରଯୁକ୍ତିବିଦ୍ୟାର ବ୍ୟବହାର। ଏଆଇ ଯୁଗରେ ଏହି ଆଚରଣର ଆବଶ୍ୟକତା ଅଧିକ ଅଛି।

ଏବେ ଫେରିବା ଅନ୍ୟ ଏକ ପ୍ରଶ୍ନକୁ। ଗାନ୍ଧୀଙ୍କୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ ପରିବର୍ତ୍ତନର ଉଦାହରଣ ଭାବେ ଟଫଲର କାହିଁକି ନେଲେ? ଏହି ପ୍ରଶ୍ନର ଉତ୍ତରରେ ଶ୍ରୀଗୌରାଙ୍ଗ ଚରଣ ପରିଡ଼ା କୁହନ୍ତି ଯେ ଏହା ପଛରେ ତିନୋଟି ସମ୍ଭାବ୍ୟ କାରଣ ଥାଇପାରେ। ପ୍ରଥମ, ଗାନ୍ଧୀ ହେଉଛନ୍ତି ଜଣେ ଅଣ-ପାଶ୍ଚାତ୍ୟ, କିନ୍ତୁ ବିଶ୍ୱସ୍ତରୀୟ ସ୍ୱୀକୃତିପ୍ରାପ୍ତ ରାଜନେତା ଓ ସମାଜ ସଂସ୍କାରକ। ଦ୍ୱିତୀୟ, ପରିବର୍ତ୍ତନ ଓ ନୈତିକ ଭିତ୍ତିଭୂମିକୁ ଗୁରୁତ୍ୱ ଦେଉଥିବା ଜଣେ ଆଶାବାଦୀ ବ୍ୟକ୍ତି। ତୃତୀୟରେ ମାର୍କ୍ସ ଓ ୱେବରଙ୍କ ଭଳି ଅଧିକାଂଶ ପାଶ୍ଚାତ୍ୟ ଭବିଷ୍ୟତବାଦୀମାନଙ୍କଠାରୁ ଗାନ୍ଧୀ ଭିନ୍ନ; କାରଣ ସେ ବାକ୍ୟ ବଦଳରେ କର୍ମ ଓ ପ୍ରୟୋଗକୁ ଗୁରୁତ୍ୱ ଦେଉଥିଲେ। ଗାନ୍ଧୀ ପାଶ୍ଚାତ୍ୟ ପ୍ରାଧାନ୍ୟ ନୁହେଁ, ସେ ସାଂସ୍କୃତିକ ବହୁଳତାର ପ୍ରତିନିଧି। ଗାନ୍ଧୀଙ୍କ ଗ୍ରାମସ୍ୱରାଜ, ଗ୍ରାମ୍ୟବିକାଶ ଓ ସ୍ଥାନୀୟ ସ୍ୱାବଲମ୍ବନ ହେଉଛି ଭାରତୀୟ ବିକେନ୍ଦ୍ରୀକରଣ ତତ୍ତ୍ୱ। ଟଫଲରଙ୍କ ମୂଳ ଧାରଣାରେ ମଧ୍ୟ କାର୍ଯ୍ୟ, ଉତ୍ପାଦନ, ଶକ୍ତି ଓ ନିଷ୍ପତ୍ତି ଗ୍ରହଣର ବିକେନ୍ଦ୍ରୀକରଣ କଥା ଉଲ୍ଲେଖ ଅଛି। ଗାନ୍ଧୀ ଗବେଷକଙ୍କ ମତରେ ଗାନ୍ଧୀଙ୍କ ବ୍ୟତୀତ ଅନ୍ୟ କୌଣସି ଆଧୁନିକ ଚିନ୍ତାନାୟକ ବିକେନ୍ଦ୍ରୀକରଣକୁ ଏତେ ଅଧିକ ସ୍ପଷ୍ଟ ଭାବରେ ପ୍ରକାଶ କରିନାହାନ୍ତି।

ଆଲଭିନ୍ ଟଫଲର ମେସିନକୁ ପ୍ରତ୍ୟାଖ୍ୟାନ କରିନଥିଲେ କିମ୍ବା ଦାରିଦ୍ର୍ୟକୁ ପ୍ରଶଂସା ମଧ୍ୟ କରିନଥିଲେ। ମହାତ୍ମା ଗାନ୍ଧୀଙ୍କ ପରି ସେ ବିଶ୍ୱାସ କରୁଥିଲେ ଯେ ପ୍ରଯୁକ୍ତିବିଦ୍ୟା ମଣିଷକୁ ନିୟନ୍ତ୍ରଣ କରିବା ପାଇଁ ନୁହେଁ, ବରଂ ସାହାଯ୍ୟ କରିବା ଉଚିତ୍। ଆଜିର ଭାରତରେ ଏହି ଧାରଣା ସ୍ପଷ୍ଟ ଦୃଶ୍ୟମାନ। ଡାକ୍ତରଙ୍କ ସହିତ ପରାମର୍ଶ କରିବା ପାଇଁ ଗ୍ରାମୀଣ ଭାରତ ଟେଲିମେଡିସିନ୍ ବ୍ୟବହାର କରୁଛି। ଶିକ୍ଷା ପାଇଁ ବିଦ୍ୟାର୍ଥୀମାନେ 'ଦୀକ୍ଷା' ଓ 'ସ୍ୱୟମ୍' ଭଳି ଅନଲାଇନ୍ ପ୍ଲାଟଫର୍ମ ଉପରେ ନିର୍ଭରଶୀଳ। ସେହିପରି ଛୋଟ ଦୋକାନୀ ଓ ଚାଷୀମାନେ ନଗଦ ଟଙ୍କା ବଦଳରେ ୟୁପିଆଇର ବହୁଳ ବ୍ୟବହାର କରୁଛନ୍ତି। ଛୋଟ ସହରରୁ ଦୂରବର୍ତ୍ତୀ କାମ ବା ୱାର୍କ ଫ୍ରମ୍ ହୋମ୍ ଏବେ ଏକ ଲୋକପ୍ରିୟ କାର୍ଯ୍ୟସଂସ୍କୃତି। ଏହିସବୁ ଅଭ୍ୟାସରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ସ୍ଥାନୀୟ ଜୀବନକୁ ନଷ୍ଟ ନକରି ଅନେକ ସାହାଯ୍ୟ କରୁଛି। ଏହା ହିଁ ହେଉଛି ଟଫଲରଙ୍କ 'ସାଟେଲାଇଟ୍ ସହିତ ଗାନ୍ଧୀ'ର ଅର୍ଥ ଓ ଉଦାହରଣ।

ସମାଜବିଜ୍ଞାନ ଦୃଷ୍ଟିରୁ 'ସାଟେଲାଇଟ୍ ସହିତ ଗାନ୍ଧୀ' ମଡେଲଟି ବହୁତ ଗୁରୁତ୍ୱପୂର୍ଣ୍ଣ। ଏହି ମଡେଲ ହେଉଛି ଉପନିବେଶ ପରବର୍ତ୍ତୀ ବିକାଶ ପଥ, ଯାହା ଗ୍ରାମ ଓ ଛୋଟ ସହରକୁ ସୁଦୃଢ଼ କରି ସହରାଞ୍ଚଳ ଅସମାନତା ହ୍ରାସ କରିବାରେ ସାହାଯ୍ୟ କରିବା ସହିତ ସାମାଜିକ ଓ ପରିବେଶଗତ ଦାୟିତ୍ୱକୁ ମଧ୍ୟ ଅଭିବୃଦ୍ଧି କରେ। କାରଣ ବିକାଶ କେବଳ ବଡ଼ ସହର, ବିଶାଳ କାରଖାନା ଏବଂ ବିଳାସପୂର୍ଣ୍ଣ ବ୍ୟବହାରରେ ସୀମିତ ନୁହେଁ। ଅକ୍ଟୋବର ୫, ୧୯୪୫ ରେ ଜବାହରଲାଲ ନେହେରୁଙ୍କୁ ଗାନ୍ଧିଜୀ ଲେଖିଥିବା ଏକ ଚିଠିରେ ଉଲ୍ଲେଖ କରିଥିଲେ ଯେ 'ମୁଁ ବିଶ୍ୱାସ କରେ ଯଦି ଭାରତକୁ ପ୍ରକୃତ ସ୍ୱାଧୀନତା ହାସଲ କରିବାକୁ ହୁଏ ତେବେ ଲୋକମାନଙ୍କୁ ସହରରେ ନୁହେଁ, ଗାଁରେ ରହିବାକୁ ପଡ଼ିବ। ଶୀଘ୍ର କିମ୍ବା ବିଳମ୍ବରେ ହେଉ ଭାରତ ମାଧ୍ୟମରେ ସମଗ୍ର ବିଶ୍ୱକୁ ଏହି ସତ୍ୟ ସ୍ୱୀକାର କରିବାକୁ ପଡ଼ିବ।' ଏହାର ଅର୍ଥ ହେଉଛି ଯେ ଉନ୍ନତ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଦୁଇଟି ସମସ୍ୟା ସମାଧାନ ହେବ। ପ୍ରଥମ ଦ୍ରୁତ ସହରୀକରଣକୁ ମନ୍ଥର କରାଯାଇପାରିବ ଏବଂ ଦ୍ୱିତୀୟ, ବିଚ୍ଛିନ୍ନତା ନୁହେଁ ବରଂ ଏକ ବିକେନ୍ଦ୍ରୀକୃତ ସମାଜ ମଧ୍ୟ ଗଢ଼ି ଉଠିବ। ଏହା ହିଁ ତ ଆଜିର ଆହ୍ୱାନ, ନୁହେଁ କି?

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ଭାରତ-ଜର୍ମାନୀ ସମ୍ପର୍କ: ଆଜିର ଆବଶ୍ୟକତା

ଡ ସୁଶାନ୍ତ କୁମାର ପରିଡ଼ା

ବିଶ୍ୱ ରାଜନୀତି ଏବେ ଏକ ଗଭୀର ପରିବର୍ତ୍ତନ ମଧ୍ୟରେ ଗତି କରୁଛି। ରୁଷ-ୟୁକ୍ରେନ ଯୁଦ୍ଧ, ମଧ୍ୟ-ପ୍ରାଚ୍ୟର ଅସ୍ଥିରତା, ଚୀନ ଓ ରୁଷ ସହ ପଶ୍ଚିମ ଦେଶଗୁଡ଼ିକ (ଆମେରିକା, ୟୁରୋପ) ମଧ୍ୟରେ ଟଣାଓଟରା ଏବଂ ବିଶ୍ୱ ଅର୍ଥନୀତିର ଅନିଶ୍ଚିତତା ମଧ୍ୟରେ ଭାରତ ଓ ଜର୍ମାନୀ ଭଳି ଦେଶମାନଙ୍କର ଅନ୍ତର୍ଜାତୀୟ ସହଯୋଗ ଅନେକ ଗୁରୁତ୍ୱ ବହନ କରୁଛି। ଏହି ପରିପ୍ରେକ୍ଷୀରେ ଜର୍ମାନ ଚାନ୍ସେଲର ଫ୍ରେଡ୍ରିଜ୍ ମର୍ଜଙ୍କ ଭାରତ ଭ୍ରମଣ କେବଳ ଏକ ଔପଚାରିକ ରାଜନୈତିକ ଯାତ୍ରା ନୁହେଁ, ବରଂ ଏହା ଏକ ରଣନୈତିକ ସନ୍ଦେଶ।

ଭାରତ-ଜର୍ମାନୀ ସମ୍ପର୍କ ଆଜିର ଆବିଷ୍କାର ନୁହେଁ। ଊନବିଂଶ ଶତାବ୍ଦୀରୁ ଆରମ୍ଭ କରି ଭାରତୀୟ ବୁଦ୍ଧିଜୀବୀ ଜଗତ ଉପରେ ଜର୍ମାନ ଦାର୍ଶନିକତା, ଭାଷାବିଜ୍ଞାନ ଓ ବିଜ୍ଞାନର ଗଭୀର ପ୍ରଭାବ ଥିଲା। ସ୍ୱାଧୀନତା ପରେ ମଧ୍ୟ ଭାରତ ଓ ପଶ୍ଚିମ ଜର୍ମାନୀ ମଧ୍ୟରେ ଶିକ୍ଷା, ବୈଜ୍ଞାନିକ ଗବେଷଣା ଓ ଶିଳ୍ପ କ୍ଷେତ୍ରରେ ସହଯୋଗ ଧୀରେଧୀରେ ବଢ଼ିଥିଲା। ଶୀତଳ ଯୁଦ୍ଧ ସମୟରେ ଦୁଇ ଦେଶର ରଣନୈତିକ ଅବସ୍ଥାନ ଭିନ୍ନ ଥିଲେ ମଧ୍ୟ ପାରସ୍ପରିକ ସମ୍ମାନ ଓ ବ୍ୟବହାରିକ ସହଯୋଗର ଧାରା କେବେ ବିଚ୍ଛିନ୍ନ ହୋଇ ନ ଥିଲା। ଭାରତ ଓ ଜର୍ମାନୀ ଦୀର୍ଘଦିନ ଧରି ଗଣତାନ୍ତ୍ରିକ ମୂଲ୍ୟବୋଧ, ନିୟମାଧାରିତ ଅନ୍ତର୍ଜାତୀୟ ବ୍ୟବସ୍ଥା ଓ ବହୁପକ୍ଷୀୟତାର ପକ୍ଷପାତୀ। ଜର୍ମାନୀ ୟୁରୋପର ସବୁଠାରୁ ଶକ୍ତିଶାଳୀ ଅର୍ଥନୀତି ଭାବେ ଏବେ ତାହାର ଭାରତ-ଇଣ୍ଡୋ-ପ୍ୟାସିଫିକ ନୀତିକୁ ଅଧିକ ସକ୍ରିୟ କରୁଛି। ଏହି ଗସ୍ତ ମାଧ୍ୟମରେ ଜର୍ମାନୀ ସ୍ପଷ୍ଟ କରିଛି ଯେ ଆଗାମୀ ଦିନରେ ଭାରତ ତାହାର ଏସିଆନ ରଣନୀତିର ଏକ କେନ୍ଦ୍ରବିନ୍ଦୁ।

ଭାରତ ଆଜି କେବଳ ଏକ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ନୁହେଁ; ଏହା ଏକ ରଣନୈତିକ ଅନିବାର୍ଯ୍ୟତା। ଇଣ୍ଡୋ-ପାସିଫିକ ଅଞ୍ଚଳରେ ଚୀନର ବୃଦ୍ଧିଶୀଳ ପ୍ରଭାବ, ସମୁଦ୍ର ସୁରକ୍ଷା, ଏବଂ ନିୟମାଧାରିତ ବ୍ୟବସ୍ଥାକୁ ନେଇ ଭାରତର ଭୂମିକାକୁ ଜର୍ମାନୀ ଗୁରୁତ୍ୱ ଦେଇଆସିଛି। ଜର୍ମାନ ଚାନ୍ସେଲରଙ୍କ ଭାରତ ଭ୍ରମଣ ଏହି ଭୂମିକାକୁ ଆନ୍ତର୍ଜାତିକ ସ୍ୱୀକୃତି ଦେଉଛି। ଭାରତ ତାହାର ବିଦେଶନୀତିରେ 'ରଣନୈତିକ ସ୍ୱାଧୀନତା'କୁ ଆଜି ମଧ୍ୟ କେନ୍ଦ୍ରବିନ୍ଦୁରେ ରଖିଛି। ଜର୍ମାନୀ ସହ ସମ୍ପର୍କ ଏହି ଦୃଷ୍ଟିକୋଣକୁ ଦୁର୍ବଳ କରୁନାହିଁ; ବରଂ ଏହା ଭାରତକୁ ଅଧିକ ବିକଳ୍ପ, ଅଧିକ ସମନ୍ୱୟୀ ଓ ଅଧିକ ବୈଶ୍ୱିକ ମାନ୍ୟତା ଦେଉଛି। ଆର୍ଥିକ ଦୃଷ୍ଟିକୋଣରୁ ମଧ୍ୟ ଏହି ଗସ୍ତ ଖୁବ ଗୁରୁତ୍ୱପୂର୍ଣ୍ଣ। ଜର୍ମାନୀର ଶିଳ୍ପ, ପ୍ରଯୁକ୍ତି, ସବୁଜ ଶକ୍ତି ଓ ବିନିର୍ମାଣ କ୍ଷେତ୍ରର ଅଭିଜ୍ଞତା ଭାରତର 'ମେକ୍ ଇନ୍ ଇଣ୍ଡିଆ' ଓ 'ଗ୍ରୀନ୍ ଟ୍ରାନ୍ସିସନ' ଲକ୍ଷ୍ୟ ସହ ମେଳ ଖାଉଛି। ଦୁଇ ଦେଶ ମଧ୍ୟରେ ନବୀକରଣ ଶକ୍ତି, ହାଇଡ୍ରୋଜେନ୍ ଏନର୍ଜି, ଇଲେକ୍ଟ୍ରିକ୍ ମୋବିଲିଟି ଓ ଡିଜିଟାଲ୍ ପ୍ରଯୁକ୍ତିରେ ସହଯୋଗ ଭବିଷ୍ୟତରେ ଭାରତୀୟ ଅର୍ଥନୀତି ପାଇଁ ନୂତନ ସୁଯୋଗ ସୃଷ୍ଟି କରିପାରେ।

ରଣନୈତିକ ଦିଗରୁ ଦେଖିଲେ, ଜର୍ମାନୀ ଭାରତକୁ କେବଳ ଏକ ବଜାର ଭାବେ ନୁହେଁ, ବରଂ ଏକ ଭରସାଯୋଗ୍ୟ ରଣନୈତିକ ସହଭାଗୀ ଭାବେ ଦେଖୁଛି। ୟୁରୋପ ଏବେ ରୁଷ ଉପରେ ଅଧିକ ନିର୍ଭରଶୀଳତା କମାଇବାକୁ ଚାହୁଁଛି ଏବଂ ସପ୍ଲାଇ ଚେନ୍ ବିବିଧୀକରଣ ତାହାର ମୁଖ୍ୟ ଲକ୍ଷ୍ୟ। ଏହି ପରିସ୍ଥିତିରେ ଭାରତ ଜର୍ମାନୀ ପାଇଁ ଏକ ଭରସାଯୋଗ୍ୟ ବିକଳ୍ପ ଭାବେ ଉଭୟ ଆର୍ଥିକ ଓ ରଣନୈତିକ ଦୃଷ୍ଟିରୁ ଉଦୟ ହେଉଛି। ଏହି ଗସ୍ତର ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଲୋକ-ଲୋକ ସମ୍ପର୍କ। ଶିକ୍ଷା, ଗବେଷଣା, ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗ କ୍ଷେତ୍ରରେ ଭାରତୀୟ ଯୁବକଯୁବତୀମାନଙ୍କ ପାଇଁ ଜର୍ମାନୀ ଏକ ଆକର୍ଷଣୀୟ ସ୍ଥଳ ହେଉଛି। ଏହା କେବଳ ଅର୍ଥନୈତିକ ସହଯୋଗକୁ ସୁଦୃଢ଼ କରେ ନାହିଁ, ବରଂ ଦୁଇ ସମାଜ ମଧ୍ୟରେ ଦୀର୍ଘମିଆଦୀ ଭରସା ଓ ସମ୍ପର୍କ ଗଢ଼ି ତୋଳେ। ଜର୍ମାନ ଚାନ୍ସେଲରଙ୍କ ଭାରତ ଯାତ୍ରା କେବଳ ଦୁଇ ଦେଶର ସମ୍ପର୍କ ନୁହେଁ, ବରଂ ୟୁରୋପ ଓ ଇଣ୍ଡୋପାସିଫିକ ମଧ୍ୟରେ ଗଢ଼ିଉଠୁଥିବା ନୂତନ ଶକ୍ତି ସେତୁର ପ୍ରତୀକ।

ଜର୍ମାନ ଚାନ୍ସେଲରଙ୍କ ଭାରତ ଗସ୍ତ ଏକ ସ୍ପଷ୍ଟ ସନ୍ଦେଶ ଦେଉଛି ଯେ ଭାରତ ଏବେ ବିଶ୍ୱ ରାଜନୀତିରେ କେବଳ ଏକ ଆଞ୍ଚଳିକ ଶକ୍ତି ନୁହେଁ, ବରଂ ଏକ ଅନିବାର୍ଯ୍ୟ ବିଶ୍ୱ ସହଭାଗୀ। ବିଶ୍ୱ ରାଜନୀତିର ଭବିଷ୍ୟତ କେବଳ ପଶ୍ଚିମ କିମ୍ବା ପୂର୍ବ ଦ୍ୱାରା ନିର୍ଦ୍ଦେଶିତ ହେବ ନାହିଁ; ଏହା ଭାରତ ପରି ଉଦୀୟମାନ ଶକ୍ତି ଏବଂ ଜର୍ମାନୀ ପରି ପ୍ରତିଷ୍ଠିତ ଲୋକତନ୍ତ୍ର ମଧ୍ୟରେ ସହଯୋଗ ଦ୍ୱାରା ଗଢ଼ାଯିବ। ଏହି ଯାତ୍ରା ସେହି ଭବିଷ୍ୟତର ଏକ ସ୍ପଷ୍ଟ ଆଗ୍ରହ ଓ ସମ୍ଭାବନାକୁ ଉଜାଗର କରେ। ଭାରତ-ଜର୍ମାନୀ ସମ୍ପର୍କ ଯଦି ଏହି ଗତିରେ ଆଗକୁ ବଢ଼େ, ତେବେ ଏହା କେବଳ ଦୁଇ ଦେଶ ପାଇଁ ନୁହେଁ, ବରଂ ବିଶ୍ୱ ସ୍ଥିରତା ଓ ବହୁପକ୍ଷୀୟ ବ୍ୟବସ୍ଥା ପାଇଁ ମଧ୍ୟ ଉପକାରୀ ହେବ।

(ଅଧ୍ୟାପକ, ଲୋକନାଥ ମହାବିଦ୍ୟାଳୟ)
ପାଟକୁରା(କେନ୍ଦ୍ରାପଡ଼ା), ମୋ: ୯୪୩୭୨୧୦୪୫୮

# ମହାପ୍ରଭୁଙ୍କ ମଥାମଣି

ସ୍ୱପ୍ନେଶ୍ୱର

ଲୋକକଥାରେ ଲୋକଦେବତା

ଅତୀତରେ କଳିଙ୍ଗ ସାଧବମାନେ ସାତସମୁଦ୍ର ପାରି ବାଣିଜ୍ୟ କରି ପ୍ରଚୁର ଧନସମ୍ପତ୍ତି ଆମ ଦେଶକୁ ନେଇ ଆସୁଥିଲେ। ସେହିପରି ଜଣେ ସାଧବଙ୍କ କଥା ଇଏ। ଦିନେ ସାଧବଙ୍କ ବୋଇତ ରାତି ବିଶ୍ରାମ ପାଇଁ ଏକ ନିର୍ଜନ ଦ୍ୱୀପ ପାଖରେ ଅଟକିଲା। ଦ୍ୱୀପର କେତେକ ଯାଗାରେ କୌଣସି ତେଜସ୍କ୍ରିୟ ପଦାର୍ଥ ଉଜ୍ଜ୍ୱଳ ଆଲୋକ ବିକିରଣ କରୁଥିବା ସାଧବ ଦେଖିବାକୁ ପାଇଲେ। ନିର୍ଜନ ଦ୍ୱୀପର ଆଲୋକ ତାଙ୍କୁ ଆଶ୍ଚର୍ଯ୍ୟଚକିତ କଲା। ଏତେ ବର୍ଷର ଅନୁଭୂତିରେ ସେ କେବେ ଏପରି ଦୃଶ୍ୟ ଦେଖି ନ ଥିଲେ। ହଠାତ୍ ତାଙ୍କର ମନେ ପଡ଼ିଲା ଯେ ତାଙ୍କ ପୂର୍ବପୁରୁଷମାନେ ଏକ 'ମଣିଦ୍ୱୀପ' କଥା କହୁଥିଲେ, ଯେଉଁ ନିର୍ଜନ ଦ୍ୱୀପରେ ଅନେକ ମଣିନାଗ ସାପ ବାସ କରୁଥିଲେ। ରାତିରେ ସାପମାନଙ୍କର ମଣି ଉଜ୍ଜ୍ୱଳ ଆଲୋକ ବିକିରଣ କରୁଥିଲେ। ଏକଥା ମଧ୍ୟ ଶୁଣା ଯାଉଥିଲା ଯେ କେହି ସାହସୀ ସାଧବ ଗୋଟେଦିଟା ମଣି ଆଣିବାରେ ସଫଳ ହୋଇଥିଲେ ଏବଂ ଆଉ କେତେକ ସର୍ପଦଂଶନରେ ମୃତ୍ୟୁମୁଖରେ ପଡ଼ିଥିଲେ।

ରାତିସାରା ସାଧବ ମଣି କଥା ଚିନ୍ତା କରି କରି ଶୋଇପାରିଲେ ନାହିଁ। ସେ ଭାବୁ ଥିଲେ ଯେକୌଣସି ପ୍ରକାରେ ଗୋଟେ ମଣି ହାସଲ କରି ନେଲେ, ଏତେ କଷ୍ଟ କରି ନୌବାଣିଜ୍ୟ କରିବା ଦରକାର ପଡ଼ନ୍ତା ନାହିଁ। ଭୋରରୁ ସାଧବ କାହାକୁ କିଛି ନ କହି ଦ୍ୱୀପ ଭିତରକୁ ଚାଲିଲେ। ବହୁତ ଖୋଜାଖୋଜି ପରେ ଗୋଟିଏ ମଣି ପାଖରେ ପହଞ୍ଚିଲେ। ତା'ପାଖରେ ବିରାଟ ସାପର ଘୋଷରା ଦାଗ ପଡ଼ିଥିଲା। ସାପ ମଣିଟିକୁ ଛାଡ଼ି ଖାଦ୍ୟ ଖୋଜି ଯାଇଥିଲା। ସାଧବ କାଳବିଳମ୍ବ ନ କରି ଗୋଟେ ପତ୍ର ଠୋଲାରେ ମଣିଟିକୁ ରଖି ଯଥାଶୀଘ୍ର ବୋଇତ ଆଡ଼କୁ ଚାଲିଲେ। ଅଳ୍ପ ବାଟ ଯାଇ ଥିଲେ କି ନାହିଁ ଏକ ବିରାଟ ନାଗ ସାପ ସୁ ସୁ ଗର୍ଜନ କରି ତାଙ୍କୁ ଗୋଡ଼େଇଲା। ସାଧବ କୌଣସିମତେ ପ୍ରାଣବିକଳରେ ଦୌଡ଼ି ବୋଇତ ଉପରକୁ ଚାଲିଆସିଲେ।

ଭୟରେ ଥରୁଥିବା ସାଧବ ଟିକିଏ ଥକ୍କା ମାରି ଦେଖିଲେ ଯେ ସାପଟା ପାଣିରେ ପହଁରି ବୋଇତର ଅନୁଧାବନ କରୁଥିଲା। ସେ ସମସ୍ତ ବଳ ଖଟେଇ ବୋଇତ ବାହିବାକୁ ଆଦେଶ ଦେଲେ। ନାବିକମାନେ ସାପ ଭୟରେ ଝାଳନାଳ ହୋଇ ବୋଇତ ବାହୁଥିଲେ ମଧ୍ୟ ସାଧବ ଦେଖୁଥିଲେ ଯେ ସାପ ଓ ବୋଇତ ଭିତରେ ଥିବା ବ୍ୟବଧାନ କମିବାରେ ଲାଗିଛି। ଅର୍ଥାତ୍ ବୋଇତର ବେଗ ସାପର ବେଗଠାରୁ କମ ଥିଲା। ନାବିକମାନେ ହାଲିଆ ହେଉଥିବା ବେଳେ ସାପ ଅଧିକ ପରାକ୍ରମରେ ମାଡ଼ି ଆସୁଥିଲା। ସବୁ ସମୟରେ ସବୁ ସାଧବ ମହାପ୍ରଭୁ ଜଗନ୍ନାଥଙ୍କ ଶରଣରେ ରହି ବୋଇତରେ ଯାଆସ କରୁଥିଲେ। କ୍ଷୀର ସମୁଦ୍ରଶାୟୀ ଜଗନ୍ନାଥ ହିଁ ସେମାନଙ୍କୁ ମହାସମୁଦ୍ରରେ ବିପତ୍ତିରୁ ଉଦ୍ଧାର କରୁଥିଲେ ବୋଲି ସେମାନଙ୍କର ଦୃଢ଼ବିଶ୍ୱାସ ଥିଲା। ତେଣୁ ସାଧବ ସାଷ୍ଟାଙ୍ଗ ପ୍ରଣିପାତ କରି ମହାପ୍ରଭୁଙ୍କୁ ନିଉଛାଳି ହେଲେ- ମହାପ୍ରଭୁ! ମୁଁ ପାଇଥିବା ମଣିକୁ ବିକି ଧନ ଅର୍ଜନ କରିବାର ଅଭିଳାଷ ପୋଷଣ କରି ମୁଁ ଅପରାଧ କରିଛି ମହାବାହୁ! ଏ ମଣି ଆପଣଙ୍କ ଶ୍ରୀଅଙ୍ଗ ମଣ୍ଡନ କରିବାର ଯୋଗ୍ୟତା ରଖେ। ଏ ମଣିକୁ ମୁଁ ଆପଣଙ୍କ ଶ୍ରୀପୟରରେ ଅର୍ପଣ କରିବି। ମୋର ଅପରାଧ କ୍ଷମା କରନ୍ତୁ, କ୍ଷମା ସାଗର, କରୁଣା ବରୁଣାଳୟ।'

ବୋଇତ ଉପରେ ଜଣେ ନାବିକ ଅନବରତ ସାପ ଉପରେ ଦୃଷ୍ଟି ରଖିଥିଲା। ସେ ଦେଖିବାକୁ ପାଇଲା ଯେ ହଠାତ୍ ଏକ ବିରାଟକାୟ କୁମ୍ଭୀର ସମୁଦ୍ରରୁ ବାହାରି ସାପଟାକୁ ଗିଳି ଦେଲା। ସାପର ରକ୍ତରେ ସମୁଦ୍ରର ପାଣି ଲାଲ୍ ହୋଇଗଲା। ତା' ପରେ ସବୁ ସ୍ଥିର। ସେ ଆନନ୍ଦରେ ଚିତ୍କାର କରି ଏ କଥା ଘୋଷଣା କଲା। ସାଧବ ଏହା ମହାପ୍ରଭୁଙ୍କ ଚମତ୍କାରିତା ବୋଲି ବିଶ୍ୱାସ କରି ମହାପ୍ରଭୁଙ୍କୁ ପ୍ରଣିପାତ କଲେ। ତାଙ୍କଠାରୁ ସବୁ ଶୁଣି ନାବିକମାନେ 'ଜୟ ଜଗନ୍ନାଥ' ଧ୍ୱନିରେ ନିର୍ଜନ ସମୁଦ୍ରକୁ ପ୍ରକମ୍ପିତ କଲେ। ସାଧବ ନିର୍ବିଘ୍ନରେ ଘରେ ପହଞ୍ଚିଲେ। ପରିବାରର ଲୋକମାନେ ସବୁ କଥା ଶୁଣି ସ୍ଥାନୀୟ ଦେବାଳୟରେ ପୂଜାର୍ଚ୍ଚନା କଲେ ଏବଂ ଅନେକ ଦାନ ଦକ୍ଷିଣା ଦେଲେ। ତା' ପରେ ଅନେକ ଶଗଡ଼ରେ ପ୍ରଚୁର ଧନସମ୍ପତ୍ତି ଲଦି ପରିବାର ସହ ଶ୍ରୀକ୍ଷେତ୍ର ଯାତ୍ରା କଲେ। ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରି ଧନ ସମ୍ପତ୍ତି ସହ ମଣିଟିକୁ ମହାପ୍ରଭୁଙ୍କ ଚରଣରେ ସମର୍ପଣ କଲେ। ମଣିଟିକୁ ଦେଖି ସେବକ ଓ ପଣ୍ଡିତମାନେ ସ୍ଥିର କଲେ ଯେ ସେପରି ଦୁର୍ଲଭ ଓ ତେଜୋଦୀପ୍ତ ମଣି ମହାପ୍ରଭୁଙ୍କ ମସ୍ତକ ମଣ୍ଡନ କଲେ ସେ ଅଧିକ ସୁନ୍ଦର ଦିଶିବେ। ସେହି ଦିନଠାରୁ ସେ ମଣି ମହାପ୍ରଭୁଙ୍କ ଶୋଭା ବର୍ଦ୍ଧନ କରି ଆସୁଛି।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଧାନକିଣା ଦୁରବସ୍ଥା ସରକାରୀ ପ୍ରାୟୋଜିତ: କଂଗ୍ରେସ

ଭୁବନେଶ୍ୱର,୨୦।୧(ସମିସ): ରାଜ୍ୟରେ ଏଥର ଚାଷୀ ନିଜର ଆବଶ୍ୟକତା ପାଇଁ ଧାନ ରଖିବା ପରେ ପ୍ରାୟ ୧୦୦ଲକ୍ଷ ମେଟ୍ରିକ୍ ଟନରୁ ଊର୍ଦ୍ଧ୍ୱ ଧାନ ବିକ୍ରି ନିମନ୍ତେ ବଳକା ରହିବ । ମାତ୍ର ଏହି ଧାନ ନ କିଣିବା ପାଇଁ ସରକାର ଷଡ଼ଯନ୍ତ୍ର କରୁଛନ୍ତି ବୋଲି ଅଭିଯୋଗ କରିଛି କଂଗ୍ରେସ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଶାସନକୁ ଆସିବା ପାଇଁ ବିଜେପି ଦଳ ତାଙ୍କ ନିର୍ବାଚନ ପ୍ରତିଶ୍ରୁତିରେ ୨୩ଶହ ଟଙ୍କା ଏମଏସପି ସହିତ ୮ଶହ ଟଙ୍କା ଇନ୍‌ପୁଟ୍ ସହାୟତା ବିନା କଟନୀ ଛଟନୀରେ କ୍ୱିଣ୍ଟାଲ ପ୍ରତି ୩୧ଶହ ଟଙ୍କାରେ ସବୁ କିଣିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଚଳିତ ଥର ପ୍ରଥମ କରି ଫଳ ଓଲଟା ହେଲା ବୋଲି ଆଜି ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଅଭିଯୋଗ କରିଛନ୍ତି।

ସେ କହିଛନ୍ତି ଧାନ ବିକ୍ରି ପାଇଁ ୧୯ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣ କରିଥିଲେ। ସରକାର ବିଭିନ୍ନ ତ୍ରୁଟି ଦର୍ଶାଇ ସେମାନଙ୍କ ମଧ୍ୟରୁ ୨ ଲକ୍ଷରୁ ଅଧିକ ଚାଷୀଙ୍କୁ କାଟିଦେଲେ। ମାତ୍ର ଜାନୁଆରୀ ଶେଷ ହେବାକୁ ବସିଲାଣି, ଏପର୍ଯ୍ୟନ୍ତ ୫ଲକ୍ଷ ୫୨ ହଜାର ୩୮୦ ଜଣ ଚାଷୀଙ୍କଠାରୁ ୨୪ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣାଯାଇଛି। ଉପକୂଳବର୍ତ୍ତୀ ଜିଲ୍ଲାରେ କାଁ ଭାଁ ମଣ୍ଡି ଖୋଲା ଯାଇଥିବା ବେଳେ ପୁରୀ, ଭଦ୍ରକ, ଜଗତସିଂହପୁର ଜିଲ୍ଲାରେ ମଣ୍ଡି ଖୋଲାଯାଇ ପାରିନାହିଁ। ଗତବର୍ଷ ଯେଉଁମାନଙ୍କୁ

- ବାଧ୍ୟ ହୋଇ ୧୬୦୦ ଟଙ୍କାରେ ଧାନ ବିକୁଛନ୍ତି ଚାଷୀ
- ପୂର୍ବ ବର୍ଷ ତୁଳନାରେ ଟୋକେନରେ କମିଛି ଧାନ ପରିମାଣ
- ସବୁ ଧାନ ନ ଉଠାଇଲେ ରାଜ୍ୟବ୍ୟାପୀ ଦୁର୍ବାର ଆନ୍ଦୋଳନ

୧୦୦ କ୍ୱିଣ୍ଟାଲ ଟୋକନ ଦିଆଯାଇଥିଲା ଚଳିତଥର ତାହାକୁ କମାଇ ୫୦ କ୍ୱିଣ୍ଟାଲ ବିକ୍ରି ପାଇଁ ଟୋକନ ଦିଆଯାଇଛି। ଚାଷୀ ପରିବହନ ଓ ଅଖା ଖର୍ଚ୍ଚ ମଧ୍ୟ ପାଉନାହିଁ। ସରକାର ଓ ମିଲର ସହିତ ବିବାଦ ଭେଳିକି ସାଜିଛି। ସବୁ ଜିଲ୍ଲାରେ ଜାନୁଆରୀ ୧୦ ତାରିଖ ସୁଦ୍ଧା ଧାନକିଣା ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଫମ୍ପା ପାଲଟିଛି। ଯୋଗାଣ ବିଭାଗ, କୃଷି ବିଭାଗ ଓ ସମବାୟ ବିଭାଗ ମନ୍ତ୍ରୀଙ୍କ ବୟାନବାଜୀ ଚାଷୀଙ୍କ ପାଇଁ କଟା ଘା'ରେ ଚୂନ ସଦୃଶ ହୋଇଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

ନିର୍ଦ୍ଧାରିତ ଏମଏସପି ୨୩୬୯ ଟଙ୍କା ୮ଶହ ଟଙ୍କା ଇନପୁଟ୍ ସହାୟତା ମୋଟ ୩୧୬୯ ପରିବର୍ତ୍ତେ ଅନେକ ଜିଲ୍ଲାରେ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇଛନ୍ତି। ଦଲାଲ ୧୬୦୦ରୁ ୧୭୦୦ ଟଙ୍କାରେ ଧାନ କିଣୁଛି। ସରକାର ଧାନ କିଣିବା ପରିବର୍ତ୍ତେ ମିଲର ଧାନ କିଣୁଛି। ଧାନ କିଣା ପ୍ରକ୍ରିୟାରେ ସରକାରଙ୍କର ଆଦୌ ତତ୍ପରତା ଓ ସ୍ୱଚ୍ଛତା ନାହିଁ। ସରକାର କେବଳ ପ୍ରଚାର ଓ ଭାଷଣ ସର୍ବସ୍ୱ ହୋଇଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। କାଳ ବିଳମ୍ବ ନ କରି ନିର୍ଦ୍ଧାରିତ ସମୟରେ ଲକ୍ଷ୍ୟଧାର୍ଯ୍ୟ ମୁତାବକ ୭୩ଲକ୍ଷ ମେଟ୍ରିକ୍ ଟନ୍ ଧାନ ଓ ଅନ୍ୟ ବଳକା ଧାନକୁ ୮ଶହ ଟଙ୍କା ଇନପୁଟ୍ ସହାୟତା ସହ ୩୧୬୯ ଟଙ୍କାରେ କିଣାଯିବାକୁ ସରକାରଙ୍କ ନିକଟରେ କଂଗ୍ରେସ ଦାବି କରିଛି। ଯଦି ବ୍ୟବସ୍ଥିତ ଢଙ୍ଗରେ ସରାକର ତୁରନ୍ତ ଚାଷୀଙ୍କଠାରୁ ସବୁ ବଳକା ଧାନ କିଣା ନ କିଣନ୍ତି ସାରା ରାଜ୍ୟରେ ଚାଷୀ ଆନ୍ଦୋଳନକୁ କଂଗ୍ରେସ ପକ୍ଷରୁ ଦୁର୍ବାର କରାଯିବ ବୋଲି ଶ୍ରୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି।

■ ହାଇକୋର୍ଟଙ୍କ ଆଦେଶ ଅନୁପାଳନ ନ କରିବା ପ୍ରସଙ୍ଗ

## ଉଚ୍ଚଶିକ୍ଷା ସଚିବଙ୍କ ବିରୋଧରେ ଗିରଫ ପରୱାନା

କଟକ,୨୦।୧(ସମିସ): ଅଦାଲତଙ୍କ ଆଦେଶ ଅନୁପାଳନ ନକରିବା ରାଜ୍ୟ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି। ଉଚ୍ଚଶିକ୍ଷା ସଚିବ ଶ୍ରୀ ଅଗ୍ରୱାଲଙ୍କ ବିରୋଧରେ ଜାମିନଯୋଗ୍ୟ ଗିରଫ ପରୱାନା(ଆରେଷ୍ଟ ୱାରେଣ୍ଟ) ଜାରି କରିଛନ୍ତି ହାଇକୋର୍ଟ। ତପନ କୁମାର ପଟ୍ଟନାୟକ ଓ କ୍ଷୀରୋଦ ପ୍ରସାଦ ସାହୁଙ୍କ ତରଫରୁ ଦାୟର ଦୁଇ ପୃଥକ୍ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସଚିବଙ୍କୁ ଆସନ୍ତା ଜାନୁଆରି ୨୨ରେ ହାଜର କରାଇବା ପାଇଁ ଏହି ଗିରଫ ପରୱାନା ଜାରି କରାଯାଇଛି। ଏଥିପୂର୍ବରୁ ଯଦି ପୂର୍ବ ଆଦେଶ ପାଳନ କରାଯାଏ, ତାଙ୍କ ବିରୋଧରେ ଏହି ନିର୍ଦ୍ଦେଶ ଆଧାରରେ କୌଣସି କଠୋର୍ ପଦକ୍ଷେପ ଗ୍ରହଣ କରାଯିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି।

■ ସାଧାରଣତନ୍ତ୍ର ଦିବସରେ ପତାକା ଉତ୍ତୋଳନ

## ଭୁବନେଶ୍ୱରରେ ରାଜ୍ୟପାଳ, କଟକରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୧(ସମିସ): ସାଧାରଣତନ୍ତ୍ର ଦିବସ ୨୦୨୬ରେ ବିଭିନ୍ନ ଜିଲ୍ଲାରେ ଅତିଥି ଭାବେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଗଣ ଯୋଗ ଦେବେ। କିଏ କେଉଁଠି ପତାକା ଉତ୍ତୋଳନ କରିବେ ସେନେଇ ଗୃହ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ତାଲିକା ଜାରି ହୋଇଛି। ତାଲିକା ଅନୁଯାୟୀ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ପରେଡରେ ଅଭିବାଦନ ଗ୍ରହଣ କରିବେ । କଟକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହ ଅଭିବାଦନ ଗ୍ରହଣ କରିବେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କୋରାପୁଟ ଜିଲ୍ଲାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାକୁ ଥିବା ବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଖୋର୍ଦ୍ଧା ଜିଲ୍ଲାରେ ଅଭିବାଦନ ଗ୍ରହଣ କରିବେ। ପୁରୀରେ ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ରେ ରବି ନାରାୟଣ ନାଏକ, ରାୟଗଡାରେ ନିତ୍ୟାନନ୍ଦ ଗଣ୍ଡ, କେନ୍ଦୁଝରରେ କୃଷ୍ଣଚନ୍ଦ୍ର ପାତ୍ର, ଢେଙ୍କାନାଳରେ ପୃଥ୍ୱୀରାଜ ହରିଚନ୍ଦନ, କନ୍ଧମାଳରେ ଡ. ମୁକେଶ ମହାଲିଙ୍ଗ, ମାଲକାନଗିରିରେ ବିଭୂତି ଭୂଷଣ ଜେନା, ଭଦ୍ରକରେ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ପତାକା ଉତ୍ତୋଳନ କରିବେ। ସେହିପରି କଳାହାଣ୍ଡିରେ ଗଣେଶ ରାମ ସିଂ ଖୁଣ୍ଟିଆ, ନୟାଗଡରେ ସୂର୍ଯ୍ୟବଂଶୀ ସୂରଜ, ସମ୍ବଲପୁରରେ ପ୍ରଦୀପ ବଳ ସାମନ୍ତ, ବାଲେଶ୍ୱରରେ ଗୋକୁଳାନନ୍ଦ ମଲ୍ଲିକ ଓ ବୌଦ୍ଧରେ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ପତାକା ଉତ୍ତୋଳନ ସହ ଅଭିବାଦନ ଗ୍ରହଣ କରିବେ। କେନ୍ଦ୍ରାପଡ଼ାରେ କେନ୍ଦ୍ରାଞ୍ଚଳ ଆରଡିସି, ବ୍ରହ୍ମପୁରରେ ଦକ୍ଷିଣାଞ୍ଚଳ ଆରଡିସି, ରାଉରକେଲାରେ ଉତ୍ତରାଞ୍ଚଳ ଆରଡିସି ପତାକା ଉତ୍ତୋଳନ କରିବାକୁ ଥିବାବେଳେ ଅନୁଗୋଳ, ବଲାଙ୍ଗୀର, ଦେବଗଡ, ଗଞ୍ଜାମ, ଗଜପତି, ଝାରସୁଗୁଡା, ଯାଜପୁର, ଜଗତସିଂହପୁର, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡା, ସୋନପୁର ଓ ସୁନ୍ଦରଗଡରେ ପତାତା ଉତ୍ତୋଳନ କରିବେ ବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇଛି।

**AFFIDAVIT**

By virtue of an affidavit No.180 sworn before the Executive Magistrate, Champua on dtd-20/01/2026. I, **Golak Bihari Mahanta,** S/o- Niranjan Mahanta, permanent resident of Vill: Chilikaposi, Po: Raruangoda, Ps: Champua, Dist: Keonjhar, Odisha, Pin-758044. I have changed my minor son's name from **Khirasindhu Mahanta** (old name) to **Ksheerasindhu Mahanta** (new name). Henceforth, he shall be known as **Ksheerasindhu Mahanta** for all future purposes.

**Sd/- Golak Bihari Mahanta**

**NOTICE FOR MINOR**

By virtue of an affidavit sworn before the Executive Magistrate, Kodala, dated 08.01.2026, I, N. DEEPA PATRA, W/o N. KALIA PATRA, D/o A. ENDU PATRO, Permanent resident of vill-Makundapur, Po- Komanda, Ps-Khallikote, Dist- Ganjam, Odisha, Pin-761019, currently residing at Makundapur, Po- Komanda, Ps-Khallikote, Dist- Ganjam, Odisha, Pin–761019, declare that I have changed the name of my daughter S. SALINI PATRA, D/o N. DEEPA PATRO & N. SALINI PATRA, D/o N. KALIA PATRA Henceforth, she shall be known as N. SALINI PATRA, D/o N. KALIA PATRA for all purposes.

**NOTICE**

By virtue of an affidavit sworn before The Executive Magistrate, Sukruli, Mayurbhanj, dated 20.01.2026 I, Jyotshnarani Barik, Address Village-Sukruli, PO-Sukruli, PS-Raruan, Dist-Mayurbhanj, Pin-757039 declare that I have changed my name from Jyoshna Barik to Jyotshnarani Barik. Henceforth, I shall be known as Jyotshnarani Barik for all purposes.

**Jyotshnarani Barik**

**AFFIDAVIT**

By virtue of an affidavit sworn before the Notary Public, Sonepur on dtd. 20/01/2026, I, Bhaskara Chandra Padhan, Village Lupursingha, P.O. Lupursingha, P.S. Lachhipur, Dist- Subarnapur hereby declare that I have changed my minor son's name from NIRANJAN PADHAN to ARUS PADHAN. Henceforth, he shall be known as **ARUS PADHAN** for all purposes.

**Sd/- Bhaskara Chandra Padhan**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, vide no. 84, dated 17.01.2026, I, MAHESWAR GAUDA, S/o - Cherngu Gauda, Residences of Village - Bangalaguda, PO - Manchagam, PS- Khatiguda, Dist-Nabarangpur, Odisha, Pin - 764070, declare that I have changed the name of my Son from KHAGESPAR GOUDA to KHAGESWAR GAUDA. Henceforth, he shall be known as KHAGESWAR GAUDA for all purposes.

**Sd/- Maheswar Gauda**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାର୍ଚ୍ଚରୁ ଦୁବାଇ...

କ୍ଷେତ୍ରକୁ ନିବେଶ ଆଣିବାରେ ମଧ୍ୟ ସହାୟକ ହୋଇଥିଲା। ଏବେ ଗୋଟିଏ ପରେ ଗୋଟିଏ ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ହେଉଥିବାରୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦର ପାଇଁ ମଧ୍ୟ ଏକ ଆହ୍ୱାନପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଛି। ବର୍ତ୍ତମାନ ମାତ୍ର ୩ଟି ସ୍ଥାନକୁ ଯଥା ଦୁବାଇ, ସିଙ୍ଗାପୁର ଓ ବ୍ୟାଙ୍କକ୍‌କୁ ସିଧା ବିମାନ ଚଳାଚଳ କରୁଛି। ଏଥି ମଧ୍ୟରୁ ଦୁଇଟି ବିମାନ ସେବା ବନ୍ଦ ହେବା ପରେ ଆଉ ମାତ୍ର ଗୋଟିଏ ଅନ୍ତର୍ଜାତୀୟ ସେବା ବଳବତ୍ତର ରହିବ। ଏହାଦ୍ୱାରା ଭୁବନେଶ୍ୱର ବିମାନ ବନ୍ଦରରେ ଅନ୍ତର୍ଜାତୀୟ ବିମାନବନ୍ଦର ବୋଲି କେବଳ ନାମ ଫଳକରେ ସୀମିତ ରହିବ।

ଅନ୍ୟପକ୍ଷରେ ମଧ୍ୟପ୍ରାଚ୍ୟରେ ରହୁଥିବା ଓଡ଼ିଆମାନେ ଦୁବାଇ, ଆବୁଧାବିକୁ ସିଧାସଳଖ ବିମାନ ଚଳାଚଳ ବନ୍ଦ ହେବା ପ୍ରସଙ୍ଗକୁ ନେଇ ଚିନ୍ତାପ୍ରକଟ କରିଛନ୍ତି। ୟୁଏଇ ଓଡ଼ିଶା ସମାଜ ପକ୍ଷରୁ ଏ ସଂକ୍ରାନ୍ତରେ ରାଜ୍ୟ ମୁଖ୍ୟ ସଚିବଙ୍କୁ ଚିଠି ଲେଖି ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି । ଓଡ଼ିଆ ସମାଜ ପକ୍ଷରୁ ଲିଖିତ ଚିଠିରେ ଦର୍ଶାଯାଇଛି ଯେ ଦୁବାଇକୁ ବିମାନ ସେବା ବନ୍ଦ ହେବା ଦ୍ୱାରା ସଂଯୁକ୍ତ ଆରବ ଏମିରେଟ୍ସରେ ବସବାସ କରୁଥିବା ପ୍ରବାସୀ ଓଡ଼ିଆମାନେ ଗୁରୁତର ସମସ୍ୟା ଭୋଗିବେ। ଏହା ସହିତ ରାଜ୍ୟର ପର୍ଯ୍ୟଟନ ଏବଂ ବ୍ୟବସାୟିକ ସମ୍ପର୍କ ମଧ୍ୟ ପ୍ରଭାବିତ ହେବ। ୨୦୨୫ ମସିହା ସେପ୍ଟେମ୍ବର ମାସରେ ଏଭଳି ଏକ ପରିସ୍ଥିତି ଉପୁଜିଥିଲା, ତେବେ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ହସ୍ତକ୍ଷେପ ପରେ ଏହି ବିମାନ ସେବାକୁ ଜାରି ରଖାଯାଇଥିଲା। ଅନ୍ୟପଟେ ଆବୁଧାବି ଏବଂ ଭୁବନେଶ୍ୱର ମଧ୍ୟରେ ସପ୍ତାହରେ ତିନି ଥର ଚଳାଚଳ କରୁଥିବା ଅନ୍ୟ ଏକ ସିଧାସଳଖ ବିମାନ ସେବା ବନ୍ଦ ହୋଇସାରିଛି, ଯାହା ଦ୍ୱାରା ଓଡ଼ିଶା ଏବଂ ୟୁଏଇ ମଧ୍ୟରେ ସିଧାସଳଖ ବିମାନ ସଂଯୋଗ ହ୍ରାସ ପାଇଛି। ଆବୁଧାବି ଏବଂ ଆଖପାଖ ଅଞ୍ଚଳରେ ଅନେକ ଲୋକଙ୍କୁ ଏଥିପାଇଁ ଅନେକ ସମସ୍ୟା ଭୋଗିବାକୁ ପଡୁଛି। ୟୁଏଇରେ ରହୁଥିବା ୪୦ ହଜାରରୁ ଊର୍ଦ୍ଧ୍ୱ ଓଡ଼ିଆଙ୍କ ପାଇଁ ଦୁବାଇ-ଭୁବନେଶ୍ୱର ସିଧାସଳଖ ବିମାନ ଏକ ଗୁରୁତ୍ୱପୂର୍ଣ୍ଣ ଜୀବନରେଖା। ଏହି ବିମାନ ସେବା ଅନ୍ୟ ଗଲ୍ଫ ଦେଶଗୁଡ଼ିକୁ ଭୁବନେଶ୍ୱରକୁ ନିରବଚ୍ଛିନ୍ନ ସଂଯୋଗ ପ୍ରଦାନ କରୁଥିବା ବେଳେ ଏହି ବିମାନ ଟିକଟ ପାଇଁ ଯଥେଷ୍ଟ ଚାହିଦା ରହିଛି। ରାଜ୍ୟର ପର୍ଯ୍ୟଟନ, ବାଣିଜ୍ୟ ଏବଂ ବ୍ୟବସାୟିକ କ୍ଷେତ୍ରକୁ ମଧ୍ୟ ଏହି ବିମାନ ସେବା ପ୍ରୋତ୍ସାହିତ କରି ଆସୁଛି। ତେଣୁ ଏହି ପ୍ରତିଷ୍ଠିତ ସେବା ବନ୍ଦ ହେବା ଦ୍ୱାରା ପ୍ରବାସୀ ଓଡ଼ିଆଙ୍କ ଉପରେ ଗୁରୁତର ପ୍ରଭାବ ପଡ଼ିବା ଆଶଙ୍କା ଥିବାରୁ ମୁଖ୍ୟ ସଚିବ ହସ୍ତକ୍ଷେପ କରି ଏହାକୁ ପୂର୍ବବତ୍ ଜାରି ରଖିବା ପାଇଁ ଓଡ଼ିଶା ସମାଜ ଅନୁରୋଧ କରିଛି।

### ବିଜେପିରେ ନିତିନ...

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ପୂର୍ବତନ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ସମେତ ପ୍ରମୁଖ ନେତା ଉପସ୍ଥିତ ଥିଲେ।

ଅଧ୍ୟକ୍ଷ ହେବା ପରେ ପ୍ରଥମ ସମ୍ବୋଧନରେ ନିତିନ କହିଥିଲେ ଯେ ଜଣେ ସାଧାରଣ କର୍ମୀଙ୍କ ଅସାଧାରଣ ଯାତ୍ରାକୁ ସମ୍ମାନ ମିଳିଛି। ସେ ଦଳର ଇତିହାସ, ଆଦର୍ଶଗତ ସଂଘର୍ଷ ଏବଂ ଭବିଷ୍ୟତର ଚ୍ୟାଲେଞ୍ଜ ବିଷୟରେ ଖୋଲାଖୋଲି ଭାବେ ଆଲୋଚନା କରି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱକୁ ଖୁବ ପ୍ରଶଂସା କରିଛନ୍ତି। ସର୍ବପ୍ରଥମେ ରାଷ୍ଟ୍ର ଆସୁଛି ବୋଲି କହିଥିଲେ। ରାଷ୍ଟ୍ରକୁ ମଜଭୁତ କରିବା ଦିଗରେ ଦଳ ନେଇଥିବା ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ପୂର୍ବତନ ଅଧ୍ୟକ୍ଷଙ୍କୁ ମନେ ପକାଇ ଦଳୀୟ କର୍ମୀଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ବିଜେପିର ଯାତ୍ରା ତ୍ୟାଗ, ସଂଘର୍ଷ ଏବଂ ଦୃଢ଼ ସଂକଳ୍ପରେ ପରିପୂର୍ଣ୍ଣ ବୋଲି କହିଥିଲେ। ସାଂଗଠନିକ ଶକ୍ତି ହିଁ ବିଜେପିର ବଡ଼ ସମ୍ପତ୍ତି ବୋଲି ଦର୍ଶାଇ ଥିଲେ।

ସୂଚନାଯୋଗ୍ୟ ଯେ ୪୫ ବର୍ଷୀୟ ନବୀନ ପୂର୍ବତନ ବିଧାୟକ ନବୀନ କିଶୋର ପ୍ରସାଦ ସିହ୍ନାଙ୍କ ପୁଅ। ସେ ବିହାରର ବାଙ୍କିପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ପାଞ୍ଚ ଥର ବିଧାୟକ ନିର୍ବାଚିତ ହୋଇଛନ୍ତି। ବିଜେପି ତାଙ୍କ ନେତୃତ୍ୱରେ ଖୁବ ସଫଳତା ପାଇବ ବୋଲି ଆଶା କରାଯାଉଛି। ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ କେରଳ ନିର୍ବାଚନ ତାଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିପାରେ। ସେ ଏହି ରାଜ୍ୟରେ ଦଳକୁ ମଜବୁତ କରିବା ପାଇଁ ପ୍ରୟାସ କରିବେ।

### ଶ୍ରୀମନ୍ଦିର ଉପରେ...

ଧମକ ଦିଆଯାଉଛି, ତା'ହେଲେ ସାଧାରଣ ଲୋକଙ୍କ ଜୀବନ କେତେ ସୁରକ୍ଷିତ ତାହା ସହଜେ ଅନୁମେୟ। ଏଭଳି ପୋଷ୍ଟ ମୋ ଜୀବନ ପ୍ରତି ଓ ମୋ ପରିବାର ଜୀବନ ପ୍ରତି ବିପଦ ଥିବା ଦର୍ଶାଉଛି। ମୋର ସୁରକ୍ଷାକୁ ପୁଲିସ ନିଶ୍ଚିତ କରୁ ବୋଲି କହିଛନ୍ତି ସାଂସଦ ଶ୍ରୀ ଖୁଣ୍ଟିଆ।

ଅନ୍ୟପକ୍ଷରେ ସାମାଜିକ ଗଣମାଧ୍ୟମରେ ଏଭଳି ଧମକପୂର୍ଣ୍ଣ ପୋଷ୍ଟ ସମ୍ପର୍କରେ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ଆମ ନଜରକୁ ଏହା ଆସିଛି। ଏନେଇ ସୋସିଆଲ ମିଡିଆକୁ ଏହି ପୋଷ୍ଟ ସମ୍ପର୍କରେ ସବିଶେଷ ତଥ୍ୟ ମାଗିଛୁ। ପୁଲିସ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଚଳାଇଛି। କିଛି ବ୍ୟକ୍ତିଙ୍କ ଉପରେ ସନ୍ଦେହ ହେବାରୁ ସେମାନଙ୍କୁ ପଚରାଉଚରା କରାଯାଇଛି। ଆମ ସୁରକ୍ଷା ବାହିନୀ ସତର୍କ ଓ ସଜାଗ ରହିଛନ୍ତି। ଦୁଇଦିନ ତଳୁ ଆମ ନଜରକୁ ଏଭଳି ପୋଷ୍ଟ ଆସିଛି ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି।

### ନଗ୍ନ ଭିଡିଓ ଦେଖାଇ...

କାନଫୁଲ, ୧ଟି ସୁନାମୁଦି, ୧ଟି ସୁନା ମଙ୍ଗଳସୂତ୍ର, ୧ଟି ସୁନା ଚେନ୍ ଏବଂ ଗୋଟିଏ ବ୍ରେସଲେଟ୍ ଜବତ କରାଯାଇଛି। ଏହାକୁ ଛାଡ଼ି ୫ଲକ୍ଷ ଟଙ୍କା ଜମାଥିବା ଗୋଟିଏ ବ୍ୟାଙ୍କ୍ ଆକାଉଣ୍ଟକୁ ଅଚଳ କରି ଦିଆଯାଇଛି। ସାଇବର ଲୁଟେରାଙ୍କ ଜାମିନ୍ ଆବେଦନ ନାମଞ୍ଜୁର ହେବା ପରେ ସମସ୍ତଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ଅଭିଯୁକ୍ତ ମନୋଜ ତାର ୨ଜଣ ସହଯୋଗୀଙ୍କ ସହ ମିଶି ଗତ ୨୦୨୫ ଜାନୁଆରୀ ମାସରେ ଫେସ୍‌ବୁକ ମାଧ୍ୟମରେ ସମ୍ପୃକ୍ତ ବୃଦ୍ଧଙ୍କ ସହ ଯୋଗାଯୋଗ କରିଥଲା। ବୃଦ୍ଧ ଜଣକ ଫେସବୁକ୍‌ରେ ସରକାରୀ ଚାକିରିଆ ବୋଲି ସୂଚନା ଦେଇଥିଲେ। ଯାହାକି ମନୋଜକୁ ଟଙ୍କା ଠକେଇ ପାଇଁ ଆକୃଷ୍ଟ କରିଥିଲା। ଏହା ପରେ କଟକର ରକ୍ସି ହୋଟେଲ୍, ସାଗର ହୋଟେଲ ଓ ଜଗବନ୍ଧୁ ହୋଟେଲରେ ୩ଥରରୁ ଅଧିକ ସାକ୍ଷାତ କରି ମିଥ୍ୟା ପ୍ରତିଶ୍ରୁତି ଦେଇ ବୃଦ୍ଧଙ୍କ ବିଶ୍ୱାସ ଜିତିଥିଲା। ଗତ ୨୦୨୫ ମେ' ୫ତାରିଖରେ ଅଭିଯୁକ୍ତ ମନୋଜ ତାର ଚିକିତ୍ସା ନାମରେ ମିଛ କହି ଅନ୍‌ଲାଇନ୍‌ରେ ୧ଲକ୍ଷ ୪୮ ହଜାର ଟଙ୍କା ବୃଦ୍ଧଙ୍କ ଠାରୁ ନେଇଥିଲା। ୨ ମାସ ମଧ୍ୟରେ ସେ ଟଙ୍କା ଫେରାଇ ଦେଇଥିବାରୁ ବୃଦ୍ଧଙ୍କ ବିଶ୍ୱାସ ଆହୁରି ଦୃଢ଼ ହୋଇଥିଲା। ପରେ ଅଭିଯୁକ୍ତ ମନୋଜ ତା'ର ଝିଅର ଚିକିତ୍ସା ନାମରେ ପୁଣି ଟଙ୍କା ମାଗିଥିଲା। ଟଙ୍କାର ପରିମାଣ ଅଧିକ ଥିବାରୁ ବୃଦ୍ଧ ଜଣଙ୍କ ଟଙ୍କାଟିଏ ଦେବାକୁ ପ୍ରସ୍ତୁତ ନଥିଲେ। ଏହା ଜାଣିବା ପରେ ଅଭିଯୁକ୍ତ ମନୋଜ ଏକ ସୁପରିକଳ୍ପିତ ଯୋଜନା କରିଥିଲା। ତାର ସହଯୋଗୀ ପ୍ରଫୁଲ୍ଲ, ସଂଗ୍ରାମ, ବାସୁଦେବ ଓ ମନୋରଞ୍ଜନକୁ ଡାକି ବୃଦ୍ଧଙ୍କ ସମ୍ପର୍କରେ ସବୁ କଥା କହିଥିଲା। ଯେହେତୁ ମନୋଜ କୌଶଳକ୍ରମେ ବୃଦ୍ଧଙ୍କର ବ୍ୟାଙ୍କ୍‌ରେ ଥିବା ଜମାରାଶି ବାବଦରେ ଜାଣିଥିଲା, ତାହାକୁ ସେ ସହଯୋଗୀଙ୍କୁ ଜଣାଇଥିଲା। ଏହାପରେ ୫ଜଣ ଅଭିଯୁକ୍ତ ଠକେଇର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଯୋଜନା ମୁତାବକ ଜଣେ ମହିଳାଙ୍କୁ ବୃଦ୍ଧଙ୍କ ନିକଟତର କରାଇବା ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ମହିଳା ଜଣକ ବୃଦ୍ଧଙ୍କୁ ହ୍ୱାଟସଆପ୍‌ରେ ଚାଟ୍ ଆରମ୍ଭ କରିଥିଲେ। ସେଥିରେ ସେ ପ୍ରେମ ନିବେଦନ କରିବା ସହିତ ଭିଡ଼ିଓ କଲ୍ କରିବାକୁ ବୃଦ୍ଧଙ୍କୁ ନିବେଦନ କରିଥିଲେ। ଏଥିରେ ପ୍ରଲୋଭିତ ହୋଇ ବୃଦ୍ଧ ସମ୍ପୃକ୍ତ ମହିଳାଙ୍କୁ ଭିଡ଼ିଓ କଲ୍ ଆରମ୍ଭ କରିଥିଲେ। ମହିଳା ଜଣକ ନଗ୍ନ ହୋଇ ଭିଡ଼ିଓ କଲ୍ କରିବା ସମୟରେ ବୃଦ୍ଧଙ୍କୁ ନଗ୍ନ କରିବାକୁ ବାଧ କରିଥିଲେ। ଏସବୁକୁ ମନୋଜ ଏବଂ ତାର ୪ଜଣ ସହଯୋଗୀ ରେକର୍ଡିଂ କରି ରଖିଥିଲେ। ଏହାପରେ ଉକ୍ତ ନଗ୍ନ ଭିଡ଼ିଓ ବୃଦ୍ଧଙ୍କୁ ପଠାଇ ବ୍ଲାକ୍‌ମେଲିଂ ଆରମ୍ଭ କରି ଦେଇଥିଲେ। ଟଙ୍କା ଦିଅ ନହେଲେ ଏହି ଅଶ୍ଳୀଳ ଭିଡ଼ିଓକୁ ଭାଇରାଲ କରିଦେବାକୁ ଧମକ ମଧ୍ୟ ଦେଇଥିଲେ। ବୃଦ୍ଧ ଜଣକ କୌଣସି ଉପାୟ ନପାଇ ପର୍ଯ୍ୟାୟକ୍ରମେ ଆକାଉଣ୍ଟରେ ରହିଥିବା ୮୮ଲକ୍ଷ ଟଙ୍କା ଠକଙ୍କୁ ଦେଇ ଦେଇଥିଲେ। ଏହାପରେ କୌଣସି ଉପାୟନପାଇ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ତଦନ୍ତ କରି ଆଜି ୫ଜଣ ସାଇବର ଲୁଟେରାଙ୍କୁ ଗିରଫ କରିଛି।

### ମିଲ୍ ଆଗରେ...

ଦର୍ଶାଯାଇଛି। କିନ୍ତୁ ଏହାକୁ ନେଇ ଚାଷୀମହଲରେ ସନ୍ଦେହ ସୃଷ୍ଟି ହୋଇଛି। କିଛି ଚାଷୀ ଅଭିଯୋଗ କରିଛନ୍ତି ଯେ ମଣ୍ଡିରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ପଡ଼ିଥିବା ବେଳେ ମିଲ୍‌କୁ ଏତେ ଧାନ କେଉଁଠୁ ଆସିଲା? ସେହିପରି ଉକ୍ତ ମିଲ୍ ଆଗରେ ଧାନବସ୍ତା ଭର୍ତ୍ତି ଟ୍ରାକ୍ଟର୍‌ର ଲମ୍ବା ଧାଡ଼ି ଲାଗିଥିବା ବେଳେ ଧାନ କେଉଁଠୁ ଆସିଛିର ଉତ୍ତର ରଖିବାକୁ ଟ୍ରାକ୍ଟର୍ ଚାଳକ ନାରାଜ। ଖାଲି ଏହି ଗୋଟିଏ ମିଲ୍ ନୁହେଁ, ଜିଲ୍ଲାର ଆଉ କିଛି ମିଲ୍‌ରେ ମଧ୍ୟ ସମାନ ଅବ୍ୟବସ୍ଥା ଦେଖିବାକୁ ମିଳୁଥିବା ଅଭିଯୋଗ ହୋଇଛି।

ନିୟମ ଅନୁଯାୟୀ, ଚାଷୀ ପ୍ରଥମେ ଗାଡ଼ିରେ ମଣ୍ଡିକୁ ଧାନ ନେବା ପରେ ସେଠାରେ ଧାନ ଓଜନ କରାଯାଇଥାଏ। ପରେ ସେଠାରୁ ମିଲ୍ ଗାଡ଼ିରେ ଧାନ ବସ୍ତା ମିଲ୍‌କୁ ଯାଇଥାଏ। ଚାଷୀ କେବଳ ଆଣିବା ଖର୍ଚ୍ଚ ବହନ କରିବ, ଧାନ ନେବା ଖର୍ଚ୍ଚ ପାଇଁ ମିଲ୍‌କୁ ପରିବହନ ଟଙ୍କା ଦିଆଯାଉଛି। ତେଣୁ, ଚାଷୀ ନିଜସ୍ୱ ଖର୍ଚ୍ଚରେ ମିଲ୍‌କୁ ଧାନ ନେଇ ଅଯଥା ଖର୍ଚ୍ଚାନ୍ତ ହେବା ଏକପ୍ରକାର ଅସମ୍ଭବ। ତେଣୁ, ଯଦି ଚାଷୀ ମିଲ୍‌କୁ ଧାନ ଆଣୁନି, ତେବେ କେଉଁଠୁ ଆସୁଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ, ଧାନବେପାରୀ, ପାକ୍ସ ସମ୍ପାଦକମାନେ ମିଲର୍ ସହ ମିଶି ଏହି କାରବାର କରୁଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା ଅସଲ ଚାଷୀ ଧାନକିଣାରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ବେପାରୀ କମ ଦରରେ ଧାନ କିଣି ସରକାର ଦରରେ ଧାନ ବିକୁଛି ଏବଂ ସେଥିରୁ ହେଉଥିବା ଲାଭ ଅର୍ଥ ମିଲର୍, ପାକ୍ସ ସମ୍ପାଦକ ଭାଗବଣ୍ଟା କରି ନେଉଥିବା ଅଭିଯୋଗ ହୋଇଛି। ଏହାକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ଚାଷୀମହଲରେ ଦାବି ହୋଇଛି। ମିଲ୍ ଆଗରେ ଛିଡ଼ା ହୋଇ ରହୁଥିବା ଗାଡ଼ିକୁ ଠିକ୍ ଭାବେ ଯାଞ୍ଚ କରି ଏହି କାରବାରରେ ଲିପ୍ତ ଥିବା ମିଲର୍ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି।

**CUTTACK MUNICIPAL CORPORATION**

**"e" PROCUREMENT NOTICE**

**Tender Call Notice No. 833 (PW) Date. 19.01.2026**

**Tender ID: 2025_ORULB_123961**
**Civil Work: 12 Nos.** **C-**
**Bid Value: Rs.5.68 Lakhs to Rs. 39.37 Lakhs &**
**Tender Id: 2025_ORLUB_124260 (Two Bid)**
**Civil Work: 1 Nos.**
**Bid Value: Rs.58.11 Lakhs**
**Date and Time schedule:**

| Start | End | Opening |
|---|---|---|
| 11.00 AM on dt. 22.01.2026 | 5.00 PM on dt. 05.02.2026 | 11.00 AM on dt. 09.02.2026 |

**Tender Details: can be seen from the procurement portal: www.tendersorissa.gov.in**

**OIPR-** **Executive Engineer, City Division-III, CMC**

**DISTRICT PROJECT OFFICE**
**SAMAGRA SIKSHYA, BHADRAK** n-243
At- Upper Bagurai, Post- Madhabnagar, Bhadrak, Pin-756181
No. 137, Dated 19.01.2026

**QUOTATION CALL NOTICE**

Sealed Tenders are invited from interested eligible bidders (individuals/tour operators/ travelling agencies/Firms) having valid OGST registration for providing commercial multi-purpose vehicles (Mahindra Bolero/Scorpio,Disire/Indigo, Tata AC, Pick up Van like such type of vehicles) A/C diesel/petrol for contractual deployment under District Project Office, Samarga Sikshya, Bhadrak on monthly (two vehicles) /Daily rent basis vehicle as on when required (both travels & Good vehicle) which shall confirm the terms and conditions (Annexure-A & B). The last date of receipt of the Bid is date **04/02/2026** upto 5.00 P.M. and will be opened at 11.00 A.M. on the next day i,e on dtd. **05/02/2026** in the office of the undersigned. The quotation application form containing the general Bid information and detailed terms and conditions for hiring the vehicles can be downloaded from the website www.osepa.odisha.gov.in & www.bhadrak.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

OIPR- **District Project Coordinator, Samagra Shiksha, Bhadrak**

**AFFIDAVIT**

Iswarchandra Das, aged about 35 years, S/o-Late Rajendra Kumar Das, Resident of ward No-5 Radhamohan Mandir Sahi, po/ps-Baripada Town, Dist-Mayurbhanj-757001Odisha, declared by this affidavit No-164,Dated-19/01/2026That now onwards I shall be known as Iswar Chandra Das & my actual D. O. B is 18/06/1991 for all future purpose.

**AFFIDAVIT**

By virtue of an affidavit before the Executive Magistrate, Bhubaneswar, dtd. 15.01.2026, I, Sandhyarani Palei, At- Rolasingh, Po- Dabardhuapatana, Dist.-Khordha hereby declare that my name was earlier recorded as "Sandhyarani Sahoo" in some records, whereas my correct and actual name is "Sandhyarani Palei". Both the names Sandhyarani Sahoo and Sandhyarani Palei is one and the same person. Henceforth, I shall be known as **Sandhyarani Palei** for all purposes.

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

**OFFICE OF THE CMO I/C (M&HS) ISPAT GENERAL HOSPITAL**

REF. NO. IGH/KIT/ TENDER/2026-27/006/2026/001 DATED :08/01/2026

**TENDER CASE**

Sealed Tenders are invited from intending Tenderers for supply of dietary items to Ispat General Hospital, RSP, Rourkela from 01.04.2026 to 31.03.2027 in respect of the items mentioned below:-

| Sl No. | Schedule No. | Particulars | Number of items | Earnest money to be deposited | Security deposit |
|---|---|---|---|---|---|
| 1. | I | Grocery (Loose Items) | 8 Nos. | Rs. 15,000/- | 2.5% of order value |
| 2 | II | Vegetables | 25 Nos. | Rs. 15,000/- | -do- |
| 3 | IV | Fish | 1 No. | Rs. 15,000/- | -do- |
| 4 | V | Egg | 1 No. | Rs. 5000/- | -do- |
| 5 | VI | Fruits | 9 Nos. | Rs. 5000/- | -do- |
| 6 | VII | Bakery item | 1 No. | Rs. 5,000/- | -do- |
| 7 | VIII | Chicken | 1 No. | Rs. 5000/- | -do- |
| 8 | IX | Grocery (Packet Items) | 36 Nos. | Rs. 15,000/- | -do- |

Tender form can be obtained from the Office of the Asst. Manager (Kitchen) IGH, from 19th January 2026 (Monday) to 8th February 2026 (Sunday)till 3.00 pm.The tender will be received up to 4:00 PM on 9th February 2026 (Monday) in the Office of the Asst. Manager (Kitchen) IGH, Rourkela- 769005 and opened on 4:30 PM on the same day.

Dy, CMO (kitchen), IGH, RSP

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

**ତହସିଲଦାର ତଥା ଭୂ-ଅର୍ଜନ କ୍ଷମତାପନ୍ନ ପ୍ରାଧିକାରୀ କାର୍ଯ୍ୟାଳୟ, ଧର୍ମଗଡ଼**
**ଜମି ଅଗ୍ରହଣ, ଜାତୀୟ ରାଜପଥ-୧୩୦ (ଗ) ର ୨୦୧.୬୦୦ କି.ମି ରୁ ୨୦୮.୩୦୦ କି.ମି. (ଧର୍ମଗଡ଼ ବାଇପାସ)** IX-03

**ସର୍ବସାଧାରଣ ବିଜ୍ଞପ୍ତି**

ଜାତୀୟ ରାଜପଥ ଆଇନ ୧୯୫୬ (Act ୪୮ of ୧୯୫୬ ) ର ଧାରା-୩ (କ) ଉପଧାରା-୩ (୧) ମୁତାବକ ଯେହେତୁ, ଭାରତ ସରକାର ସଡ଼କ, ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ରାଜପଥ ନଂ ୧୩୦ (ଗ) ଓଡ଼ିଶା ରାଜ୍ୟର କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ୨୦୧.୬୦୦ କି.ମି. ଠାରୁ ୨୦୮.୩୦୦ କି.ମି. (ଧର୍ମଗଡ଼ ବାଇପାସ) ନିର୍ମାଣ ସକାଶେ କେନ୍ଦ୍ର ସରକାରଙ୍କ ବ୍ୟସ୍ରେ ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଅଗ୍ରହଣ କରିବା ଆବଶ୍ୟକ ହେଉଅଛି । ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬-ର ଧାରା-୩ (କ) ର ଉପଧାରା ଅନୁଯାୟୀ କେନ୍ଦ୍ର ସରକାର ତାଙ୍କ ଅସୂଚନା ନଂ. ୫୦୦୪ (ଇ) ଦ୍ୱାରା ପ୍ରୋକ୍ତ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି । ଏତତଦ୍ୱାରା ତଫସିଲ ଭୁକ୍ତ ଜମିର ସତ୍ୱବାନ ବ୍ୟକ୍ତି, ଭୂମି ମାଲିକ ସ୍ୱାର୍ଥ ଥିବା ବ୍ୟକ୍ତି ମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଏହି ଅସୂଚନା ପ୍ରକାଶିତ ହେବାର ୨୧ (ଏକୋଇଶ) ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ ତାହେଲେ ସେ ନିଜେ କିମ୍ବା ତାଙ୍କ ଦ୍ୱାରା ବିଧିପୂର୍ବକ କ୍ଷମତାପନ୍ନ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ ତହସିଲଦାର ତଥ ଭୂ-ଅର୍ଜନ କ୍ଷମତାପନ୍ନ ପ୍ରାକାରୀ କାର୍ଯ୍ୟାଳସ୍ତ, ଧର୍ମଗଡ଼ ନଂ. ୧୩୦ (ଗ) ଙ୍କ କାର୍ଯ୍ୟାଳସ୍ତ ଧର୍ମଗଡ଼ଙ୍କ ଠିକଣାରେ ଉପରୋକ୍ତ ଆଇନର ଧାରା-୩(ଗ) ର ଉପଧାରା (୧) ଅନୁସାରେ ଆପତ୍ତି ଦରଖାସ୍ତ ଦାଏର କରିପାରିବେ । ଏ ସମ୍ପର୍କରେ ଧାରା-୩(ଗ) ର ଉପଧାରା (୨) ଅନୁଯାୟୀ କ୍ଷମତାପନ୍ନ ପ୍ରାକାରୀଙ୍କ ଆଦେଶ ଚୂଡ଼ାନ୍ତ ବିବେଚିତ ହେବ ।

ଉକ୍ତ ଜମିର ଏକ ନକ୍ସା ଓ ଅନ୍ୟାନ୍ୟ ବିଶଦ ବିବରଣୀ ତହସିଲଦାର ତଥା ଭୂ-ଅର୍ଜନ କ୍ଷମତାପନ୍ନ ପ୍ରାଧିକାରୀଙ୍କ କାର୍ଯ୍ୟାଳସ୍ତ, ଧର୍ମଗଡ଼ ଜାତୀୟ ରାଜପଥ-130ଗ ଧର୍ମଗଡ଼ଙ୍କ କାର୍ଯ୍ୟଦିବସ ମାନଙ୍କରେ ସର୍ବସାଧାରଣ ନିରୀକ୍ଷଣ କରିବା ନିମନ୍ତେ ଲଭ୍ୟ ହେଉଅଛି ।

**ସ୍ୱା/- ତହସିଲଦାର ତଥା**
**ଭୂ-ଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ ଧର୍ମଗଡ଼, କଳାହାଣ୍ଡି**

ଓଡ଼ିଶା ରାଜ୍ୟ ଅନ୍ତର୍ଗତ କଳାହାଣ୍ଡି ଜିଲ୍ଲାର ଭୂ-ଅର୍ଜନ ଜମିର ସଂକ୍ଷିପ୍ତ ବିବରଣୀ ଘର କିମ୍ବା ଘରବାରୀ ଓ ଅନ୍ୟ କିସମର ବିବରଣୀ । କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଜାତୀୟ ରାଜପଥ-୧୩୦ ଗ ର ୨୦୧,୬୦୦ କି.ମି. ରୁ ୨୦୮.୩୦୦ କି.ମି. (ଧର୍ମଗଡ଼ ବାଇପାସ ) ମୌଜା- କାଶିବାହାଲ ଓ ସରଧାପୁର ଅନ୍ତର୍ଭୁକ୍ତ ଜାତୀୟ ରାଜପଥ ନଂ. ୧୩୦ ଗ ର ବାଇପାସ ନିର୍ମାଣ ସକାଶେ ।

**ଭୂମି ଅନୁସୂଚୀ**

**ପ୍ରକଳ୍ପର ନାମ- ଜାତୀୟ ରାଜପଥ ନଂ- ୧୩୦ (ଗ) ଧର୍ମଗଡ଼ ବାଇପାସ ନିର୍ମାଣ**

| ରାଜ୍ୟ : ଓଡ଼ିଶା | | | ଜିଲ୍ଲା : କଳାହାଣ୍ଡି | | |
|---|---|---|---|---|---|
| କ୍ର.ନଂ. | ସର୍ବେକ୍ଷଣ କରିବା ପ୍ଲଟ ନଂ | ଜମିର ପ୍ରକାର | କିସମ | ରକବା (ଏକର) | ରକବା (ହେକ୍ଟର) |
| ୧ | ୨ | ୩ | ୪ | ୫ | ୬ |
| ତହସିଲ : ଧର୍ମଗଡ଼ | | | | | |
| ଗ୍ରାମ : କାଶିବାହାଲ | | | | | |
| ୧ | ୧୮୧୮/୩୮୪୫ | ବେସରକାରି | ବେର୍ଣ୍ଣା ଅଣଜଳସେଚିତ | ୦.୦୪ | ୦.୦୧୬୧୮୭୮ |
| ୨ | ୧୮୧୮/୪୬୧୦ | ବେସରକାରି | ବେର୍ଣ୍ଣା ଅଣଜଳସେଚିତ | ୦.୦୭୫ | ୦.୦୩୦୩୫୨୧ |
| ଗ୍ରାମ : ସରଧାପୁର | | | | | |
| ୩ | ୯୨୫ | ବେସରକାରି | ଘରବାରି | ୦.୨୦ | ୦.୦୮୦୯୩୮୯ |
| | | | ମୋଟ | ୦.୩୧୫ | ୦.୧୨୭୪୭୮୮ |

OIPR-

**AFFIDAVIT**

By virtue of an affidavit no. 59, sworn before the Executive Magistrate, Bhubaneswar on dtd. 20.01.2026, I, Suchitra Maharana, At- Sankulei, Po-Dholapasi, Ps/Dist.- Dhenkanal, Pin - 759013 hereby declare that I have changed the name of my minor daughter from Krishna Maharana to Suprava Priyadarshini Maharana. Henceforth, she shall be known as **Suprava Priyadarshini Maharana** for all purposes.

**Sd/- Suchitra Maharana**

**GOVERNMENT OF ODISHA** O-2109
**OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA**
E-mail-eerw_kuchinda@yahoo.com

**OFFICE ORDER**

Due to first time single Tender Sl No. (07) S/R to Road from Kaliadihi to Kandhakulei such as laying of SDBC from Ch.0.00 to 2/000 to 3/027 km in the district of Sambalpur for the year 2025-26. Tender Bid ID / 12/ RWD/ Kuchinda / 2025-26 is here by Cancelled.

OIPR- Superintending Ehgineer, Rural Works Division, Kuchinda

**AFFIDAVIT**

By virtue of an affidavit (CF No. 06, dtd- 15/01/2026) sworn before the Notary Public, Padampur. I, **Niyaz Khan,** S/o- Roshan Khan, resident of Vill/PO: Bartunda, Ps- Paikmal, Dist-Bargarh, PIN-768039, Odisha declare that I have changed my name from **Niaja Mahammd** to **Niyaz Khan.** Henceforth, I shall be known as **Niyaz Khan** (new name) for all purposes.

**Niyaz Khan**

### ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟା

# 'ଯାତ୍ରା ଓ ରୁଦ୍ଧମଞ୍ଚ ନାଟକ' ଶୀର୍ଷକରେ ଆଲୋଚନା

ଜଗତସିଂହପୁର,୨୦।୧(ସମିସ)

ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଜଗତସିଂହପୁର ପୁସ୍ତକ ମେଳାର ଆଜି ଥିଲା ଷଷ୍ଠ ସନ୍ଧ୍ୟା। ଏହି ଅବସରରେ ଆୟୋଜିତ ସଭାରେ ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ଆଜିର ଆସରର ବିଷୟବସ୍ତୁ ଥିଲା "ଯାତ୍ରା ଓ ରୁଦ୍ଧମଞ୍ଚ ନାଟକ ଏକ ତୁଳନାତ୍ମକ ଅଭିବ୍ୟକ୍ତି।' ଆଜିର ଆସରରେ ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ନାଟ୍ୟକାର ଡ. ଶରତ ଚନ୍ଦ୍ର ମହାରଣା ଏବଂ ଶିକ୍ଷାବିତ ରୁଦ୍ର ନାରାୟଣ ମହାପାତ୍ର ଯୋଗଦେଇ ଓଡ଼ିଆ ଯାତ୍ରା ଓ ରୁଦ୍ଧମଞ୍ଚ ନାଟକ ଏକ ତୁଳନାତ୍ମକ ଅଭିବ୍ୟକ୍ତି ଶୀର୍ଷକରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସାଇ ସୂର୍ଯ୍ୟ ମହାପାତ୍ର ବେଦପାଠ କରିଥିବା ବେଳେ ପରିଷଦର କାର୍ଯ୍ୟକାରିଣୀ ସଦସ୍ୟ ଡ.କୈଳାସ ଚନ୍ଦ୍ର ମଲ୍ଲିକ୍ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଜିର ଆସରକୁ ବିଶିଷ୍ଟ ଶିକ୍ଷାବିତ୍ ରସାନନ୍ଦ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା। ସାଂସ୍କୃତିକ ପରିଷଦର କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ଜଗତସିଂହପୁର ସାଂସ୍କୃତିକ ପରିଷଦ ପକ୍ଷରୁ କବିତା ପାଠୋତ୍ସବ ଆୟୋଜିତ ହୋଇଥିବା ବେଳେ ଅପରାହ୍ନରେ ବନମାଳୀ ସାହୁ ମେମୋରିଆଲ୍ ଟ୍ରଷ୍ଟ, ଜଗତସିଂହପୁର ପ୍ରାୟୋଜିତ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ରାଉତ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲିପ୍ ଜେନା, ଅଧ୍ୟାପକ ପ୍ରଦୀପ କୁମାର ଶତପଥୀ, ରାଧାକାନ୍ତ ସାହୁ, ରମାକାନ୍ତ ସାହୁ, ସ୍ନେହମଞ୍ଜରୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କୁଇଜ୍ କାର୍ଯ୍ୟକ୍ରମକୁ କୁଇଜ୍ ମାଷ୍ଟର୍ ପ୍ରଦୀପ୍ତ କିଶୋର ଚୌଧୁରୀ ପରିଚାଳନା କରିଥିବା ବେଳେ ଦୁର୍ଯ୍ୟୋଧନ ମହାରଣା ଓ ଅବିନାଶ ସ୍ୱାଇଁ ସହଯୋଗ କରିଥିଲେ। ଅପରାହ୍ନରେ ବିଦ୍ୟାଳୟ ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସଂଧ୍ୟାରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଓ ଆଦ୍ୟାଶା ମ୍ୟୁଜିକ୍ ଭୁବନେଶ୍ୱରରର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦଘୋଷକ ଭାବେ ସସ୍ମିତା ଦାସ, ପୂଜା ପ୍ରିୟା ପରିଡ଼ା ଓ ରଶ୍ମିତା ସଂଯୋଜନା କରିଥିଲେ।




## ପୁସ୍ତକ 'ଜଗତସିଂହପୁର ମାଟିର ମହକ' ଲୋକାର୍ପିତ



ଜଗତସିଂହପୁର,୨୦।୧(ସମିସ): ପୁସ୍ତକ ମେଳା ଅବସରରେ ଅବସରପ୍ରାପ୍ତ କୃତି ପ୍ରଧାନ ଶିକ୍ଷୟିତ୍ରୀ ତଥା ସୁସାହିତ୍ୟିକା ପ୍ରକୃତିବନ୍ଧୁ ସୌଭାଗିନୀ ରାୟଙ୍କ ଦ୍ୱାରା ଲିଖିତ ଓ ଦିବ୍ୟଦୂତ ପ୍ରକାଶନୀ ଦ୍ୱାରା ପ୍ରକାଶିତ 'ଜଗତସିଂହପୁର ମାଟିର ମହକ' ପୁସ୍ତକର ତୃତୀୟ ଭାଗ ଉନ୍ମୋଚିତ ହୋଇଯାଇଛି। ଜଗତସିଂହପୁର ସାଂସ୍କୃତିକ ପରିଷଦର ସମ୍ପାଦକ ସାରଦା ପ୍ରସାଦ ଦାସ, ବରିଷ୍ଠ ଆଇନଜୀବୀ ଦୁର୍ଯ୍ୟୋଧନ ରଣା, ପ୍ରକାଶକ ପ୍ରଭାଂଶୁ ସାମନ୍ତରାୟ, ପରିଚାଳକ ବସନ୍ତ କୁମାର ନାୟକ, ପ୍ରକାଶନ ସହଯୋଗୀ ଗଗନ ବିହାରୀ ଗୋଛାୟତ, ବିଶ୍ୱଦକ୍ଷତା କେନ୍ଦ୍ର, ଭୁବନେଶ୍ୱରର କାର୍ଯ୍ୟକ୍ରମ ପରିଚାଳକ ତଥା ଆଞ୍ଚଳିକ ମୁଖ୍ୟ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ସାମାଜିକ କର୍ମୀ ନିତ୍ୟାନନ୍ଦ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମଲ୍ଲ ଏବଂ ସାମ୍ବାଦିକ ମାନସ କୁମାର କାନୁନଗୋଙ୍କ ସମେତ ପୁସ୍ତକର ଲେଖିକା ଶ୍ରୀମତୀ ରାୟ ପ୍ରମୁଖ ଯୋଗଦେଇ ପୁସ୍ତକଟିକୁ ଉନ୍ମୋଚନ କରିଥିଲେ। ଏହି ତୃତୀୟ ଭାଗରେ ମୋଟ ୨୧ଟି ଅଧ୍ୟାୟ ସ୍ଥାନିତ ହୋଇଛି। ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଦେବପୀଠ, ମଠ, ସାଧୁସନ୍ଥ, ସ୍ୱାଧୀନତା ସଂଗ୍ରାମୀ, ଡାକ୍ତର, ନାଟ୍ୟକାର, ରାଜନୈତିକ ବ୍ୟକ୍ତିତ୍ୱ, ସମାଜସେବୀ, ଆଇନଜୀବୀ, କବି, ଲେଖକ, ସାହିତ୍ୟିକ ଓ ଚିତ୍ରଶିଳ୍ପୀମାନଙ୍କ ବିଷୟରେ ସାରଗର୍ଭକ ତଥ୍ୟ ପ୍ରତିପାଦିତ ହୋଇଥିବା ଲେଖିକା ସୂଚନା ଦେଇଥିଲେ।

## ନିଆଁରେ ପୋଡ଼ି ହୋଇ ମହିଳା ମୃତ



ପାରାଦୀପ,୨୦।୧(ସମିସ): ପାରାଦୀପ ଲକ୍ ଥାନା ଅଧୀନ ପିପଳ ଗ୍ରାମରେ ପୋଡ଼ି ହୋଇ ଜଣେ ମହିଳାଙ୍କ ମୃତ୍ୟୁ ହୋଇଯାଇଛି। ପାଳଗଦାରେ ନିଆଁ ଲାଗି ଘର ଜଳିଯିବାରୁ ମହିଳା ଜଣଙ୍କ ପୋଡ଼ିଯାଇଥିଲେ। ମୃତକ ହେଲେ ପିପଳ ଗ୍ରାମର ରିନି କୁମାରୀ ଦଳାଇ। ଖବର ପାଇ ଘଟଣାସ୍ଥଳରେ ସ୍ଥଳରେ କୁଜଙ୍ଗ ଅଗ୍ନିଶମ ବିଭାଗ ଓ ଲକ୍ ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅପରାହ୍ନରେ ମଧ୍ୟ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରି ଫେରିଯାଇଛନ୍ତି। ତେବେ ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନଥିଲେ ମଧ୍ୟ ଘରେ ମୃତ ମହିଳା, ତାଙ୍କ ଏକ ଛୋଟ ଛୁଆ ଓ ଅସୁସ୍ଥ ଶଶୁର ଥିଲେ। ମହିଳା ଜଣଙ୍କ ଛୁଆଟିକୁ ଶଶୁରଙ୍କୁ ଦେଇ ଚାଳଘରେ ରୋଷେଇ କାମ କରୁଥିବା ଜଣାପଡିଛି। ପ୍ରଥମେ କୌଣସି କାରଣରୁ ଚାଳ ଘର ନିକଟରେ ଥିବା ପାଳ ଗଦାରେ ନିଆଁ ଲାଗି ଚାଳ ଘରକୁ ଧରିଥିଲା ଏବଂ ଚାଳ ଘରଟି ସମ୍ପୂର୍ଣ୍ଣ ପୋଡିଯାଇଥିଲା। ସେହି ଚାଳ ଘରେ ରୋଷେଇ କରୁଥିବା ରିନି ପୋଡ଼ି ହୋଇଯାଇଥିବା ଦେଖିବାକୁ ମିଳିଥିଲା। ତେବେ ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଥିଲେ ମଧ୍ୟ, ସେତବେଳକୁ ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା। ଘରେ ଥିବା ମହିଳା ନିଆଁରେ ପୋଡି ହୋଇ ମୃତ୍ୟୁବରଣ କରିଥିଲେ। ପୁଲିସ ମୃତଦେହକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି। ପାଳ ଗଦାରେ ନିଆଁ କିଭଳି ଲାଗିଲା ଏବଂ ଏହି ନିଆଁ ଘରକୁ ଧରିବା ପରେ ମହିଳା ଜଣଙ୍କ କିଭଳି ଜାଣି ପାରିଲେ ନାହିଁ। ଏଭଳି ବିଭିନ୍ନ ପ୍ରକାର ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଥିବା ବେଳେ ପରିବାର ପକ୍ଷରୁ ମୃତ ମହିଳାଙ୍କ ବାପା ତାଙ୍କ ଝିଅକୁ ଶାଶୂ ଘର ଲୋକେ ମାରି ଦେଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ପରେ ପୁଲିସ ଅଧିକ ତଦନ୍ତ ପାଇଁ ସାଇଣ୍ଟିଫିକ ଟିମ ଡକାଇ ଘଟଣାର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରିଛି। ତେବେ ଆସନ୍ତାକାଲି ଘଟଣାର ସତ୍ୟତା ଜଣାପଡିବ ବୋଲି ଅଭୟଚାନ୍ଦପୁର ଥାନା ଅଧିକାରୀ ସମୀର କୁମାର ରାଉତ ସୂଚନା ଦେଇଛନ୍ତି।

## ପୂର୍ବତନ କାଉନସିଲରଙ୍କ ପିତୃ ବିୟୋଗ



ପାରାଦୀପ,୨୦।୧(ସମିସ): ପାରାଦୀପ ଷଣ୍ଢକୁଦ ୱାର୍ଡ ନଂ-୧୭ର ପ୍ରମୁଖ ବିଜୁ ଜନତା ଦଳର ସଦସ୍ୟ ତଥା ପୂର୍ବତନ କାଉନସିଲର କାମ୍ବଲା ରାମବାବୁଙ୍କ ପିତା କେ ଲକ୍ଷ୍ମଣଙ୍କର ୭୨ ବର୍ଷ ବୟସରେ ଦେହାନ୍ତ ଘଟିଛି। ଖବର ପାଇ ବିଶିଷ୍ଟ ଶ୍ରମିକ ନେତା ବାପି ସର୍ଖେଲ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ବିଜେଡି ନଗର ସଭାପତି କୁମରବର ନାୟକ, ରଶ୍ମିରଞ୍ଜନ ପରିଡା, ସମୀର ବିଶ୍ୱାଳ, ଲପନ ପରିଡା ଓ ସୁଶୀଲ ମହାପାତ୍ରଙ୍କ ସମେତ ପୌର ପରିଷଦର ବହୁ ପାରିଷଦ ଓ ବହୁ ଦଳୀୟ କର୍ମୀ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ଗତକାଲି ଦେହ ଅସୁସ୍ଥ ହେବାରୁ ତାଙ୍କୁ ସିଙ୍ଗିଟାଳି ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ରାତି ୧୦.୩୦ରେ ଦେହାନ୍ତ ହୋଇଯାଇଥିଲା।

## ସଂକୀର୍ତ୍ତନ ପ୍ରେମୀ ବଟକୃଷ୍ଣଙ୍କ ସ୍ମୃତିଚାରଣ ସଭା



ବାଲିକୁଦା,୨୦।୧(ସମିସ): ବାଲିକୁଦାର ଦୈନିକ ଖବରକାଗଜ ''ସକାଳ' ପ୍ରତିନିଧି ଅଜୟ ରାଉତଙ୍କ ପିତା ବଟକୃଷ୍ଣ ରାଉତଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ବାଲିକୁଦା ପୂଜ୍ୟପୂଜା ସଂସଦର ସଭାପତି କୈଳାଶ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ଶାରଦା ପ୍ରସନ୍ନ ଜେନା, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଜିଲ୍ଲା ପରିଷଦ ସଭ୍ୟା ତଟିନା ସ୍ୱାଇଁ, ରୁନୀଲତା ବେହେରା, ବିଜେପି ନେତା ଶିବବ୍ରତ ଦାସ, ସରପଞ୍ଚ ରାଜକିଶୋର ସାହୁ, ଯୁବ ସଂଗଠକ କମଳାକାନ୍ତ ମହାପାତ୍ର, ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳ, ପ୍ରଫୁଲ୍ଲ ଚନ୍ଦ୍ର ଷଡ଼ଙ୍ଗୀ, ବାବନ ଚରଣ ସ୍ୱାଇଁ, ସ୍ମିତା ଦାସ, ଶ୍ୱେତକୁମାର ସ୍ୱାଇଁ, ପଣ୍ଡିତ ଅଜୟ କୁମାର ଶତପଥୀ, ସାମ୍ବାଦିକ ତୀର୍ଥବାସୀ ଦାସ, ପ୍ରଣବ ପ୍ରଧାନ, ତାପସ ସ୍ୱାଇଁ, ପରେଶ ଦାସ, ମନୋଜ ଦାସ, ମାନସ କାନୁନଗୋ, ରାଧାକାନ୍ତ ମିଶ୍ର, ବାଲିକୁଦା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ, ଶ୍ରୀକାନ୍ତ ଦାସ, ଶୁଭେନ୍ଦୁ ଦାସଙ୍କ ସମେତ ବହୁ ରାଜନେତା, ବୁଦ୍ଧିଜୀବୀ, ସାମ୍ବାଦିକ ଯୋଗ ଦେଇ ବଟକୃଷ୍ଣ ବାଲିକୁଦା ଅଞ୍ଚଳରେ ଜଣେ ଖ୍ୟାତନାମା ସଂକୀର୍ତ୍ତନ ପ୍ରେମୀ ଥିଲେ ବୋଲି କହିଥିଲେ।

## ପରାଶର କ୍ଷେତ୍ରରେ ହେବ ଶ୍ରୀଜଗନ୍ନାଥ ମହୋତ୍ସବ

ପାରାଦୀପ,୨୦।୧(ସମିସ): ପରାଶର କ୍ଷେତ୍ର ପାରାଦୀପରେ ଆୟୋଜିତ ହେବ ଶ୍ରୀଜଗନ୍ନାଥ ମହୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ। ଏନେଇ ଆଜି ପାରାଦୀପ ତାରିଣୀଗଡ଼ା ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରୀଜଗନ୍ନାଥ ଟ୍ରଷ୍ଟ ଆନୁକୂଲ୍ୟରେ ପାରାଦୀପରେ ପ୍ରଥମ ଥର ହେବାକୁ ଯାଉଥିବା ଏହି ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଦ୍ମଶ୍ରୀ ବାବା ବଳିଆଙ୍କ ମାର୍ଗଦର୍ଶନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ଚରିତ୍ର, ମହାପ୍ରଭୁଙ୍କ ବତିଶ ବେଶ, ପଞ୍ଚସଖାଙ୍କ ବିଗ୍ରହ ସହିତ ବିଭିନ୍ନ ଗୁରୁ ବର୍ଗଙ୍କ ବିଗ୍ରହ, ବିଶ୍ୱଶାନ୍ତି ମହାଯଜ୍ଞ, ଗୀତାଜ୍ଞାନ ଯଜ୍ଞ, ଜପ ଯଜ୍ଞ, ଧ୍ୟାନ ଯଜ୍ଞ, ଘୃତ ଯଜ୍ଞ, ଅନ୍ନ ଯଜ୍ଞ ଆଦି ସହ ଛପନ ଭୋଗ, ଶ୍ରୀଜଗନ୍ନାଥଙ୍କ ପୁସ୍ତକ ମେଳା ପ୍ରଭୃତିକୁ ନେଇ ଏକ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟର ଆବାହକ ଦେବବ୍ରତ ସାହୁ ପ୍ରକାଶ କରିଛନ୍ତି। ଏହି ପ୍ରସ୍ତୁତି ବୈଠକରେ ସମାଜସେବୀ ଧୀରେନ୍ଦ୍ର ସାମଲ ଯୋଗଦେଇଥିଲେ। ଟ୍ରଷ୍ଟର ମୁଖ୍ୟ ଦାୟିତ୍ୱରେ ଥିବା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଧୃତିଧର ଦାଶ, ପ୍ରାନ୍ତ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ଓ ବିଶିଷ୍ଟ ଜ୍ୟୋତିର୍ବିଦ ଡ. ଅରୁଣ ପାଣି, ଯୋଗଗୁରୁ ପଣ୍ଡିତ ତାପସ ମହାରାଜ ପ୍ରମୁଖ ଏଥିରେ ଯୋଗଦେଇ ସୂଚନା ଦେଇଥିଲେ। ଆଗାମୀ ଦିନରେ ପାରାଦୀପର ବିଭିନ୍ନ ଅଞ୍ଚଳ ରେ ଏହି ବିଶାଳ କାର୍ଯ୍ୟକ୍ରମ ନିମନ୍ତେ ପ୍ରସ୍ତୁତି ବୈଠକ କରାଯାଇ ବିଭିନ୍ନ ଶ୍ରୀଜଗନ୍ନାଥ ପ୍ରେମୀ, ସାଧୁସନ୍ଥ, ସାମାଜିକ କର୍ମୀ, ବୁଦ୍ଧିଜୀବି ମାନଙ୍କୁ ଯୋଡ଼ାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ଆମ୍ବେଦକର ସ୍ପୋର୍ଟିଂ ଜଗତସିଂହପୁର ବିଜୟୀ

ତିର୍ତ୍ତୋଲ,୨୦।୧(ସମିସ): ତିର୍ତ୍ତୋଲ ନିକଟ ସାରଳା ରୋଡ ମିନି ଷ୍ଟାଡିୟମରେ ଆୟୋଜିତ ୱାଇଏମସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ ତୃତୀୟ କ୍ୱାଟର ଫାଇନାଲ୍ ମ୍ୟାଚ୍‌ରେ ଆମ୍ବେଦ କର ସ୍ପୋର୍ଟିଂ ଜଗତସିଂହପୁର ମା' ମଙ୍ଗଳା ଟିମ୍ କଟକକୁ ୭ ରନରେ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଜଗତସିଂହପୁର ବ୍ୟାଟିଂ କରି ୧୯.୫ ଓଭରରେ ସମସ୍ତ ୱିକେଟ ହରାଇ ୧୭୪ ରନ୍ ସଂଗ୍ରହ କରିଥିଲା। ଜବାବରେ କଟକ ନିର୍ଦ୍ଧାରିତ ଓଭରରେ ୬ ୱିକେଟ ହରାଇ ୧୬୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଅତିଥି ସମାଜସେବୀ ମନୋଜ ମହାନ୍ତି ବିଜେତା ଆମ୍ବେଦକର ସ୍ପୋର୍ଟିଂ ଜଗତସିଂହପୁରର ଅରୁଣ ମହାରଣାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ। ଅମ୍ପାୟାର୍ ଭାବେ ଗୁରୁଦତ୍ତ ପରିଜା ଓ ସଞ୍ଜୟ ପ୍ରଧାନ ଖେଳ ପରିଚାଳନା କରିଥିଲେ।

## ଷଣ୍ଢକୁଦ ବସ୍ତିରେ ଘରେ ପଶିଗଲା ହରିଣ



ପାରାଦୀପ,୨୦।୧(ସମିସ): ଜଙ୍ଗଲ କଟାଯିବା ପରେ ଏବେ ବସ୍ତି ମୁହାଁ ହୋଇଛନ୍ତି ହରିଣ।ଆଜି ସକାଳେ ଷଣ୍ଢକୁଦ ବସ୍ତି ଭିତରେ ଜଣଙ୍କ ଘରେ ପଶିଯାଇଥିଲା ଏକ ହରିଣ। ସ୍ଥାନୀୟ ଲୋକ ତାକୁ ଉଦ୍ଧାର କରିବା ସହ ସମୁଦ୍ର କୂଳ ଜଙ୍ଗଲରେ ଛାଡି ଦେଇଥିଲେ। ତେବେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପାଇଁ ଜଙ୍ଗଲ କଟା ଯିବା ପରେ ବହୁ ହରିଣ ସହର ଭିତରକୁ ପଶି ଆସୁଥିବା ଆଶଙ୍କା କରାଯାଇଛି। ବିଗତ ଦିନରେ ଢିଙ୍କିଆ ଚାରିଦେଶର ବିଭିନ୍ନ ସ୍ଥାନରେ ଅନେକ ହରିଣଙ୍କ ମୃତଦେହ ମିଳିଥିବା ବେଳେ ଅନେକ ହରିଣଙ୍କୁ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରାଯାଇଛି। ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ମଧ୍ୟ ହରିଣ ମାନେ ଅବାଧ ପ୍ରବେଶ କରି ଧରପଡିଛନ୍ତି। ଆଜି ସକାଳ ସମୟରେ ଉଦ୍ଧାର ହୋଇଥିବା ଏହି ହରିଣକୁ ଜଙ୍ଗଲରେ ଛଡ଼ାଯିବା ପରେ ଏହି ହରିଣର ସୁରକ୍ଷା ନେଇ ପ୍ରଶ୍ନ ଉଠିଛି।

## ହାୱାଖାନା ବନଖଣ୍ଡରେ ୫୪୪୦ ପକ୍ଷୀ

ଏରସମା,୨୦।୧(ସମିସ): ଚଳିତ ବର୍ଷ ପାଇଁ ରାଜ୍ୟର ସମସ୍ତ ସ୍ଥାନରେ ପକ୍ଷୀ ଗଣନା ଶେଷ ହୋଇଛି। ଏହି କ୍ରମରେ ହାୱାଖାନା ବନଖଣ୍ଡରେ ବନପାଳ ମଙ୍ଗଳ ହେମ୍ବ୍ରମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପକ୍ଷୀ ଗଣନା କରାଯାଇଥିଲା। ରାମତରା, ସାହାଡ଼ାବେଦୀ ଓ ହାୱାଖାନା ବିଟ୍ ସମେତ ଆକାସଡିଆଁ, ବୋରୁଆଁ, ଶାଳିଓ ଆଦି ସ୍ଥାନ ମାନଙ୍କରେ ଏହି ପକ୍ଷୀ ଗଣନା କରାଯାଇଥିବା ବେଳେ ଅନ୍ୟ ସମସ୍ତ ଜଳାଶୟ ମାନଙ୍କରେ ମଧ୍ୟ ପକ୍ଷୀ ଗଣନା କରାଯାଇଥିଲା। ଚଳିତ ବର୍ଷ ଏହି ସବୁ ସ୍ଥାନ ମାନକୁ ପ୍ରାୟ ୨୮ ପ୍ରଜାତିର ୫୪୪୦ ପକ୍ଷୀ ଆସିଥିବା ଜଣାପଡିଛି। ପୂର୍ବ ବର୍ଷ ତୁଳନାରେ ଅଧିକ ପକ୍ଷୀ ଆସିଥିବା ବନପାଳ ଶ୍ରୀଯୁକ୍ତ ହେମ୍ବ୍ରମ ପ୍ରକାଶ କରିଛନ୍ତି। ପକ୍ଷୀ ଗଣନାରେ ବନରକ୍ଷୀ ଶ୍ରୀରାମ ମୁର୍ମୁ, ସଜେନ୍ଦ୍ର ଦାସ, ସୁବାସ ଚନ୍ଦ୍ର ମାଝୀଙ୍କ ସମେତ ଅନ୍ୟ ସମସ୍ତ ବନ ସୁରକ୍ଷା କର୍ମଚାରୀ ମାନେ ସାମିଲ ହୋଇଥିଲେ।

## ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର




ତିର୍ତ୍ତୋଲ,୨୦।୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନିମୂଳ ସ୍ଥିତ ବାୟା ଅବଧୂତ ଡିଗ୍ରୀ ମହାବିଦ୍ୟାଳୟ ରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜେନା ଉଦ୍‌ଘାଟନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରର ନୋଡାଲ ଅଧିକାରୀ ଅଧ୍ୟାପିକା ସଂଯୁକ୍ତା ମହାନ୍ତି, ସଂଯୋଜିକା ଅଧ୍ୟାପିକା ମିଲିନା ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟାପକ ନିରଞ୍ଜନ ବେହେରା, ସଞ୍ଜୟ ଦାସ, ପ୍ରଶାନ୍ତ ମହାପାତ୍ର, ନିତ୍ୟ ସୁନ୍ଦର ସ୍ୱାଇଁ, ଅଧ୍ୟାପିକା ପ୍ରଗତିକା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର କର୍ମଚାରୀ ଶିଶିର ମହାପାତ୍ର ଓ ସତ୍ୟ ନାରାୟଣ ମହାପାତ୍ର ପରିଚାଳନାରେ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ବନ୍ଦର କର୍ମଚାରୀଙ୍କ ପରଲୋକ



ପାରାଦୀପ,୨୦।୧(ସମିସ): ପାରାଦୀପ ବନ୍ଦର ଅଧ୍ୟକ୍ଷଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିବା ପ୍ରସନ୍ନ କୁମାର ଆଚାର୍ଯ୍ୟ (୯୧)ଙ୍କର ଆଜି ପରଲୋକ ହୋଇଯାଇଛି। ସ୍ୱର୍ଗତ ଆଚାର୍ଯ୍ୟ ପାରାଦୀପ ଅଞ୍ଚଳର ଜଣାଶୁଣା ସାମ୍ବାଦିକ ଶଶାଙ୍କ ଆଚାର୍ଯ୍ୟଙ୍କ ପିତା ଅଟନ୍ତି। କଟକ ଜିଲ୍ଲା ମାହାଙ୍ଗା ଅରିଲୋ ଶାସନ ଗ୍ରାମରେ ସ୍ୱର୍ଗତ ଆଚାର୍ଯ୍ୟ ୧୯୩୪ ମସିହାରେ ଜନ୍ମଗ୍ରହଣ କରିଥିଲେ। ପାରାଦୀପ ବନ୍ଦରରେ ଯୋଗ ଦେବା ପରେ ନିଜ କାର୍ଯ୍ୟ ଦକ୍ଷତା ବଳରେ ବନ୍ଦର ଅଧ୍ୟକ୍ଷଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରିଥିଲେ। ୧୯୯୭ ମସିହାରେ ଚାକିରିରୁ ଅବସର ଗ୍ରହଣ କରିବା ପରେ ନିଜ ଗ୍ରାମରେ ରହୁଥିଲେ। ଆଜି ସକାଳେ ହୃଦ୍‌ଘାତରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କ ଦେହାନ୍ତ ଖବର ପାଇ ବନ୍ଦର ପୁରୁଣା କର୍ମଚାରୀଙ୍କ ମଧ୍ୟରେ ଏକ ଶୋକର ଛାୟା ଖେଳିଯାଇଛି। ପୋର୍ଟ ଅଫିସର୍ସ ଆସୋସିଏସନର କର୍ମକର୍ତ୍ତା ଭାବେ ବନ୍ଦର ଅଫିସର୍ସମାନଙ୍କ ନିମନ୍ତେ ବହୁ କଲ୍ୟାଣକାରୀ କାର୍ଯ୍ୟ କରିଥିଲେ। ମଙ୍ଗଳବାର ଅପରାହ୍ନରେ ଗ୍ରାମ ଶ୍ମଶାନରେ ଜ୍ୟେଷ୍ଠପୁତ୍ର ଚନ୍ଦ୍ରଶେଖର ମୁଖାଗ୍ନି ଦେଇଥିଲେ।

## ସ୍ୱଦେଶୀ ସଂକଳ୍ପ ଦୌଡ଼କୁ ସ୍ୱାଗତ



ଜଗତସିଂହପୁର,୨୦।୧(ସମିସ): ଓଡିଶା ପୂର୍ବ ତରଫରୁ ଆୟୋଜିତ ସ୍ୱଦେଶୀ ସଂକଳ୍ପ ଦୌଡକୁ ଜଗତସିଂହପୁର ନିର୍ବାଚନ ମଣ୍ଡଳୀର ଗାନ୍ଧୀଛକ, କଲେଜ ଛକ ଓ ବସ୍‌ଷ୍ଟାଣ୍ଡ ଠାରେ ସ୍ୱାଗତ କରାଯାଇଛି। ସ୍ୱଦେଶୀ ଭାବନା, ଆତ୍ମନିର୍ଭର ଭାରତ ଓ ଦେଶୀ ଉତ୍ପାଦ ବ୍ୟବହାର ପ୍ରତି ସଚେତନତା ସୃଷ୍ଟି କରିବାରେ ଏହି ସଂକଳ୍ପ ଦୌଡ ଏକ ମାଇଲଷ୍ଟୋନ୍। ଯୁବ, ସମାଜସେବୀ ଓ ସାଧାରଣ ଜନତାଙ୍କ ସକ୍ରିୟ ସହଭାଗିତା ଏହି କାର୍ଯ୍ୟକ୍ରମକୁ ଅଧିକ ସାର୍ଥକ କରିଛି। 'ସ୍ୱଦେଶୀ ଆପଣାଅ, ଦେଶକୁ ଆଗେଇ ନିଅ' ବାର୍ତ୍ତା ନେଇ ଆରମ୍ଭ ହୋଇଥିବା ଏହି ସଂକଳ୍ପ ଦୌଡ଼କୁ ସ୍ଥାନୀୟ ଗାନ୍ଧୀଛକ ଠାରେ ପ୍ରାକ୍ତନ ବିଜେପି ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଷୋଇ, ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତି, ନାରୀ ନେତ୍ରୀ କଳ୍ପନା ସର୍ଜନ ସିଂ, ମମତା ବେହେରା, ଜ୍ୟୋସ୍ନାରାଣୀ ବାରିକ, ଚିତ୍ତରଞ୍ଜନ ପଣ୍ଡା, ଶିଶିର ପାତ୍ର, କାଳିକିଙ୍କର ମହାନ୍ତି, ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟ, ରାଜ ନାରାୟଣ ସାହୁ, ମିନତୀ ଜେନା, ଲିଙ୍ଗରାଜ ଲେଙ୍କା, ବିଶ୍ୱନାଥ ପଣ୍ଡା, ପ୍ରଦୀପ୍ତ ଷଡ଼ଙ୍ଗୀ, ସମ୍ବିତ ଷଡ଼ଙ୍ଗୀ, ଭଗବାନ ଦାସ ଏବଂ ପ୍ରତାପ ମହାନ୍ତିଙ୍କ ସମେତ ଶତାଧିକ କର୍ମୀ ସ୍ୱାଗତ କରିଥିଲେ।

## ସୁଶ୍ରୀ ଶୁଭଶ୍ରୀର ବାର୍ଷିକ ଉତ୍ସବ



ଏରସମା,୨୦।୧(ସମିସ): ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ସୁଶ୍ରୀ ଶୁଭଶ୍ରୀର ଉନବିଂଶତମ ବାର୍ଷିକ ଉତ୍ସବ ଶାଗବାରିଆ ସାରଳା ମଣ୍ଡପଠାରେ ସମ୍ପାଦିକା ଡ. ବସନ୍ତ ମଞ୍ଜରୀ ଦାସ, ସଭାପତି ପ୍ରେମଚରଣ ରାଉତ ଓ ଇଂ. ବିଧାନ କୁମାର ରାଉତରାୟଙ୍କ ତତ୍ତ୍ୱାବଧାନରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନ କାର୍ଯ୍ୟକାରୀ ସଭାପତି ପଣ୍ଡିତ ନାଗୁଚରଣ ଦେବତା ଓ ଦ୍ୱିତୀୟ ଅଧିବେଶନ ଉପସଭାପତି ହେମନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ କ୍ୟାପଟେନ ସଞ୍ଜୀବ କୁମାର ମୁଦୁଲି ଓ ପ୍ରଭାଂଶୁ ସାମନ୍ତରାୟ, ମୁଖ୍ୟ ବକ୍ତା ଭାବେ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି ଓ ତାପସ କୁମାର ଦ୍ୱିବେଦୀ। ବରେଣ୍ୟ ଅତିଥି ଭାବରେ ଡ. ବନପ୍ରଭା ପରିଡା, ସମ୍ମାନିତ ଅତିଥି ଭାବରେ ଲୋକଶିକ୍ଷକ ଡ. ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ, ମହେଶ୍ୱର ସ୍ୱାଇଁ, ଶ୍ରୀକାନ୍ତ ସିଂ, ଆଇନଜୀବୀ ମଞ୍ଜୁଲତା ରାଉତ, ଝଙ୍କଡ଼ରତ୍ନ ଗୋଲୋକ ବିହାରୀ ପଲାଇ, ଗଙ୍ଗୋତ୍ରୀ ସମ୍ପାଦକ କୈଳାସ ଚନ୍ଦ୍ର ପ୍ରଧାନ, ବରଗଡ଼ ଧନୁଯାତ୍ରା କଳାକାର ସଭାପତି ଦୟାନିଧି ପଧାନ, ହୃଷିକେଶ ଜେନା, ନବୀନ ପଧାନ ଯୋଗଦେଇଥିଲେ। ଶ୍ରେଷ୍ଠ ସୁଶ୍ରୀ ସରଳା ସମ୍ମାନ ଶିକ୍ଷୟିତ୍ରୀ ସୌଭାଗିନୀ ରାୟ, ଶ୍ରେଷ୍ଠ ସୁଶ୍ରୀ ଆଦର୍ଶ ଦମ୍ପତି ସମ୍ମାନ ସୌହାଗିନୀ ବେହେରା ଓ କୈଳାସ ଚନ୍ଦ୍ର ଦଳାଇ, ସୁଶ୍ରୀ ଶୁଭଶ୍ରୀ ଆଦର୍ଶ ଦମ୍ପତି ସମ୍ମାନ ସବିତା ନାୟକ ଓ ନିତ୍ୟାନନ୍ଦ ନାୟକଙ୍କୁ ପ୍ରଦାନ କରାଯାଇଥିଲା। ସୁଶ୍ରୀ ନିର୍ଭୀକ ସମ୍ବାଦଦାତା ସମ୍ମାନ ଶ୍ରୀବତ୍ସ ଲାଞ୍ଛନ ପାଢ଼ୀ, ଶ୍ରୀକାନ୍ତ ଦାଶ ଓ ଗୌରାଙ୍ଗ ଚରଣ ସ୍ୱାଇଁକୁ ପ୍ରଦାନ କରାଯାଇଥିବା ବେଳେ ସୁଶ୍ରୀ ତବଲାବାଦକ ସମ୍ମାନ ସୁଦୀପ୍ତ ବେହେରା, ସୁଶ୍ରୀ ଆଦର୍ଶ ଶିକ୍ଷକ ଭୁବନ ମୋହନ ଦାସ, ଶେଖ ଅବଦୁଲ ଅୟାସଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଗ୍ରାମ କେଶରୀ ସ୍ୱାଇଁ, ଶିବପ୍ରସାଦ ସାହୁ, ଯଯାତି କେଶରୀ ସାମନ୍ତରାୟ, ଶ୍ୟାମାସୁନ୍ଦର ବେହେରା ପ୍ରମୁଖ ସହାୟତା କରିଥିଲେ। ପ୍ରଶାନ୍ତ କୁମାର ସେଠୀ ଓ ସବିତା ନାୟକ କବିତା ପାଠୋତ୍ସବ ସଂଯୋଜନା କରିଥିଲେ। ବଟଶ୍ରୀ ଅଧ୍ୟକ୍ଷା ବିଭୂଷିତା ଦାସ ଧନ୍ୟବାଦ ଦେଇଥିଲେ।

### ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଲାଞ୍ଚ ମାଗିବା ଘଟଣା

# ଶ୍ରମ ଆୟୁକ୍ତଙ୍କୁ ତଦନ୍ତ ପାଇଁ ଚିଠି ଲେଖିଲେ ଜିଲ୍ଲାପାଳ

ଜଗତସିଂହପୁର,୨୦।୧(ସମିସ):

ଜଗତସିଂହପୁର ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅନ୍ତର୍ଗତ ବିଭିନ୍ନ ସହାୟତା ରାଶି ମଞ୍ଜୁର ପାଇଁ ହିତାଧିକାରୀଙ୍କ ଠାରୁ ଲାଞ୍ଚ ନିଆଯାଉଥିବା ସମ୍ପର୍କରେ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲା। ତେବେ ଏହି କାର୍ଯ୍ୟାଳୟର କାର୍ଯ୍ୟରତ ମହିଳା ଡାଟା ଏଣ୍ଟ୍ରି ଅପରେଟର ପୁଷ୍ପିତା ଷଡ଼ଙ୍ଗୀ ଜଣେ ହିତାଧିକାରୀଙ୍କୁ ଫାଇଲ କାମ ପାଇଁ ଲାଞ୍ଚ ମାଗୁଥିବା ଅଡିଓ ଭାଇରାଲ ହେବା ପରେ ତତ୍ପର ହୋଇଛି ଜିଲ୍ଲା ପ୍ରଶାସନ। ଜିଲ୍ଲାପାଳ ଜେ.ସୋନାଲ ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ) ସ୍ମୃତିରେଖା ନାୟକଙ୍କୁ ଗତ ୧୬ ତାରିଖରେ କୈଫିୟତ ତଲବ କରିବା ସହିତ ୨ଦିନ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀମତୀ ନାୟକ ମଧ୍ୟ ଜିଲ୍ଲାପାଳଙ୍କୁ ଭେଟି ତାଙ୍କର ଲିଖିତ ଉତ୍ତର ରଖିଥିବା ସୂଚନା ମିଳିଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଆଜି ଜିଲ୍ଲାପାଳ ଜେ. ସୋନାଲ ଏହାର ତଦନ୍ତ କରି ୫ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ପାଇଁ ଜଗତସିଂହପୁର ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମୋବାଇଲରୁ ମୋବାଇଲ ଘୁରି ବୁଲୁଥିବା ଉକ୍ତ ଅଡିଓରେ ଜଣେ ହିତାଧିକାରୀଙ୍କ ସହିତ ଶ୍ରମ କାର୍ଯ୍ୟାଳୟର ମହିଳା ଡାଟା ଏଣ୍ଟ୍ରି ଅପରେଟରଙ୍କ ପୁଷ୍ପିତା ଷଡ଼ଙ୍ଗୀଙ୍କ ବାର୍ତ୍ତାଳାପ ରହିଛି। ପୂର୍ବରୁ ଦୁଇଟି ଫାଇଲ କରିଛି ଏଥିପାଇଁ ୧୬ ହଜାର ଟଙ୍କା ଫୋନ ପେ'ରେ ପଠାଇବାକୁ ସମ୍ପୃକ୍ତ ହିତାଧିକାରୀଙ୍କୁ କହୁଛନ୍ତି ଉକ୍ତ ମହିଳା କର୍ମଚାରୀ। ଏଥିରୁ ୧୫ ହଜାର ୩ଜଣ ଅଧିକାରୀ ନେବେ। ମୋର ଭାଗ ମାତ୍ର ୧ ହଜାର। ବିଶ୍ୱାସରେ ତୁମ କାମ କରିଦେଲି, ହେଲେ ତୁମେ ଟଙ୍କା ଦେଉନ। ଏଏଲ୍‌ଓ ଡିଏଲ୍‌ଓ ମୋତେ ମାଗୁଛନ୍ତି। କାଲି ମ୍ୟାଡମ ଅଫିସ ଗଲେ ମୋତେ ଟଙ୍କା ମାଗିବେ। ମୁଁ କ'ଣ କରିବି। ମୋ ମୁଣ୍ଡ କାମ କରୁନି ବୋଲି ଏହି ଅଡିଓରେ ମହିଳା କର୍ମଚାରୀ କହୁଥିବା ଶୁଣାଯାଉଛି। ଏହି ଘଟଣା ପ୍ରଘଟ ହେବା ପରେ ସଂପୃକ୍ତ ମହିଳା ଡାଟା ଏଣ୍ଟ୍ରି ଅପରେଟରଙ୍କ ନାମରେ ଜିଲ୍ଲା ଶ୍ରମ ଅଧିକାରୀ ସଦର ଥାନାରେ ଏତଲା ଦେବା ସହିତ ତାଙ୍କର ନିଯୁକ୍ତିକୁ ସମ୍ପୃକ୍ତ ଏଜେନ୍ସି ବାତିଲ କରିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଏହି ଘଟଣା ଗତ ଡିସେମ୍ବର ମାସରେ ଘଟିଥିବା ବେଳେ ଜିଲ୍ଲା ଶ୍ରମ ଅଧିକାରୀ କାହିଁକି ଚୁପ ବସିଥିଲେ।

## ଜାତୀୟ ସେବା ଯୋଜନା ଶିବିର



ଢେଙ୍କାନାଳ,୨୦।୧(ସମିସ): ଢେଙ୍କାନାଳ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଚତୁର୍ଥ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରାତଃ ପ୍ରାର୍ଥନା ଓ ଯୋଗାସନ ସମାପନ କରି ମହିଳା ସ୍ୱେଚ୍ଛାସେବୀ ଅନ୍ୱେଶା ଛାତ୍ରୀନିବାସର ପରିସରକୁ ସଫେଇ କରିଥିଲେ। ପ୍ରାତଃଭୋଜନ ପରେ ମହାବିଦ୍ୟାଳୟ ନିକଟସ୍ଥ "ବଳରାମ ମନ୍ଦିର'ର ଚତୁଃପାର୍ଶ୍ୱ ମଧ ସଫେଇ କରିଥିଲେ। ଦିବସର ପ୍ରଥମ ଶିକ୍ଷଣ ଅଧିବେଶନରେ ଜୟରାମ ପୃଷ୍ଟି ସଡ଼କ ସୁରକ୍ଷା ସମ୍ବନ୍ଧେ ଆଲୋଚନା କରିଥିଲେ। ଆଗ୍ରହୀ ସ୍ୱେଚ୍ଛାସେବୀ ବିଶେଷଜ୍ଞଙ୍କ ଦ୍ୱାରା ପ୍ରସ୍ତୁତ କିଛି ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ମହାବିଦ୍ୟାଳୟ ନିକଟସ୍ଥ ସିମିଳିଆ ଗ୍ରାମର "ମଧୁସୁଦନ ଆବାସିକ ମାଧ୍ୟମିକ ବିଦ୍ୟାଳୟ'କୁ ସଚେତନତା କାର୍ଯ୍ୟ ନିମନ୍ତେ ଗସ୍ତ କରିଥିଲେ। ବିଦ୍ୟାଳୟ ପ୍ରାଙ୍ଗଣରେ ସ୍ୱେଚ୍ଛାସେବୀମାନେ "ନାରୀ ପାଇଁ ନ୍ୟାୟ' ଓ "ନାରୀ ଶିକ୍ଷା' ସମ୍ପର୍କିତ ନାଟକ ପରିବେଷଣ କରିଥିଲେ। ବିଦ୍ୟାଳୟର କିଛି ଛାତ୍ରଛାତ୍ରୀ ନିଜ କଳା ପ୍ରଦର୍ଶନ କରି ପୁରସ୍କୃତ ମଧ ହୋଇଥିଲେ। ଗ୍ରାମର ପ୍ରତ୍ୟେକ ନିବାସକୁ ଯାଇ ସ୍ୱେଚ୍ଛାସବୀମାନେ ମୁଖ୍ୟ ସମସ୍ୟାକୁ ଲିଖିତ ରୂପେ ସଂଗ୍ରହ କରିଥିଲେ। ଛାତ୍ରୀଙ୍କ ଦ୍ୱାରା ପରିବେଷିତ ନାଟକ ଖୁବ୍ ଆଦୃତ ହୋଇଥିଲା। ଶେଷ ଅଧିବେଶନରେ ଓଡ଼ିଆ ବିଭାଗର ପ୍ରାଧ୍ୟାପକ ଡ. ତାପସ କୁମାର ଜେନା "ଓଡ଼ିଆ ଅସ୍ମିତା' ପ୍ରସଙ୍ଗରେ ବର୍ଣ୍ଣନା କରିଥିଲେ। ଦିବସର ଅନ୍ତିମରେ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା। ମଧୁର ସଙ୍ଗୀତର ତାଳେ ତାଳେ ଚତୁର୍ଥ ଦିବସର ଅବସାନ ଘଟିଥିଲା।

### ଢେଙ୍କାନାଳ ମହୋତ୍ସବ ଉଦ୍‌ଘାଟିତ

## 'ସ୍ୱଦେଶୀ ଭାବନା ରହିଲେ ଦେଶର ବିକାଶ ସମ୍ଭବ'

ଢେଙ୍କାନାଳ,୨୦।୧(ସମିସ):




ଢେଙ୍କାନାଳ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଛି। ଢେଙ୍କାନାଳ ମହିଷାପାଟ ପଲ୍ଲିଶ୍ରୀ ମେଳା ପଡିଆଠାରେ ଆୟୋଜିତ ମହୋତ୍ସବକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହାକୁ ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ, ଜିଲ୍ଲା ମହୋତ୍ସବ ଅବସରରେ ଜିଲ୍ଲାର କଳାକାର, ସଂସ୍କୃତି ପ୍ରେମୀ ବିଶେଷ ଖୁସି ହୋଇଛନ୍ତି। ସମସ୍ତଙ୍କ ସହଯୋଗରେ ଏହି ମହୋତ୍ସବର ପୁନରୁଦ୍ଧାର ହୋଇପାରିଛି। ଏହା ଆଉ ଯେଭଳି ବନ୍ଦ ନହେବ ସେଥିପାଇଁ ସମସ୍ତେ ସଂକଳ୍ପ ନେବାକୁ ହେବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଅତିଥିଭାବେ ଆସିବାର କାର୍ଯ୍ୟକ୍ରମ ରହିଥିବାରୁ କପିଳାସର ବିକାଶ, ସପ୍ତଶଯ୍ୟାର ଉନ୍ନତି ସହ ଢେଙ୍କାନାଳ କଲେଜକୁ ବିଶ୍ୱବିଦ୍ୟାଳୟ ପାଇଁ ଦାବି ଜଣାଇବା ବୋଲି କହିଥିଲେ। ନୂଆ ସରକାର ଆସିବା ପରେ ବାଜିରାଉତଙ୍କ ଜନ୍ମଶତବାର୍ଷିକୀ ଅବସରରେ ବାଜିରାଉତଙ୍କ ଗାଁର ବିକାଶ ପାଇଁ ଅନୁଦାନ ଦିଆଯାଇଛି। ଗଁଦିଆକୁ ବିଜ୍ଞପିତ ଅଞ୍ଚଳ ପରିଷଦ ଭାବେ ଘୋଷଣା କରାଯାଇଛି। ଏବେସୁଦ୍ଧା ୭କୋଟି ୫୦ ଲକ୍ଷ ଅନୁଦାନ ଦିଆସରିଲାଣି ବୋଲି କହିଥିଲେ। ଢେଙ୍କାନାଳରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜାଗା ଚିହ୍ନଟ ଚାଲିଛି। ଢେଙ୍କାନାଳ ସହରରେ ୨୫ କୋଟି ବ୍ୟୟରେ ପ୍ଲାନେଟୋରିୟମ୍ ପ୍ରତିଷ୍ଠା ହେବ ବୋଲି କହିଥିଲେ। ସ୍ୱଦେଶୀ ଭାବନା ରହିଲେ ଦେଶର ବିକାଶ ହୋଇପାରିବ। ମହିଳାମାନଙ୍କ ହାତ ତିଆରି ସାମଗ୍ରୀ କିଣିଲେ ସେମାନଙ୍କର ଆର୍ଥିକ ଉନ୍ନତି ଘଟିବ। ସୁଭଦ୍ରା ଯୋଜନାରେ ବାର୍ଷିକ ୧୦ ହଜାରର ଅନୁଦାନ ମିଳିବାରୁ ସେମାନଙ୍କର ଆର୍ଥିକ ଉନ୍ନତି ଘଟୁଛି। ଧାନର ମୂଲ୍ୟ ୩୧ଶହ ଟଙ୍କା ଯୋଗୁଁ ଚାଷୀଙ୍କ ଆର୍ଥିକ ସ୍ଥିତି ବଦଳିଛି। ଆତ୍ମନିର୍ଭର ଭାରତ ମନ୍ତ୍ରରେ ସ୍ୱଦେଶୀ ଭାବନା ରହିଲେ ଓଡ଼ିଶା ବିକଶିତ ହେବ ଓ ବିକଶିତ ଭାରତ ଗଠନ ହୋଇପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ସାଂସଦ ରୁଦ୍ରନାରାୟଣ ପାଣି ଯୋଗଦେଇ କହିଥିଲେ, ଢେଙ୍କାନାଳ ଐତିହ୍ୟରୁ ଏପର୍ଯ୍ୟନ୍ତ ରାଜ୍ୟରେ ଶ୍ରେଷ୍ଠତ୍ୱ ଦେଖାଇ ଆସିଛି। କଳା ସଂସ୍କୃତିର ମହାନ ପର୍ବ ଜିଲ୍ଲା ମହୋତ୍ସବରେ ସ୍ୱତନ୍ତ୍ରତା ରଖିଥିଲା। ଦୁର୍ଭାଗକୁ ଏହାକୁ ବନ୍ଦ କରି ଦିଆଯାଇଥିଲା। ନୂଆ ସରକାର ପୁଣି ଏହା ଆରମ୍ଭ କରିଛନ୍ତି। ନୂଆ ସରକାରରେ ଢେଙ୍କାନାଳ ଜିଲ୍ଲାକୁ ଗୁରୁତ୍ୱ ମିଳିଛି। ଅନୁଗୁଳର ବୁଢାପଙ୍କ ଦେଇ କାମାକ୍ଷାନଗର ଉପଖଣ୍ଡରେ ଯାତ୍ରୀବାହୀ ରେଳ ଚଳାଚଳ କରିବା ଦିଗରେ କାର୍ଯ୍ୟ କରାଯାଉଛି। ସର୍ବକନିଷ୍ଠ ସହିଦ୍ ବାଜିରାଉତଙ୍କ ନାମରେ ଏକ ଟ୍ରେନ ଚଳାଚଳ କରିବାକୁ ଲକ୍ଷ୍ୟ ରହିଛି। ୫୫ନଂ ଜାତୀୟ ରାଜପଥର ମନ୍ଦିର କାମ ଆଗେଇଛି। ବୀର ବୈଷ୍ଣବ ପଟ୍ଟନାୟକ ଓ ବାଜିରାଉତଙ୍କ ନାମରେ ଡାକ ଟିକଟ ପାଇଁ ପ୍ରସ୍ତାବ ଦିଆଯାଇଛି ବୋଲି ଶ୍ରୀ ପାଣି କହିଥିଲେ। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ କହିଥିଲେ, ଢେଙ୍କାନାଳ କଳା ସଂସ୍କୃତିର ମାଟି। ପୁଣି ଏହା ଆରମ୍ଭ ହୋଇଥିବାରୁ ସଂସ୍କୃତିର ଅଧିକ ପ୍ରଚାର ପ୍ରସାର ହେବ। ରାଜ୍ୟରେ ଅନ୍ୟ ମହୋତ୍ସବ ଠାରୁ ଶ୍ରେଷ୍ଠ ମହୋତ୍ସବ ହେବ ବୋଲି କହିଥିଲେ। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା କହିଥିଲେ ଢେଙ୍କାନାଳ ମହୋତ୍ସବ ବନ୍ଦ ହୋଇଯିବା ପରେ ଢେଙ୍କାନାଳବାସୀଙ୍କ ଭିତରେ ଏହାକୁ ନେଇ ଦୁଃଖ ରହିଥିଲା। ସମସ୍ତଙ୍କ ସହଯୋଗରେ ପୁଣି ଆରମ୍ଭ ହୋଇଥିବାରୁ ସମସ୍ତେ ଖୁସି ବ୍ୟକ୍ତ କରୁଛନ୍ତି। ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ଆଶିଷ ଈଶ୍ୱର ପାଟିଲ ସଭାପତିତ୍ୱ କରିବା ସହ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା ଧନ୍ୟବାଦ ଦେଇଥିଲେ।

## ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ

ଖଜୁରିଆକଟା,୨୦।୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ସାତମାଇଲସ୍ଥିତ ଜନତା କଲେଜରେ ପରିଚାଳିତ ହେଉଥିବା ଅଷ୍ଟ ଦିବସୀୟ ଆତ୍ମ ରକ୍ଷା କୌଶଳ ଶିବିର ଉଦଯାପିତ ହୋଇଛି। କାର୍ଯ୍ୟକ୍ରମର ସଂଯୋଜିକା ତଥା ଅର୍ଥନୀତି ବିଭାଗର ମୁଖ୍ୟ ଈଶାରାଣୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ରୂପେ କଲେଜର ଅଧ୍ୟକ୍ଷା ଡକ୍ଟର ପୁଷ୍ପରାଣୀ ନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। + ୩ ପ୍ରଥମ ବର୍ଷର ୧୪୦ ଜଣ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ସଭାରେ ସହସଂଯୋଜିକା ତଥା ଇତିହାସ ବିଭାଗର ଅଧ୍ୟାପିକା ଦିଲ୍ଲେଶ୍ୱରୀ ମାଝୀ ଶିବିରରେ ସହଯୋଗ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

● ଆନ୍ତଃଜିଲ୍ଲା ରାଜ୍ୟ ଲନବଲ ପ୍ରତିଯୋଗିତା

## ଢେଙ୍କାନାଳକୁ ସ୍ୱର୍ଣ୍ଣ ସହ ୬ ପଦକ

କଙ୍କଡ଼ାହାଡ଼,୨୦।୧(ସମିସ): ରାଜ୍ୟ ଲନବଲ ପ୍ରତିଯୋଗିତାରେ ଜିଲ୍ଲାକୁ ସ୍ୱର୍ଣ୍ଣ ସମେତ ୬ଟି ପଦକ ମିଳିଛି। ସେଥିମଧ୍ୟରେ ଗୋଟିଏ ରୌପ୍ୟ ଥିବାବେଳେ ୪ ଟି କାଂସ୍ୟ ପଦକ ମିଳିଛି। ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂହଦେଓ ସ୍ପୋର୍ଟସ କମ୍ପ୍ଲେକ୍ସରେ ଚାଲିଥିବା ତୃତୀୟ ରାଜ୍ୟସ୍ତରୀୟ ଲନବଲ ପ୍ରତିଯୋଗିତାରେ ପୁରୁଷ ବରିଷ୍ଠ ଏକକରେ କଙ୍କଡ଼ାହାଡ଼ ବ୍ଲକ୍ ମୁଣ୍ଡାସାହିର ତାରିଣୀ ପ୍ରସାଦ ନାୟକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ମହିଳା ବରିଷ୍ଠ ତୃତୀୟ ବର୍ଗରେ ଭାଲୁଟାଙ୍ଗର ଦୁଲାରୀ ହେମ୍ବ୍ରମ ରୌପ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ବରିଷ୍ଠ ଚତୁର୍ଥ ବର୍ଗରେ ମୁଣ୍ଡାସାହିର ସୁବ୍ରତ ପ୍ରଧାନ, ପୁରୁଷ କନିଷ୍ଠ ଏକକ ବର୍ଗରେ ଖଜୁରୁଆ ଗାଁର ଲୋକନାଥ ମହାନ୍ତ, ମହିଳା ବରିଷ୍ଠ ଦ୍ୱିତୀୟ ବର୍ଗରେ କଣ୍ଟାପାଳର ଗାୟତ୍ରୀ ସିଂହ ଓ ମହିଳା ବରିଷ୍ଠ ଚତୁର୍ଥ ବର୍ଗରେ କଣ୍ଟାପାଳର ପୂଜା ସିଂହ କାଂସ୍ୟ ପଦକ ହାସଲ କରିଛନ୍ତି। ରାଜ୍ୟ ଲନବଲ ପ୍ରତିଯୋଗିତାରେ ଜିଲ୍ଲା ଟିମ୍‌ରେ କଙ୍କଡାହାଡ଼ ବ୍ଲକର ୧୧ ପ୍ରତିଯୋଗୀ ଭାଗ ନେଉଥିବା ବେଳେ ସମସ୍ତ କଙ୍କଡ଼ାହାଡ଼ ବ୍ଲକ ଅଞ୍ଚଳର। ଏହି ବ୍ଲକ୍‌ର ସମସ୍ତ ଖେଳାଳି ପଦକ ଜିତି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏହି ୬ ପଦକ ମିଳିଲା ପରେ ବ୍ଲକ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

## ମଙ୍ଗଳାଙ୍କ ମହାଯଜ୍ଞ ନିମନ୍ତେ କଳସ ଯାତ୍ରା

ଗଁଦିଆ,୨୦।୧(ସମିସ): ଗଁଦିଆ ବ୍ଲକ୍ ଗଁଦିଆସ୍ଥିତ ମା' ମଙ୍ଗଳାଙ୍କ ପୀଠରେ ମହାଯଜ୍ଞ ନିମନ୍ତେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ୧୧ଘଟିକା ସମୟରେ ମା' ମଙ୍ଗଳା ପୀଠରେ ପୂଜାର୍ଚ୍ଚନା ପରେ ମହିଳା ମାନେ ନୂତନ ବସ୍ତ୍ର ପରିଧାନ କରି ଶୋଭାଯାତ୍ରାରେ ବାହାରି ନିକଟସ୍ଥ ପୁଷ୍କରିଣୀରୁ ଜଳ କଳସ ଆଣିଥିଲେ। ହରିବୋଲ ହୁଳହୁଳିରେ ଆଖପାଖ ଅଞ୍ଚଳ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲା। ପୁଷ୍କରିଣୀରେ ପଣ୍ଡିତ ମାନଙ୍କ ଦ୍ୱାରା ପୂଜା ଅର୍ଚ୍ଚନା ପରେ ମହିଳା ଏବଂ ପୁରୁଷ ମାନେ କଳସ ଆଣି ମନ୍ଦିର ପରିସର ଥିବା ଯଜ୍ଞ ସ୍ଥଳୀରେ ସ୍ଥାପନ କରିଥିଲେ। ଏହି କଳସ ଯାତ୍ରାରେ ୧୦୦ରୁ ଅଧିକ ମହିଳା ଯୋଗ ଦେଇଥିଲେ। ବୁଧବାର ସୂର୍ଯ୍ୟପୂଜା, ଗୋ-ପୂଜା, ବାସ୍ତୁ ପୂଜା, ଶୋଡ଼ଷ ଉପଚାର ପୂଜା, ଆଦିତ୍ୟ ହୃଦୟ ଚଣ୍ଡୀପାଠ କରାଯିବ। ୨୨ ତାରିଖ ଗୁରୁବାର ଦିନ ସୂର୍ଯ୍ୟପୂଜା, ଷୋଡ଼ଶୋପଚାର ସ୍ତମ୍ଭ ତୋରଣ ପୂଜା ଓ ରୁଦ୍ର ସହସ୍ର ଯଜ୍ଞ, ଦେବୀ ସହସ୍ର ଯଜ୍ଞ, ପାର୍ଶ୍ୱ ଦେବତାଙ୍କ ଆହୁତି, ଯଜ୍ଞ କର୍ମ ଅପରାହ୍ନ ପ୍ରାୟ ଘ ୪. ୩୦ରେ ସମ୍ପନ୍ନ ହେବ। ପରେ ଯଜ୍ଞର ପୂର୍ଣ୍ଣାହୁତିଏବଂ ହରିହାଟ କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।

## ଢଙ୍କୁଣିଆ ସାହିରେ ଅଷ୍ଟପ୍ରହର ନାମଯଜ୍ଞ



ଢେଙ୍କାନାଳ,୨୦।୧(ସମିସ): ସ୍ଥାନୀୟ ଗୋପବନ୍ଧୁ ବଜାର ଢଙ୍କୁଣିଆ ସାହିରେ ୧୦୫ତମ ଅଷ୍ଟପ୍ରହର ନାମଯଜ୍ଞ ପାଳିତ ହୋଇଛି। ୧୮ ତାରିଖ ରବିବାର କଳସଯାତ୍ରା କରି କୁଞ୍ଜରେ ସ୍ଥାପନ କରାଯାଇଥିଲା। ପରେ ଅଖଣ୍ଡ ଦୀପ ପ୍ରଜ୍ୱଳନ ପୂର୍ବକ ଅଧିବାସ ପୂଜା ଅନୁଷ୍ଠିତ ହୋଇଥିଲା। ୧୯ ତାରିଖ ସୋମବାର ପ୍ରତ୍ୟୁଷରୁ ନାମଯଜ୍ଞ ଆରମ୍ଭ ହୋଇ ୨୦ ତାରିଖ ମଙ୍ଗଳବାର ପ୍ରତ୍ୟୁଷ ପର୍ଯ୍ୟନ୍ତ ଚାଲୁ ରହିବା ପରେ ନଗର କୀର୍ତ୍ତନ ଓ ପ୍ରସାଦ ସେବନ ଅନୁଷ୍ଠିତ ହେବ। ସଭାପତି ସରୋଜ କୁମାର ମଲ୍ଲିକ, ସମ୍ପାଦକ ସଂଗ୍ରାମ ମଲ୍ଲିକ୍, ଅନନ୍ତ ମଲ୍ଲିକ ଓ ଢଙ୍କୁଣିଆ ସାହିବାସୀନ୍ଦା ବୃନ୍ଦ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ନାମଯଜ୍ଞରେ ଆଖପାଖ ଅଞ୍ଚଳର ୨୫ ଦଳ ପୁରୁଷ ଓ ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେବାର ସୂଚନା ମିଳିଛି।

## ବନବିଭାଗର ଜୀବେଦୟା କାର୍ଯ୍ୟକ୍ରମ

ଖଜୁରିଆକଟା,୨୦।୧(ସମିସ): ହିନ୍ଦୋଳ ବନାଞ୍ଚଳ ସୀମାରେ ବନବିଭାଗ ପକ୍ଷରୁ ଜୀବେଦୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଢେଙ୍କାନାଳ, ଆଠଗଡ଼ ବନଖଣ୍ଡ ଓ ସତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅନୁଗୋଳର ମିଳିତ ଆନୁକୂଲ୍ୟରେ ହିନ୍ଦୋଳ ଉପଖଣ୍ଡ ନରସିଂହପୁର କଟକ ସୀମାନ୍ତରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦୁର୍ଲଭ ବନ୍ୟପ୍ରାଣୀ ମାନେ ପରିବେଶ ସନ୍ତୁଳନରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ ହେଁ ବର୍ତ୍ତମାନ ବିଲୁପ୍ତ ପ୍ରାୟ ତେଣୁ ଅନେକ ଦୁର୍ଲଭ ବନ୍ୟପ୍ରାଣୀ ମାନଙ୍କର ସୁରକ୍ଷା ସମସ୍ତଙ୍କର କର୍ତ୍ତବ୍ୟ। ସେଥିପାଇଁ ସମସ୍ତେ ସହଯୋଗ କରିବା ସହ କିପରି ବନ୍ୟପ୍ରାଣୀଙ୍କ ବଂଶବୃଦ୍ଧି ହୋଇପାରିବ। ଜଙ୍ଗଲସୁରକ୍ଷା ହେବାସହ ଜଙ୍ଗଲବୃଦ୍ଧି ହୋଇପାରିବ ସେ ସମ୍ପର୍କରେ ଉପସ୍ଥିତ ଅଧିକାରୀମାନେ ସୁଚିନ୍ତିତ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଞ୍ଜୟ ସ୍ୱାଇଁ ଆରସିସିଏଫ ଅନୁଗୋଳ, ସୁମିତ କର ଡିଏଫ୍‌ଓ ଢେଙ୍କାନାଳ, ଡିଫ୍‌ଓ ଆଠଗଡ଼, ଡିଏଫ୍‌ଓ ସାତକୋଶିଆ, ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀ, ଉତ୍ତରନରସିଂହପୁର ରେଞ୍ଜର, ରାଇଗୁଡ଼ା ରେଞ୍ଜରଙ୍କ ସମେତ ଫରେଷ୍ଟର, ଫରେଷ୍ଟଗାର୍ଡ ଓ ହାତୀ ଜଗୁଆଳିମାନେ ଉପସ୍ଥିତ ରହିଥିଲେ। ତେବେ ହିନ୍ଦୋଳ ସୀମାରେ ବନବିଭାଗ ପକ୍ଷରୁ ଏହିପରି ଏକ ବଡ କାର୍ଯ୍ୟକ୍ରମ ସମାଜକୁ ସୁନ୍ଦର ବାର୍ତ୍ତା ଦେବାସହ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ଏନ୍‌ଗେଜିଂ ପେଡ଼ାଗୋଜି ମାଧ୍ୟମରେ ଶିକ୍ଷାଦାନ


ଢେଙ୍କାନାଳ,୨୦।୧(ସମିସ): ଅଭିନବ ଶ୍ରେଣୀ ପରିଚାଳନା ପିଲାଙ୍କ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଆଣିପାରେ। ପାରମ୍ପରିକ ଶିକ୍ଷଣ ପଦ୍ଧତି ବଦଳରେ ଖେଳଭିତ୍ତିକ, ଅନୁଭୂତି ଆଧାରିତ, କ୍ଷେତ୍ର ପରିଭ୍ରମଣ ପଦ୍ଧତି ଓ ଫ୍ଲିପ୍ କ୍ଲାସ ମାଧ୍ୟମରେ ଶିକ୍ଷାଦାନ କରାଗଲେ ପିଲାମାନେ ଭଲ ଭାବରେ ବୁଝିବା ସହ ସେ ସମ୍ପର୍କିତ ଦକ୍ଷତା ହାସଲ କରିପାରୁଛନ୍ତି ବୋଲି ଢେଙ୍କାନାଳ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ଅଭିନବ ପ୍ରକଳ୍ପ ହେଲ୍ପ୨.୦ ର ରିପୋର୍ଟ କାର୍ଡ ବିସ୍ତାରଣ ପରିପ୍ରେକ୍ଷୀରେ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ପ୍ରକାଶ କରିଛନ୍ତି। ରିପୋର୍ଟ ଆଧାରରେ ଜିଲ୍ଲାର ୨୮ ଟି ବିଦ୍ୟାଳୟରେ ବିଗତ ଏକମାସ ଧରି ପ୍ରତିକାରମୂଳକ ଶିକ୍ଷଣ ବ୍ୟବସ୍ଥା କରାଯାଇଥିଲା। ସମ୍ପୃକ୍ତ ବିଦ୍ୟାଳୟ ଗୁଡ଼ିକର ଶିକ୍ଷକମାନଙ୍କ ଦ୍ୱାରା ଡିଆଇଇଟି ସିଆର୍‌ସି ଲିଙ୍କେଜ ଦ୍ୱାରା ପ୍ରସ୍ତୁତ ଶିକ୍ଷଣ କାର୍ଯ୍ୟ, ପ୍ରଶ୍ନ କାର୍ଡ ଓ ଅଭ୍ୟାସ କାର୍ଯ୍ୟଗୁଡ଼ିକୁ ପିଲାଙ୍କ ମଧ୍ୟରେ ବଣ୍ଟନ କରାଯାଇ ଶ୍ରେଣୀ କାର୍ଯ୍ୟକୁ ସଂଗଠିତ କରାଯାଇଥିଲା। ଏହାଦ୍ୱାରା ପିଲାମାନେ ନିଜର ଭୁଲ୍‌କୁ ବୁଝିପାରିବା ସହ ଶିକ୍ଷକମାନେ ନିଜର ଶିକ୍ଷାଦାନ ପଦ୍ଧତିକୁ ପରିବର୍ତ୍ତନ କରିବାରେ ସଫଳ ହୋଇଥିଲେ। ସେହିପରି ନିମ୍ନସ୍ତରରେ ଥିବା ପିଲାଙ୍କ ସଂଖ୍ୟା କ୍ରମଶଃ କମିବା ସହ ଉଚ୍ଚସ୍ତରକୁ ସେମାନଙ୍କର ଉନ୍ନତି ହୋଇଛି। ଏହି ରିପୋର୍ଟ ବିସ୍ତାରଣ ପରିପ୍ରେକ୍ଷୀରେ ଜିଲ୍ଲାର ୨୮ ବିଦ୍ୟାଳୟର ଶିକ୍ଷକ, ସମ୍ପୃକ୍ତ ସିଆର୍‌ସିସି ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଡ଼ିହୋଇଥିଲେ। ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟାପିକା ସୌମ୍ୟା ପଟ୍ଟନାୟକ ରିପୋର୍ଟ କାର୍ଡ ବିଶ୍ଳେଷଣ କରିବା ସହ ବିସ୍ତାରଣ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସ୍ୱାଗତିକା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରହ୍ମାବଧୂତ ବାଞ୍ଛାନିଧି ବାବାଙ୍କ ପରଲୋକ

ଯୋରନ୍ଦା,୨୦।୧(ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ବିଶ୍ୱପ୍ରସିଦ୍ଧ ମହିମାଧର୍ମର ଅନ୍ୟତମ ସନ୍ନ୍ୟାସୀ ବ୍ରହ୍ମ ଅବଧୂତ ବାଞ୍ଛାନିଧି ବାବା (୯୨) ଙ୍କର ଗତକାଲି କଟକ ଜିଲ୍ଲା ଟାଙ୍ଗି ମହିମା ଆଶ୍ରମ ଠାରେ ବ୍ରହ୍ମଲୀନ ହୋଇଛି। ବାବାଙ୍କର ଅନ୍ତିମ କ୍ରିୟା ମହିମା ଧର୍ମ ରୀତିନୀତି ଅନୁସାରେ ଟାଙ୍ଗି ମହିମା ଆଶ୍ରମଠାରେ ଟାଙ୍ଗି ଅଞ୍ଚଳର ଶହଶହ ସାଧୁସନ୍ଥ ଓ ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତରେ ଅନୁଷ୍ଠିତ ହୋଇଛି। ସତ୍ୟ ମହିମା ଧର୍ମ ଧାମ ପରିଚାଳନା କମିଟି ସଭାପତି ଶୁକଦେବ ବାବାଙ୍କ ଉପସ୍ଥିତରେ ବିଭିନ୍ନ ଅଞ୍ଚଳର ପରିବ୍ରାଜକ ସନ୍ନ୍ୟାସୀମାନେ ଯୋଗଦେଇଥିଲେ। ସୂଚନା ଅନୁସାରେ ବାଞ୍ଛାନିଧି ବାବା ୧୯୬୩ ମସିହାରେ ବିଶିଷ୍ଟ ମହିମା ସନ୍ନ୍ୟାସୀ ବିଶ୍ୱନାଥ ବାବାଙ୍କ ଠାରୁ ଶିଷ୍ୟତ୍ୱ ଗ୍ରହଣ କରି ମହିମା ଧର୍ମରେ ଦୀକ୍ଷିତ ହୋଇଥିଲେ। ୧୯୬୭ ମସିହାରେ କୌପୀନ ଧାରଣ କରିଥିଲେ। ୧୯୮୧ ମସିହାରେ ବକ୍କଳ ଧାରଣ କରି ଦୀର୍ଘ ୧୫ ବର୍ଷ ବକ୍କଳଧାରୀ ମହିମାସମାଜ ପରିଚାଳନା କମିଟି ସଭ୍ୟ ଭାବେ ତତକାଳୀନ ସମ୍ପାଦକ ନାରାୟଣ ବାବାଙ୍କୁ ସହାୟତା କରୁଥିଲେ ବୋଲି ସମ୍ପାଦକ ନିତ୍ୟାନନ୍ଦ ବାବା ଜଣାଇଛନ୍ତି। ତାଙ୍କର ପରଲୋକ ଖବର ପହଞ୍ଚିବା ପରେ ମହିମା ସାଧୁସନ୍ଥ ଓ ଯୋରନ୍ଦା ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକ ପ୍ରକାଶ ପାଇଛି।

## ଅପରାହ୍ଣ ହେଲେ ପାଲଲହଡ଼ା-ଅନୁଗୋଳ ବସ୍ ସେବା ଠପ୍

■ ହନ୍ତସନ୍ତ ହେଉଛନ୍ତି ସାଧାରଣ ଜନତା



ଖମାର,୨୦।୧(ସମିସ): ପାଲଲହଡ଼ା ଉପଖଣ୍ଡରୁ ତାଳଚେର ଉପଖଣ୍ଡକୁ ନାହିଁ ବସ୍ ସେବା। ସ୍ୱାଧୀନତାକୁ ୭୯ ବର୍ଷ ପୂରିବାକୁ ବସିଥିଲା ବେଳେ ଏବେ ବି ଆଦିବାସୀ ବହୁଳ ପାଲଲହଡ଼ା ସବୁ କ୍ଷେତ୍ରରେ ପଛରେ। ଯୋଗାଯୋଗ କ୍ଷେତ୍ର ଓ ଗମନାଗମନ କ୍ଷେତ୍ରରେ ରାଜ୍ୟ ତଥା ଦେଶ ବହୁ ଆଗକୁ ବଢ଼ିଥିବାବେଳେ ଏବେ ଗାଁରୁ ସହରକୁ ଯିବାପାଇଁ ପୂର୍ବପରି ହଇରାଣ ହେବାକୁ ପଡୁନାହିଁ। ପଲ୍ଲୀରୁ ଦିଲ୍ଲୀ ବସ ସେବା ଅଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ମାତ୍ର ପାଲଲହଡ଼ାରେ ଏହାର ଓଲଟା ସ୍ଥିତି ଦେଖିବାକୁ ମିଳିଛି। ଅପରାହ୍ଣ ସାଢ଼େ ୪ଟା ବାଜିଲେ ପାଲଲହଡ଼ା ଉପଖଣ୍ଡରୁ ତାଳଚେର ଉପଖଣ୍ଡ ହେଉକି କି ଜିଲ୍ଲା ମୁଖ୍ୟାଳୟକୁ ଯିବାକୁ କୌଣସି ବସ୍ ନାହିଁ। ପାଲଲହଡ଼ା ଉପଖଣ୍ଡରେ ଉପଜିଲ୍ଲାପାଳ, ବ୍ଲକ୍ ଓ ତହସିଲ ଭଳି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଅଛି। ଏଠାରେ ପାଲଲହଡ଼ା ବ୍ଲକ୍ ବାହାରୁ ଅନେକ କର୍ମଚାରୀ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରନ୍ତି। ସରକାରୀ କାର୍ଯ୍ୟାଳୟ ୫. ୩୦ ରେ ବନ୍ଦ ହେବାପରେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କିମ୍ବା ଘରେ କେହି ଗୁରୁତର ହେଲେ ଘରକୁ ଯିବାପାଇଁ ଆଉ କୌଣସି ସୁବିଧା ନାହିଁ। ପାଲଲହଡ଼ା ଉପଖଣ୍ଡରୁ ଜିଲ୍ଲା ମୁଖ୍ୟାଳୟକୁ ଶେଷ ଘରୋଇ ବସ ରଞ୍ଜିତା ବା ମଧୁସ୍ମିତା ଉପରବେଳା ୪. ୩୦ ରେ ଅଛି। ତାହା ପୁଣି ଦିନେ ଦିନେ ବନ୍ଦ ହୋଇଯାଏ। ଏହାପରେ ଅନ୍ୟ ଏକ ଘରୋଇ ବସ ମଲ୍ଲିକ ୫. ୩୦ ରେ ପାଲଲହଡ଼ାରୁ ଛାଡୁଛି ମାତ୍ର ତାହା ସମଲ ଦେଇ ରେଙ୍ଗାଲି ଯାଉଛି। ତାହା ପୁଣି ମାସକୁ ୧୦/୧୫ ଦିନ ବନ୍ଦ ରହୁଛି। ଅନୁଗୋଳ କି ତାଳଚେର ଯାଉଥିବା ଯାତ୍ରୀମାନେ ମଲ୍ଲିକ ବସରେ ସମଲ ପର୍ଯ୍ୟନ୍ତ ଯାଇ ସେଠୁ ୫୦୦ ଟଙ୍କା ଭଡ଼ା ଦେଇ ଅଟୋରେ ତାଳଚେର ଯାଆନ୍ତି। ଏହିପରି ଯୋଗାଯୋଗର ଅନେକ ଅସୁବିଧା ଥିବାରୁ ପାଲଲହଡ଼ା ଭଳି ଆଦିବାସୀ ବହୁଳ ଅଞ୍ଚଳରେ ଅନେକ ସରକାରୀ କର୍ମଚାରୀ ଚାକିରି କରିବା ପାଇଁ ଅମଙ୍ଗ ହୁଅନ୍ତି ଓ ଶୀଘ୍ର ବଦଳି ହୋଇ ଅନ୍ୟତ୍ର ଚାଲିଯିବାକୁ ଚେଷ୍ଟା କରନ୍ତି। ଏକ ସରକାରୀ ବସ ହେଉ କିମ୍ବା ଘରୋଇ ବସ ୫. ୩୦ ପରେ ପାଲଲହଡ଼ାରୁ ଅନୁଗୋଳ ପର୍ଯ୍ୟନ୍ତ ଗଡ଼ାଇବା ପାଇଁ ଜନସାଧାରଣ ଓ ସରକାରୀ କର୍ମଚାରୀ ମହଲରେ ଦାବି ହେଉଛି।

## ବ୍ଲକ୍‌ସ୍ତରୀୟ ଜଳବିଭାଜିକା ମହୋତ୍ସବ




କଙ୍କଡ଼ାହାଡ,୨୦।୧(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକସ୍ତରୀୟ ୱାଟରସେଡ୍ ମହୋତ୍ସବ ପଙ୍ଗତିରା ପଞ୍ଚାୟତ ଶୁଭ ଆନୁକୂଲ୍ୟରେ ପ୍ରଭାତ ଫେରି କାର୍ଯ୍ୟକର୍ମ ପରିଚାଳିତ ହୋଇଯାଇଛି। ଜଳ ହିଁ ଜୀବନ, ଜଳ ବିନା ଜୀବ ଜଗତ ତିଷ୍ଠିବା ଅସମ୍ଭବ ହୋଇପଡିଯାଏ। ଏହି ପରିପେକ୍ଷୀରେ କେନ୍ଦ୍ର ଓ ରାଜ୍ୟ ସରକାର ଏହି ସଂସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ କମିଟି ଗଠନ କରାଯାଇଛି। ଢେଙ୍କାନାଳ ମୃତ୍ତିକା ସଂରକ୍ଷଣ ଏବଂ ଜଳ ବିଭାଜିକା ଉନ୍ନୟନ ବିଭାଗ ଆନୁକୂଲ୍ୟରେ ପଙ୍ଗାତିରା ଗ୍ରାମରେ ପ୍ରଧାନମନ୍ତ୍ରୀ କୃଷି ସିଚାଇ ୨.୦ ଯୋଜନା କଙ୍କଡ଼ାହାଡ଼ ବ୍ଲକ ପଙ୍ଗାତିରା ପଞ୍ଚାୟତ ବାରଘାଇ ନାଳ ଜାଳବିଭାଜିକା କମିଟି ସହଯୋଗରେ ବ୍ଲକ୍ ସ୍ତରୀୟ ୱାଟରସେଡ ମହୋତ୍ସବ ଶୁଭାରମ୍ଭ କରାଯାଇଛି। ଏହା କିପରି ପ୍ରତିଫଳିତ ହୋଇ ପାରିବ ସେଥିପାଇଁ ପଙ୍ଗାତିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଭାତ ଫେରି କରାଯାଇ ଜଳବିଭାଜିକା ସମ୍ପର୍କିତ ସଚେତନତା ବାର୍ତ୍ତା ପହଞ୍ଚାଇଥିଲେ। ଏଥି ସହିତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାଯ୍ୟକ୍ରମରେ ସରପଞ୍ଚ କରୁଣାକର ସାହୁ, ସଭାପତି ଲୋକନାଥ ସାହୁ, ସମ୍ପାଦକ ବୃନ୍ଦାବନ ସାହୁ, ଯନ୍ତ୍ରୀ ଦୁଃଶାସନ ନାୟକ ଏବଂ ଜଳ ବିଭାଜିକା କର୍ମଚାରୀ ରିତେଶ ଜେନା, ପ୍ରକାଶ ଚନ୍ଦ୍ର ଘଡ଼େଇ, ରୋଜାଲିନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

### ଜିଲ୍ଲାସ୍ତରୀୟ ଦ୍ୱିଦିବସୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ

## 'ଅନ୍ତର୍ନିହିତ ଗୁଣ ଚିହ୍ନି ପିଲାଙ୍କୁ ଗୁରୁତ୍ୱ ଦେବା ଆବଶ୍ୟକ'

ଢେଙ୍କାନାଳ,୨୦।୧(ସମିସ):

ସ୍ଥାନୀୟ ଢେଙ୍କାନାଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ମାତୃଭବନ ଉଚ୍ଚ ବିଦ୍ୟାଳୟ, ବାରଦା, ଢେଙ୍କାନାଳ ପରିସରରେ ଢେଙ୍କାନାଳ ଜିଲ୍ଲାସ୍ତରୀୟ ଦ୍ୱିଦିବସୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋଜ ରଞ୍ଜନ ଦଳେଇ, ବ୍ରହ୍ମୋତ୍ରୀ ବିଶ୍ୱାଳ, ସୌମ୍ୟାଶ୍ରୀ ପଣ୍ଡା, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଲକ୍ଷ୍ମୀଧର ମହାନ୍ତ ଓ ବିଦ୍ୟାଳୟର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ସୁଜାତା ଦାଶଙ୍କ ମିଳିତ ଆବାହକତ୍ୱରେ ଢେଙ୍କାନାଳ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ କୃଷ୍ଣଚନ୍ଦ୍ର ପାତ୍ର, ମନ୍ତ୍ରୀ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଯୋଗଦେଇ ସ୍ୱୀୟ ବକ୍ତବ୍ୟରେ ଯେଉଁ ବ୍ୟକ୍ତି ଗତାନୁଗତିକ ଧାରାରୁ ଊର୍ଦ୍ଧ୍ୱକୁ ଯାଇ ନୂତନ ଢଙ୍ଗରେ ଚିନ୍ତା କରେ ସେ ଭବିଷ୍ୟତରେ ଜଣେ ମଣିଷ ପରି ମଣିଷ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାର ଅଗ୍ରଗତି ବିକାଶର ମୂଳମନ୍ତ୍ର ବୋଲି ପ୍ରକାଶ କରି ଶିକ୍ଷା କ୍ଷେତ୍ରରେ ନିଜକୁ ଦୃଢ଼ମନା କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟ କେହି ନୁହେଁ, ମୁଁ ହିଁ କରିପାରିବି, ଏହି ମନୋଭାବ ହିଁ ସଫଳତା ଦେଇଥାଏ ବୋଲି କହିଥିଲେ। ଶିକ୍ଷା କ୍ଷେତ୍ରରେ ବାରମ୍ବାର ହାରିଲେ ମଧ ହାର ମାନିବା ଉଚ଼ିତ ନୁହେଁ କହି, ଡକ୍ଟର ଅବଦୁଲ୍ କାଲାମ ନିଜ ଜୀବନରେ କିଭଳି ସଫଳତାର ଶୀର୍ଷରେ ପହଞ୍ଚିପାରିଥିଲେ ସେ ସମ୍ପର୍କରେ କହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ତର୍ନିହିତ ଗୁଣକୁ ଚିହ୍ନି ପିଲାଙ୍କ ଗୁରୁତ୍ୱ ଦେବା ଆବଶ୍ୟକ। ପିଲାମାନେ ଭଲ ପାଠ ପଢ଼ି ଜିଲ୍ଲା ତଥା ରାଜ୍ୟର ନାମ ଉଚ୍ଚ କରିବାକୁ ପିଲାମାନଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋଜ ରଞ୍ଜନ ଦଳେଇ, ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ସଚ୍ଚିଦାନନ୍ଦ ମହାରଣା, ଓଡ଼ିଶା ପଞ୍ଚସଖା ଶିକ୍ଷା ସେତୁ ବିଭାଗର ଜିଲ୍ଲା ସପୋର୍ଟ ଅଧିକାରୀ ରାହତ ଅଲ୍ଲୀ ପ୍ରମୁଖ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ତଥା ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ଦାଶ ମଞ୍ଚାସୀନ ଥିଲେ।

# ହୀରାକୁଦରେ ୧୨୮ ପ୍ରଜାତିର ୪.୨୧ ଲକ୍ଷ ପକ୍ଷୀ



## ଏଥର ଅଧିକ ୫ ପ୍ରଜାତିର ବିଦେଶୀ ପକ୍ଷୀ

ସମ୍ବଲପୁର,୨୦।୧(ସମିସ): ହୀରାକୁଦ ଆଦ୍ରଭୂମିରେ ଚଳିତ ବର୍ଷ ୧୨୮ ପ୍ରଜାତିର ମୋଟ ୪ଲକ୍ଷ ୨୧ହଜାର ପକ୍ଷୀ ଚିହ୍ନଟ ହୋଇଛନ୍ତି। ଗତବର୍ଷ ତୁଳନାରେ ଅଧିକ ୫ପ୍ରଜାତିର ବିଦେଶୀ ପକ୍ଷୀ ଏଥର ହୀରାକୁଦ ଆସିଥିବା ଜଣାପଡ଼ିଛି।

ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ୍ ପକ୍ଷରୁ ସମ୍ବଲପୁର, ଝାରସୁଗୁଡ଼ା ଓ ସମ୍ବଲପୁର ବନ ବିଭାଗର ବନ କର୍ମଚାରୀଙ୍କ ସହଯୋଗରେ ମୋଟ ୩୮ଟି ଦଳ ଏହି ଗଣନା କରିଥିଲେ। ଜଣେ ଲେଖାଏଁ ପକ୍ଷୀ ବିଶେଷଜ୍ଞ ପ୍ରତିଟି ଦଳର ନେତୃତ୍ୱ ନେଇଥିଲେ। ଏହାସହ ସମ୍ବଲପୁର, ଝାରସୁଗୁଡ଼ା, ସୁବର୍ଣ୍ଣପୁର ଏବଂ ବଲାଙ୍ଗିରର ପକ୍ଷୀ କ୍ଲବ୍ ସମେତ ସରକାରୀ ଏବଂ ବେସରକାରୀ ସଂଗଠନ ଏବଂ ସ୍କୁଲ ଛାତ୍ରଙ୍କ ଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନରୁ ମୋଟ ୯୩ଜଣ ଅଂଶଗ୍ରହଣକାରୀ ଏହି ଗଣନାରେ ଅଂଶଗ୍ରହଣ କରିଥିଲେ। ଓଭରଲାପିଂକୁ ଏଡ଼ାଇବା ପାଇଁ ଦଳଗୁଡ଼ିକୁ ସ୍ୱତନ୍ତ୍ର ସେକ୍ଟର କ୍ଷେତ୍ର ଦିଆଯାଇଥିଲା। ହୀରାକୁଦ ଡ୍ୟାମ୍‌ରୁ ଓଡ଼ିଶା-ଛତିଶଗଡ଼ ସୀମା ପର୍ଯ୍ୟନ୍ତ ଏବଂ ୫.୭୨କିମି ପାୱାର ଚ୍ୟାନେଲ ଅଞ୍ଚଳର ଆଦ୍ରଭୂମିରେ ୧୨୮ ପ୍ରଜାତିର ମୋଟ ୪.୨୧ ଲକ୍ଷ ପକ୍ଷୀଙ୍କ ସଂଖ୍ୟା ଆକଳନ କରାଯାଇଛି। ଚଳିତବର୍ଷ ୫ଟି ନୂତନ ପ୍ରଜାତି (ରୁଡି କ୍ରେକ୍, ଗ୍ରେଟର୍ ପେଣ୍ଟେଡ୍ ସ୍ନାଇପ୍, ପେଣ୍ଟେଡ୍ ଷ୍ଟର୍କ, ଲିଟିଲ୍ ଗଲ୍, ସାଣ୍ଡରଲିଙ୍ଗ) ମିଳିଛି, ଯାହା ପୂର୍ବବର୍ଷ ଗୁଡ଼ିକରେ ଦେଖାଯାଇନଥିଲା। ସାଧାରଣତଃ ଦେଖାଯାଉଥିବା ପକ୍ଷୀ (ୱାଡର) ଗୁଡ଼ିକ ହେଉଛି ଟଫ୍ଟେଡ୍ ଡକ୍, ହ୍ୱିସ୍‌ଲିଂ ଡକ୍, ଗ୍ରେବସ୍, ବାର୍ ହେଡେଡ୍ ଗୁଜ୍, ବ୍ରାହ୍ମିନୀ ଡକ୍, ଗାଡୱାଲ୍, ୟୁରେସିଆନ୍ ୱିଜିଅନ୍, ନର୍ଦର୍ଣ୍ଣ ପିନ୍‌ଟେଲ୍, ନର୍ଦର୍ଣ୍ଣ ଶୋଭଲର, ରେଡ୍ କ୍ରେଷ୍ଟେଡ୍ ପୋଚାର୍ଡ୍, ସ୍ୟାଣ୍ଡପାଇପର୍ସ ସହିତ ୬ ପ୍ରକାରର ଗଲ୍, ବିଭିନ୍ନ ପ୍ରକାରର ଟର୍ନ, ପ୍ରାଟିନ୍‌କୋଲ୍, ବିଭିନ୍ନ ପ୍ରକାରର କିଙ୍ଗଫିସର୍ସ, ଇଣ୍ଡିଆନ୍ ସ୍କିମର୍ସ, କରମୋରାଣ୍ଟ, ବିଭିନ୍ନ ପ୍ରକାରର ଏଗ୍ରେଟ୍ ଏବଂ ହେରନ୍, ପ୍ଲୋଭର୍ସ ଇତ୍ୟାଦି। ହୀରାକୁଦ ଜଳଭଣ୍ଡାର ମହାନଦୀର ଉପରମୁଣ୍ଡ (ଓଡିଶା ଆଡକୁ - ଛତିଶଗଡ଼ ସୀମାନ୍ତ) ସେକ୍ଟର ୭, ୮ ଏବଂ ୯ରେ ପକ୍ଷୀଙ୍କ ଅଧିକ ସମାଗମ ରେକର୍ଡ କରାଯାଇଥିବା ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ସୂତ୍ରରୁ ପ୍ରକାଶ। ଏହି ଆଦ୍ରଭୂମିର ସେହି ଅଂଶରେ ଅଧିକ ବୁଡ଼ି ରହିଥିବା ଦ୍ୱୀପପୁଞ୍ଜ, ସୁସ୍ଥ ଜଳଚର ଉଦ୍ଭିଦ ଏବଂ ପ୍ରାଣୀ, ଶୀତକାଳୀନ ବାସ ଏବଂ ବସା ପାଇଁ ବାଲିବନ୍ଧର ଉପଲବ୍ଧତା, ମତ୍ସ୍ୟଜୀବୀଙ୍କ ଅପହଞ୍ଚ ଯୋଗୁଁ ଏହି ସମାଗମ ହୋଇଥାଇପାରେ। ୨୦୨୫ ମସିହା ପକ୍ଷୀ ଗଣନାରେ ମୋଟ ୧୨୨ ପ୍ରଜାତିର ୩ ଲକ୍ଷ ୭୭ ହଜାର ୭୩୨ଟି ପକ୍ଷୀ ଠାବ କରାଯାଇଥିଲା।

## ୧୬୬ ରେଲୱେ ଓଭର ବ୍ରିଜ୍ ନିର୍ମାଣ ସମୀକ୍ଷା

# ନିଜ ଖର୍ଚ୍ଚରେ ରେଳବାଇ କରିବ ୯୬ 'ଆର୍‌ଓବି'

ଭୁବନେଶ୍ୱର,୨୦।୧(ସମିସ): ରାଜ୍ୟର ସଡ଼କ ନେଟ୍‌ୱାର୍କର ସୁଦୃଢ଼ୀକରଣ କ୍ଷେତ୍ରରେ ରେଲୱେ ଓଭର ବ୍ରିଜ୍‌ର ପ୍ରମୁଖ ଭୂମିକା ରହିଛି। ରେଲୱେ ଫାଟକ ବଦଳରେ ରେଲୱେ ଓଭର ବ୍ରିଜ୍ ନିର୍ମାଣ ଦ୍ୱାରା ଯାତ୍ରା ସମୟରେ ହେଉଥିବା ଅତିରିକ୍ତ ଭିଡ଼ ହ୍ରାସ ସହ ସମୟ ଅବଧି କମିବା ଏବଂ ଧନଜୀବନକୁ ସୁରକ୍ଷା କରିହେବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ମାଣ ବିଭାଗ ରାସ୍ତା ଉପରେ ହେବାକୁ ଥିବା ୧୬୬ ଟି ରେଲୱେ ଓଭର ବ୍ରିଜ୍ ପାଇଁ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ପୂର୍ବତଟ ରେଳବାଇ ଓ ନିର୍ମାଣ ବିଭାଗର ବରିଷ୍ଠ ଅଧିକାରୀ ମଧ୍ୟରେ ଏକ ବୈଠକ କରାଯାଇଛି। ଏହି ବୈଠକରେ ୧୬୬ ଟି ରେଲୱେ ଓଭର ବ୍ରିଜ୍ ଗୁଡିକର ନିର୍ମାଣ ଅଗ୍ରଗତି ଗତ କିଛି ବର୍ଷ ହେଲା ମନ୍ଥର ସ୍ଥିତିରେ ଚାଲିଥିବା ନେଇ ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ନିର୍ମାଣ ବିଭାଗର ସକ୍ରିୟ ପଦକ୍ଷେପ ସ୍ୱରୂପ ଭାରତ ସରକାରଙ୍କ ରେଳବାଇ ମନ୍ତ୍ରଣାଳୟର ନୂତନ ନୀତି-୨୦୨୪ କୁ ଉପଯୋଗ କରି ପୂର୍ବତଟ ରେଳବାଇ ୯୬ଟି ରେଲୱେ ଓଭର ବ୍ରିଜ୍‌କୁ ଶତପ୍ରତିଶତ ନିଜ ଖର୍ଚ୍ଚରେ ନିର୍ମାଣ କରିବା ନେଇ ବୁଝାମଣା ପତ୍ର ସ୍ୱାକ୍ଷର ପାଇଁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାରଙ୍କ ନୂତନ ରେଳବାଇ ନୀତିର ସଦୁପଯୋଗ କରି ଏତେ ସଂଖ୍ୟକ ରେଳ ଓଭରବ୍ରିଜ୍ ପ୍ରକଳ୍ପ କାର୍ଯ୍ୟକାରୀ କରି ଓଡ଼ିଶା ସମଗ୍ର ଦେଶରେ ଏକ ସ୍ୱତନ୍ତ୍ର ମାଇଲ ସ୍ତମ୍ଭ ସ୍ଥାପନ କରିପାରିଛି ବୋଲି ବୈଠକରେ କୁହାଯାଇଛି। ବୈଠକରେ ରେଲୱେ ଓଭର ବ୍ରିଜ୍ ଗୁଡିକ ଲାଗି ଜମି ଅଧିଗ୍ରହଣ, ବ୍ରିଜ୍ ନିର୍ମାଣରେ ଗୁଣବତ୍ତା, ସମୟସୀମା ମଧ୍ୟରେ କାର୍ଯ୍ୟ ସମାପ୍ତ ଏବଂ ଆବଶ୍ୟକ ସ୍ଥଳେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରି ନିର୍ମାଣ କାର୍ଯ୍ୟ ଆଗେଇ ନେବା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏଥିରେ ୧୧୨ ଟି ରେଲୱେ ଓଭର ବ୍ରିଜ୍ ଆପ୍ରୋଚ୍ ରାସ୍ତା ସକାଶେ ପାଇଁ ଜମି ଅଧିଗ୍ରହଣ ପାଇଁ ଭାରପ୍ରାପ୍ତ ଅଧିକାରୀଙ୍କୁ ମନୋନୀତ କରାଯାଇଛି। ଏହି ବୈଠକରେ ନିର୍ମାଣ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ସମେତ ନିର୍ମାଣ ବିଭାଗ ଓ ପୂର୍ବତଟ ରେଳବାଇର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।

# ନୂଆ ରୂପ ନେବ ଯୋରନ୍ଦା ମହିମା ମନ୍ଦିର




## ମନ୍ଦିର ପାରିପାର୍ଶ୍ୱିକ ଅଞ୍ଚଳର ହେବ ବିକାଶ

ଭୁବନେଶ୍ୱର, ୨୦।୧(ସମିସ): ମହିମା ଧର୍ମର ପ୍ରମୁଖ ପୀଠ ତଥା ଯୋରନ୍ଦାସ୍ଥିତ ମହିମାମନ୍ଦିରର ହେବ ସୌନ୍ଦର୍ଯ୍ୟୀକରଣ। ମହିମା ମନ୍ଦିର ବା ଶୂନ୍ୟମନ୍ଦିର ଭିତରେ ଥାଇ ଏହାକୁ ଆବୃତ୍ତ କରି ତା' ଉପରେ ଏକ ସୁଉଚ୍ଚ ତଥା ଭବ୍ୟ ମନ୍ଦିର ନିର୍ମାଣ କରାଯିବ। ଏଥିସହ ମନ୍ଦିର ପରିସରରେ ଥିବା ଅଖଣ୍ଡଜ୍ୟୋତି ମନ୍ଦିର, ଭଜନ ମଣ୍ଡପ, ପ୍ରାର୍ଥନା ଗୃହ ଏବଂ ପୁଷ୍କରିଣୀ ସହ ପାରିପାର୍ଶ୍ୱିକ ଉନ୍ନତୀକରଣ କରାଯିବ। ଏନେଇ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆଲୋଚନା ହୋଇଛି। ୩ବର୍ଷ ମଧ୍ୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ରାଜ୍ୟ ପର୍ଯ୍ୟଟନକୁ ଏକ ନୂତନ ଦିଗ ଦେବ ବୋଲି ବୈଠକରେ କୁହାଯାଇଛି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ମନ୍ଦିରର ରୋଷଘର, ଯାତ୍ରୀନିବାସ, ପାର୍କିଂ ବ୍ୟବସ୍ଥା ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ସମସ୍ତ ସାଧୁ, ମହିମା ଧର୍ମାବଲମ୍ବୀମାନଙ୍କ ସହ ଆଲୋଚନା କରି ଏହି ଉନ୍ନୟନ ପ୍ରକଳ୍ପର ନକ୍ସା ପ୍ରସ୍ତୁତ ହୋଇଛି ବୋଲି ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ସୂଚନା ଦେଇଛନ୍ତି। ବୈଠକରେ ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଆଭାସୀ ମାଧ୍ୟମରେ ଯୋଗ ଦେଇଥିବା ବେଳେ ଓବିସିସି ପରିଚାଳନା ନିର୍ଦ୍ଦେଶକ ସମୀର ହୋତା ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

■ କଟକ ସାଇବର ପୁଲିସ ପକ୍ଷରୁ ଚଢ଼ଉ

# ୧୫ ଲକ୍ଷ ଟଙ୍କା ଜବତ

ଧର୍ମଶାଳା,୨୦।୧(ସମିସ): ଧର୍ମଶାଳା ଥାନା ତରଞ୍ଜିଆ ପଞ୍ଚାୟତ ପୋବଳ ଗ୍ରାମର ଜଣେ ସାଇବର ଠକ ଘର ଉପରେ ଗତକାଲି ବିଳମ୍ବିତ ରାତିରେ ଚଢ଼ଉ କରାଯାଇଛି। ସୂଚନା ମୁତାବକ ପୋବଳ ଗ୍ରାମର ଚିତ୍ତ ଜେନାଙ୍କ ପୁଅ ସରୋଜ ଜେନା (୨୬) ମୋବାଇଲ ମାଧ୍ୟମରେ ସାଇବର ଠକେଇ କରି ଜଣେ ଲୋକଙ୍କ ପାଖରୁ ବିଭିନ୍ନ ସମୟରେ ନିଜ ଆକାଉଣ୍ଟ ଓ ନିଜ



ସମ୍ପର୍କିୟ ଆକାଉଣ୍ଟକୁ ୮୮ ଲକ୍ଷ ଠକି ନେଇଥିବା କଟକ ସାଇବର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି କଟକ ସାଇବର ଥାନା ପୁଲିସ ଧର୍ମଶାଳା ପୁଲିସ ସହାୟତାରେ ଗତକାଲି ରାତିରେ ପୋବଳ ଗ୍ରାମସ୍ଥିତ ସରୋଜ ଜେନାଙ୍କ ଘରେ ଚଢ଼ଉ କରି ପାଖାପାଖି ୧୫ଲକ୍ଷ ଟଙ୍କା ଓ କିଛି ସୁନାରୁପା ଗହଣା ସମେତ ଏକ ବୁଲେଟ ବାଇକ୍ ଓ ଏକ ଇଲେଟ୍ରି ବାଇକକୁ ଜବତ କରିନେଇଛି। ଏଥିସହ ସ୍ଥାନୀୟ ଅଞ୍ଚଳର ୩ ଜଣ ଯୁବକଙ୍କୁ କଟକ ସାଇବର ପୁଲିସ ଉଠାଇ ନେଇଥିବା ଜଣାପଡିଛି। ତେବେ ସରୋଜ ଜେନା ଦିନ ସାରା କ୍ରିକେଟ ଖେଳରେ ମାତିଥିବା ବେଳେ ରାତିରେ ଏଭଳି ସାଇବର କ୍ରାଇମ କରିଥାଏ ବୋଲି ଧର୍ମଶାଳା ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ୬ଟି ଅଞ୍ଚଳରେ ଡଲଫିନ୍ ଗଣନା ଆରମ୍ଭ

ଭୁବନେଶ୍ୱର,୨୦।୧(ସମିସ): ଓଡ଼ିଶା ଉପକୂଳବର୍ତ୍ତୀ ବନଖଣ୍ଡ ଏବଂ ଚିଲିକା ହ୍ରଦରେ ଡଲ୍‌ଫିନ୍ ଗଣନା ଆରମ୍ଭ ହୋଇଛି। ୩ ଦିନ ଧରି ଅର୍ଥାତ ୨୨ ତାରିଖ ଯାଏ ଚାଲିବାକୁ ଥିବା ଏହି ଗଣନା କାର୍ଯ୍ୟରେ ଏକାଧିକ ବିଶେଷଜ୍ଞ ଟିମ ନିୟୋଜିତ ହୋଇଛନ୍ତି। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆୟୋଜିତ ଏହି ଗଣନା ପ୍ରକ୍ରିୟା ମଙ୍ଗଳବାର ସକାଳ ୬ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିଥିଲା। ବାଲେଶ୍ୱର, ଭଦ୍ରକ, ରାଜନଗର, ପୁରୀ, ଚିଲିକା ଏବଂ ବ୍ରହ୍ମପୁର ବନଖଣ୍ଡ ଆଦିର ପ୍ରମୁଖ ସାମୁଦ୍ରିକ କ୍ଷେତ୍ରରେ ଏହି ଗଣନା କରାଯାଇଛି। ପୂର୍ବବର୍ଷ ପରି ଚଳିତବର୍ଷ ମଧ୍ୟ ସମଗ୍ର ରାଜ୍ୟରେ ଏକକାଳୀନ ଏହି ଗଣନା କାର୍ଯ୍ୟ କରାଯାଇଛି, ଯାହାଦ୍ୱାରା ଡଲ୍‌ଫିନ୍‌ମାନଙ୍କର ସଠିକ୍ ସଂଖ୍ୟା ଆକଳନ କରାଯାଇପାରିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ବନବିଭାଗ କର୍ମଚାରୀଙ୍କ ସମେତ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ଭାରତୀୟ ପ୍ରାଣୀ ସର୍ବେକ୍ଷଣ ସଂସ୍ଥା, ଓଡ଼ିଶା ଜୈବବିବିଧତା ବୋର୍ଡର ବୈଜ୍ଞାନିକ, ଆଇଆଇଏସ୍‌ଇଆର୍ ବ୍ରହ୍ମପୁର ଏବଂ ଓୟୁଏଟିର ଗବେଷକ ପ୍ରମୁଖ ସାମିଲ ହୋଇଛନ୍ତି। ଗଣନା ସମୟରେ ଇରାୱାଡି,



ବଟଲନୋଜ୍ ଏବଂ ହମ୍ପବ୍ୟାକ୍ ପ୍ରଜାତିର ଡଲ୍‌ଫିନ୍‌ମାନଙ୍କୁ ଚିହ୍ନଟ କରାଯିବା ସହ ସେମାନଙ୍କର ଗତିବିଧି ଉପରେ ନଜର ରଖାଯାଇଥିଲା। ଏଥିପାଇଁ ଏକାଧିକ ଟିମ୍ ଗଠନ କରାଯାଇ ସେମାନଙ୍କୁ ଜିପିଏସ, ରେଞ୍ଜ ଫାଇଣ୍ଡର ଏବଂ ବାଇନୋକୁଲାର ପରି ଆଧୁନିକ ଯନ୍ତ୍ରପାତି ଯୋଗାଇ ଦିଆଯାଇଥିଲା। ବିଭିନ୍ନ ସ୍ଥାନରେ ଡଙ୍ଗା ମାଧ୍ୟମରେ 'ଟ୍ରାନ୍‌ସେକ୍ଟ ଲାଇନ୍' ପଦ୍ଧତି ଅବଲମ୍ବନ କରି ଏହି ଗଣନା କରାଯାଇଛି। ଏହି ଗଣନା କାର୍ଯ୍ୟରେ ସ୍ଥାନୀୟ ମତ୍ସ୍ୟଜୀବୀ ଏବଂ ଜନପ୍ରତିନିଧିମାନେ ମଧ୍ୟ ସହଯୋଗ କରିଥିଲେ। ଗଣନା ଶେଷ ପରେ ସମସ୍ତ ବନଖଣ୍ଡରୁ ସଂଗୃହୀତ ତଥ୍ୟକୁ ସଂକଳନ କରାଯିବା ପରେ ଡଲ୍‌ଫିନ୍ ସଂଖ୍ୟା ସମ୍ପର୍କିତ ଚୂଡ଼ାନ୍ତ ରିପୋର୍ଟ ପ୍ରକାଶ କରାଯିବ ବୋଲି ବନ ବିଭାଗ କହିଛି।

# ଭିଡିଓ ଭାଇରାଲ ଧମକ ଦେଇ ଦୁଷ୍କର୍ମ

କଣିହାଁ, ୨୦।୧ (ସମିସ): ଭିଡିଓ ଭାଇରାଲ ଧମକ ଦେଇ ବିବାହିତ ମହିଳାଙ୍କୁ ବାରମ୍ବାର ଦୁଷ୍କର୍ମ ଭଳି ଏକ ଲଜ୍ଜାଜନକ ଘଟଣା କଣିହାଁ ବ୍ଲକ୍ ରେଙ୍ଗାଳି ଥାନା ଅଞ୍ଚଳରେ ଘଟିଛି। ଏହି ଘଟଣାରେ ରେଙ୍ଗାଳି ପୁଲିସ ସ୍ଥାନୀୟ ଅଞ୍ଚଳର ବ୍ରହ୍ମାନନ୍ଦ ନାଏକ (୪୨)କୁ ଗିରଫ କରିଛି। ପୁଲିସ ସୂଚନାନୁଯାୟୀ, ବ୍ରହ୍ମାନନ୍ଦ ଗତ ଅକ୍ଟୋବର ମାସରେ ମହିଳାଙ୍କର ଏକ ଆପତ୍ତିଜନକ ଭିଡିଓ ଉତ୍ତୋଳନ କରିଦେଇଥିଲେ। ସେହି ଭିଡିଓକୁ ଅସ୍ତ୍ର କରି ସେ ତାଙ୍କୁ ବାରମ୍ବାର ବ୍ଲାକମେଲ୍ କରିବା ସହ ଦୁଷ୍କର୍ମ କରିଥିଲେ। ଏକଥା କାହାରିକୁ କହିଲେ ସାରା ପରିବାରକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ତେବେ ନିର୍ଯାତନାରେ ଅତିଷ୍ଠ ହୋଇ ହୋଇ ଗତକାଲି ପୀଡ଼ିତାଜଣଙ୍କ ରେଙ୍ଗାଳି ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ରେଙ୍ଗାଳି ପୁଲିସ ନମ୍ବର ୧୨/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବ୍ରହ୍ମାନନ୍ଦ ନାଏକକୁ ଗିରଫ କରିଛି।

# ପୀୟୂଷଙ୍କୁ ମଞ୍ଚ ବାରଣରୁ ଉଠିଲା ରହିତାଦେଶ

ଭୁବନେଶ୍ୱର,୨୦।୧(ସମିସ): ଯଲିଉଡ ଅଭିନେତା ପୀୟୂଷ ତ୍ରିପାଠୀଙ୍କୁ ମଞ୍ଚ ବାରଣକୁ ନେଇ ଚାଲିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ପୀୟୂଷ ମଞ୍ଚ ଚଢ଼ି ଯାତ୍ରାରେ ଅଭିନୟ କରିପାରିବେ ବୋଲି ଭୁବନେଶ୍ୱର ସିଭିଲ ଜଜ୍(ଜୁନିଅର ଡିଭିଜନ୍) ମଙ୍ଗଳବାର ରାୟ ଶୁଣାଇଛନ୍ତି। ଫଳରେ ଦୁଇସପ୍ତାହ ଧରି ଚାଲିଥିବା ବିବାଦର ଏକପ୍ରକାର ଅନ୍ତ ଘଟିଛି।

ସୂଚନାନୁସାରେ, ୨୦୨୪ ଜୁନ୍‌ରେ ପୀୟୂଷ ଓ ଅପେରା ସୂର୍ଯ୍ୟମନ୍ଦିର ମଧ୍ୟରେ ଦୁଇ ବର୍ଷ ପାଇଁ ଅଭିନୟ କରିବାକୁ ଚୁକ୍ତି କରିଥିଲେ। ଅନୁଷ୍ଠାନ ବର୍ଷକୁ ୪୦ଲକ୍ଷ ଟଙ୍କା ଲେଖାଏଁ ଦେବ ବୋଲି ଚୁକ୍ତିରେ ଉଲ୍ଲେଖ ରହିଥିଲା। ହେଲେ ଚୁକ୍ତି ଅବଧି ମଧ୍ୟରେ ପୀୟୂଷ ସୂର୍ଯ୍ୟମନ୍ଦିରକୁ ଅଗ୍ରୀମ ଟଙ୍କା ନଫେରାଇ କିମ୍ବା ନ ଜଣାଇ ଅନ୍ୟ ଏକ ଅନୁଷ୍ଠାନ ସହ ଚୁକ୍ତି କରିଥିଲେ। ଏନେଇ ଅପେରା ସୂର୍ଯ୍ୟମନ୍ଦିର ପକ୍ଷରୁ ସମୀର କୁମାର ତ୍ରିପାଠୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତ ମାମଲାକୁ ଗ୍ରହଣ କରି ପୀୟୂଷଙ୍କୁ ମଞ୍ଚ ଚଢ଼ିବାକୁ ଅନ୍ତରୀଣ ରହିତାଦେଶ ଦେଇଥିଲେ। ଗତ ଗୁରୁବାର ଉଭୟପକ୍ଷ ନିଜ ନିଜ ଓକିଲଙ୍କ ମାଧ୍ୟମରେ ଯୁକ୍ତି ଉପସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ଲିଖିତ ଯୁକ୍ତି ମଧ୍ୟ ଉପସ୍ଥାପନ କରିଥିଲେ। ଅଦାଲତ ଦୁଇପକ୍ଷର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଆଜି ଅଦାଲତ ଏହି ରହିତାଦେଶ ଉଠାଇବା ସହ ମଞ୍ଚରେ ଚଢ଼ି ପୀୟୂଷଙ୍କୁ ଅଭିନୟ କରିବାକୁ ଅନୁମତି ଦେଇଛନ୍ତି ବୋଲି ପୀୟୂଷଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀ ସୂଚନା ଦେଇଛନ୍ତି। ଆଗକୁ ଖଣ୍ଡଗିରି ଯାତ୍ରା ଆସୁଥିବାରୁ ପୀୟୂଷ ସେଠାରେ ଅଭିନୟ କରିବେ କି ନାହିଁ, ତାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା। ଯାତ୍ରାପ୍ରେମୀମାନେ ସଂଶୟ ଭିତରେ ଥିଲେ। ତେବେ ଆଜି ଅଦାଲତଙ୍କ ରାୟପରେ ପୀୟୂଷଙ୍କ ପ୍ରଶଂସକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

# ପିଟିପିଟି ବଡ଼ ଭାଇକୁ ହତ୍ୟା

କେନ୍ଦୁଝର,୨୦।୧(ସମିସ): କେନ୍ଦୁଝର ସଦର ଥାନା ପଳାସପଙ୍ଗା ଫାଣ୍ଡି ଅଧୀନ ପର୍ଜନପୁର ପଞ୍ଚାୟତ କଶିରା ଗ୍ରାମରେ ବଡ଼ଭାଇଙ୍କୁ ଗୋଇଠା ବିଧା ମାରି ହତ୍ୟା କରିଛି ସାନ ଭାଇ। ମୃତକ ହେଲେ କଶିରା ଗାଁର ବୈଶାଖୁ ମୁଣ୍ଡାଙ୍କ ପୁଅ ସମ୍ବରା ମୁଣ୍ଡା(୨୭)। ଅଭିଯୁକ୍ତ ଭାଇ ଶୁକ୍ରା ମୁଣ୍ଡା(୨୨)ଙ୍କୁ ପଳାସପଙ୍ଗା ଫାଣ୍ଡି ପୁଲିସ ଅଟକ ରଖି ଥାନାକୁ ଆଣିଛି। ଏ ନେଇ ସଦର ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଆଜି ଉଭୟ ମଦ୍ୟପାନ କରିବା ପରେ ପରସ୍ପର ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଶୁକ୍ରା ସମ୍ବରାଙ୍କ ଛାତିକୁ ଶକ୍ତ ଗୋଇଠା ବିଧା ମାରିବା ଯୋଗୁଁ ସେ ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ କେନ୍ଦୁଝର ଧରଣୀଧର ମେଡିକାଲକୁ ଅଣାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବନ୍ଦ ଘରୁ ଦମ୍ପତି ଉଦ୍ଧାର: ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

କଣିହାଁ,୨୦।୧(ସମିସ): କଣିହାଁ ଥାନା କାକୁଡିଆ ଗ୍ରାମରେ ମଙ୍ଗଳବାର ସକାଳୁ ଶୋଇବା ଘରୁ ଦମ୍ପତିଙ୍କୁ ଉଦ୍ଧାର କରାଯାଇଛି। ଉଭୟଙ୍କୁ ଗୁରୁତର ଅବସ୍ଥାରେ କଣିହାଁ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ସ୍ତ୍ରୀ ଗେଲ୍ଲୀ ନାଏକ (୫୨)ଙ୍କ ମୃତ୍ୟୁ ହୋଇଛି। ସ୍ୱାମୀ ଅକ୍ରୁର ନାଏକଙ୍କୁ ଗୁରୁତର ଅବସ୍ଥାରେ ଅନୁଗୋଳ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନାନୁଯାୟୀ, ଅକ୍ରୁରଙ୍କ ଘର କାକୁଡିଆ ଗ୍ରାମରେ ହୋଇଥିବା ବେଳେ ସେ ଦୀର୍ଘ ବର୍ଷ ହେବ ଭିଲାଇରେ ରହୁଥିଲେ। କିଛି ଦିନ ହେବ ଜଣେ ସମ୍ପର୍କୀୟଙ୍କ ବାହାଘରରେ ଯୋଗ ଦେବାକୁ ଆସିଥିଲେ। ରାତିରେ ଏହି ଦମ୍ପତି ଖାଇପିଇ ଶୋଇଥିଲେ। ତେବେ ସକାଳେ ଉଠିବା ବିଳମ୍ବ ହେବାରୁ ପଡ଼ୋଶୀ କବାଟ ଭାଙ୍ଗି ଉଭୟଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ତାଳଚେର ପଠାଇ ତଦନ୍ତ ଚଳାଇଛି।

# ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର; ହତ୍ୟା ସନ୍ଦେହ

ଲୋଇସିଂହା, ୨୦।୧(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅଧୀନ ସାଲେଭଟା ଅଞ୍ଚଳରୁ ଆଜି ଜଣେ ଯୁବକଙ୍କ ଶବ ଉଦ୍ଧାର ହୋଇଛି। ମୃତକ ହେଲେ, ସାଲେଭଟା ଅଞ୍ଚଳର କିସନ ମହାପାତ୍ର। ଏକ ପୋଖରୀ କୂଳରୁ ଆଜି ତାଙ୍କର ଶବ ଜବତ ହୋଇଛି। ଗତ ରବିବାରଠାରୁ ସେ ନିଖୋଜ ଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି କିସନଙ୍କ ବଡ଼ଭାଇ କିଶୋର ସନ୍ଦେହ କରି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



ସୂଚନାନୁସାରେ, କିସନ ଗତ ରବିବାରଠାରୁ ନିଖୋଜ ଥିଲେ। ପରିବାରଲୋକ ତାଙ୍କୁ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ପତ୍ତା ନ ମିଳିବାରୁ ପରିବାରଲୋକ ସାଲେଭଟା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ତେବେ ମଙ୍ଗଳବାର ସକାଳୁ ସାଲେଭଟାର ଏକ ପୋଖରୀ ନିକଟରୁ ତାଙ୍କ ଶବ ଉଦ୍ଧାର ହୋଇଥିଲା। ମୁହଁ କଳା ପଡ଼ି ଚେହେରା ନଷ୍ଟ ହୋଇଯାଇଥିବା ବେଳେ ପେଟରେ କ୍ଷତ ଚିହ୍ନ ରହିଥିଲା। କେବଳ ପିନ୍ଧିଥିବା ବସ୍ତ୍ର ଦେଖି ସେ କିସନ ବୋଲି ପରିବାରଲୋକ ଚିହ୍ନଟ କରିଥିଲେ। କିଶୋରଙ୍କ କହିବା କଥା, କେହି ଦୁର୍ବୃତ୍ତ କିସନଙ୍କୁ ଅନ୍ୟତ୍ର ହତ୍ୟା କରି ଏଠାରେ ଫୋପାଡ଼ି ଦେଇଛି। ପୁଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ରିପୋର୍ଟରୁ ଏହା ହତ୍ୟା ନା କୌଣସି ଅଘଟଣ, ତାହା ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

# ଜଗା ଦୁଆରେ ବାଛ ବିଚାର

## ବିଧାୟକଙ୍କ ସୁପାରିସରେ ଆସିଲେ ପ୍ରୋଟୋକଲ ଦର୍ଶନ

ପୁରୀ,୨୦।୧(ସମିସ): ଜଗା ଦୁଆରେ ବାଛ ବିଚାର। ରାଜନେତାଙ୍କ ସୁପାରିସ୍‌ରେ ଆସିଲେ ଆଉ ଚିନ୍ତା ନାହିଁ। ଆତିଥେୟତା ମିଳିବ, ଆଉ ପ୍ରୋଟୋକଲରେ ଯାଇ ମହାପ୍ରଭୁଙ୍କ ଦର୍ଶନ ବି ସୁବିଧାରେ କରିହେବ। ହେଲେ ଜଣେ ସାଧାରଣ ଭକ୍ତଙ୍କୁ ଏଠି ହନ୍ତସନ୍ତ ହେବାକୁ ପଡ଼ିବ। ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଠିଆ ହୋଇ ପ୍ରଶାସନିକ କଟକଣାକୁ ମୁଣ୍ଡପାତି ସହିବାକୁ ହେବ। ଭିତରକୁ ଗଲେ ଗହଳି ଭିତରେ ଦର୍ଶନ ମିଳିବ କି ନାହିଁ, ତାହା ବି ସନ୍ଦେହ। ଶ୍ରୀମନ୍ଦିରରେ ଏମିତି ବାଛ ବିଚାର କରାଯାଉଛି ବୋଲି ଅଭିଯୋଗ ଆଣିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)।

ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ଧର୍ମଶାଳାର ବିଧାୟକ ଲିକୁ ସାହୁ ଗତ ୧୯ ତାରିଖ ସୋମବାରଠାରୁ ନିଜ ନିର୍ବାଚନମଣ୍ଡଳୀର ଲୋକମାନଙ୍କ ପାଇଁ ପୁରୀକୁ ତୀର୍ଥଯାତ୍ରା ଆରମ୍ଭ କରିଛନ୍ତି। ଏହି ତୀର୍ଥଯାତ୍ରାରେ ସେ ଧର୍ମଶାଳାର ସବୁ ପଞ୍ଚାୟତର ଲୋକମାନଙ୍କୁ ପୁରୀ ଆଣି ମହାପ୍ରଭୁଙ୍କ ଦର୍ଶନ କରାଇବାର ବ୍ୟବସ୍ଥା କରିଛନ୍ତି। ଏହା ନିଶ୍ଚିତ ଜଣେ ଜନ ପ୍ରତିନିଧି ହିସାବରେ ଭଲ ପଦକ୍ଷେପ। ହେଲେ ଏହି ବ୍ୟବସ୍ଥାରେ ଆସୁଥିବା ଲୋକମାନଙ୍କ ପ୍ରତି ପୁରୀ ପ୍ରଶାସନର ଏତେ ଅନୁକମ୍ପା କାହିଁକି ବୋଲି ପ୍ରଶ୍ନ କରିଛନ୍ତି ସଞ୍ଜୀବ।

ସେ କହିଛନ୍ତି, ବିଧାୟକ ଶ୍ରୀ ସାହୁଙ୍କ ପକ୍ଷରୁ ଧର୍ମଶାଳାରୁ ପ୍ରତିଦିନ ୧୦ଟି ବସ୍‌ରେ ପ୍ରାୟ ୫୦୦ ଲୋକ ପୁରୀ ଆସୁଛନ୍ତି। ସେମାନେ ଜେବିପିସିରେ ପହଞ୍ଚୁଛନ୍ତି। ଏଠାରେ ପହଞ୍ଚିବା ପରେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦିଆଯାଉଛି। ସେମାନଙ୍କୁ ପ୍ରୋଟୋକଲ ସୁବିଧା ମିଳୁଛି। ଯେଉଁଠି ସାଧାରଣ ଭକ୍ତ ଘଣ୍ଟାଘଣ୍ଟା ଧରି ଲମ୍ବା ଧାଡ଼ିରେ ବଡ଼ଦାଣ୍ଡରେ ଛିଡ଼ା ହୋଇ କଲବଲ ହେଉଛନ୍ତି, ସେଠି ବିଧାୟକଙ୍କ ସୁପାରିସ୍‌ରେ ଆସିଥିବା ଲୋକଙ୍କୁ ପ୍ରୋଟୋକଲର ଆତିଥେୟତା ଯୋଗାଇ ଦିଆଯାଉଛି। ସେମାନେ ସାଧାରଣ ଭକ୍ତଙ୍କ ପାଇଁ

■ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ହନ୍ତସନ୍ତ ହେଉଛନ୍ତି ସାଧାରଣ ଭକ୍ତ
■ ଫଏଲ ପେପରରେ ଦିଆଯାଉଛି ମହାପ୍ରଭୁଙ୍କ ଶୁଖିଲି ଭୋଗ
■ ଜଗନ୍ନାଥ ବଲ୍ଲଭ ପରିସରରେ ତିଆରି ହୋଇଛି ଖଦାଶାଳ
■ ପୁରୀବାସୀଙ୍କୁ ଏ ପର୍ଯ୍ୟନ୍ତ ମିଳୁନି ସ୍ୱତନ୍ତ୍ର ଦର୍ଶନ ସୁବିଧା
■ ପ୍ରଶ୍ନ ଉଠାଇଲା ଆପ୍, ପ୍ରଶାସନର ଏତେ ଅନୁକମ୍ପା କାହିଁକି?



ଉଦ୍ଦିଷ୍ଟ ବ୍ୟାରିକେଡ୍ ଦେଇ ଯାଉନାହାନ୍ତି। ଭିଆଇପି ଭିଭିଆଇପିଙ୍କ ପାଇଁ ଉଦ୍ଦିଷ୍ଟ ପ୍ରୋଟୋକଲ ରାସ୍ତାରେ ଯାଉଛନ୍ତି। ସୁରକ୍ଷା କର୍ମୀମାନେ ସେମାନଙ୍କୁ ଏଥିରେ ସହଯୋଗ କରୁଛନ୍ତି। ସେହି ନିର୍ଦ୍ଦିଷ୍ଟ ଲୋକଙ୍କୁ ସୁବିଧା ସୁଯୋଗ ଯୋଗାଇଦେବାକୁ କିଏ ଅନୁମତି ଦେଇଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ସଞ୍ଜୀବ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଲୋକମାନଙ୍କ ପାଇଁ ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଖଦାଶାଳ ତିଆରି ହୋଇଛି। ଅର୍ଥାତ୍ ବିଧାୟକଙ୍କ ସୁପାରିସରେ ଆସିଥିବା ଧର୍ମଶାଳାର ଲୋକଙ୍କ ପାଇଁ ଏଠାରେ ଭୋଜନ ପ୍ରସ୍ତୁତ କରାଯାଉଛି। ଦର୍ଶନ ପରେ ଏମାନେ ସେହି ଜଗନ୍ନାଥ ବଲ୍ଲଭ ପରିସରରେ ଖାଇ ଘରକୁ ଫେରୁଛନ୍ତି। ଫେରିବା ବେଳେ ବିଧାୟକଙ୍କ ପକ୍ଷରୁ ସମସ୍ତଙ୍କୁ ମହାପ୍ରଭୁଙ୍କ ଶୁଖିଲି ଭୋଗ ଦିଆଯାଉଛି। ପ୍ରତ୍ୟେକ ଭକ୍ତ ମହାପ୍ରଭୁଙ୍କ ମହାପ୍ରସାଦ ପାଇବା ଖୁସିର କଥା। ହେଲେ ଏଥିରେ ବି ମହାପ୍ରସାଦ ପ୍ରତି ଅପମାନ କରାଯାଉଛି। ଦର୍ଶନ ପାଇଁ ଆସିଥିବା ଲୋକମାନଙ୍କୁ ଯେଉଁ ଭୋଗ ଦିଆଯାଉଛି, ତାହାକୁ ଫଏଲ ପେପର (ସାଧାରଣତଃ ଫାଷ୍ଟଫୁଡ୍ ପ୍ୟାକିଂ ପାଇଁ ବ୍ୟବହୃତ ହେଉଥିବା) ଭିତରେ ହିଁ ଦିଆଯାଉଛି। ବଡ଼ କଥା ହେଉଛି, ଜଗନ୍ନାଥବଲ୍ଲଭ ପରିସରରେ ଖଦାଶାଳ ତିଆରି ହେବା ଘଟଣା ଶ୍ରୀମନ୍ଦିର ପ୍ରଶାସନ ଜାଣିଛି ନା ନାହିଁ ବୋଲି ପ୍ରଶ୍ନ କରିଛି ଆପ୍।

ସବୁଠୁ ପରିତାପର ବିଷୟ ହେଉଛି, ଯାଜପୁର ଜିଲ୍ଲାର ଗୋଟିଏ ବ୍ଲକ୍‌ବାସୀଙ୍କୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରୋଟୋକଲର ଆତିଥେୟତା ମିଳୁଥିବା ବେଳେ ଖୋଦ୍ ପୁରୀବାସୀଙ୍କୁ କିନ୍ତୁ ଅଣଦେଖା କରାଯାଉଛି। ୫/୬ ମାସ ହେବ ପୁରୀ ସହରବାସୀ ଶ୍ରୀମନ୍ଦିର ପ୍ରବେଶ ଏବଂ ଦର୍ଶନ ପାଇଁ ସ୍ୱତନ୍ତ୍ର ସୁବିଧା ନିମନ୍ତେ ଦାବି କରି ଆସୁଛନ୍ତି। ପ୍ରଶାସନର କଟକଣା ଯୋଗୁଁ ସେମାନେ ଅବଢ଼ା ହେଉ କିମ୍ବା ଦର୍ଶନ ପାଇଁ ମନ୍ଦିରକୁ ଯିବାକୁ ହନ୍ତସନ୍ତ ହେଉଥିବାବେଳେ ଅନେକ ପତିତପାବନଙ୍କୁ ମୁଣ୍ଡିଆ ମାରି ଫେରୁଛନ୍ତି। ତେଣୁ ଦର୍ଶନ ସୁବିଧା ପାଇଁ ପୁରୀବାସୀ ସମୂହ ଦୀପଦାନ, ଧାରଣା, ନିରବ ପ୍ରତିବାଦ କରିବା ସହ ଜିଲ୍ଲା ମୁଖିଆଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କୁ ବି ଗୁହାରି ଜଣାଇଛନ୍ତି। ପୁରୀ ଲୋକଙ୍କୁ ଅଣଦେଖା କରୁଥିବା ସରକାର ଓ ପ୍ରଶାସନ କିନ୍ତୁ ଯାଜପୁର ଜିଲ୍ଲାବାସୀଙ୍କୁ ସ୍ୱତନ୍ତ୍ର ସୁବିଧା କେଉଁ ସ୍ୱାର୍ଥରେ ଦେଉଛି ବୋଲି ସଞ୍ଜୀବ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଆପ୍‌ର ଏହି ଅଭିଯୋଗ ସମ୍ପର୍କରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, କାହା ପାଇଁ ସେମିତି କିଛି ସ୍ୱତନ୍ତ୍ର ବ୍ୟବସ୍ଥା ହେଉନି। ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କର ଯେପରି କୌଣସି ଅସୁବିଧା ନ ହେବ ତାହାକୁ ଧ୍ୟାନ ଦିଆଯାଉଛି। ପ୍ରୋଟୋକଲ ନୁହେଁ, ସେମାନେ ଅନ୍ୟ ଭକ୍ତଙ୍କ ପାଇଁ ଉଦ୍ଦିଷ୍ଟ ବାଟ ଦେଇ ଯାଉଛନ୍ତି। ଜଗନ୍ନାଥ ବଲ୍ଲଭ ପରିସରରେ ଭୋଜି କରିବା ବିଷୟରେ ମୋ ପାଖରେ ଖବର ନାହିଁ ବୋଲି ଜିଲ୍ଲାପାଳ ଶ୍ରୀ ପରିଡ଼ା କହିଛନ୍ତି।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଲାଭଜନକ ରହିବ। ଘରକୁ ଅତିଥିଙ୍କ ଆଗମନ ହେବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। କାର୍ଯ୍ୟକ୍ଷେତ୍ରରେ କାର୍ଯ୍ୟଭାର ବଢ଼ିବ।

**ବୃଷ:** ଦିନଟି ଯନ୍ତ୍ରଣାଦାୟକ ରହିବ। କଠିନ ପରିଶ୍ରମ ସତ୍ତ୍ୱେ ଆଶାଜନକ ଫଳ ମିଳିବ ନାହିଁ। ଅର୍ଥ ନିବେଶ ଲାଗି ଉପଯୁକ୍ତ ସମୟ। କୌଣସି କାମ ସମସ୍ୟା ସୃଷ୍ଟି କରିବ। ଧାର କରଜରୁ ନିବୃତ୍ତ ରହିବେ।

**ମିଥୁନ:** ଜୀବନସାଥୀଙ୍କ ପାଇଁ କୌଣସି ନୂଆ ଜିନିଷ କିଣିବେ। ବନ୍ଧୁଙ୍କ ସହ ବ୍ୟବସାୟ ସମ୍ବନ୍ଧୀୟ ଆଲୋଚନା କରନ୍ତୁ ନାହିଁ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ। ବନ୍ଧୁ ଆର୍ଥିକ ସହାୟତା ଲୋଡ଼ିବେ।

**କର୍କଟ:** ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଚାକିରିକୁ ନେଇ ଶୁଭ ଖବର ମିଳିବ। ଘର କିମ୍ବା ଜାଗାବାଡ଼ି କିଣିବା ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ।

**ସିଂହ:** ଦିନଟି ସକାରାତ୍ମକ ଫଳ ପ୍ରଦାନ କରିବ। ଅଫିସ୍‌ରେ ପରିଶ୍ରମ ଅନୁସାରେ ଫଳ ମିଳିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ ରହିବ। ଜୀବନସାଥୀଙ୍କ ସହ ମନୋମାଳିନ୍ୟ ସୃଷ୍ଟି ହେବ।

**କନ୍ୟା:** ସମସ୍ୟାର ସମାଧାନ ପାଇଁ ଦିନଟି ଅତ୍ୟନ୍ତ ଶୁଭଙ୍କର। ନୂଆ ଯାନବାହନ କିଣିବାର ସ୍ୱପ୍ନ ପୂରଣ ହେବ। ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ନେଇ ଅଫିସ୍ ସମସ୍ୟାର ସମାଧାନ କରିବେ।

**ତୁଳା:** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବନ୍ଧୁଙ୍କ ସହାୟତାରେ କୌଣସି ନୂଆ କାମ ମିଳିବ। କୋର୍ଟ କଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ସୃଷ୍ଟି ହେବ।

**ବିଛା:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିପାରିବେ ନାହିଁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାର୍ଯ୍ୟରେ ପରିବର୍ତ୍ତନ ଆସିବ।

**ଧନୁ:** କଠିନ ପରିଶ୍ରମ ସହ କାର୍ଯ୍ୟ କରିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଏକସଙ୍ଗରେ ଅନେକ କାର୍ଯ୍ୟ କରିବାର ସୁଯୋଗ ମିଳିବ। ପାରିବାରିକ ସମସ୍ୟା ଦୂର ହେବ।

**ମକର:** ନୂଆ ଯୋଜନାକୁ ନେଇ ବାପାଙ୍କ ସହ ଆଲୋଚନା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ସରକାରୀ ଚାକିରିଆଙ୍କୁ ଶୁଭ ଖବର ମିଳିବ। ଘରେ ଭୋଜିଭାତର ଆୟୋଜନ କରିବେ।

**କୁମ୍ଭ:** ଯୁକ୍ତିତର୍କରୁ ଦୂରେଇ ରୁହନ୍ତୁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ସମାଜସେବା ଦ୍ୱାରା ପ୍ରତିଷ୍ଠା ବଢ଼ିବ। ପୈତୃକ ସମ୍ପତ୍ତିରୁ ଧନ ଲାଭ ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ।

**ମୀନ:** ରାଜନୈତିକ କ୍ଷେତ୍ରରେ ମାନ ସମ୍ମାନ ବଢ଼ିବ। ଅଫିସ୍‌ରେ ଦାୟିତ୍ୱର ସହ କାର୍ଯ୍ୟ ତୁଲାଇବେ। ବିଦ୍ୟାର୍ଥୀମାନେ ଉଚ୍ଚଶିକ୍ଷା ସମ୍ପର୍କରେ ଶିକ୍ଷକଙ୍କ ସହ ଆଲୋଚନା କରିବେ।

## ଆଜିର ଇତିହାସ

- ୧୯୨୧- ଇଟାଲୀରେ କମ୍ୟୁନିଷ୍ଟ ଦଳ ପ୍ରତିଷ୍ଠା।
- ୧୯୪୩- ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ଓଡ଼ିଆ ଲେଖିକା ପ୍ରତିଭା ରାୟଙ୍କ ଜନ୍ମ।
- ୧୯୫୮- କପିରାଇଟ୍ ଅଧିନିୟମ ଲାଗୁ କରାଗଲା।
- ୧୯୭୨- ମଣିପୁର, ମେଘାଳୟ ଓ ତ୍ରିପୁରା ରାଜ୍ୟର ମାନ୍ୟତା ପାଇଲା।



## ୨୦୨୭ରେ 'ସ୍ପିରିଟ୍'

ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କର ଦେଶ ଓ ବିଦେଶରେ ଲକ୍ଷ ଲକ୍ଷ ପ୍ରଶଂସକ ଅଛନ୍ତି। ପ୍ରଭାସଙ୍କ ଫିଲ୍ମକୁ ତାଙ୍କ ପ୍ରଶଂସକମାନେ ବର୍ଷ ବର୍ଷ ଧରି ଅପେକ୍ଷା କରିଥାନ୍ତି। ନିକଟରେ ତାଙ୍କ ଆଗାମୀ ଫିଲ୍ମ 'ସ୍ପିରିଟ୍'ର ପୋଷ୍ଟର୍ ରିଲିଜ୍ କରାଯାଇଛି। ଏଥିରେ ତାଙ୍କ ବିପକ୍ଷରେ ତ୍ରିପ୍ତି ଦିମ୍ରି ନଜର ଆସିବେ। ପୋଷ୍ଟର୍ ଦେଖି ଦର୍ଶକଙ୍କର ଫିଲ୍ମ ପ୍ରତି ଉତ୍ସାହ ବଢ଼ିଯାଇଛି। ସନ୍ଦୀପ ରେଡ୍ଡି ଭାଙ୍ଗା ଏହାର ନିର୍ଦ୍ଦେଶନା ଦେଇଛନ୍ତି। ସେହିଭଳି ଟି- ସିରିଜ୍ ଏହାର ପ୍ରଯୋଜନା ଭାର ସମ୍ଭାଳିଛି। ଟି-ସିରିଜ୍ ପକ୍ଷରୁ ଫିଲ୍ମର ଏକ କଳାଧଳା ପୋଷ୍ଟର୍ ସେୟାର୍ କରି ଲେଖାଯାଇଛି- 'ସ୍ପିରିଟ୍' ମାର୍ଚ୍ଚ ୫, ୨୦୨୭ରେ ରିଲିଜ୍ ହେବ। ଫିଲ୍ମର ଫାଷ୍ଟ ଲୁକ୍ ଏଇ ଜାନୁଆରୀ ୧ରେ ରିଲିଜ୍ କରାଯାଇଥିଲା। ଏହା ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଥିଲା। ପ୍ରଭାସ ଏଥିରେ ଲମ୍ବା କେଶ ସହ ପିଠିରେ ଆଘାତ ଲାଗିଥିବାର ଦେଖାଯାଇଥିଲେ। ତ୍ରିପ୍ତି ତାଙ୍କ ସିଗାରେଟ୍‌ରେ ନିଆଁ ଲଗାଉଥିବାର ନଜର ଆସିଥିଲେ। 'ଆନିମଲ'ର ସଫଳତାକୁ ପୁଣି ଥରେ ଦୋହରାଇବା ପାଇଁ ଭୂଷଣ କୁମାର ଓ ସନ୍ଦୀପ ରେଡ୍ଡି ଭାଙ୍ଗା 'ସ୍ପିରିଟ୍' ମାଧ୍ୟମରେ ପୁଣିଥରେ ଏକାଠି ହୋଇଛନ୍ତି।

## ନିୟମିତ ଖାଆନ୍ତି ୧୦୦ ପୋକ



ଅନେକ ଲୋକ ସେମାନଙ୍କ ଅଜବ ଖାଦ୍ୟ ରୁଚି ପାଇଁ ଚର୍ଚ୍ଚାରେ ଥାନ୍ତି। ସେମିତି ଜଣେ ବ୍ୟକ୍ତି ହେଲେ ଆମେରିକା ଶିକାଗୋର ୨୬ ବର୍ଷୀୟ କାର୍ଲୋସ୍। ସେ ପୋକଜୋକ ଖାଇବାରେ ରୁଚି ରଖନ୍ତି। ତାଙ୍କର ଏହି ଅଜବ ଖାଦ୍ୟାଭ୍ୟାସ ସଭିଙ୍କୁ ଚକିତ କରିଛି। ତେବେ ସେ ଗୋଟିଏ ଦିନରେ ପାଖାପାଖି ୧୦୦ଟି ପୋକ ଖାଇଥାନ୍ତି। ଏହାର ସ୍ୱାଦ ତାଙ୍କୁ ବଟର୍ ପପ୍‌କର୍ଣ୍ଣ ଭଳି ଲାଗିଥାଏ ବୋଲି ସେ କୁହନ୍ତି। ଏଥିସହ ପୋକଜୋକଗୁଡ଼ିକର ଜିଭ ଉପରେ ଚାଲିବାର ଅନୁଭୂତି ତାଙ୍କୁ ବେଶ୍ ଆନନ୍ଦ ଦେଇଥାଏ। ନିକଟରେ ସେ ଟିଏଲ୍‌ସି ଶୋ 'ମାଇଁ ଷ୍ଟ୍ରେଞ୍ଜ୍ ଆଡିକ୍ସନ୍'ରେ ଯୋଗ ଦେଇ ଏବିଷୟରେ ଖୁଲାସା କରିଛନ୍ତି। ସବୁଠୁ ଅସରପା ଖାଇବାକୁ ତାଙ୍କୁ ବେଶୀ ଭଲ ଲାଗେ ବୋଲି କାର୍ଲୋସ୍ କହିଛନ୍ତି। ଅସରପାର ଭିତର ଅଂଶର ସ୍ୱାଦ ତାଙ୍କୁ କଷ୍ଟାର୍ଡ ଭଳି ଲାଗିଥାଏ ବୋଲି ସେ କହିଛନ୍ତି। କାର୍ଲୋସ୍‌ଙ୍କ ପତ୍ନୀ ଏଶ୍ଲି ଏବଂ ଝିଅ ତାଙ୍କର ଏହି ଅଜବ ଖାଦ୍ୟଭ୍ୟାସ ପାଇଁ ଚିନ୍ତାରେ ରୁହନ୍ତି। ଅବଶ୍ୟ ସେ କୌଣସି ପୋକଜୋକକୁ ସିଧାସଳଖ ମାଟିରୁ ଧରି ଖାଆନ୍ତି ନାହିଁ। ଏହାକୁ ସେ ଦୋକାନରୁ ୭୨୨ ଟଙ୍କାରେ କିଣି ଖାଇଥାନ୍ତି। କାର୍ଲୋସ୍ ଛୋଟବେଳୁ ପୋକଜୋକ ଖାଇବାକୁ ପସନ୍ଦ କରୁଥିଲେ। ଚାରିବର୍ଷ ବୟସରେ ସେ ପ୍ରଥମେ ପୋକ ଖାଇବା ଆରମ୍ଭ କଲେ। ଜିଅଁନ୍ତା ପୋକ ଖାଇବା ପରେ ତାଙ୍କ ଦେହକୁ ଶକ୍ତି ମିଳିବା ପରି ଅନୁଭୂତ ହେଉଥିବା କାର୍ଲୋସ୍ କୁହନ୍ତି। ଏନେଇ ଡାକ୍ତରଙ୍କ କହିବାକଥା, ଜିଅଁନ୍ତା ପୋକ ଖାଇବା ଦ୍ୱାରା ଶରୀର ମଧ୍ୟକୁ ଜୀବାଣୁ ପ୍ରବେଶ କରିଯାନ୍ତି ଫଳରେ ଏହା ମସ୍ତିଷ୍କର କୋଷଗୁଡ଼ିକୁ ଖାଇବା ଆଶଙ୍କା ଥାଏ। ଅବଶ୍ୟ ଏବେ କାର୍ଲୋସ୍ ପୋକଜୋକ ଖାଇବା ଅଭ୍ୟାସକୁ ଧୀରେ ଧୀରେ ଛାଡ଼ିବାକୁ ଚେଷ୍ଟା କରୁଛନ୍ତି। କାରଣ ସେ ନିଜ ସ୍ୱାସ୍ଥ୍ୟକୁ ନେଇ ଖୁବ୍ ସଚେତନ ଅଛନ୍ତି।




## ଶ୍ୱଶୁରଙ୍କୁ ଚାବୁକ ମାଡ଼

ବିବାହକୁ ନେଇ ବିଭିନ୍ନ ସ୍ଥାନରେ ଭିନ୍ନ ରୀତିନୀତି ପରମ୍ପରା ଦେଖିବାକୁ ମିଳିଥାଏ। ସେଥିମଧ୍ୟରୁ କିଛି ରୋଚକୀୟ ହୋଇଥିବାବେଳେ ଆଉ କିଛି ବେଶ୍ ଆଶ୍ଚର୍ଯ୍ୟଜନକ ମନେହୁଏ। ଏମିତି ଏକ ପ୍ରଥା ଚୀନ୍ ବାଓଆନ ସମ୍ପ୍ରଦାୟରେ ପାଳନ କରାଯାଏ। ଏହି ସମ୍ପ୍ରଦାୟର ଲୋକେ ଚୀନ୍‌ର ଉତ୍ତର- ପଶ୍ଚିମ ଗାଂସୁ ପ୍ରାନ୍ତରେ ବାସ କରନ୍ତି। ଏଠାରେ ବିବାହ ପରେ କନିଆର ପିତାଙ୍କୁ ଜ୍ୱାଇଁ ଘରକୁ ଯିବାକୁ ହୋଇଥାଏ, ଯେଉଁଠାରେ ଏକ ସ୍ୱତନ୍ତ୍ର ପରମ୍ପରା ପାଳନ କରାଯାଏ। ପରମ୍ପରା ଅନୁସାରେ, କନିଆର ପିତା ପ୍ରଥମେ ନିଜ ଝିଅର ଲାଳନ ପାଳନରେ ଯଦି କୌଣସି ଭୁଲଥାଏ ତାହା କ୍ଷମା କରିବାକୁ ଝିଅର ଶାଶୂଘର ଲୋକଙ୍କ ଆଗରେ ଗୁହାରି କରନ୍ତି। ଏହାପରେ ବରଘର ପକ୍ଷରୁ ବରପିତା କନିଆ ପିତାଙ୍କୁ ୨୦ ଥର ଚାବୁକ ମାଡ଼ କରିଥାନ୍ତି। ଏହା କେବଳ ପ୍ରତୀକାତ୍ମକ ଭାବେ କରାଯାଏ। ଏଠାରେ ଏହି ପ୍ରଥା କାହିଁ କେଉଁ କାଳରୁ ରହି ଆସିଛି। ତେବେ ଏହା କେବଳ ଏକ ପରମ୍ପରାର ଅଂଶ, ଯାହାକୁ ଆଜି ବି ଏହି ଜନଜାତିର ଲୋକମାନେ ମଜାଳିଆ ଅନ୍ଦାଜରେ ପାଳନ କରୁଛନ୍ତି। ଏହି ସମ୍ପ୍ରଦାୟର ଲୋକମାନେ ନିଜର ସ୍ୱତନ୍ତ୍ର ଭାଷା ଓ ସଂସ୍କୃତି ଏବଂ ନିଆରା ବିବାହ ପରମ୍ପରା ପାଇଁ ପରିଚିତ। ଏମାନଙ୍କର ବିବାହ ତିନିଦିନ ଧରି ପାଳନ ହେଉଥିବାବେଳେ ଏଥିରେ ଅନେକ ସ୍ୱତନ୍ତ୍ର ପରମ୍ପରାର ପାଳନ ହୋଇଥାଏ। ବିବାହ ଚାରୋଟି ପର୍ଯ୍ୟାୟରେ ହୋଇଥାଏ, ଯଥା- ପ୍ରସ୍ତାବ ଖୋଜିବା, ବିବାହ ସ୍ଥିର କରିବା, କନିଆ ପାଉଣା ଦେବା ଏବଂ ବିବାହ ଉତ୍ସବ। ବରଘର ଲୋକେ ବିବାହ ପ୍ରସ୍ତାବ ସମୟରେ ସୋଙ୍ଗ୍‌ଡିଙ୍ଗ୍ ଚାକୁ କନିଆ ଘରକୁ ଉପହାରରେ ଦେଇଥାନ୍ତି। ଏହାର ଅର୍ଥ ନିର୍ବନ୍ଧ ଚା'। ଏଥିରେ ମିଶିରି, ଶୁଖିଲା ଲବଙ୍ଗ, ଚା 'ପତି ଏବଂ ଅଖରୋଟ ଥାଏ। ଏହା ଚାରୋଟି ଭିନ୍ନ ଭିନ୍ନ ରଙ୍ଗର କାଗଜରେ ଗୁଡ଼ା ଯାଇଥାଏ। କନିଆ ପରିବାର ଏହି ଉପହାର ସ୍ୱୀକାର କଲେ, ସେମାନେ ବିବାହରେ ରାଜି ଅଛନ୍ତି ବୋଲି ବୁଝାଯାଏ। ବାଓଆନ ସମ୍ପ୍ରଦାୟରେ ବିବାହ ଦିନ କନିଆ ଘରୁ କେତେକ ମହିଳା ବରଘରକୁ ଯାଇଥାନ୍ତି। ମଜାରେ ରୋଷେଇ ବାସନରୁ କଳାଆଣି ବର ପିତାଙ୍କ ମୁହଁରେ ଲଗାନ୍ତି। ଏହା ଶୁଭେଚ୍ଛା ଦେବାର ପ୍ରତୀକ ଭାବେ ଜଣାଯାଏ। ସେହିପରି ବିବାହ ପରେ କନିଆ ବର ଘରେ ପହଞ୍ଚିବା ପରେ ଅତିଥିମାନେ ଖାଇବା ପାଇଁ ଆସିଥାନ୍ତି। ହେଲେ ସେଠାରେ କନିଆ ଉପସ୍ଥିତ ନଥାନ୍ତି। ପରମ୍ପରା ଅନୁଯାୟୀ, ତିନିଦିନ ଧରି କନିଆ ବରଘରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତିନି। ସେ ବାପ ଘରୁ ନେଇଥିବା ଖାଦ୍ୟ ଖାଇଥାଏ। ଏହି ପ୍ରଥା କନିଆର ପିତାମାତାଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଏବଂ ପାଳନ ପୋଷଣ ପ୍ରତି କୃତଜ୍ଞତାର ପ୍ରତୀକ ଭାବେ ଜଣାଯାଏ।

## ଡିଗ୍ରୀ ସତ୍ତ୍ୱେ ମିଳୁନି ଚାକିରି

**ବର୍ତ୍ତମାନ ଅନେକ ଯୁବପିଢ଼ିଙ୍କ ପାଖରେ ଡିଗ୍ରୀ ଥିଲେ ବି ଚାକିରି ମିଳୁନି। ପ୍ରଶ୍ନ ଉଠୁଛି ଚାକିରି ଲାଗି ଡିଗ୍ରୀ କ'ଣ ଯଥେଷ୍ଟ ନୁହେଁ? କୁହାଯାଉଛି, ସମସ୍ୟା କେବଳ ଡିଗ୍ରୀର ନୁହେଁ, ବରଂ ପ୍ରସ୍ତୁତିର। ବିଶେଷଜ୍ଞଙ୍କ ମତରେ, ଶ୍ରେଣୀଗୃହରେ ପଢ଼ାଯାଉଥିବା ପାଠ କାର୍ଯ୍ୟକ୍ଷେତ୍ରରେ କାମରେ ଆସି ନ ଥାଏ। କାମ ବିଷୟରେ ପଢ଼ିବା ଏବଂ କାମ କରିକି ଶିଖିବା ମଧ୍ୟରେ ଅନେକ ଫରକ୍ ଅଛି। ତେଣୁ ପଢ଼ା ସହିତ ଯେକୌଣସି ସଂସ୍ଥାନରେ କାମ କରି ନିଜ ଭିତରେ ଉପଯୁକ୍ତ କୌଶଳକୁ ବିକଶିତ କରିବା ଖୁବ୍ ଜରୁରି।**



ଅଧିକାଂଶ ଲୋକ ଥିଓରିରେ ଭଲ ପ୍ରଦର୍ଶନ ଦେଖାଇଥାନ୍ତି। ହେଲେ ଅଫିସ୍ କିମ୍ବା ଇଣ୍ଡଷ୍ଟ୍ରିରେ ପାଦ ରଖିବା ମାତ୍ରେ ହିଁ ସେମାନଙ୍କ ମନରେ ଅଜଣା ଭୟ ଆସିଯାଏ। କାରଣ କାମରେ ଥିବା ଟାଇମ୍ ପ୍ରେଶର, ଟାର୍ଗେଟ, ଟିମ୍‌ୱାର୍କ ଏବଂ ଦାୟିତ୍ୱବୋଧ ସେମାନଙ୍କୁ ଜଣା ନ ଥାଏ। ଏସବୁ କୌଶଳ ସେମାନଙ୍କୁ ବହିରୁ ଶିଖିବାକୁ ମିଳି ନ ଥାଏ। ତେଣୁ ବିଶେଷଜ୍ଞମାନେ କହନ୍ତି, କାମ ବିଷୟରେ ପଢ଼ିବା ଏବଂ କାମ କରିକି ଶିଖିବା ମଧ୍ୟରେ ଅନେକ ଫରକ ଅଛି। ବର୍ତ୍ତମାନ ଏକଥା କୁହାଯାଉଛି ଯେ, ଇଣ୍ଟର୍ଣ୍ଣସିପ୍‌କୁ ଯୁବପିଢ଼ି କେବଳ ଔପଚାରିକତା ବୋଲି ନ ଭାବନ୍ତୁ। ପଢ଼ା ସହିତ ଦୀର୍ଘ ସମୟ ପର୍ଯ୍ୟନ୍ତ ଯେକୌଣସି ସଂସ୍ଥାନରେ କାମ କରିବାର ସୁଯୋଗ ମିଳିବା ଦରକାର। ଅନ୍ୟପଟେ ଯେତେବେଳେ କାମକୁ ପଢ଼ା ଭଳି ମୂଲ୍ୟାଙ୍କନ କରାଯିବ, ଛାତ୍ର ଦାୟିତ୍ୱବୋଧର ସହ ଏନେଇ ଥିବା କଳା, କୌଶଳ ଶିଖିପାରିବେ। ସେହିପରି ଏବେ ବି କଲେଜର ସଫଳତା ପ୍ଲେସ୍‌ମେଣ୍ଟ ହିସାବରେ ମୂଲ୍ୟାଙ୍କନ କରାଯାଉଛି। ହେଲେ ଏବେ ଚାକିରି ବଦଳୁଛି, କୌଶଳ ବି ବଦଳୁଛି। ତେଣୁ ବାରମ୍ବାର ନିଜକୁ ଅପଡେଟ୍ କରିବାର କ୍ଷମତା ନିଜ ଭିତରେ ସୃଷ୍ଟି କରିବା ଦରକାର। ସେହିପରି କ୍ୟାରିୟରରେ ଦୀର୍ଘ ବର୍ଷ ତିଷ୍ଠି ରହିବା ପାଇଁ ହିଁ ହେଉଛି ପ୍ରକୃତ ସଫଳତା। ଅନେକ ଛାତ୍ରଙ୍କ ଲାଗି ପାଠପଢ଼ିବା କେବଳ ଏକ ସ୍ୱପ୍ନ ନୁହେଁ, ଆର୍ଥିକ ସଂଘର୍ଷ ମଧ୍ୟ। ତେଣୁ ଏବେ ଏମିତି ପଢ଼ାର ଆବଶ୍ୟକତା, ଯାହାକି କେବଳ ଡିଗ୍ରୀ ନୁହେଁ, ବରଂ କାମ, ଭବିଷ୍ୟତ, ଆତ୍ମବିଶ୍ୱାସ ତିନିଟିକୁ ଏକସଙ୍ଗରେ ନେଇ ଚାଲିବ।


## ସମ୍ଭାବନା



## ପରୀକ୍ଷା ଅବସାଦ

**ପରୀକ୍ଷା ସମୟ ପାଖେଇ ଆସିଲେ କିଛି ଛାତ୍ରଛାତ୍ରୀ ଖୁବ୍ ଭୟଭୀତ ହୋଇଥାନ୍ତି। ଏହାକୁ ପରୀକ୍ଷା ଅବସାଦ ବୋଲି କୁହାଯାଏ। ସେହିପରି ଏହାର ପ୍ରଭାବ ସେମାନଙ୍କ ପରୀକ୍ଷା ଫଳ ଉପରେ ଦେଖିବାକୁ ମିଳେ।**

- ପରୀକ୍ଷା ପୂର୍ବରୁ ଛାତ୍ରଛାତ୍ରୀ ଅଧିକ ଚିନ୍ତା ଓ ଭୟରେ ରହିଲେ ସେମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୁଏ।
- ପରୀକ୍ଷା ପାଇଁ ଅଧିକ ଚିନ୍ତାରେ ରହିଲେ ଜ୍ୱର ହୁଏ। ଫଳରେ ପରୀକ୍ଷାରେ ସେମାନେ ସଫଳ ହୋଇ ନ ଥାନ୍ତି।
- ଅବସାଦ ଯୋଗୁଁ ଅନେକ ସମୟରେ ପେଟ ଯନ୍ତ୍ରଣା ହୁଏ। ପଢ଼ାରେ ମନ ଲାଗେ ନାହିଁ।
- ପରୀକ୍ଷା ସମୟରେ ଅଧିକାଂଶ ପିଲା ଭଲଭାବେ ଶୋଇପାରନ୍ତି ନାହିଁ। ଏହା ପଛର କାରଣ ହେଉଛି ପରୀକ୍ଷା ଚିନ୍ତା।
- ଚିନ୍ତାରେ ରହି ବେଶି ସମୟ ପଢ଼ିବା ଦ୍ୱାରା ପାଠ ମନେ ରହେ ନାହିଁ।
- ତେବେ ପରୀକ୍ଷାରେ ଭଲ କରିବାକୁ ଚାହୁଁଥିଲେ, ଅବସାଦ ବା ଚିନ୍ତାମୁକ୍ତ ରହିବା ଜରୁରି।



## ୟୁଟ୍ୟୁବ୍‌ର 'ସର୍ଟସ୍ ଟାଇମର୍ ଫିଚର୍'




ଆଜିକାଲି ସର୍ଟସ ଦେଖିବା ଲୋକଙ୍କ ପାଇଁ ନିଶା ପାଲଟିଛି। ଫଳରେ ଲୋକେ ଏଥିରେ ଘଣ୍ଟା ଘଣ୍ଟା ଧରି ସମୟ ଅତିବାହିତ କରୁଛନ୍ତି। ହେଲେ ଏବେ ୟୁଟ୍ୟୁବ୍‌ରେ ଏକ ନୂଆ ଫିଚର ଆସିଛି। ଯାହାକି ଲୋକଙ୍କ ସମୟ ସଞ୍ଚୟ କରିବାରେ ସାହାଯ୍ୟ କରିବ। ଏବେ ୟୁଟ୍ୟୁବ୍‌ରେ 'ସର୍ଟସ ଫିଡ୍ ଲିମିଟ୍' ଫିଚର୍ ଆସିଛି। ଏହାକୁ ସର୍ଟସ ଟାଇମ୍ କିମ୍ବା ଡେଲି ଲିମିଟ୍ ବି କୁହାଯାଇପାରିବ। ଏହି ଫିଚର ମାଧ୍ୟମରେ ଏହା ସୁନିଶ୍ଚିତ କରିପାରିବେ ଯେ, ପ୍ରତିଦିନ ୟୁଟ୍ୟୁବ୍‌ରେ କେତେ ସମୟ ପର୍ଯ୍ୟନ୍ତ ୟୁଟ୍ୟୁବ୍ ସର୍ଟସ ଦେଖିପାରିବେ। ସେହିପରି ନିର୍ଦ୍ଧାରିତ ସମୟ ପୂରା ହେବା ମାତ୍ରେ ହିଁ ସର୍ଟସ ଫିଡ୍ ଆପେ ଆପେ ପଜ୍ ହୋଇଯିବ ଏବଂ ସ୍କ୍ରିନ୍‌ରେ ରିମାଇଣ୍ଡର ଦୃଷ୍ଟିଗୋଚର ହେବ। ଏହି ଫିଚର ବିଶେଷକରି ବଢୁଥିବା ସ୍କ୍ରିନ ସମୟ, ଡିଜିଟାଲ ଆଡିକସନ ଏବଂ ପିଲାଙ୍କୁ ଅନଲାଇନ୍ କଣ୍ଟେଣ୍ଟ କଣ୍ଟ୍ରୋଲକୁ ନଜରରେ ରଖି ପରିଚିତ କରାଯାଇଛି। ଏହି ଫିଚର ଏମିତି ଏକ ଟୁଲ୍, ଯାହା ବ୍ୟବହାରକାରୀଙ୍କୁ ସର୍ଟସ ଭିଡିଓ ଦେଖିବା ସମୟରେ ଅନଲିମିଟେଡ୍ ସ୍କ୍ରଲିଂରୁ ରକ୍ଷା କରେ। ଏହି ସମସ୍ୟାକୁ ରୋକିବା ଲାଗି ୟୁଟ୍ୟୁବ୍ ଏହି ସୁବିଧା ଆରମ୍ଭ କରିଛି। ଏଥିରେ ବ୍ୟବହାରକାରୀ ଏକଥା ସୁନିଶ୍ଚିତ କରିପାରିବେ, ପ୍ରତିଦିନ ୟୁଟ୍ୟୁବ୍‌ରେ କେତେ ସମୟ ପର୍ଯ୍ୟନ୍ତ ସର୍ଟସ ଦେଖିବେ। ଏ ଲାଗି ପ୍ରଥମେ ୟୁଟ୍ୟୁବ୍‌ରେ ଟାଇମର ସେଟ୍ କରିବାକୁ ହେବ। ଏହା ପରେ ସ୍କ୍ରିନ୍‌କୁ ମେସେଜ ଆସିବ। ଏବେ ଏହି ଫିଚର୍ ୟୁଟ୍ୟୁବ୍ ମୋବାଇଲ ଆପ୍‌ରେ ଉପଲବ୍ଧ। ଅନ୍ୟପଟେ ଏହି ଫିଚର୍ ପିଲାଙ୍କୁ ଡିଜିଟାଲ ଆଡିକସନରୁ ରୋକିବା ଦିଗରେ ଏକ ବଡ଼ ପଦକ୍ଷେପ ବୋଲି ବିଚାର କରାଯାଉଛି।

## କେମିତି ବଢ଼େ ଖର୍ଚ୍ଚ



**ସାଧାରଣତଃ କୁହାଯାଏ ଲୋକଙ୍କ ଆୟ ବଢ଼ିଲେ ଖର୍ଚ୍ଚ ବୃଦ୍ଧି ପାଏ। ଦାମୀ ପୋଷାକ କିଣିବାଠାରୁ ଆରମ୍ଭ କରି ମହଙ୍ଗା ଫୋନ ଧରିବା, ଅନଲାଇନ୍ ସପିଂ କରିବାକୁ ଭଲ ଲାଗେ। ଧୀରେ ଧୀରେ ଏ ସବୁ ପାଇଁ ଖର୍ଚ୍ଚ ବଢ଼ିଥାଏ।**

- ଦରମା ବଢ଼ିଲେ ଜୀବନଶୈଳୀ ବି ଆପେ ଆପେ ଅପଗ୍ରେଡ୍ ହୁଏ। ବ୍ରାଣ୍ଡେଡ ଜିନିଷ ବ୍ୟବହାର କରିବାକୁ ଇଚ୍ଛା ହୁଏ। ବାରମ୍ବାର ବାହାର ଖାଦ୍ୟ ଖାଇବା ଅଭ୍ୟାସରେ ପରିଣତ ହୋଇଯାଏ।
- ରୋଜଗାର ବଢ଼ିବା ଦ୍ୱାରା ମାଇଣ୍ଡସେଟ୍‌ରେ ପରିବର୍ତ୍ତନ ଆସିଥାଏ। ଲୋକେ ଭାବନ୍ତି ଏବେ ସବୁ କିଛି କରିବାକୁ ସକ୍ଷମ। ଏହି ଚିନ୍ତାଧାରା ଯୋଗୁଁ ସେମାନେ ଅନେକ କିଛି ଅଯଥା ଖର୍ଚ୍ଚ କରିବା ଆରମ୍ଭ କରନ୍ତି।
- ଆୟ ବଢ଼ିବା ଦ୍ୱାରା ଅନେକଙ୍କ ପାଇଁ ସଞ୍ଚୟ ଗୁରୁତ୍ୱ ବହନ କରେ ନାହିଁ। ତେଣୁ ସେମାନେ ପ୍ରଥମେ ଖର୍ଚ୍ଚ କରି ଯାହା ବଳିବ ସଞ୍ଚୟ କରିବା କଥା ଭାବନ୍ତି। ଫଳରେ ସଞ୍ଚୟ ଆଦୌ ହୋଇପାରେ ନାହିଁ।
- ସାମାଜିକ ଚାପ ଏବଂ ତୁଳନା ବି ଖର୍ଚ୍ଚ ବୃଦ୍ଧିର ଅନ୍ୟତମ କାରଣ।
- ତେଣୁ ସର୍ବଦା ଦରମା ମିଳିବା ମାତ୍ରେ ପ୍ରଥମେ କିଛି ଅର୍ଥ ସଞ୍ଚୟ କରିବା ଦରକାର।

● ପୁଣି ଦୋହରାଇଲା ବାଂଲାଦେଶ

## ଭାରତରେ ଟି-୨୦ ବିଶ୍ୱକପ୍ ଖେଳିବନି

ଢାକା,୨୦।୧(ଏଜେନ୍ସି): ଭାରତରେ ଆମ ଖେଳାଳିଙ୍କ ଜୀବନପ୍ରତି ବିପଦ ଅଛି। ଆମ ଖେଳାଳି (ଆଇପିଏଲ୍‌ରୁ ମୁସ୍ତାଫିଜର ରହେମାନ)ଙ୍କୁ ସେମାନେ କୌଣସି କାରଣ ନ ଦର୍ଶାଇ ବିଦା କରିଛନ୍ତି। ଦୁଇ ଦେଶ ମଧ୍ୟରେ ବିଭିନ୍ନ କାରଣକୁ ନେଇ ରାଜନୈତିକ ଓ କୁଟନୈତିକ ସ୍ତରରେ ଉତ୍ତେଜନା ଲାଗି ରହିଛି। ଏଭଳି ସମୟରେ ଆମେ ଭାରତରେ ଟି-୨୦ ବିଶ୍ୱକପ୍ ଖେଳିବାକୁ ଯିବନାହିଁ ବୋଲି ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ କ୍ରୀଡ଼ା ପରାମର୍ଶଦାତା (ଭାରତରେ ମନ୍ତ୍ରୀଙ୍କ ସହ ସମାନ) ଆସିଫ୍ ନାଜରୁଲ କହିଛନ୍ତି। ଆମେ ଏ ସମ୍ପର୍କରେ ଆଇସିସିକୁ ଅବଗତ କରାଇଥିଲୁ। ଗତ ସପ୍ତାହରେ ସେମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲୁ। ଆମର ଭେନ୍ୟୁ ଭାରତରୁ ଶ୍ରୀଲଙ୍କାକୁ ବଦଳାଇବା ଲାଗି ଅନୁରୋଧ କରିଥିଲୁ। ଅତୀତରେ ଭେନ୍ୟୁ ବଦଳାଇବାକୁ ପାକିସ୍ତାନକୁ ଅନୁମତି ଦିଆଯାଇଥିଲା। ଆମକୁ ସେପରି ଅନୁମତି ନ ହେଲେ ବିଶ୍ୱକପ୍‌ରୁ ବାଦ୍ ପଡ଼ିଲେ ମଧ୍ୟ ଆମେ ଭାରତରେ ଖେଳିବୁ ନାହିଁ। ଆମେ ପୂର୍ବରୁ ଯେଉଁ ନିଷ୍ପତ୍ତି ନେଇଥିଲୁ ସେଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଭାରତୀୟ କ୍ରିକେଟ ବୋର୍ଡ ଚାପରେ ଆଇସିସି ତାହାର ନିଷ୍ପତ୍ତି ପରିବର୍ତ୍ତନ ନ କଲେ ଆମେ ଭାରତ ଯିବୁ ନାହିଁ ବୋଲି ନାଜରୁଲ କହିଛନ୍ତି। ଭାରତରେ ବିଶ୍ୱକପ୍ ଖେଳିବ କି ନାହିଁ ୨୧ ତାରିଖ ବା ବୁଧବାର ସୁଦ୍ଧା ଜଣାଇବାକୁ ବାଂଲାଦେଶକୁ ଆଇସିସି ଡେଡ୍‌ଲାଇନ୍ ଧାର୍ଯ୍ୟ କରିଛି।

## ବିସିସିଆଇରୁ ଉଠିବ ଗ୍ରେଡ୍ ଏ+ କାଟେଗୋରୀ

ମୁମ୍ବାଇ, ୨୦।୧ (ଏଜେନ୍ସି): ଭାରତ ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳୁଥିବା ପ୍ରମୁଖ ଖେଳାଳିଙ୍କ ଲାଗି ଉଦ୍ଦିଷ୍ଟ ଗ୍ରେଡ-ଏ' କାଟେଗୋରୀକୁ ବିସିସିଆଇ କେନ୍ଦ୍ରୀୟ ଚୁକ୍ତିରୁ ହଟାଇଦେବ। ଅଜିତ ଅଗରକରଙ୍କ ନେତୃତ୍ୱରେ ଗଠିତ ଜାତୀୟ ସିନିଅର ଚୟନ କମିଟି ଏହା ସୁପାରିସ କରିଛି। ଏବେ କେବଳ ଏ, ବି, ସି ଗ୍ରେଡ୍‌ରେ ବାର୍ଷିକ ଚୁକ୍ତି କରିବାକୁ କମିଟି ସୁପାରିସ୍ କରିଥିବା କଥା ବିସିସିଆଇ ସୂତ୍ରରୁ ଜଣାଯାଇଛି। ଏବେ ଗ୍ରେଡ ଏ+ କାଟେଗୋରୀରେ ୪ଜଣ ଖେଳାଳି ଯଥା ବିରାଟ କୋହଲି, ରୋହିତ ଶର୍ମା, ରବୀନ୍ଦ୍ର ଜାଡେଜା ଓ ଯଶପ୍ରୀତ୍ ବୁମ୍‌ରାଙ୍କୁ ଦିଆଯାଇଛି। ଏମାନେ ମ୍ୟାଚ୍ ଫି' ବ୍ୟତୀତ ୭ କୋଟି ଟଙ୍କା ବର୍ଷକୁ ଦିଆଯାଉଛି। ଏହାକୁ ଉଠାଇଦେବା ଲାଗି ପ୍ରସ୍ତାବ ଦିଆଯାଇଛି। ବିସିସିଆଇର ପରବର୍ତ୍ତୀ ଆପେକ୍ସ କାଉନ୍ସିଲ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଏବେ ଗ୍ରେଡ୍-ଏ'ରେ ଥିବା ଖେଳାଳିଙ୍କୁ ବାର୍ଷିକ ୫ କୋଟି, ଗ୍ରେଡ୍-ବି' ଲାଗି ୩ କୋଟି ଓ ଗ୍ରେଡ୍-ସି' ଲାଗି ୧ କୋଟି ଟଙ୍କା ଦିଆଯାଉଛି। ଏହା ବ୍ୟତୀତ ମ୍ୟାଚ୍ ଫି ମଧ୍ୟ ଖେଳାଳିମାନେ ପାଉଛନ୍ତି। ଏହି ସୁପାରିସ୍ ଲାଗୁ ହେଲେ ଏବେ କେବଳ ଦିନିକିଆ ଖେଳୁଥିବା ରୋହିତ, କୋହଲି ଓ ଜାଡେଜା ଗ୍ରେଡ୍-ବି'ରେ ରହିବେ।

ନାଗପୁରରେ ଆଜିଠାରୁ ଭାରତ-ନ୍ୟୁଜିଲାଣ୍ଡ ସିରିଜ୍

# ଟି-୨୦ ବିଶ୍ୱକପ୍ ଲାଗି ଶେଷ ପ୍ରସ୍ତୁତି

ନାଗପୁର,୨୦।୧(ଏଜେନ୍ସି): ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ସ୍ଥାନୀୟ ବିଦର୍ଭ କ୍ରିକେଟ ଗ୍ରାଉଣ୍ଡରେ ଆସନ୍ତାକାଲିଠାରୁ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଆରମ୍ଭ ହେବ। ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଟି-୨୦ ବିଶ୍ୱକପ୍ ଖେଳାଯିବ। ଏହି ବିଶ୍ୱକପ୍ ପୂର୍ବରୁ ଉଭୟ ଦଳ ଲାଗି ଏହା ଶେଷ ପ୍ରସ୍ତୁତି। ଏହି ୫ଟି ମ୍ୟାଚ୍‌ରୁ ଉଭୟ ଦଳ ସେମାନଙ୍କ ଶ୍ରେଷ୍ଠ ଦଳ ଜାନୁଆରୀ ୩୦ ସୁଦ୍ଧା ଚୟନ କରିବେ। ଉଭୟ ଦଳ ଆହତ ସମସ୍ୟା, ଫର୍ମରେ ନ ଥିବା ଖେଳାଳିଙ୍କୁ ନେଇ ଚିନ୍ତିତ। ନ୍ୟୁଜିଲାଣ୍ଡ ଅପେକ୍ଷା ଭାରତର ସମସ୍ୟା ଅଧିକ। ଏଭଳି ସମୟରେ ବିଶ୍ୱକପ୍ ପୂର୍ବରୁ ଖେଳାଯିବାକୁ ଥିବା ୫ଟି ମ୍ୟାଚ୍ ଦଳର ସନ୍ତୁଳନକୁ ସଜାଡିନେବ ବୋଲି ଆଶା କରାଯାଉଛି। ଅଧାଡଜନେ ପ୍ରଥମ ପସନ୍ଦର ଖେଳାଳିଙ୍କ ଅନୁପସ୍ଥିତିରେ ଭ୍ରମଣକାରୀ ଦଳ ଘରୋଇ ମାଟିରେ ଅପରାଜେୟ ମନେହେଉଥିବା ଭାରତକୁ ୨-୧ ବ୍ୟବଧାନରେ ଦିନିକିଆ ସିରିଜ୍ ଜିତିବା ପରେ ଦଳର ମନୋବଳ ବୃଦ୍ଧି ପାଇଛି। ୨୦୦୭ ଟି-୨୦ ବିଶ୍ୱକପ୍‌ରୁ ଉଭୟ ଦଳ ମଧ୍ୟରେ ମୁକାବିଲା ହୋଇଆସୁଛି। କିନ୍ତୁ ଭାରତରେ ଖେଳାଯାଇଥିବା ଦ୍ୱିପାକ୍ଷିକ ସିରିଜ୍‌ରେ ନ୍ୟୁଜିଲାଣ୍ଡ ଏଯାଏ ଜିତିନାହିଁ। ୨୦୨୪ରେ ଟେଷ୍ଟ, ୨୦୨୬ରେ ଦିନିକିଆ ସିରିଜ୍ ଜିତିଥିବା ନ୍ୟୁଜିଲାଣ୍ଡ ଏହି ସିରିଜ୍ ଯେ ନ ଜିତିବା ତାହାର ଭବିଷ୍ୟବାଣୀ କରିବା କଷ୍ଟକର।

ଘରୋଇ ଦଳର ସବୁଠାରୁ ବଡ଼ ସମସ୍ୟା ହେଲା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫର୍ମରେ ନ ରହିବା। ୨୦୨୪ ନଭେମ୍ବର ପରଠାରୁ ସେ ଖେଳିଥିବା ୧୯ଟି ମ୍ୟାଚ୍‌ରେ ୮.୧୧ ହାର ଓ ୧୧୦ ଷ୍ଟ୍ରାଇକ୍‌ରେଟ୍‌ରେ ରନ୍ ସଂଗ୍ରହ କରିଛନ୍ତି। ସମସ୍ତ ମ୍ୟାଚ୍‌ରେ ଆଉଟ ହୋଇଥିଲାବେଳେ ପେସ୍ ବୋଲରଙ୍କ ଦ୍ୱାରା ୧୮ଥର ଆଉଟ ହୋଇଛନ୍ତି। ଏହା ମଧ୍ୟରୁ ୧୬ଥର ସେ କ୍ୟାଚ୍ ଆଉଟ ହୋଇଛନ୍ତି। ସବୁଥିରେ ସେ ସହଜରେ ଆଉଟ ହୋଇଛନ୍ତି। ଏଣୁ ତାଙ୍କ ଉପରେ ଭରସା କରିବା କଷ୍ଟକର। ଅନ୍ୟ ଜଣେ ବ୍ୟାଟର ତିଳକ ବର୍ମା ଆହତ ହୋଇ ଦଳରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ



**ଖେଳ ଆରମ୍ଭ: ରାତି ୭ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ: ଜିଓହଟ୍‌ଷ୍ଟାର**

ଇଶାନ କିସାନ କିମ୍ବା ଶ୍ରେୟସ ଆୟରଙ୍କୁ ସ୍ଥାନ ମିଳିପାରେ। ଶେଷରେ ଶୁବମନ ଗିଲ୍‌ଙ୍କୁ ଟି-୨୦ ଦଳରୁ ବାଦ୍ ଦେବା ପରେ ଭଲ ଫର୍ମରେ ଥିବା ସଞ୍ଜୁ ସାମସନ ଏଥର ଭଲ ଖେଳିବେ ବୋଲି ଆଶା। ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ ଓ ହର୍ଷିତ ରାଣାଙ୍କ ଭଳି ସ୍ପେଶାଲିଷ୍ଟ ପେସ ବୋଲର ରହିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ ଦୁବେ ମଧ୍ୟ ପେସ୍ ବୋଲିଂ କରିବେ। ଦଳରେ ୪ଜଣ ସ୍ପିନର ରହିଛନ୍ତି। ଦୁଇ ବାମହାତୀ ଅକ୍ଷର ପଟେଲ ଓ କୁଲଦୀପ ଯାଦବ ସ୍ପିନ ବୋଲିଂରେ ସିଦ୍ଧହସ୍ତ। ଦିନିକିଆ ସିରିଜ୍‌ରେ କୁଲଦୀପ ପ୍ରଭାବହୀନ ହୋଇଥିଲେ। କିନ୍ତୁ ବରୁଣ ଚକ୍ରବର୍ତ୍ତୀ ଓ ରବି ବିଷ୍ଣୋଇଙ୍କୁ ମୁକାବିଲା କରିବା ନ୍ୟୁଜିଲାଣ୍ଡ ଲାଗି କଷ୍ଟକର ହୋଇପାରେ।

ଅନ୍ୟପକ୍ଷରେ ଦିନିକିଆ ସିରିଜ୍‌ରେ ଜବରଦସ୍ତ ଫର୍ମରେ ଥିବା ଡାରିଲ ମିଚେଲ ଟି-୨୦ ସିରିଜ୍‌ରେ ମଧ୍ୟ ସମାନ ପ୍ରଦର୍ଶନ କରିବେ ବୋଲି ଅଧିନାୟକ ମିଚେଲ ସାଣ୍ଟନର ପ୍ରକାଶ କରିଛନ୍ତି। ଦଳକୁ ସମସ୍ତ ପ୍ରଥମ ପସନ୍ଦର ଖେଳାଳି ପ୍ରତ୍ୟାବର୍ତ୍ତନ କରିଛି। ଭାରତ ସହ ଶେଷ ଦିନିକିଆରେ ମାଇକେଲ ବ୍ରେସ୍‌ୱେଲ ଆହତ ହୋଇଛନ୍ତି। ତାଙ୍କ ସ୍ଥାନରେ କ୍ରିଷ୍ଟିଆନ୍ କ୍ଲାର୍କଙ୍କୁ ଦଳରେ ସାମିଲ କରାଯାଇଛି। ମ୍ୟାଟ ହେନରୀ, କାଏଲ ଜାମିସନ, ଜାକାରୀ ଫୋକ୍ସ ଓ ଜ୍ୟାକବ ଡଫି ଫ୍ରଣ୍ଟଲାଇନ୍ ଫାଷ୍ଟ ବୋଲର ରହିଛନ୍ତି। ଅଧିନାୟକ ମିଚେଲ ସାଣ୍ଟନର ଓ ଇସ୍ ସୋଧି ଦଳର ସ୍ପିନ୍ ଦାୟିତ୍ୱ ସମ୍ଭାଳିବେ।

### ଟିମ୍


**ଭାରତ:** ଅଭିଷେକ ଶର୍ମା, ସଞ୍ଜୁ ସାମସନ ଓ ଇଶାନ କିସାନ (ଉଭୟ ୱିକେଟରକ୍ଷକ), ଶ୍ରେୟସ ଆୟର, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ରିଙ୍କୁ ସିଂ, ଅକ୍ଷର ପଟେଲ, ରବି ବିଷ୍ଣୋଇ, ବରୁଣ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ ଓ ହର୍ଷିତ ରାଣା।

**ନ୍ୟୁଜିଲାଣ୍ଡ:** ଡେଭନ କନୱେ (ୱିକେଟରକ୍ଷକ), ଟିମ୍ ରବିନସନ, ରାଚିନ ରବୀନ୍ଦ୍ର, ମାର୍କ ଚାପ୍‌ମ୍ୟାନ୍, ଡାରିଲ ମିଚେଲ, ଗ୍ଲେନ୍ ଫିଲିପ୍ସ, ବିଭନ ଜ୍ୟାକବ୍ସ, ମାଇକେଲ ବ୍ରେସ୍‌ୱେଲ, ଜେମ୍ସ ନୀଶାମ, ମିଚେଲ ସାଣ୍ଟନର (ଅଧିନାୟକ), ଜାକାରୀ ଫୋକ୍ସ, ଜ୍ୟାକବ ଡଫି, ମ୍ୟାଟ ହେନରୀ, କାଏଲ ଜାମିସନ, ଇସ୍ ସୋଧି ଓ କ୍ରିଷ୍ଟିଆନ୍ କ୍ଲାର୍କ (ପ୍ରଥମ ୩ଟି ମ୍ୟାଚ୍ ଲାଗି)।

ଅଷ୍ଟ୍ରେଲିଆନ୍ ଓପନ୍

## ସିନ୍ନର ଆଗେଇଲେ; ମୋନଫିଲ୍ସ ନିରାଶ

ମେଲବୋର୍ଣ୍ଣ, ୨୦।୧ (ଏଜେନ୍ସି): ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍‌ର ୩ୟ ଦିବସ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଡିଫେଣ୍ଡିଂ ଚାମ୍ପିଅନ ତଥା ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ଜାନିକ ସିନ୍ନର ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ରାଉଣ୍ଡର ଏକ ମ୍ୟାଚରେ ସିନ୍ନରଙ୍କ ମୁକାବିଲା ଫ୍ରାନ୍ସର ହୁଗୋ ଗାସଟନ୍‌ଙ୍କ ସହ ହୋଇଥିଲା। ତେବେ ସିନ୍ନର ୬-୧, ୬-୧ ସେଟରେ ଆଗୁଆ ରହିଥିବାବେଳେ ହୁଗୋ ୩ୟ ସେଟ୍ ନ ଖେଳି ରିଟାୟର୍ଡ ନେଇଥିଲେ। ଅପରପକ୍ଷରେ ନିଜର ଶେଷ ଅଷ୍ଟ୍ରେଲିଆନ୍ ଓପନ୍ ଖେଳୁଥିବା ଫ୍ରାନ୍ସର ଗେଲ୍ ମୋନଫିଲ୍ସଙ୍କୁ ନିରାଶ ହେବାକୁ ପଡ଼ିଛି। ଘରୋଇ ଅଷ୍ଟ୍ରେଲିଆର କ୍ୱାଲିଫାୟର ଖେଳାଳି ଡେନ୍ ସ୍ୱିନୀ ୬-୭ (୩/୭), ୭-୫, ୬-୪, ୭-୫ ସେଟ୍‌ରେ ମୋନଫିଲ୍ସଙ୍କୁ ପ୍ରଥମ ରାଉଣ୍ଡରେ ହରାଇ ଦେଇଛନ୍ତି। ୩୯ ବର୍ଷୀୟ ମୋନଫିଲ୍ସଙ୍କ ଏହା ୨୦ତମ ଅଷ୍ଟ୍ରେଲିଆନ୍ ଓପନ୍ ଥିଲା। ୨୦୧୬ ଓ ୨୦୨୨ରେ କ୍ୱାର୍ଟର ଫାଇନାଲ ପ୍ରବେଶ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ପୁରୁଷ ବିଭାଗରେ ଖେଳାଯାଇଥିବା ଅନ୍ୟ ମୁକାବିଲାଗୁଡ଼ିକରେ ୮ମ ସିଡ୍ ଆମେରିକାର ବେନ୍ ଶେଲଟନ, ୯ମ ସିଡ୍ ଟେଲର ଫ୍ରିଜ, ୫ମ ସିଡ୍ ଇଟାଲୀର ଲୋରେଞ୍ଜୋ ମୁସେଟ୍ଟି, ୩୧ତମ ସିଡ୍ ଜର୍ମାନୀର ଷ୍ଟିଫାନୋସ ସିତ୍‌ସିପାସ୍ ପ୍ରମୁଖ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।



ଓଲେକ୍ସଜାଣ୍ଡ୍ରା ଓଲିନିକୋଭା

**ଇଣ୍ଡୋନେସିଆର ଜାନିସଙ୍କ ଐତିହାସିକ ବିଜୟ:** ୨୮ ବର୍ଷ ପରେ ଇଣ୍ଡୋନେସିଆର ପ୍ରଥମ ଖେଳାଳି ଭାବେ ଜାନିସ ଜେନ ଅଷ୍ଟ୍ରେଲିଆନ୍ ଓପନ୍‌ରେ ଏକ ମ୍ୟାଚ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ମହିଳା ସିଙ୍ଗଲ୍ସର ପ୍ରଥମ ରାଉଣ୍ଡ ମ୍ୟାଚରେ ଜାନିସ ୬-୨, ୭-୬ (୧) ସେଟ୍‌ରେ ୨୨ତମ ସିଡ୍ କାନାଡାର ଲିଲା ଫର୍ଣ୍ଣାଣ୍ଡିଜଙ୍କୁ ହରାଇଥିଲେ। ପ୍ରଥମ ଓ ଶେଷ ଇଣ୍ଡୋନେସିଆ ଖେଳାଳି ଭାବେ ୧୯୯୮ରେ ୟାୟୁକ ବାସୁକି ଅଷ୍ଟ୍ରେଲିଆନ୍ ଓପନ୍‌ରେ ଏକ ମ୍ୟାଚ୍ ଜିତିଥିଲେ। ମଙ୍ଗଳବାର ମହିଳା ଦିବସରେ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଡିଫେଣ୍ଡିଂ ଚାମ୍ପିଅନ ମାଡିସନ କିଜ୍, ୧୬ତମ ସିଡ୍ ନାଓମି ଓସାକା, ୫ମ ସିଡ୍ ଏଲିନା ରିବାକିନା, ୧୦ମ ସିଡ୍ ବେଲିଣ୍ଡା ବେନିକ୍, ୟୁକ୍ରେନ୍‌ର ଓଲେକ୍ସଜାଣ୍ଡ୍ରା ଓଲିନିକୋଭା, କାରୋଲିନା ପ୍ଲିସ୍କୋଭା, ଜେଲିନା ଓସ୍ତାପେଙ୍କୋ ପ୍ରମୁଖ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି।

## ୱିଲ୍ ଦ୍ରୁତତମ ଶତକ ହାସଲକାରୀ

ୱିଣ୍ଡହୋକ, ୨୦।୧ (ଏଜେନ୍ସି): ଚଳିତ ୧୯ ବର୍ଷରୁ କମ୍ ଯୁବ ଦିନିକିଆ କ୍ରିକେଟ୍ ବିଶ୍ୱକପ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ କ୍ରମାଗତ ୨ୟ ବିଜୟ ହାସଲ କରିଛି। ମଙ୍ଗଳବାର ଗ୍ରୁପ୍-ଏ'ର ଏକ ମ୍ୟାଚରେ ଅଷ୍ଟ୍ରେଲିଆ ୮ ୱିକେଟ୍‌ରେ ଜାପାନକୁ ପରାସ୍ତ କରିଛି। ଟସ୍ ଜିତି ଜାପାନ ୫୦ ଓଭରରେ ୮ ୱିକେଟ୍ ହରାଇ ୨୦୧ ରନ କରିଥିଲା। ଜବାବରେ ୱିଲ୍ ମାଲାଜୁକଙ୍କ ବିସ୍ଫୋରକ ଶତକ ବଳରେ ଅଷ୍ଟ୍ରେଲିଆ ୨୯.୧ ଓଭରରେ ୨ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ୫୧ ବଲରେ ଶତକ ହାସଲ କରିଥିବା ୱିଲ୍ ୧୨ଟି ଚୌକା ଓ ୫ଟି ଛକା ବଳରେ ୫୫ ବଲରୁ ୧୦୨ ରନ କରିଥିଲେ। ଏଥିସହ ଯୁବ ଦିନିକିଆ ବିଶ୍ୱକପ୍‌ରେ ୱିଲ୍ ଦ୍ରୁତତମ ଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ପୂର୍ବରୁ ପ୍ରଥମ ମ୍ୟାଚରେ ୮ ୱିକେଟ୍‌ରେ ଆୟର୍ଲାଣ୍ଡକୁ ହରାଇଥିବା ଅଷ୍ଟ୍ରେଲିଆ ୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଶ୍ରୀଲଙ୍କା ସମାନ ୪ ପଏଣ୍ଟ ପାଇଥିଲେ ମଧ୍ୟ ରନରେଟ୍ ଆଧାରରେ ଶୀର୍ଷ ସ୍ଥାନରେ ରହିଛି। ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା। ବୁଧବାର ଇଂଲଣ୍ଡ-ସ୍କଟଲାଣ୍ଡ ଏବଂ ତାଞ୍ଜାନିଆ-ଆଫଗାନିସ୍ତାନ ମଧ୍ୟରେ ମ୍ୟାଚ୍ ଖେଳାଯିବ।

## ଡବ୍ଲ୍ୟୁପିଏଲ୍ ଖେଳିବାରେ ଦୀୟା ସର୍ବକନିଷ୍ଠା କ୍ରିକେଟର୍

ଭଦୋଦରା, ୨୦।୧ (ଏଜେନ୍ସି): ଦିଲ୍ଲୀ କ୍ୟାପିଟାଲ୍ସର ଦୀୟା ଯାଦବ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଖେଳିବାରେ ସର୍ବକନିଷ୍ଠା କ୍ରିକେଟର୍ ହୋଇଛନ୍ତି। ମଙ୍ଗଳବାର ଏଠାରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍ ଖେଳି ଦୀୟା ଡବ୍ଲ୍ୟୁପିଏଲ୍‌ରେ ପଦାର୍ପଣ କରିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ପଦାର୍ପଣ ମ୍ୟାଚ୍ ଖେଳିବାବେଳକୁ ଦୀୟାଙ୍କୁ ୧୬ ବର୍ଷ ୧୦୩ ଦିନ ହୋଇଥିଲା। ପୂର୍ବରୁ ସର୍ବକନିଷ୍ଠା ଖେଳାଳି ଭାବେ ଡବ୍ଲ୍ୟୁପିଏଲ୍ ଖେଳିବାର ରେକର୍ଡ ମୁମ୍ବାଇ ଇଣ୍ଡିଆନ୍ସର ଗୁନାଲାନ କମଲିନୀଙ୍କ ନାମରେ ରହିଛି। କମଲିନୀ ୧୬ ବର୍ଷ ୨୧୩ ଦିନରେ ଡବ୍ଲ୍ୟୁପିଏଲ୍‌ରେ ପଦାର୍ପଣ କରିଥିଲେ। ମଙ୍ଗଳବାର ଖେଳାଯାଇଥିବା ଲିଗ୍‌ର ୧୩ତମ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୭ ୱିକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇ ଦେଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ନାଟାଲୀ ସ୍କିଭର-ବ୍ରଣ୍ଟ (୬୫ ରନ)ଙ୍କ ଅର୍ଦ୍ଧଶତକ ବଳରେ ୫ ୱିକେଟରେ ୧୫୪ ରନ କରିଥିଲା। ଜବାବରେ ଗୋଟିଏ ଓଭର ବଳକା ଥାଇ ୩ ୱିକେଟ୍ ହରାଇ ବିଜୟ ଲାଭ କରିଥିଲା। ଅଧିନାୟିକା ଜେମିମା ରୋଡ୍ରିଗ୍ସେଜ ୫୧ ଓ ଲିଜେଲ ଲି ୪୬ ରନ କରିଥିଲେ।

■ ଜାତୀୟ ଦୃଷ୍ଟିବାଧିତ କ୍ରିକେଟ

## ସେମିରେ ଓଡ଼ିଶା

ଭୁବନେଶ୍ୱର,୨୦।୧(ସମିସ): ରାଜସ୍ଥାନକୁ ୬୧ ରନ୍‌ରେ ପରାସ୍ତ କରି ଓଡ଼ିଶା ହାଇଟେକ୍ ମେଡିକାଲ କଲେଜ୍ ଗ୍ରାଉଣ୍ଡରେ ଆଜି ଅନୁଷ୍ଠିତ ଜାତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ଦ୍ୱିତୀୟ ସେମିରେ ଓଡ଼ିଶା-କର୍ଣ୍ଣାଟକ ମୁକାବିଲା ହେବ। ଆଜିର ମ୍ୟାଚ୍‌ରେ ସୁକାନ୍ତି ଦଳପତିଙ୍କ ୬୩ ଓ ଫୁଲ ସୋରେନଙ୍କ ଅପରାଜିତ ୪୩ ରନ୍ ସହାୟତାରେ ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୧୭୭ ରନ୍ କରିଥିଲା। ଜବାବରେ ରାଜସ୍ଥାନ ୯ ୱିକେଟ ହରାଇ ୧୧୬ ରନ୍ କରିବାକୁ ସମର୍ଥ ହୋଇଥିଲା।




## ଦ.ଆଫ୍ରିକାରେ ଭାରତ ଖେଳିବ ୫ ଟି-୨୦

ମୁମ୍ବାଇ, ୨୦।୧ (ଏଜେନ୍ସି): ଚଳିତବର୍ଷ ଜୁନ୍ ୧୨ରୁ ଇଂଲଣ୍ଡରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ପୂର୍ବରୁ ଭାରତୀୟ ମହିଳା କ୍ରିକେଟ ଦଳ ଦକ୍ଷିଣ ଆଫ୍ରିକାରେ ୫ଟି ଟି-୨୦ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍ ଗୁଡିକ ଏପ୍ରିଲ ୧୭, ୧୯, ୨୨, ୨୫ ଓ ୨୭ରେ ଖେଳାଯିବ। ଆସନ୍ତା ଫେବୃଆରୀ-ମାର୍ଚ୍ଚରେ ଏକ ପୂର୍ଣ୍ଣାଙ୍ଗ ଟୁର୍‌ରେ ଭାରତୀୟ ଦଳ ଅଷ୍ଟ୍ରେଲିଆ ଯିବ। ଏହା ପରେ ଦକ୍ଷିଣ ଆଫ୍ରିକାରେ ୫ଟି ଟି-୨୦ ଓ ଇଂଲଣ୍ଡରେ ଇଂଲଣ୍ଡ ସହ ମେ'ରେ ୩ଟି ଟି-୨୦ ମ୍ୟାଚ୍ ଖେଳିବ।

## ହକି ଇଣ୍ଡିଆ ଲିଗ୍ : କଳିଙ୍ଗ ଲାନ୍ସର୍ସର ଅପରାଜେୟ ଧାରା ଭାଙ୍ଗିଲା



ଭୁବନେଶ୍ୱର, ୨୦।୧ (ସମିସ): ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଚଳିତ ସଂସ୍କରଣରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସର ବିଜୟ ରଥରେ ବ୍ରେକ୍ ଲାଗିଛି। ଆଇକନିକ କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର କଳିଙ୍ଗ ଲାନ୍ସର୍ସ ଏହାର ଶେଷ ଲିଗ୍ ମ୍ୟାଚରେ ୧-୨ ଗୋଲରେ ସୁରମା ହକି କ୍ଲବ ନିକଟରୁ ହାରିଯାଇଛି। ଫଳରେ ଚଳିତ ଲିଗରେ କ୍ରମାଗତ ୬ଟି ମ୍ୟାଚ୍ ଜିତି ଅପରାଜେୟ ରହିଥିବା ଲାନ୍ସର୍ସ ପ୍ରଥମ ପରାଜୟବରଣ କରିଛି। ପରାଜୟ ସତ୍ତ୍ୱେ କଳିଙ୍ଗ ଲାନ୍ସର୍ସ ୭ ମ୍ୟାଚରୁ ୧୬ ପଏଣ୍ଟ ପାଇ ଶୀର୍ଷରେ ରହିବା ସହ ପୂର୍ବରୁ ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିସାରିଛି। ଶୁକ୍ରବାର ପ୍ରଥମ ପ୍ଲେ-ଅଫ୍ ଖେଳିବ କଳିଙ୍ଗ। ଅପରପକ୍ଷରେ ମଙ୍ଗଳବାର ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ହାଇଦରାବାଦ୍ ତୁଫାନ୍ସ ୩-୨ ଗୋଲରେ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନସିଲ୍ ଦଳକୁ ହରାଇଦେଇଛି। ତୁଫାନ୍ସର ଏହା ୩ୟ ବିଜୟ ଥିଲା। ତୁଫାନ୍ସର ଏହି ବିଜୟରେ ଦୁଇ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ଓ ଅମନଦୀପ୍ ଲାକ୍ରା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ ଅତିଥି ଭାବେ ଯୋଗଦେଇଥିଲେ।

# ବ୍ଲିଜ୍‌ରେ ଆହାଜ ଚାମ୍ପିଅନ, ରାଜେଶ ରନର୍ସଅପ୍

ଭୁବନେଶ୍ୱର,୨୦।୧(ସମିସ): ଅଲଓଡ଼ିଶା ଚେସ୍ ସଂଘ, ଇ-ସ୍ପୋର୍ଟସ ଆସୋସିଏସନ ଅଫ୍ ଓଡ଼ିଶା ଓ ସୋଆ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଓଡ଼ିଶା ଓପନ ଗ୍ରାଣ୍ଡମାଷ୍ଟର ଚେସ୍‌ର ଦୁଇଟି କାଟାଗୋରୀ ସମାପ୍ତ ହୋଇଛି। ଆଜି ଶେଷ ହୋଇଥିବା ଡି କାଟାଗୋରୀ ବା ବ୍ଲିଜ୍‌ରେ କେରଳର ଆହାଜ ଇୟୁ ସର୍ବାଧିକ ୯ ପଏଣ୍ଟ ପାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଓଡ଼ିଶାର ରାଜେଶ ନାୟକ ଓ କର୍ଣ୍ଣାଟକର ୧୫ବର୍ଷରୁ କମ୍ ଖେଳାଳି ସିଦ୍ଧାନ୍ତ ପୁଞ୍ଜା ୮ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ସିଦ୍ଧାନ୍ତଙ୍କୁ ପଛରେ ପକାଇ ଓଡ଼ିଶାର ରାଜେଶ ଦ୍ୱିତୀୟସ୍ଥାନ ଅଧିକାର କରିବା ସହ ରନର୍ସ ଅପ୍ ଆଖ୍ୟା ଅର୍ଜନ କରିଛନ୍ତି। ପୁରସ୍କାର ବାବଦରେ ଟ୍ରଫି ସହ ଆହାଜଙ୍କୁ ୩୦,୦୦୦, ରାଜେଶଙ୍କୁ ୨୦,୦୦୦ ଓ ସିଦ୍ଧାନ୍ତଙ୍କୁ ୨୦,୦୦୦ ଟଙ୍କା ପୁରସ୍କାର ମିଳିଛି। ଏହି କାଟାଗୋରୀରେ ଓଡ଼ିଶାର ଆଇଏମ୍ ସମ୍ବିତ ପଣ୍ଡା ୭ମ, ଓମ୍‌ଆଦିତ୍ୟ ଖାଡଙ୍ଗା ୨୨ତମ, ରାଜେନ୍ଦ୍ର ସାହୁ ୨୩ତମ, ନିଲସୁ ପଟ୍ଟନାୟକ ୨୬ତମ ଓ ହର୍ଷିତ ରଞ୍ଜନ ସାହୁ ୨୯ତମ ସ୍ଥାନ ଅଧିକାର କରିଛନ୍ତି। ଗତକାଲି ଏହି ଚେସ୍ ମହୋତ୍ସବର କାଟାଗୋରୀ-ବି'ରେ ଖେଳ ଶେଷ ହୋଇଥିଲା। ଏଥିରେ ପଶ୍ଚିମବଙ୍ଗର ସୌମାଲ୍ୟ ମଣ୍ଡଳ ଚାମ୍ପିଅନ, ଦିଲ୍ଲୀର ସତ୍ୟମ ପ୍ରକାଶ ରନର୍ସଅପ୍, ତେଲଙ୍ଗାନାର ରୋହିତ ଏନ୍ ତୃତୀୟ ସ୍ଥାନ ଅଧିକାର କରି ଯଥାକ୍ରମେ ଟ୍ରଫି ସହ ୧ ଲକ୍ଷ, ୭୦ ହଜାର ଓ ୪୦ ହଜାର ଟଙ୍କାର ପୁରସ୍କାର ପାଇଛନ୍ତି। ଏହି କାଟେଗୋରୀରେ ୯ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶାରୁ ମନୀନ୍ଦ୍ର କାର୍ଜି ସମ୍ମାନଜନକ ୮ମ, ପୂର୍ଣ୍ଣ ଖିଲୋ ୧୦ମ, ବିଶାଳ ପଟ୍ଟନାୟକ ଦ୍ୱାଦଶ, ରାଜେନ୍ଦ୍ର କୁମାର ସାହୁ ୧୫ତମ, ଦେବୀପ୍ରସାଦ ନାୟକ ୨୩ତମ, ସଞ୍ଜୀବନ ନାୟକ ୨୪ତମ, ଦେବପ୍ରୀତ ମିଶ୍ର ୨୬ତମ ସ୍ଥାନ ଅଧିକାର କରି ପ୍ରଥମ ୩୦ଜଣଙ୍କ ମଧ୍ୟରେ ସ୍ଥାନ ହାସଲ କରିଛନ୍ତି। ପୁରସ୍କାର ବାବଦରେ ମନୀନ୍ଦ୍ରଙ୍କୁ ୯,୦୦୦, ପୂର୍ଣ୍ଣଙ୍କୁ ୮,୦୦୦, ବିଶାଳ ଓ ରାଜେନ୍ଦ୍ରଙ୍କୁ ୭,୦୦୦ ଲେଖାଏଁ ଟଙ୍କା ମିଳିଥିଲା।



ଓଡ଼ିଶା ଓପନ ଚେସ୍

ଖେଳ ଶେଷରେ ଆୟୋଜିତ ଉତ୍ସବରେ ରୋଟାରୀ ଜିଲ୍ଲା ୩୨୬୨ରୁ ଡିଜି ମନୋଜ କୁମାର ତ୍ରିପାଠୀ, ଚଳଚ୍ଚିତ୍ର ତାରକା ବିପରାଜ ଶତପଥୀ, ପୂର୍ବତନ ରଣଜୀ ଖେଳାଳି ସତ୍ୟରଞ୍ଜନ ଶତପଥୀ, ଚିଫ ଆର୍ବିଟର ପଲ ଆରୋକିଆ ରାଜ, ଏଓସିଏ ସମ୍ପାଦକ ତଥା ନିର୍ଦ୍ଦେଶକ ଇଂ ଦେବବ୍ରତ ଭଞ୍ଜ, ରୋଟାରୀ କ୍ଲବ ନୀଳାଦ୍ରି ସଭାପତି ସୁଜିତ ରାଉତ, ଇଏସ୍‌ପିଓ ସମ୍ପାଦକ ଅଭିଷେକ ମିତ୍ର ଓ ରୋଟାରିଆନ୍ ପୂଣ୍ୟଶ୍ଳୋକ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS